ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୧୬/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Thursday, February 16/2023 Page 20 ₹ 7.00

୪୯ଶ ଭାଗ ୮୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 84 ମୂଲ୍ୟ₹୭/-




KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୧୬/୨୦୨୩ Bhubaneswar, Thursday, February 16/2023


# ୧୫ ଦିନରେ ୧,୯୩୯ ଜଙ୍ଗଲ ନିଆଁ

## ଶିମିଳିପାଳରେ କୋର୍ ଏରିଆକୁ ମାଡ଼ି ଚାଲିଛି

**ପ୍ରତିବର୍ଷ ନଭେମ୍ବରରୁ ଜୁନ୍ ମଧ୍ୟରେ ଘଟୁଥିବା ବନାଗ୍ନି ଓଡ଼ିଶାର ଜଙ୍ଗଲ ଅବକ୍ଷୟ ପ୍ରମୁଖ କାରଣ ସାଜିଛି। ବିଶେଷକରି ଫେବୃୟାରୀରେ ତାତି ବଢ଼ିବା ସାଙ୍ଗକୁ ଜଙ୍ଗଲରେ ନିଆଁ ଲାଗିବା ଘଟଣା ମଧ୍ୟ ବୃଦ୍ଧି ପାଉଛି। ଭାରତୀୟ ବନ ସର୍ବେକ୍ଷଣ (ଏଫ୍ଏସ୍ଆଇ)ର ତଥ୍ୟ ଅନୁଯାୟୀ ଓଡ଼ିଶାରେ ଗତ ଫେବୃୟାରୀ ୧ରୁ ୧୫ ଭିତରେ ୧,୯୩୯ଟି ବନାଗ୍ନି ଚିହ୍ନଟ ହୋଇଛି। ତେବେ ସବୁଠୁ ଚିନ୍ତାଜନକ ହୋଇଛି ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁ। ଏହା ୨ କି.ମି. ଅଞ୍ଚଳକୁ ପରିବ୍ୟାପ୍ତ ହୋଇ କୋର୍ ଏରିଆକୁ ମାଡ଼ିଚାଲିଛି। ୨୦୨୧ର ବନାଗ୍ନିରେ ଶିମିଳିପାଳ ଛାରଖାର ହୋଇଯାଇଥିବାବେଳେ ଏବେ ପୁଣି ଲାଗିଥିବା ନିଆଁ ଯୋଗୁ ଜଙ୍ଗଲ ଏବଂ ବନ୍ୟପ୍ରାଣୀ ବିପଦରେ ପଡ଼ିଛନ୍ତି।**

**ଭୁବନେଶ୍ୱର(ବ୍ୟୁରୋ)/ବାରିପଦା ଅଫିସ/ଉଦଳା,୧୫।୨(ଡି.ଏନ.ଏ.)**

ପ୍ରତିବର୍ଷ ଖରାଦିନ ଆସିଲେ ଜଙ୍ଗଲରେ ନିଆଁ ଲାଗୁଛି। କିଛି ସ୍ଥାନରେ ସ୍ୱାଭାବିକ କାରଣରୁ ନିଆଁ ଲାଗିଥାଏ, ଆଉ କିଛି ସ୍ଥାନରେ ମନୁଷ୍ୟକୃତ୍ୟ। ତେବେ ଏହାକୁ ମୁକାବିଲା କରିବା ପାଇଁ ବନ ବିଭାଗ ବିଭିନ୍ନ ପଦକ୍ଷେପ ନିଏ। ତଥାପି ଜଙ୍ଗଲ ନିଆଁ ରୋକିବାରେ ଏ ପର୍ଯ୍ୟନ୍ତ ସରକାର ସଫଳ ହୋଇପାରିନାହାନ୍ତି। ଚଳିତବର୍ଷ ବଢ଼ୁଥିବା ତାପମାତ୍ରା ଏବଂ ଦୀର୍ଘଦିନ ହେବ ବର୍ଷା ହୋଇ ନ ଥିବାରୁ ରାଜ୍ୟର ଅଧିକ ସ୍ଥାନରେ ନିଆଁ ଲାଗିବା ଆଶଙ୍କା ରହିଥିବା ବନ ବିଭାଗ କହୁଛି। କାରଣ


ନିଆଁ ଲାଗି ଶିମିଳିପାଳ ଜଙ୍ଗଲ ଜଳୁଛି।

### ବିପଦରେ ବନ୍ୟପ୍ରାଣୀ

ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ବିଭିନ୍ନ ସ୍ଥାନରେ ନିଆଁ ଲାଗିବା ଆରମ୍ଭ ହୋଇଗଲାଣି। ଫେବୃୟାରୀରେ ଏତେ ମାତ୍ରାରେ ନିଆଁ ଲାଗିଲାଣି ଯେ ଆଗକୁ ଜଙ୍ଗଲ ନିଆଁ ଆୟତ୍ତ କରିବା ସରକାରଙ୍କ ପାଇଁ ଆହ୍ୱାନ ହେବ ବୋଲି ପରିବେଶବିତ୍ମାନେ ମତପ୍ରକାଶ କରୁଛନ୍ତି। ଏଭଳିସ୍ଥଳେ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ପାଇଁ ଏବେ ବିପଦ ସାଜିଛି ଜଙ୍ଗଲ ନିଆଁ।

୨୦୨୧ରେ ଶିମିଳିପାଳ ଅଭୟାରଣ୍ୟରେ ଭୟାବହ ଅଗ୍ନିକାଣ୍ଡ ଘଟଣା ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଚଳିତବର୍ଷ ଖରାଦିନ ଆରମ୍ଭରୁ ପୁଣି ନିଆଁ ଲାଗିବା ଚିନ୍ତା ବଢ଼ାଇଛି। ପୋଡ଼ାଡିହା ☞ପୃଷ୍ଠା-୫

### ଜଙ୍ଗଲରେ ନିଆଁ ଲଗାଇ ୨ ଗିରଫ

**ଚନ୍ଦାହାଣ୍ଡି/ପାପଡ଼ାହାଣ୍ଡି/ମୈଦଲପୁର, ୧୫।୨(ଡି.ଏନ୍.ଏ.)**

ସଚେତନତା ସତ୍ତ୍ୱେ ଶୁଣୁନାହାନ୍ତି ଲୋକେ। ବାରମ୍ବାର ଜଙ୍ଗଲରେ ନିଆଁ ଲଗାଉଛନ୍ତି। ଏଭଳି ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ଚନ୍ଦାହାଣ୍ଡି ଓ ମୈଦଲପୁର ବନ ବିଭାଗ ୨ ଜଣ ଲୋକଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ପାନାବେଡ଼ା ରିଜର୍ଭ ଫରେଷ୍ଟ ମାଲଗାଁ ସେକ୍ସନ ଅଧୀନ କୁହୁଡି ବିଟ୍ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ଦଣ୍ଡାମୁଣ୍ଡା ☞ପୃଷ୍ଠା-୫

**ଆଜିର ସମ୍ପାଦକୀୟ** ମୁକ୍ତିର ଶକ୍ତି ଶିବ







ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ଫେବୃୟାରୀ, ୨୦୨୩

**ଗୋଷ୍ଠୀ ସଂଘର୍ଷ, ୮ ଆହତ**

ମୋରଡ଼ା,୧୫।୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ନୂଆଗାଁ ପଞ୍ଚାୟତରେ ଥିବା ବାବା ଜଟେଶ୍ୱର ମହାବିଦ୍ୟାଳୟ ସମ୍ମୁଖରେ ବୁଧବାର ରାତି ୯ଟା ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୮ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଗଣ୍ଡଗୋଳର କାରଣ ଜଣା ପଡ଼ିନାହିଁ।

**ଆଜିର ମନ୍ତବ୍ୟ**

"୧୯୭୫-୭୭ରେ ଏମର୍ଜେନ୍ସି ଲାଗୁବେଳେ ଭାଜପା ବିବିସିକୁ ପ୍ରଶଂସା କରିଥିବାବେଳେ ଏବେ ଆୟକର ବିଭାଗକୁ ଏହା ପଛରେ ଲଗାଇଦେଇଛି। ପ୍ରେସ୍ ସ୍ୱାଧୀନତା ରହିଲେ ହିଁ ଗଣତନ୍ତ୍ର ତିଷ୍ଠିପାରିବ। **– ଓସାଦୁଦ୍ଦିନ ଓୱାଇସି, ଏଆଇଏମ୍ଆଇଏମ୍ ମୁଖ୍ୟ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଖିରେ ପକାଇ ଦେଉଛି ଧୂଳି,**
**ମାଡ଼ ମାରି ପୁଣି କରୁଛି କଳି ।**

ସିଆଣିଆ ପ୍ରକୃତିର ବ୍ୟକ୍ତି ଅନ୍ୟକୁ ଠକିବାରେ ସିଦ୍ଧହସ୍ତ ହୋଇଥାନ୍ତି। ନିଜେ ଦୋଷ କରି ସେ ଦୋଷ କରିନାହିଁ ଓ ଭୁଲ ତା'ର ନୁହେଁ ବୋଲି ସଫେଇ ଦେଇ ଅଯଥାରେ କଳିକଜିଆ ସୃଷ୍ଟି କରିଥାନ୍ତି। ମାଡ଼ ଦେଇ ଓଲଟା ଫେରାଦ ହେବା ସେମାନଙ୍କ ଅଭ୍ୟାସଗତ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଜି କାଲି ହୋଇ ପୂରିଲା ମାସ,**
**ଲେଉଟି ବୋଲୁଛି କାଲିକି ଆସ ।**

ଧନ ବା ଜିନିଷ ଥରେ ହାତରୁ ଅନ୍ୟ ହାତକୁ ଚାଲିଗଲେ ତାହା ସହଜରେ ଫେରିଆସି ନ ଥାଏ। କରଜ ବା ଉଧାର ନେଇ ପରିଶୋଧ କରି ପାରୁ ନ ଥିବା ବ୍ୟକ୍ତି ଦେବା ଦେବା କହି ସମୟ ଗଡ଼ାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡେଇ ଗୋଡେଇ ସମୟ ସାରିବା ହିଁ ସାର ହୋଇଥାଏ। ଆଜି ଦେବା କାଲି ଦେବା କହି କିଛି ଦେଉ ନ ଥିବା ବ୍ୟକ୍ତିଙ୍କର ଏପରି ଭଣ୍ଡେଇବା ନୀତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିବିସି ଅଫିସରେ ୨ୟ ଦିନ ଆଇଟି ଚଢ଼ାଉ

## ଏଥିଯୋଗୁ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତ ୧୫୦ତମ ସ୍ଥାନକୁ ଖସିଛି: କଂଗ୍ରେସ

ନୂଆଦିଲ୍ଲୀ,୧୫।୨

ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ୍ (ବିବିସି)ର ଦିଲ୍ଲୀ ଓ ମୁମ୍ବାଇ ଅଫିସରେ ବୁଧବାର ଆୟକର (ଆଇଟି) ବିଭାଗ ପକ୍ଷରୁ ପୁନର୍ବାର ଚଢ଼ାଉ କରାଯାଇଛି। ମଙ୍ଗଳବାରଠାରୁ ଚାଲିଥିବା ଏହି ଚଢ଼ାଉ ବେଳେ ଅଧିକାରୀମାନେ ଚ୍ୟାନେଲ୍‌ର କେତେଜଣ ଷ୍ଟାଫ୍‌ଙ୍କୁ ପଚରାଉଚରା ସହ ଇଲେକ୍ଟ୍ରୋନିକ ଓ ଦସ୍ତାବିଜଭିତ୍ତିକ ଡେଟା ସଂଗ୍ରହ କରିଛନ୍ତି।

ଭାରତରେ ବ୍ରିଟିଶ୍ ବ୍ରଡ୍‌କାଷ୍ଟର୍ ଟିକସ ଠକେଇ କରିଥିବା ଅଭିଯୋଗରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ଆୟକର ବିଭାଗ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଦିଲ୍ଲୀର କସ୍ତୁରବା ଗାନ୍ଧୀ ମାର୍ଗ ଓ ମୁମ୍ବାଇର ସାଣ୍ଟାକ୍ରୁଜ୍‌ରେ ଥିବା ବିବିସି ଅଫିସରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଯାଞ୍ଚ ଚାଲିଥିଲା। ଏହାକୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ନିନ୍ଦା କରିଛନ୍ତି। ଗଣମାଧ୍ୟମ ପ୍ରତି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ କଠୋର ମନୋଭାବ ଯୋଗୁ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତ ୧୫୦ତମ ସ୍ଥାନକୁ ଖସିଆସିଥିବା କଂଗ୍ରେସ ମିଡିଆ ବିଭାଗ ମୁଖ୍ୟ ପବନ ଖେରା




ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ଆମେରିକା ସାରା ବିଶ୍ୱରେ ଅଭିବ୍ୟକ୍ତି ଏବଂ ଗଣମାଧ୍ୟମ ସ୍ୱାଧୀନତାର ଗୁରୁତ୍ୱକୁ ସମର୍ଥନ କରେ ବୋଲି ଏହାର ପରରାଷ୍ଟ୍ର ବିଭାଗ କହିଛି। ବିବିସି ଅଫିସ ଉପରେ ଆଇଟି ବିଭାଗର ତଥାକଥିତ ସର୍ଭେକୁ ନେଇ କୌଣସି ରାୟ ଦେବାକୁ ବିଭାଗୀୟ ମୁଖପାତ୍ର ନେଡ୍ ପ୍ରାଇସ୍ ମନା କରିଦେଇଛନ୍ତି।

ପ୍ରକାଶ ଯେ, ଜାନୁୟାରୀ ୧୭ ଓ ୨୪ରେ ବିବିସି ପକ୍ଷରୁ 'ଇଣ୍ଡିଆ: ଦି ମୋଦି କ୍ୱେଶ୍ଚେନ୍' ଟାଇଟଲରେ ଦୁଇଟି ଡକ୍ୟୁମେଣ୍ଟାରି ପ୍ରସାରଣ କରାଯାଇଥିଲା। ଏଥିରେ ୨୦୦୨ ଗୁଜରାଟ ଦଙ୍ଗା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାୟୀ କରାଯାଇଥିଲା। ୟୁଟ୍ୟୁବ୍ ଏବଂ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ବିବିସି ଡକ୍ୟୁମେଣ୍ଟାରିର ପ୍ରସାରଣ ଉପରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାନ୍ ଲଗାଯିବା ପରେ ଅଫିସଗୁଡ଼ିକରେ ଚଢ଼ାଉ ହେଉଛି କେନ୍ଦ୍ରର ଦ୍ୱିତୀୟ କାର୍ଯ୍ୟାନୁଷ୍ଠାନ। ଡକ୍ୟୁମେଣ୍ଟାରି ପ୍ରସ୍ତୁତି ଯୋଗୁ ଉଦ୍ଦେଶ୍ୟମୂଳକ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବିରୋଧୀ ସମାଲୋଚନା କରିଛନ୍ତି। କଂଗ୍ରେସ ମତରେ ଆଦାନୀ-ହିଣ୍ଡେନ୍‌ବର୍ଗ ବିବାଦ ଉପରେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ପାଇଁ ଦାବି କରାଯାଉଥିବାବେଳେ କେନ୍ଦ୍ର ବିବିସିକୁ ଘେରିଛି। ଆମେ ଜେପିସି ଦାବି କଲୁ, ସେମାନେ ବିବିସି ପଛରେ ପଡ଼ିଗଲେ ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।

### ଗଣମାଧ୍ୟମ ସ୍ୱାଧୀନତାର ଗୁରୁତ୍ୱ ରହୁ: ଆମେରିକା

# ରତୁସ୍ରାବଜନିତ ଛୁଟି ଲାଗୁ ଆବେଦନର ଶୁଣାଣି କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୫।୨

ଛାତ୍ରୀ ଓ ମହିଳା କର୍ମଚାରୀମାନଙ୍କୁ ମାସିକ ରତୁସ୍ରାବ ଜନିତ ପୀଡ଼ା ସକାଶେ ଛୁଟି ଦେବା ଲାଗି କୋର୍ଟରେ ଦାଏର ଜନମଙ୍ଗଳକାରୀ ଆବେଦନ (ପିଆଇଏଲ୍)ର ଶୁଣାଣି ପାଇଁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ଧାରା ୧୯୬୧ (ମାତୃତ୍ୱ ସୁବିଧା ଆଇନ୍) ଅନ୍ତର୍ଗତ ମହିଳାମାନଙ୍କୁ ରତୁସ୍ରାବ ସମୟରେ ଛୁଟି ଲାଗି ନିୟମ କରାଯାଉ ବୋଲି ଆବେଦନରେ କୁହାଯାଇଛି। ଆସନ୍ତା ୨୪ ତାରିଖରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିବେ। କାର୍ଯ୍ୟାଳୟଗୁଡ଼ିକରେ ମହିଳା କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ମାତୃତ୍ୱ ସମୟରେ ମହିଳାଙ୍କ ଶରୀରରେ ଦେଖାଯାଉଥିବା ସମସ୍ୟା ସବୁ ମାସିକ ରତୁସ୍ରାବରେ ମଧ୍ୟ ପରିଲକ୍ଷିତ ହୋଇଥାଏ। ତେଣୁ ମହିଳାମାନଙ୍କୁ ଏହି ସମୟରେ କାର୍ଯ୍ୟାଳୟଗୁଡ଼ିକ ନିର୍ଦ୍ଦିଷ୍ଟ ଦିନ ପାଇଁ ଦେୟଯୁକ୍ତ ଛୁଟି ଲାଗୁ କରିବା ଆବଶ୍ୟକ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି।

# ଚିକିତ୍ସାଧୀନ ଅବସ୍ଥାରେ ଯବାନଙ୍କ ମୃତ୍ୟୁ

### ଡିଏମ୍‌କେ କାଉନ୍‌ସିଲରଙ୍କ ଆକ୍ରମଣରେ ଆହତ ହୋଇଥିଲେ

ଚେନ୍ନାଇ, ୧୫।୨

ତାମିଲନାଡୁ କ୍ରିଷ୍ଣାଗିରିରେ ୨୯ ବର୍ଷୀୟ ଆର୍ମି ଯବାନଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପ୍ରାଣ ହରାଇଥିବା ଯବାନ ପ୍ରଭୁ ଜମ୍ମୁ-କଶ୍ମୀରରେ ଚାକିରି କରିଥିଲେ। ପବ୍ଲିକ୍ ଟ୍ୟାଙ୍କରେ କପଡ଼ା ଧୋଇବା ନେଇ ଡିଏମ୍‌କେ କାଉନ୍‌ସିଲର ଚିନ୍ନାସାମି ଏବଂ ପ୍ରଭୁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କଥା କଟାକଟି ଭିତରେ ଚିନ୍ନାସାମିଙ୍କ ସହିତ ଆଉ କେତେଜଣ ଯୁବକ ମିଶି ପ୍ରଭୁଙ୍କୁ ପିଟିଥିଲେ। ଗୁରୁତର ଆହତ ହୋଇଥିବା ପ୍ରଭୁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ବୁଧବାର ତାଙ୍କ ମୃତ୍ୟୁ ଘଟିଛି। ଘଟଣା ନେଇ ଗତ ୯ ତାରିଖରେ ପୋଲିସ ୬ ଜଣଙ୍କୁ ଗିରଫ କରିଥିବାବେଳେ ବୁଧବାର କାଉଂନ୍‌ସିଲରଙ୍କୁ ପୋଲିସ ଗିରଫ କରିଛି।

# ଆଜି ଭୁବନେଶ୍ୱରରେ ଗତିଶକ୍ତି ଜାତୀୟ ଲଜିଷ୍ଟିକ୍ ନୀତି କର୍ମଶାଳା

ନୂଆଦିଲ୍ଲୀ (ପିଆଇବି),୧୫।୨

କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ ପିଏମ୍ ଗତିଶକ୍ତି ଜାତୀୟ ଲଜିଷ୍ଟିକ୍ ନୀତି ସମ୍ପର୍କରେ ଏକ ଜାତୀୟ କର୍ମଶାଳାର ଆୟୋଜନ କରାଯାଉଛି। ବିଶେଷକରି ଉକ୍ତ କର୍ମଶାଳା ପୂର୍ବାଞ୍ଚଳ ରାଜ୍ୟ ଯଥା ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାର ଭଳି ରାଜ୍ୟରେ ରହିଥିବା ଭିତ୍ତିଭୂମି ବିକାଶର ସମନ୍ୱିତ ଯୋଜନା ଓ ସମନ୍ୱୟ ପାଇଁ ଉକ୍ତ ସମ୍ମିଳନୀ ଆୟୋଜିତ ହେଉଛି। ଏପରିକି ପୂର୍ବାଞ୍ଚଳ ରାଜ୍ୟଗୁଡିକର ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ଯେପରିକି କୋଇଲା, ଡିପିଆଇଆଇଟି, ରେଳବାଇ, ଶକ୍ତି, ଇସ୍ପାତ, ସାର ଓ ରସାୟନ, ସଡ଼କ ପରିବହନ, ଜାହାଜ ଚଳାଚଳ ଓ ବନ୍ଦର, ଜଳପଥର ବରିଷ୍ଠ ଅଧିକାରୀ ଓ ପୂର୍ବାଞ୍ଚଳ ଶିଳ୍ପ ପ୍ରତିନିଧିମାନେ ସମ୍ମିଳନୀରେ ଯୋଗଦେବେ ବୋଲି ଜଣାପଡିଛି। ସେହଭଳି ଉପରୋକ୍ତ ରାଜ୍ୟର ସାମଗ୍ରିକ ବିକାଶ ନିମନ୍ତେ ବିଭିନ୍ନ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ଓ ପ୍ରସ୍ତାବ ଉପସ୍ଥାପିତ ହେବ। ଏପରି କି ପୂର୍ବାଞ୍ଚଳ ରାଜ୍ୟଗୁଡିକରେ କୋଇଲା ଉତ୍ପାଦନ ଓ ଆବଣ୍ଟନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ କୋଇଲା ମନ୍ତ୍ରଣାଳୟ ଉଦ୍ୟମ କରୁଛି। ବିଶେଷକରି ମନ୍ତ୍ରଣାଳୟ କୋଇଲା ଲଜିଷ୍ଟିକ୍ସ ଓ ଏହାର ଡିଜିଟାଲ ପଦ୍ଧତି ଉପରେ ମୁଖ୍ୟତଃ ଆଲୋକପାତ କରିବ।

# ପାଣି ପଞ୍ଚାୟତ ଏକ ଆନ୍ଦୋଳନରେ ପରିଣତ ହୋଇଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୩ ଉଦ୍‌ଯାପନ ସମାରୋହ ବୁଧବାର ଲୋକସେବା ଭବନର କନ୍‌ଭେନସନ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ପାଣି ପଞ୍ଚାୟତ ବର୍ତ୍ତମାନ ଏକ ଆନ୍ଦୋଳନରେ ପରିଣତ ହୋଇଛି। ଚାଷୀ ଭଉଣୀ,ଭାଇମାନଙ୍କ ଭାଗୀଦାରି, ନିଷ୍ଠା ଓ ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ମାତ୍ର ୭୦୦ରୁ ଆରମ୍ଭକରି ଏବେ ରାଜ୍ୟରେ ୩୭ ହଜାର ପାଣି ପଞ୍ଚାୟତ କାର୍ଯ୍ୟ କରୁଛି। ସେହିପରି ୩.୩୨ ଲକ୍ଷ ହେକ୍ଟର ଜମିରେ ଆରମ୍ଭ ହୋଇଥିବା ଏହି ପାଣି ପଞ୍ଚାୟତ ବର୍ତ୍ତମାନ ୨୩.୪୬ ଲକ୍ଷ ହେକ୍ଟର ଜମିରେ ପାଣିର ସୁବିଧା ଦେଇପାରୁଛି। ଏହା ବାସ୍ତବରେ ବହୁତ ବଡ ସଫଳତା। ଏଗୁଡିକ ସବୁ ବିଭିନ୍ନ ପ୍ରମୁଖ, ମଧ୍ୟମ, କ୍ଷୁଦ୍ର ଓ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି। ଆଗାମୀ ଦିନରେ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳରେ ମଧ୍ୟ ପାଣି ପଞ୍ଚାୟତ କାର୍ଯ୍ୟକାରୀ କରାଯିବ। ଜଳ ନଷ୍ଟ ନ କରି, ତା'ର ସୁବିନିଯୋଗ ଓ ସୁଷମ ବଣ୍ଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ଦୂରଦୃଷ୍ଟି ରଖି ମୁଖ୍ୟମନ୍ତ୍ରୀ କାମ କରୁଛନ୍ତି ବୋଲି ଜଳ ସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ରାଜ୍ୟରେ ପାଣି ପଞ୍ଚାୟତର ପ୍ରଗତି ଯାତ୍ରାରେ ସେଚ ସହଭାଗିତା ପ୍ରଶିକ୍ଷଣ ସମ୍ବନ୍ଧୀୟ ପୁସ୍ତିକା ସିଞ୍ଚିତା, ଇ-ସିଏଡି ଅଧୀନରେ ଇନ୍‌ଫ୍ରା ଏବଂ ଏମ୍ଆଇସି ମଡ୍ୟୁଲ ପରି ଆପ୍ଲିକେସନକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ବିଭିନ୍ନ ପ୍ରତିଯୋଗିତାର ୧୨ ଜଣ ବିଜେତା ତଥା ୧୨ଟି ଶ୍ରେଷ୍ଠ ପ୍ରକଳ୍ପ ଏବଂ ୧୫ ଜଣ ଶ୍ରେଷ୍ଠ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି। ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ମେଗାଲିଫ୍ଟ ପ୍ରକଳ୍ପଗୁଡିକରେ ପାଣି ପଞ୍ଚାୟତ ଗଠନ କରିବା ପାଇଁ ପାଣି ପଞ୍ଚାୟତ ନିୟମରେ ସଂଶୋଧନ କରାଯିବା ସହିତ ୫-ଟି ମାଧ୍ୟମରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି।

# ତ୍ରିପୁରାରେ ତ୍ରିମୁଖୀ ଲଢ଼େଇ



ତ୍ରିପୁରା ବିଧାନସଭା ନିର୍ବାଚନର ଅବ୍ୟହିତ ପୂର୍ବରୁ ମହିଳା ଅଧିକାରୀମାନେ ଅଗରତାଲାରୁ ନିଜ ନିଜ ପୋଲିଂ ଷ୍ଟେଶନ୍ ଅଭିମୁଖେ ବାହାରିଛନ୍ତି।

## ବିଧାନସଭାର ୬୦ ଆସନ ପାଇଁ ନିର୍ବାଚନ ଆଜି

ଅଗରତାଲା,୧୫।୨

ଭାଜପା ଶାସିତ ତ୍ରିପୁରା ବିଧାନସଭାର ୬୦ ଆସନ ପାଇଁ ଗୁରୁବାର ଭୋଟ ଗ୍ରହଣ କରାଯିବ। ଏହି ନିର୍ବାଚନରେ ୨୫୯ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିବାବେଳେ ୨୮ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଶାସକ ଭାଜପା ଏବଂ ଏହାର ମେଣ୍ଟ ସହଯୋଗୀ ଇଣ୍ଡିଜେନସ୍ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରା (ଆଇପିଏଫ୍‌ଟି) ବାମ-କଂଗ୍ରେସ ମେଣ୍ଟ ଓ ପ୍ରଦ୍ୟୋତ କିଶୋର ଦେବବର୍ମାଙ୍କ ଆଞ୍ଚଳିକ ଦଳ ତିପ୍ରା ମୋଥା ବିରୋଧରେ ଲଢ଼ି ପୁନର୍ବାର ବିଜୟୀ ହେବାକୁ ଆଶା ବାନ୍ଧିଛି। ତେଣୁ ଏଥର ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ଏକପ୍ରକାର ନିଶ୍ଚିତ।

ନିର୍ବାଚନ କମିଶନଙ୍କଠାରୁ ମିଳିଥିବା ସୂଚନାନୁସାରେ ତ୍ରିପୁରାର ୩,୩୩୭ ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ କରାଯିବ। ଏଥିରୁ ୧,୧୦୦ କେନ୍ଦ୍ରକୁ ସମ୍ବେଦନଶୀଳ ଓ ୨୮ଟିକୁ ଅତି ସମ୍ବେଦନଶୀଳ ପୋଲିଂ ଷ୍ଟେଶନ ଭାବେ ଚିହ୍ନଟ କରାଯାଇଛି। ମୋଟ ୨୮.୧୩ ଲକ୍ଷ ଭୋଟରଙ୍କ ମଧ୍ୟରୁ ୧୩.୯୮ ଲକ୍ଷ ହେଉଛନ୍ତି ମହିଳା। ଭାଜପା ୫୫ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ଆଇପିଏଫ୍‌ଟି ୬ ନିର୍ବାଚନମଣ୍ଡଳୀରେ ଲଢ଼ୁଛି। ଅନ୍ୟପକ୍ଷେ ଗୋମତି ଜିଲା ଅମ୍ପିନଗରରେ ଦୁଇ ସହଯୋଗୀ ନିଜ ନିଜ ପ୍ରାର୍ଥୀଙ୍କୁ ଓହ୍ଲାଇଛନ୍ତି। ଦୀର୍ଘ ବର୍ଷ ଧରି ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ସାଜିଥିବା ବାମଦଳ ଓ କଂଗ୍ରେସ ଏଥର ମେଣ୍ଟ କରିଛନ୍ତି। ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ ବାମଦଳ ୪୭ ଆସନରେ ଲଢ଼ୁଥିବାବେଳେ କଂଗ୍ରେସ ୧୩ ଆସନରେ ପ୍ରାର୍ଥୀ ଦେଇଛି। ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍) ୪୩ ଆସନରେ ପ୍ରାର୍ଥୀ ଦେଇଛି। ଫରୱାର୍ଡ୍ ବ୍ଲକ୍, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ), ରିଭୋଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି (ଆର୍‌ଏସ୍‌ପି) ଗୋଟିଏ ଲେଖାଏ ଆସନରେ ଲଢ଼ୁଛନ୍ତି। ରାମନଗର ସିଟ୍‌ରେ ଭାଜପାର ସୁରଜିତ ଦତ୍ତାଙ୍କ ବିରୋଧରେ ଛିଡ଼ା ହୋଇଥିବା ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ରୟ ବର୍ମନଙ୍କୁ ବାମଦଳଗୁଡ଼ିକ ସମର୍ଥନ କରୁଛନ୍ତି। ୨୦୨୧ରେ ଗଠିତ ତିପ୍ରା ମୋଥା ୪୨ ଆସନରେ ପ୍ରାର୍ଥୀ ଦେଇଛି। ଏହି ଦଳର ମୁଖ୍ୟ ପ୍ରଦ୍ୟୋତ କିଶୋର ଏଥର ନିର୍ବାଚନ ଲଢ଼ୁନାହାନ୍ତି। ଭାଜପା କିମ୍ବା ବାମ-କଂଗ୍ରେସ ମେଣ୍ଟ ଏକକ ସଂଖ୍ୟାଗରିଷ୍ଠତା ଲାଭ କରିବେ ନାହିଁ ବୋଲି ପ୍ରଦ୍ୟୋତ କିଶୋର କହିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ୨୮ ଆସନରେ ପ୍ରାର୍ଥୀ ଦିଆଯାଇଛି।

ଶାନ୍ତିପୂର୍ଣ୍ଣ ଭାବେ ମତଦାନ କରାଇବା ପାଇଁ ସବୁ ପ୍ରସ୍ତୁତି ଶେଷ ହୋଇଛି। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ୪୦୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ ହୋଇଛନ୍ତି। ଅଦ୍ୟାବଧି ୩୬ଟି ପ୍ରାକ୍ ନିର୍ବାଚନୀ ହିଂସା ଅଭିଯୋଗ ହୋଇଛି। ନିର୍ବାଚନର ଦିନକ ପୂର୍ବରୁ ରାଜନୈତିକ ହିଂସା ଓ ମତଦାତାଙ୍କୁ ଧମକ ଦିଆଯାଉଥିବା ଅଭିଯୋଗ ଆଣି କଂଗ୍ରେସ ନୂଆଦିଲ୍ଲୀରେ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି। କଂଗ୍ରେସ ପ୍ରତିନିଧି ଦଳରେ ବରିଷ୍ଠ ନେତା ମୁକୁଲ ୱାସ୍‌ନିକ, ପବନ ଖେରା, ପ୍ରବୀଣ ଝା ପ୍ରମୁଖ ସାମିଲ ଥିଲେ। ସିପିଆଇଏମ୍ ଭେଟେରାନ୍ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମାନିକ ସରକାର ଏଥର କ୍ଷମତାକୁ ଫେରିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମାଣିକ ଶାହା ମଧ୍ୟ ଭାଜପାର ଉଜ୍ଜ୍ୱଳ ବିଜୟ ସମ୍ଭାବନା ଥିବାରୁ ପୁନଃ କ୍ଷମତା ଦଖଲ ଆଶାରେ ରହିଛନ୍ତି। ତେବେ ମାର୍ଚ୍ଚ ୨ରେ ଭୋଟ ଗଣତି ପରେ ସବୁ ଚିତ୍ର ସ୍ପଷ୍ଟ ହୋଇଯିବ।

# ପାନୀୟ ଜଳ ପ୍ରକଳ୍ପ : ମାସକରେ ଅଗ୍ରଗତି ସମୀକ୍ଷା ନିର୍ଦ୍ଦେଶ

### ବରିଷ୍ଠ ଅଧିକାରୀ ସମ୍ମିଳନୀ

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ରାଜ୍ୟର ପ୍ରତି ଗ୍ରାମୀଣ ପରିବାର ହାତପାଆନ୍ତାରେ ପାଇବେ ପିଇବା ପାଣି। ଏଥିଲାଗି ୫୭,୦୦୦ କୋଟି ଟଙ୍କାର ବ୍ୟୟ ଅଟକଳରେ ଆରମ୍ଭ ହୋଇଛି ବିଭିନ୍ନ ପ୍ରକଳ୍ପ। ଜଳକ୍ଲିଷ୍ଟ ଏବଂ ଜଳ ଗୁଣବତ୍ତା ପ୍ରଭାବିତ ଅଞ୍ଚଳକୁ ପାନୀୟ ଜଳ ଯୋଗାଉଥିବା ମେଗା ପ୍ରକଳ୍ପଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଯୋଜନାର ଉପଯୁକ୍ତ କାର୍ଯ୍ୟାନ୍ୱୟନ ପାଇଁ ଆଭ୍ୟନ୍ତରୀଣ ଗ୍ରାମରେ ସୌର ପ୍ରକଳ୍ପମାନ କାର୍ଯ୍ୟକାରୀ କରାଯାଇଛି। ପ୍ରକଳ୍ପଗୁଡ଼ିକ ଯେପରି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ସେଥିଲାଗି ଜମି ମଞ୍ଜୁରୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ମାସକ ଭିତରେ ଅଗ୍ରଗତି ସମୀକ୍ଷା କରିବା ଲାଗି ବରିଷ୍ଠ ଅଧିକାରୀ ସମ୍ମିଳନୀ-୨୦୨୩ରେ ଯୋଗଦେଇଥିବା ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବର୍ଷା ଅଭାବରୁ ଚଳିତ ବର୍ଷ ଆଗୁଆ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବା ଆଶଙ୍କା ରହିଛି। ତେଣୁ ନଳକୂପଗୁଡ଼ିକୁ ରକ୍ଷଣାବେକ୍ଷଣ କରିବା ଲାଗି ଜିଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ଶୌଚାଳୟ ବ୍ୟବହାର ବୃଦ୍ଧି, କଠିନ, ତରଳ ବର୍ଜ୍ୟବସ୍ତୁ ପରିଚାଳନାରେ ଉନ୍ନତି ଆଣିବା, ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବା, ଭୂମିହୀନ ପରିବାରଙ୍କୁ ଜମି ଯୋଗାଇବା, ଗ୍ରାମୀଣ ମିସ୍ତ୍ରି ତାଲିମକୁ ପ୍ରୋତ୍ସାହିତ କରିବା ଏବଂ ଭିନ୍ନକ୍ଷମ ମୁଖ୍ୟ ଥିବା ପରିବାରଗୁଡ଼ିକର ସମ୍ପୂର୍ଣ୍ଣ ଗଣନା ପରି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଉପରେ ଆଲୋଚନା କରାଯାଇଛି। ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଣୀ ଚିକିତ୍ସା କେନ୍ଦ୍ର ପରି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ବିଶେଷ ଧ୍ୟାନ ଦେବାକୁ ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଛି। ଗ୍ରାମୀଣ କାରିଗର, ଉତ୍ପାଦକଙ୍କ ଉତ୍ପାଦର ମାର୍କେଟିଂ ଏବଂ ପ୍ରୋତ୍ସାହନ ସହିତ ଦକ୍ଷତା ବିକାଶ ତାଲିମ ଉପରେ ଧ୍ୟାନ ଦେବା ପାଇଁ ଜିଲାପାଳମାନଙ୍କ ସହିତ ଆଲୋଚନା କରାଯାଇଛି। ଗ୍ରାମୀଣ ଓଡ଼ିଶାର ପ୍ରତ୍ୟେକ ପରିବାରକୁ ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା, ଗ୍ରାମୀଣ ରୋଜଗାର ସୃଷ୍ଟି, ବିଭିନ୍ନ ଯୋଜନା ମାଧ୍ୟମରେ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ଜୀବିକା ସୁରକ୍ଷା ଯୋଗାଇବା, ବିଭାଗର ବିଭିନ୍ନ ଯୋଜନାକୁ ଗ୍ରାମାଞ୍ଚଳର ଘରେ ଘରେ ପହଞ୍ଚାଇବା, ଗ୍ରାମୀଣ କାରିଗରଙ୍କୁ ଦକ୍ଷତା ବିକାଶ ତାଲିମ ଏବଂ ବଜାର ସହାୟତା ଯୋଗାଇ ମହିଳାଙ୍କୁ ସଶକ୍ତ କରାଇବା ମୁଖ୍ୟମନ୍ତ୍ରୀଙ୍କ ମୂଳ ଲକ୍ଷ୍ୟ । ସରକାରଙ୍କ ୫-ଟି ମନ୍ତ୍ର ପାଳନ ପୂର୍ବକ ଗ୍ରାମୀଣ ପରିବାରକୁ ନିରବଚ୍ଛିନ୍ନ ସେବା ଯୋଗାଇଦେବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ବିଭାଗୀୟ ସଚିବ ସୁଶୀଲ କୁମାର ଲୋହାନୀ କହିଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ରାହୁଙ୍କ ଯୋଗୁ ସାଧାରଣ କଥାରେ ବେଶି ବିବ୍ରତ ହେବା ନିଜ ପାଇଁ କ୍ଷତିର କାରଣ ପାଲଟିଯିବ। ସାମାଜିକସ୍ତରରେ ଅନ୍ୟମନସ୍କ ଓ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କ ସହ ଭଲ ସମ୍ପର୍କ ରହି ନ ପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** – ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ। କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି ଯଦ୍ୱାରା କର୍ମହାନି ଘଟିପାରେ। ସାମାଜିକ ସ୍ତରରେ ଅସଫଳତା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ କିନ୍ତୁ ବିଶେଷ ଅସୁବିଧା ହେବନାହିଁ।

**ମିଥୁନ** – ପ୍ରତ୍ୟେକ କାମରେ କିଛିନା କିଛି ବ୍ୟତିକ୍ରମ ଲାଗି ରହିବ। ଅଭାବ ନ ଥିଲେ ମଧ୍ୟ ସମସ୍ୟାଜନିତ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ନିଜର ଫାଇଦା ହାସଲ ପାଇଁ ନିକଟ ସମ୍ପର୍କୀୟମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** – କଠୋର ପରିଶ୍ରମଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ବନ୍ଧୁମାନଙ୍କ ମେଳରେ ଆଜିର ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ଆର୍ଥିକ ଅବନତିର ସମୀକ୍ଷା କରିବେ ମାତ୍ର ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ଆଇନ କ୍ଷେତ୍ର ପୂର୍ବବତ୍ ରହିବ।

**ସିଂହ** – ପରିବାରର ଖର୍ଚ୍ଚ ବୃଦ୍ଧି ପାଇଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବନାହିଁ। କୌଣସି ଦର୍ଶନୀୟ ସ୍ଥାନ ପରିଦର୍ଶନଜନିତ ବନ୍ଧୁଙ୍କ ଅନୁରୋଧରେ ଦୂରଯାତ୍ରା କରିବାକୁ ପଡ଼ିପାରେ। କଚେରି ମାମଲା କିମ୍ବା ଜମିଜମା କ୍ଷେତ୍ରରେ ମାନସିକ ଅବସାଦ କାରଣରୁ କୌଣସି କାମ ଉତ୍ସାହପ୍ରଦ ରହି ନ ପାରେ। ସ୍ୱାସ୍ଥ୍ୟ ଓ କର୍ମକ୍ଷେତ୍ର ଭଲ ରହିବ।

**କନ୍ୟା** – ତରବରିଆ ହେତୁ ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। ଉପରିସ୍ଥଙ୍କ ଶୁଭ ଭାବନାରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟ କ୍ଷେତ୍ରରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ମୂଲ୍ୟହୀନ କଥାରେ ମୁଣ୍ଡ ପୂରାଇ ଶତ୍ରୁତାକୁ ନିମନ୍ତ୍ରଣ କରିପାରନ୍ତି।

**ତୁଳା** – ପରିବାରର ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବ। ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ପରିବାରରେ ମନାନ୍ତର ସୃଷ୍ଟି ହୋଇପାରେ। କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା କାରଣରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ।

**ବିଛା** – ଆକସ୍ମିକ ସମସ୍ୟା ଦେଖାଦେବା କାରଣରୁ ଚେଷ୍ଟା କରୁଥିବା କାର୍ଯ୍ୟର ଗତି ମନ୍ଥର ହେବ। ଅସାବଧାନତା ହେତୁ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ।

**ଧନୁ** – ନିଜ ଲୋକମାନେ ଈର୍ଷାପରାୟଣ ହୋଇ ବିଶ୍ୱାସଘାତକତା କରିପାରନ୍ତି। ଅନ୍ୟର କଥାକୁ ସତ ମନେକରି ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ।

**ମକର** – କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କୌଣସି ସମସ୍ୟାର ସମାଧାନ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଗୃହସୀମା, ନିର୍ମାଣ, ଜମିଜମା, ଶିଳ୍ପ, ବାଣିଜ୍ୟାଦିରେ ସମସ୍ୟାମୁକ୍ତ ରହିବେ।

**କୁମ୍ଭ** – ସମସ୍ୟା ଭିତରେ ଚଳୁଥିବାରୁ ମାନସିକ ସ୍ଥିରତା ରକ୍ଷା କରିବା କଷ୍ଟକର ହୋଇପାରେ। ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ** – ଆର୍ଥିକ ଅନଟନଜନିତ ପାରିବାରିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କର୍ମକ୍ଷେତ୍ରରେ ଚେଷ୍ଟା ଅବ୍ୟାହତ ରଖନ୍ତୁ,ନିଶ୍ଚିତ ଉପକୃତ ହେବେ। ଅଂଶୀଦାର ବ୍ୟବସାୟୀଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

ଆଜି ଫାଲ୍‌ଗୁନ କୃଷ୍ଣପକ୍ଷର ପଙ୍କୋଦ୍ଧାର ଏକାଦଶୀ, ଗୁରୁବାର, ଫେବୃୟାରୀ ୧୬ ତାରିଖ, ଶ୍ରୀଲୋକନାଥ ଦେବଙ୍କ ମନ୍ଦିରରୁ ପଙ୍କ ଉଦ୍ଧାର, ରାଶି ନକ୍ଷତ୍ର-ମୂଳା/ଧନୁ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ବିଦ୍ୟାରମ୍ଭ ଓ ଗୃହ ପ୍ରବେଶ ପାଇଁ ଶୁଭଦିନ, ସକାଳ ଘ.୦୬।୧୯ମି. ଗତେ ଘ.୦୭।୫୦ମି. ମଧ୍ୟେ, ଘ.୧୦।୫୨ମି. ଗତେ ଘ.୦୧।୧୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୬ମି. ଗତେ ଘ.୦୨।୫୧ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୧୬/୨୦୨୩ | Bhubaneswar, Thursday, February 16/2023 | ପୃଷ୍ଠା-୧

# ମହିଳା ଆଇଆଇସିଙ୍କୁ ଚାପୁଡ଼ା ମାରିବାକୁ ଧମକ ଦେଲେ ଜୟନାରାୟଣ


ବିରୋଧୀ ଦଳ ନେତା ହାତ ଉଠାଉଥିବାର ଦୃଶ୍ୟ।

**ସମ୍ବଲପୁର,୧୫।୨(ବ୍ୟୁରୋ)**

ସମ୍ବଲପୁର ଜିଲାପାଳ କାର୍ଯ୍ୟାଳୟ ମଧ୍ୟକୁ ବୁଧବାର ଭାଜପା ମହିଳା କର୍ମୀମାନେ ଧସେଇ ପଶିବା ବେଳେ ପୋଲିସ ଏବଂ ଭାଜପା ନେତା ଓ କର୍ମୀ ମୁହାଁମୁହିଁ ହୋଇଛନ୍ତି। ଧନୁପାଲି ଆଇଆଇସି ଅନିତା ପ୍ରଧାନଙ୍କୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ବ୍ୟକ୍ତିଗତ ଆକ୍ଷେପ କରିବା, ଠେଲାପେଲା ଏବଂ ଚାପୁଡ଼ା ମାରିବାର ଧମକ ଦେଇଥିବା ନେଇ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିଥିବାବେଳେ ଜୟନାରାୟଣ ଏହାକୁ ଖଣ୍ଡନ କରିଛନ୍ତି। ଏପରି କି ଥାନା ଅଧିକାରିଣୀ ପ୍ରଧାନ ତାଙ୍କୁ ଠେଲାପେଲା କରିଥିବା ସେ କହିଛନ୍ତି।

## ଭାଜପାର ଜିଲାପାଳ ଅଫିସ ଘେରାଉବେଳେ ଉତ୍ତେଜନା

- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଏସ୍‌ପି
- ଆର୍‌ଡିସିଙ୍କୁ ଭେଟିଲେ ମହିଳା ପୋଲିସ
- ପୋଲିସ ବିରୋଧରେ ଭାଜପାର ଏତଲା

ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପୋଲିସ କର୍ମଚାରୀ, ଅଧିକାରୀଙ୍କ ବିରୋଧରେ ଅସଦାଚରଣ ଓ ମାରପିଟ କରିଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ଏହି ଘଟଣା ପରେ ସମ୍ବଲପୁରରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଘଟଣାର ଅନୁଧ୍ୟାନ କରାଯାଉଛି। ଗ୍ରାଉଣ୍ଡ ଲେଭଲ୍‌ରୁ ରିପୋର୍ଟ ମଗାଯାଇଛି। ଆଇନ ଅନୁସାରେ ☞ପୃଷ୍ଠା-୫

# କନ୍ୟାଯାତ୍ରୀଙ୍କ ଉପରେ ଚଢ଼ିଗଲା ସ୍କର୍ପିଓ

## ୩ ମୃତ, ୧୩ ଆହତ

**ଗୋପାଳପୁର,୧୫।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ମାଣ୍ଡିଆପଲ୍ଲୀ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ତେଲୁଗୁ ସମ୍ପ୍ରଦାୟର ପରମ୍ପରା ଅନୁସାରେ ବାହାଘର ବାଟବରଣ ନିମନ୍ତେ କନ୍ୟାଘର ଲୋକେ ବରପକ୍ଷଙ୍କ ଘରେ ପହଞ୍ଚି ଅପେକ୍ଷା କରିଥିବା ବେଳେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଦ୍ରୁତଗତିରେ ଆସୁଥିବା ଏକ ସ୍କର୍ପିଓ ଚଢ଼ିଯିବାରୁ କନ୍ୟାଘର ପକ୍ଷର ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ରେଡିସାହିର ବି.ସ୍ୱପ୍ନା ରେଡି (୨୦), ମାଣ୍ଡିଆପଲ୍ଲୀର ବି.ସଞ୍ଜୁକ୍ତା ରେଡି(୨୪) ଓ ଛତ୍ରପୁରର ପି.ଭାରତୀ (୧୧)। ଆହତମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି।


ଦୁର୍ଘଟଣା ଘଟାଇଥିବା ସ୍କର୍ପିଓ।

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହିତ ଆହତମାନଙ୍କୁ ମାଗଣାରେ ଉପଯୁକ୍ତ ଚିକିତ୍ସା

### ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ସୂଚନାଯୋଗ୍ୟ, ମାଣ୍ଡିଆପଲ୍ଲୀ ଗ୍ରାମରେ ଏସ୍. ଦେବରାଜ ରେଡିଙ୍କ ବିବାହ ଉତ୍ସବ ଚାଲିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ କନ୍ୟାଘର ପକ୍ଷରୁ ବାଟବରଣ ନିମନ୍ତେ ମାଣ୍ଡିଆପଲ୍ଲୀରେ ପହଞ୍ଚି ରାସ୍ତା ପାର୍ଶ୍ୱରେ ଅପେକ୍ଷା କରିଥିଲେ। ଗାଡ଼ିରୁ ଓହ୍ଲାଇ ରାସ୍ତା ଉପରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଲୋକ ଠିଆ ହୋଇ ହସଖୁସିରେ ଫଟୋ ଉଠାଉଥିଲେ। ଏହି ସମୟରେ କରାପଲ୍ଲୀରୁ ଦ୍ରୁତଗତିରେ ଆସୁଥିବା ସ୍କର୍ପିଓ (ସିଜି ୧୫ସିଟି ୮୫୦୦) କନ୍ୟାଯାତ୍ରୀଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ବହୁ ମହିଳା, ☞ପୃଷ୍ଠା-୫

# ଟ୍ରେନ୍ ଉପରୁ ସେଲ୍‌ଫି ନେବାବେଳେ ଜଳିଗଲେ ବାଳକ

**ଟିକିରି(ଡି.ଏନ୍.ଏ.)/ ରାୟଗଡ଼ା(ସ୍ୱ.ପ୍ର.),୧୫।୨**

ଟ୍ରେନ୍ ଉପରେ ଚଢ଼ି ସେଲ୍‌ଫି ନେବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବାଳକ ବୁଧବାର ଜଳିଯାଇଛନ୍ତି। ସେହିପରି ଅନ୍ୟ ୨ ସାଙ୍ଗ ଗୁରୁତର ହୋଇଛନ୍ତି। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ଅଧୀନ ଭାଲୁମାସ୍କା ରେଳ ☞ପୃଷ୍ଠା-୫

# କମିଶନରେଟ ପୋଲିସକୁ ଫିଟ୍ ଚିନ୍ତା

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ପୋଲିସ ବିଭାଗରେ ଚାକିରି ପାଇବା ପରେ କିଛି ପୋଲିସ କର୍ମଚାରୀ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଉନାହାନ୍ତି। ଫଳରେ ସମୟାନୁକ୍ରମେ ସେମାନେ ଉଚ୍ଚ ରକ୍ତଚାପ, ମଧୁମେହ ଓ ମୋଟାପଣ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫିଟ୍ ନ ଥିବା ପୋଲିସ କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟକୁ ମଧ୍ୟ ଠିକ୍ ଭାବେ ସମ୍ପାଦନ କରିପାରନ୍ତି ନାହିଁ। ଏପରିକି ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ଓ ଅପରାଧୀଙ୍କୁ ଧରିବା ଦିଗରେ ମଧ୍ୟ ସେମାନେ ବିଫଳ ହେଉଛନ୍ତି। ଏଭଳି ସ୍ଥିତିରେ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସରେ କାର୍ଯ୍ୟରତ

## ନିର୍ଦ୍ଦେଶନାମା ଜାରି କଲେ ଭୁବନେଶ୍ୱର ଡିସିପି

- ଉତ୍ତମ ଶାରୀରିକ ଗଠନ ଉପରେ ଗୁରୁତ୍ୱ
- ପ୍ରତି ୧୫ ଦିନରେ ମପାଯିବ ଓଜନ

ପୋଲିସ କର୍ମଚାରୀମାନେ ଫିଟ୍ ରହିବାକୁ ଡିସିପି ପ୍ରତୀକ ସିଂ ଗୁରୁତ୍ୱ ଦେଇଛନ୍ତି। ଆର୍ମଡ ପୋଲିସ ରିଜର୍ଭଡ (ଏପିଆର୍), ଡିପିଓ, କମିଶନରେଟ ପୋଲିସ କାର୍ଯ୍ୟାଳୟ, ଟିମ ୬୦, ଓଏସ୍‌ଏପି ମୋବିଲାଇଜ୍‌ଡ ଫୋର୍ସରେ କାର୍ଯ୍ୟ କରୁଥିବା ସମସ୍ତ ପୋଲିସ କର୍ମଚାରୀଙ୍କ ପାଇଁ ଫିଟ୍‌ନେସ ରହିବାକୁ ସେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଦୈନନ୍ଦିନ ଜୀବନରେ ଚାପମୁକ୍ତ ରହିବା ସହ ଶାରୀରିକ ଭାବେ ଫିଟ୍ ରହିବାକୁ ୭ଟି ଦିଗରେ ଧ୍ୟାନ ଦେବାକୁ ଡିସିପି କହିଛନ୍ତି।

ନିର୍ଦ୍ଦେଶନାମା ଅନୁଯାୟୀ, ନିୟମିତ ସକାଳ ୬ଟା ଓ ଅପରାହ୍ନ ୪ଟାରେ ସେମାନଙ୍କ କ୍ୟାମ୍ପସର ଫିଜିକାଲ ଟ୍ରେନିଂରେ ପୋଲିସ କର୍ମଚାରୀମାନେ ଯୋଗଦେବେ। ଏଥିସହ ସେମାନଙ୍କ କ୍ୟାମ୍ପସରେ ☞ପୃଷ୍ଠା-୫






ମନୁଷ୍ୟର ମହତ୍ତ୍ୱ ସେ ଯେଉଁ ଅବସ୍ଥାରେ ବର୍ତ୍ତମାନ ଅଛି– ସେଥିରେ ନାହିଁ। କିନ୍ତୁ ସେ ଯାହା ହୋଇ ଚାଲିଛି ସେଇଥିରେ ଅଛି। ତା'ର ମହତ୍ତ୍ୱ ହେଲା– ତାରି ରୁଦ୍ଧ ଗୋପନ କର୍ମଶାଳା ଭିତରେ ଚାଲିଛି ଏକ ଜୀବନ୍ତ ଶ୍ରମ। ତାରି ଭିତରେ ବିଶ୍ୱକର୍ମା ଅତିମାନବତ୍ୱକୁ ନିର୍ମାଣ କରିଚାଲିଛନ୍ତି। **–ଶ୍ରୀଅରବିନ୍ଦ**

# ମୁକ୍ତିର ଶକ୍ତି ଶିବ



ଦେବଦତ୍ତ ପଟ୍ଟନାୟକ

ଆମେ ଭଗବାନ୍ ଶିବଙ୍କ କାହାଣୀ ପଢ଼ିବା ସମୟରେ ସେ କିଭଳି ବିବାହ କରିବାକୁ ବାଧ ହୋଇଥିଲେ ଏବଂ ଗଣେଶ ଓ କାର୍ତ୍ତିକେୟଙ୍କ ଜନକ ହୋଇଥିଲେ ସେ ସମ୍ପର୍କରେ ଜାଣିବାକୁ ପାଉ। ଶିବ ଯେତେବେଳେ ବିବାହ କରିଥିଲେ ସେହି ସମୟରେ ସେ କୈଳାସ ପର୍ବତର ନିମ୍ନ ଦେଶକୁ ଆସିଥିଲେ। ହିମାଳୟର କୈଳାସ ଅତ୍ୟନ୍ତ ଥଣ୍ଡା ଜାଗା। ସେଠାରେ କୌଣସି ଗଛ ବଞ୍ଚେ ନାହିଁ। ଶିବ କୈଳାସରୁ ଓହ୍ଲାଇ ତାଙ୍କ ସ୍ତ୍ରୀଙ୍କ ସହ କାଶୀ ଅଭିମୁଖେ ଯାତ୍ରା କରିଥିଲେ। କାଶୀ ନଦୀ କୂଳରେ ଥିବାରୁ ତାହା କୈଳାସଠାରୁ ଅପେକ୍ଷାକୃତ ଉଷ୍ଣସ୍ଥାନ। କାଶୀ ମାଟି ଅତ୍ୟନ୍ତ ଉର୍ବର ଏବଂ ଆର୍ଦ୍ର। ସେଠାରେ ଶ୍ମଶାନସବୁ ରହିଛି, ଆନନ୍ଦଦାୟକ ଉଦ୍ୟାନଗୁଡ଼ିକ ଶୋଭା ପାଉଛି ଏବଂ ଉନ୍ନତ ବଜାର ରହିଛି। କାଶୀରେ ଉନ୍ନତ ଜୀବନ ସମ୍ଭବ ହୁଏ, ବାଣିଜ୍ୟ ବ୍ୟବସାୟ ମଧ୍ୟ ଭଲ ଚାଲେ। ଏହି କାହାଣୀ କାହିଁକି ବର୍ଣ୍ଣନା କରାଯାଉଛି ? କାହିଁକି ତପସ୍ୱୀ ଶିବ ଗୃହସ୍ଥ ଶଙ୍କର ପାଲଟିଛନ୍ତି? ସେ କାହିଁକି ବିବାହ କରିଛନ୍ତି ? ସେ କାହିଁକି ପର୍ବତ ଛାଡ଼ି ନିମ୍ନ ଦେଶକୁ ଆସିଛନ୍ତି ? ସେ କାହିଁକି ଅନିଚ୍ଛା ସତ୍ତ୍ୱେ ସନ୍ତାନର ଜନକ ହୋଇଛନ୍ତି ? ଏହିସବୁ କାହାଣୀ ବାରମ୍ବାର ଦୋହରାଯାଇଛି। କାରଣ ପରମ ତପସ୍ୱୀ ଦେବ ଦେବ ମହାଦେବ ଭୋକିଲା ରହୁ ନ ଥିବାବେଳେ ତାଙ୍କ ଚାରି ପାଖରେ ଲୋକେ କ୍ଷୁଧାରେ ରହୁଛନ୍ତି। ସେ କ'ଣ ତାଙ୍କ ଚାରିପାଖରେ ରହୁଥିବା କ୍ଷୁଧାର୍ତ୍ତ ମାନଙ୍କ ଯତ୍ନ ନେବା ଉଚିତ ନୁହେଁ। ଆମେ ଜୀବନରେ ଧନ ଦେବୀ ଲକ୍ଷ୍ମୀଙ୍କୁ ଚାହିଁ ନ ପାରୁ, ଶକ୍ତି ଦେବୀ ଦୁର୍ଗାଙ୍କୁ ଲୋଡ଼ି ନ ପାରୁ, ଆମେ ଆୟ କିମ୍ବା ଭରସାର ପାର୍ଥୀ ନ ହୋଇ ପାରୁ ; ହେଲେ ଆମ ଚାରିପାଖରେ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ଏସବୁ ଚାହାନ୍ତି ଓ ଆମ ଉପରେ ନିର୍ଭର କରନ୍ତି। ଆମେ କ'ଣ ସେମାନଙ୍କ ପ୍ରତି ଯତ୍ନଶୀଳ ହେବା ଉଚିତ ନୁହେଁ। ଅନ୍ୟମାନଙ୍କ ଯତ୍ନ ନେବା କ'ଣ ଏକ ନୈତିକ ଦାୟିତ୍ୱ ବା କର୍ତ୍ତବ୍ୟ ଭାବନା ଆଣେ ନାହିଁ। ସେବା କରିବା ଓ ଯତ୍ନ ନେବା ଦ୍ୱାରା ସହାନୁଭୂତି ପ୍ରକାଶ ପାଏ। ଆମେ ଅନ୍ୟମାନଙ୍କ ଯତ୍ନ ନେବାକୁ ବାଧ ବୋଲି ଯେତେବେଳେ ଅନୁଭବ କରୁ ସେତେବେଳେ ତାହା କର୍ତ୍ତବ୍ୟ ହୋଇଯାଏ ଓ ତାହା କରିବାକୁ ଆମେ ବାଧ ହୋଇଥାଉ।

ଶିବଙ୍କ ବିବାହ ହିଁ ସମବେଦନା ବା ସହାନୁଭୂତିକୁ ପ୍ରତିପାଦିତ କରେ। ଏହା ମଧ୍ୟ ଏକ ସାମାଜିକ ଦାୟିତ୍ୱବୋଧକୁ ପ୍ରକାଶ କରେ। ଶିବ କୈଳାସ ପର୍ବତରୁ ତଳକୁ ଆସିଛନ୍ତି ଓ ସେ ତାଙ୍କ ସନ୍ତାନମାନଙ୍କୁ ଶିକ୍ଷା ଓ କର୍ତ୍ତବ୍ୟ ଭାବନା ଯୋଗାଇଦେବା ଲାଗି ବିଶ୍ୱରୁ ବହୁ କଥା ଅନୁଭବ କରିଛନ୍ତି। ତାଙ୍କର ଦଇ ପୁତ୍ର ଗଣେଶ ଓ କାର୍ତ୍ତିକେୟ କିଭଳି ଭିନ୍ନ ତାହା ବି ଅନୁଧାନ କରନ୍ତୁ। ଯଦି ତୁମେ ଶିବଙ୍କର ଏହି ଦୁଇ ସନ୍ତାନଙ୍କୁ ଦର୍ଶନ କରିବ ତେବେ ସେମାନେ ଆମ ମୌଳିକ ଆବଶ୍ୟକତା ପ୍ରତି ଯତ୍ନଶୀଳ ବୋଲି ଅନୁଭବ କରିପାରିବ। ତେବେ ଆମର ମୌଳିକ ଆବଶ୍ୟକତାଗୁଡ଼ିକ କ'ଣ ? ଆମ କ୍ଷୁଧା ନିୟନ୍ତ୍ରଣ କରିବାକୁ ଓ ଭୟ ଦୂରକରିବା ଲାଗି ଗଣେଶ ତାଙ୍କ ଗୋଲ ପେଟ, ଖାଦ୍ୟ, ସମ୍ପନ୍ନତା, ପ୍ରଚୁରତାର ପ୍ରତୀକ ଭାବେ ଦଣ୍ଡାୟମାନ। ତାଙ୍କର ମଧ୍ୟ ଧନଦେବୀ ଲକ୍ଷ୍ମୀଙ୍କ ସହ ସମ୍ପର୍କ ଅଛି। ଏଣୁ ସେ କ୍ଷୁଧା ପ୍ରତି ଯତ୍ନଶୀଳ। ତାଙ୍କ ଅନୁସାରେ ଦୁର୍ଗା ତାଙ୍କ ମା' ନୁହନ୍ତି, ରୋଷଘର ଦେବୀ ଅନ୍ନପୂର୍ଣ୍ଣା ହିଁ ତାଙ୍କ ମାତା। କାର୍ତ୍ତିକେୟ ବଳିଷ୍ଠ ଶାରୀରିକ ଶକ୍ତି ନେଇ ହସ୍ତରେ ଭାଲା ଧରି ଠିଆ ହୋଇଛନ୍ତି। ସେ ଦେବତାମାନଙ୍କ ଯୁଦ୍ଧ ଦେବ। ଦୁର୍ଗାଙ୍କ ଭଳି ସେ ଆମକୁ ରକ୍ଷା କରନ୍ତି। ଏଣୁ ସେ ହିଁ ଏକାକୀ ଆମକୁ ରକ୍ଷା କରିବାକୁ ସକ୍ଷମ। ଏଣୁ ମୋଟ ଭାବେ ଦେଖିବାକୁ ଗଲେ



ଶିବଙ୍କ ସନ୍ତାନମାନେ ମାନବ ଜାତିର ମୌଳିକ ଆବଶ୍ୟକତା ପୂରଣ କରିଥାନ୍ତି। ଏହା ମଧ୍ୟ ସ୍ୱାକାରଯୋଗ୍ୟ ଯେ, ଆମ ଜୀବନରେ ଆୟ ଏବଂ ସୁରକ୍ଷା ପାଇଁ ଲକ୍ଷ୍ମୀ ଏବଂ ଦୁର୍ଗାଙ୍କ ଆବଶ୍ୟକତା ରହିଛି।

ଶିବ ଯିଏ କିଛି ବି ଚାହାନ୍ତି ନାହିଁ, ସେ ଦେବୀଙ୍କ ଦ୍ୱାରା ଜ୍ଞାନପ୍ରାପ୍ତ ହୋଇଛନ୍ତି ଓ ମର୍ତ୍ତ୍ୟରେ ଅନ୍ୟ ଲୋକମାନଙ୍କ କ୍ଷୁଧା ପ୍ରତି ସଚେତନ ଅଛନ୍ତି। ସ୍ୱର୍ଗରେ କିନ୍ତୁ ଲୋକଙ୍କ କ୍ଷୁଧା ଭାବନା ନାହିଁ। ଯଦି ତୁମେ ନିରୀକ୍ଷଣ କରିବ ତେବେ ଜାଣିବାକୁ ପାଇବ ଯେ, ଇନ୍ଦ୍ର କେବେ ହେଲେ ଲୋକମାନଙ୍କ ଯତ୍ନ ନିଅନ୍ତି ନାହିଁ। ଲୋକମାନେ ଯେଉଁଭଳି ଭାବେ ବିଷ୍ଣୁ କିମ୍ବା ଶିବଙ୍କ ପାଖକୁ ସାହାଯ୍ୟ ପାଇବା ଲାଗି ଯାଇଥାନ୍ତି ସେଭଳି କେହି ହେଲେ ଇନ୍ଦ୍ରଙ୍କ ପାଖକୁ ଯାଇ ନ ଥାନ୍ତି। ଇନ୍ଦ୍ର କେବଳ ତାଙ୍କ ନିଜକଥା ହିଁ ଭାବନ୍ତି। ସେ ଇନ୍ଦ୍ରସଭାରେ ଅପ୍‌ସରା, ଗନ୍ଧର୍ବଙ୍କ ସହ ମନୋରଞ୍ଜନ ଉପଭୋଗ କରୁଛନ୍ତି। ସୋମରସରେ ବୁଡ଼ି ରହୁଛନ୍ତି। ସେ କାହା କଥା ବି ବୁଝନ୍ତି ନାହିଁ। ସେଥିପାଇଁ ଇନ୍ଦ୍ରକୁ କେହି ପୂଜା କରୁନାହାନ୍ତି। ଅନ୍ୟପକ୍ଷରେ ପ୍ରଭୁ ଶିବଙ୍କୁ ସମସ୍ତେ ପୂଜା କରୁଛନ୍ତି।

ଭଗବାନ୍ ବୁଦ୍ଧ ଯନ୍ତ୍ରଣାରୁ ମୁକ୍ତି ପ୍ରଦାନ କରୁଥିବା ଜ୍ଞାନ ପ୍ରାପ୍ତି ଲାଗି ତାଙ୍କ ସ୍ତ୍ରୀ , ସନ୍ତାନ ଏବଂ ରାଜ୍ୟ ତ୍ୟାଗ କରି ଦେଇଥିଲେ। ବିଚାର କଲେ ତାହା ଶିବଙ୍କ ବିବାହ ଉଦ୍ଦେଶ୍ୟର ସମ୍ପୂର୍ଣ୍ଣ ବିପରୀତବୋଧକ। ଧାମ, ପରିବାର ଏବଂ ଏକୀକତ୍ୱ ଓ ଜ୍ଞାନ ଅନୁଭବ ଭଳି ବୌଦ୍ଧ ଧର୍ମର ସିଦ୍ଧାନ୍ତ ପ୍ରତି ଏହା ଥିଲା ହିନ୍ଦୁଧର୍ମର ପ୍ରତିକ୍ରିୟା। ବୁଦ୍ଧଙ୍କ ସମୟର ବହୁ ପୂର୍ବରୁ ବେଦ ଓ ଉପନିଷଦଗୁଡ଼ିକରେ ଶିବଙ୍କୁ ଦେବତା ଭାବେ ଚିତ୍ରଣ କରାଯାଇଥିବାବେଳେ, ତାଙ୍କୁ ଜଣେ ସ୍ୱାମୀ, ପିତା ଏବଂ ଗୃହସ୍ଥର କାହାଣୀ ଭିତରେ କେବଳ ରାମାୟଣ ଏବଂ ମହାଭାରତରେ ଦେଖାଯାଇଛି। ଏଠାରେ ବିବାହ ସାମାଜିକ ବିବାହର ରୂପକ ଭାବେ ପ୍ରତୀତ। ଯଦି ବୁଦ୍ଧ ଯନ୍ତ୍ରଣାରୁ ମୁକ୍ତି ( ନିର୍ବାଣ ବା ମୋକ୍ଷ) ପ୍ରଦାନ କରିଛନ୍ତି , ଶିବ ମଧ୍ୟ ସମାଜରେ ରହି ମୁକ୍ତି ପାଇବା ( ଜୀବ ମୁକ୍ତ)ର ବାଟ ଦେଖାଉଥିଲେ। ସମ୍ପର୍କର ବିଯୁକ୍ତ କରିବା ଏହାର ଉଦ୍ଦେଶ୍ୟ ନ ଥିଲା, ବରଂ ସମ୍ପର୍କ ସହ ଜଡ଼ିତ ହେବା ଲକ୍ଷ୍ୟ ଥିଲା। ଏହା ହିଁ ହେଉଛି ପୁରାଣ ଯୁଗର କାର୍ଯ୍ୟ ପଦ୍ଧତିରେ ପରିବର୍ତ୍ତନର ଧାରା । ଭାରତୀୟ ଉପ ମହାଦେଶରୁ ସନ୍ନ୍ୟାସ ତଥା ମଠବାସୀ ବୌଦ୍ଧଧର୍ମ ଅପସରିଯାଇଥିବା ବେଳେ ସେହି ପୌରାଣିକ ପରିବର୍ତ୍ତନ ହିନ୍ଦୁଧର୍ମକୁ ତିଷ୍ଠି ରହିବାକୁ ସକ୍ଷମ କରାଇଛି।

–devduttofficial@gmail.com

## ଏଇ ଭାରତରେ

ପ୍ଲାଷ୍ଟିକ୍ ବୋତଲରେ ଘର ନିର୍ମାଣ କରି ପରିବେଶ ପ୍ରଦୂଷଣ ରୋକିବାରେ ଅଭିନବ ଉପାୟ ଆପଣାଇଛନ୍ତି ଔରଙ୍ଗାବାଦ୍‌ର ନମିତା କାପାଡେ ଏବଂ କଲ୍ୟାଣୀ ଭାରମ୍ବେ। ଘରକାନ୍ଥ ନିର୍ମାଣ କରିବାରେ ୧୬,୦୦୦ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରାଯାଇଛି। ନମିତା ଆର୍ଟ ଆଣ୍ଡ୍ ଡିଜାଇନ ଓ କଲ୍ୟାଣୀ ଫାଇନ୍ ଆର୍ଟରେ ଡିଗ୍ରୀ ହାସଲ କରିଛନ୍ତି। ବୋତଲରେ ମାଟି ଭର୍ତ୍ତିକରି ପ୍ଲାଷ୍ଟିକ୍ ଇଟା ନିର୍ମାଣ କରାଯାଇଛି। ଔରଙ୍ଗାବାଦ୍‌ର ସରକାରୀ ଇଞ୍ଜିନିୟରିଂ କଲେଜରେ ସେ ଇଟା ପରୀକ୍ଷା କରାଯିବା ପରେ ଏହି ଘରେ ବ୍ୟବହାର କରାଯାଇଛି। ଏହିସବୁ ବୋତଲ ସେମାନେ ଔରଙ୍ଗାବାଦ୍‌ର ବର୍ଜ୍ୟ ସଂଗ୍ରହକାରୀ, ହୋଟେଲ ଏବଂ ଗ୍ରୋସେରି ଦୋକାନରୁ ସଂଗ୍ରହ କରୁଛନ୍ତି। ବର୍ଜ୍ୟ ସଂଗ୍ରହ କରୁଥିବାରୁ ନମିତାଙ୍କୁ ଲୋକେ ପ୍ରଥମେ ବୋତଲବାଲି କିମ୍ବା ପ୍ଲାଷ୍ଟିକ୍‌ବାଲି ଡାକୁଥିଲେ। ହେଲେ ସେ ଏହାକୁ ଖାତିର ନ କରି ଏବେ ଯେଉଁ ଘର ନିର୍ମାଣ କରିଛନ୍ତି ତାହାକୁ ଅନ୍ୟମାନେ ପ୍ରଶଂସା କରୁଛନ୍ତି। ସେ ପ୍ଲାଷ୍ଟିକ୍ ବୋତଲରେ ନିର୍ମିତ ଇଟାକୁ ଉପରକୁ ଉପର ରଖି ସେଗୁଡ଼ିକୁ ଗୋବର ଓ ମାଟିରେ ଯୋଡ଼େଇ କରୁଛନ୍ତି। ଘରର ଛାତ ବାଉଁଶ ଓ କାଠରେ କରାଯାଇଛି। ଘରଟି ୧୦ ମାସରେ ସମ୍ପୂର୍ଣ୍ଣ ହୋଇଛି। ଏହି ଘର ଲାଗି ଖର୍ଚ୍ଚ ହୋଇଛି ୭ ଲକ୍ଷ ଟଙ୍କା। ଏହି ଦୁଇ ବାନ୍ଧବୀ ଅଧିକ ଘର ନିର୍ମାଣ କରିବା ଯୋଜନା କରିଛନ୍ତି। ନମିତା କହନ୍ତି, ଏହି ଘରେ ଖରାଦିନେ ଏୟାରକଣ୍ଡିଶନର ଆବଶ୍ୟକ ହେବନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଫେବୃୟାରୀ ୧୯୯୮

- କାମେରୁନର ରାଜଧାନୀ ବାଂଦୁଂଠାରେ ଏକ ତୈଳବାହୀ ଟ୍ୟାଙ୍କରରେ ବିସ୍ଫୋରଣ ଘଟି ୧୦୦ ଜଣଙ୍କ ମୃତ୍ୟୁ।
- ଶ୍ରୀଲଙ୍କାର ଉତ୍ତରାଞ୍ଚଳ ୱାନି ଅଞ୍ଚଳକୁ ଅଗ୍ରସର ହେଉଥିବା ସୈନ୍ୟଙ୍କ ଉପରେ ଏଲ୍‌ଟିଟିଇ ଉଗ୍ରପନ୍ଥୀମାନେ ଆକ୍ରମଣ କରିବା ଫଳରେ ୧୦ ସୈନ୍ୟ ନିହତ।
- ମଣିପୁରରେ ପ୍ରାକ୍ ନିର୍ବାଚନୀ ହିଂସାକାଣ୍ଡ ଘଟି ୭ ଜଣ ସିଆର୍‌ପିଏଫ୍ ଯବାନଙ୍କ ସମେତ ୧୦ ମୃତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 3 | | | 9 | | 8 | |
| | | | | 8 | | 7 | | |
| | | | | | 5 | 4 | | |
| 9 | 8 | | | 5 | 4 | 3 | 2 | |
| | | | 7 | | | | | |
| | 6 | 5 | | 3 | | | 4 | |
| | | | | 4 | 3 | | | 9 |
| | | | 2 | | | | 6 | |
| | | | | 1 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 1 | 5 | 3 | 9 | 6 | 7 | 2 |
| 3 | 2 | 7 | 6 | 1 | 4 | 9 | 5 | 8 |
| 9 | 6 | 5 | 8 | 2 | 7 | 1 | 4 | 3 |
| 7 | 1 | 6 | 2 | 9 | 5 | 8 | 3 | 4 |
| 4 | 9 | 2 | 7 | 8 | 3 | 5 | 1 | 6 |
| 5 | 3 | 8 | 1 | 4 | 6 | 7 | 2 | 9 |
| 6 | 7 | 4 | 3 | 5 | 8 | 2 | 9 | 1 |
| 1 | 8 | 9 | 4 | 7 | 2 | 3 | 6 | 5 |
| 2 | 5 | 3 | 9 | 6 | 1 | 4 | 8 | 7 |

ଗତକାଲିର ଉତ୍ତର

# ବୁଝି ବିଚାରି କାର୍ଯ୍ୟ କଲେ...



ବୈକୁଣ୍ଠନାଥ ମିଶ୍ର

ପୁରାଣ ଓ ଇତିହାସଠାରୁ ଆରମ୍ଭକରି ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ କିଛି ଅବିମୃଶ୍ୟକାରୀ ବ୍ୟକ୍ତି ବିଶେଷ ସ୍ୱକୀୟ ଭ୍ରମିତ ମତକୁ ଶ୍ରେଷ୍ଠରୂପେ ପ୍ରତିପାଦିତ କରିବା ଦୃଷ୍ଟାନ୍ତର ଅଭାବ ନାହିଁ। ମହାଭାରତରେ ଦୁର୍ଯ୍ୟୋଧନ ଏକ ବଳିଷ୍ଠ ଉଦାହରଣ। ଗୁରୁ, ଗୁରୁଜନଙ୍କ ଉପଦେଶକୁ ପ୍ରତ୍ୟାଖ୍ୟାନ କରି ନିଜସ୍ୱ ମତକୁ ଠିକ୍ ବୋଲି ସାବ୍ୟସ୍ତ କରିବାରେ ଏତେ ବ୍ୟଗ୍ରହୋଇ ଉଠିଲା ଯେ ସେ ତା'ର ବିନାଶ ମାର୍ଗକୁ ସୁଗମ କରିଦେଲା। ଏପରି କି ଶାନ୍ତିଦୂତ ରୂପେ ଆସିଥିବା ଶ୍ରୀକୃଷ୍ଣଙ୍କୁ ବନ୍ଦୀ କରିବାକୁ ନିର୍ଦ୍ଦେଶ ଦେବାକୁ ପଛାଇ ନ ଥିଲା। ଇତିହାସରେ ମଧ୍ୟ ଅନେକ ଦୃଷ୍ଟାନ୍ତ ପ୍ରଣିଧାନଯୋଗ୍ୟ। ମୋଗଲ ସମ୍ରାଟ ଆଉରଙ୍ଗଜେବ୍ ନିଜ ଉଗ୍ର ଚିନ୍ତାଧାରା ଉପରେ ଏତେ ନିବିଷ୍ଟ ଥିଲେ ଯେ 'ଜିଜିୟା' କର ଉଚ୍ଛେଦ ପାଇଁ ନିବେଦନ କରିବାକୁ ଆସିଥିବା ଶତାଧିକ ବ୍ରାହ୍ମଣଙ୍କୁ ଅଶ୍ୱ ଚଢ଼ାଇ ହତ୍ୟା କରିବାକୁ ପଛାଇ ନ ଥିଲେ। ରାଜପରିବାରର ବିଜ୍ଞ ପଣ୍ଡିତଙ୍କ ଉପଦେଶକୁ ତାଚ୍ଛଲ୍ୟରେ ଉଡ଼ାଇ ଦେଇ ନିଜ ଚିନ୍ତାଧାରା ଓ ନିଜେ ନେଇଥିବା ପଦକ୍ଷେପ ଅତ୍ୟନ୍ତ ନିର୍ଭୁଲ ବୋଲି ପ୍ରମାଣ କରିଦେଲେ। ଏସବୁ ଦୃଷ୍ଟାନ୍ତ ଆମକୁ ଗୋଟିଏ କଥା ସୂଚିତ କରାଇ ଦେଉଛି ଯେ ମଣିଷ ନିଜକୁ ବଳବାନ ବୋଲି ଯେତେ ଆସ୍ପର୍ଦ୍ଧା କରୁଥିଲେ ମଧ୍ୟ ସେ ଯେ ସମୟ ଚକ୍ରର ଘୂର୍ଣ୍ଣନରେ ଦିନେ ଦଳିତ ମଥିତ ହୋଇଯିବ ଏପରି ଚିନ୍ତା ତା' ମନୋରାଜ୍ୟକୁ ଉଦ୍‌ବେଳିତ କରି ନ ଥାଏ। ବର୍ତ୍ତମାନ ସମୟରେ ମଧ୍ୟ ଆମେ ଏପରି ବ୍ୟକ୍ତିବିଶେଷଙ୍କୁ ପ୍ରତ୍ୟହ ଦେଖୁଛୁ ଓ ଅନିଚ୍ଛା ସତ୍ତ୍ୱେ ତାଙ୍କ କାର୍ଯ୍ୟଧାରାକୁ ସହ୍ୟ କରିବାକୁ ବାଧ୍ୟ ହେଉଛୁ।

ବେଳେବେଳେ ଶାସନଡୋରିକୁ ନିଜ ଆୟତ୍ତରେ ରଖିଥିବା ନେତୃମଣ୍ଡଳୀ ସେମାନଙ୍କ ଅବିମୃଶ୍ୟକାରିତା ପାଇଁ ଲୋକଚକ୍ଷୁରେ ନିନ୍ଦିତ ହୁଅନ୍ତି। ୧୯୭୫ ଜୁନ୍ ୨୫ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଘୋଷିତ ହୋଇଥିଲା ଜରୁରୀ ପରିସ୍ଥିତି। ସଂକୀର୍ଣ୍ଣ ସ୍ୱାର୍ଥ ସିଦ୍ଧିକୁ ପ୍ରାଧାନ୍ୟ ଦେଇ ଶାସନର ନିରଙ୍କୁଶ କ୍ଷମତା ଜାବୋଡି ଧରିବା ଥିଲା ଜରୁରୀ ପରିସ୍ଥିତି ଉଦ୍‌ଘୋଷଣାର ମୂଳ କାରଣ। ତାଙ୍କର ଏକ ଭୁଲ ପାଇଁ ଯେତେବେଳେ ସେ କ୍ଷମତାରୁ ଅପସୃତ ହେବା ନିଶ୍ଚିତ ବୋଲି ଅନୁଭବ କଲେ, ସେ ଦେଶରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଜାରିକରି ନିଜକୁ ଏକଚ୍ଛତ୍ର ଶାସକ ହିସାବରେ ପ୍ରତିଷ୍ଠିତ କଲେ। ଏପରି କି ପରମ୍ପରାକୁ ଜଳାଞ୍ଜଳି ଦେଇ ସର୍ବୋଚ୍ଚ ନ୍ୟାୟାଳୟର ତିନିଜଣ ବିଚାରପତିଙ୍କ ବରିଷ୍ଠତାକୁ ଉପେକ୍ଷା କରି ନିଜକୁ ସୁହାଇଲାଭଳି ଜଣେ କନିଷ୍ଠ ବିଚାରପତିଙ୍କୁ ପ୍ରଧାନ ବିଚାରପତି ଆସନରେ ଅଧିଷ୍ଠିତ କରାଇଲେ। ଦେଶର ଶାସନ ବ୍ୟବସ୍ଥାରେ ସୃଷ୍ଟି ହେଲା ଭୀଷଣ ଅରାଜକତା। ଦମନଲୀଳା ସ୍ୱରୂପ ବିରୋଧୀ ନେତାମାନଙ୍କୁ କାରାରୁଦ୍ଧ କରାଗଲା। ଦୀର୍ଘ ୧୯ ମାସ ଧରି ଦେଶରେ ଜରୁରୀ ପରିସ୍ଥିତି ବଳବତ୍ତର ରହିଲା। ଭାରତରେ ଗଣତନ୍ତ୍ରକୁ ହତ୍ୟା କରାଗଲା ବୋଲି ଏକ ବୈଶ୍ୱିକ ଧାରଣା ସୃଷ୍ଟି ହେଲା। ଜଣେ ବ୍ୟକ୍ତିଙ୍କର ଅବିଚାରିତ କାର୍ଯ୍ୟଧାରା ଯୋଗୁ କଂଗ୍ରେସ ଭଳି ଏକ ପ୍ରାଚୀନ ରାଜନୈତିକ ଦଳ ଘୋର ସଙ୍କଟର ସମ୍ମୁଖୀନ ହେଲା। ସେପରି ପରିସ୍ଥିତି ଆଉ କେବେ ଭାରତରେ ଉପୁଜି ନ ଥିଲେ ମଧ୍ୟ ସମୟେ ସମୟେ କିଛି ନେତାଙ୍କର ଅବିମୃଶ୍ୟକାରୀ ପଦକ୍ଷେପ ଦେଶବାସୀଙ୍କୁ ଭୋଗ କରିବାକୁ ପଡୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମୁଦ୍ରୀକରଣ ପଦକ୍ଷେପର ଔଚିତ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟିହେଲା। ଦେଶରୁ ଦୁର୍ନୀତି ହଟିବ, କଳାଧନ ଲୋପପାଇବ, ନକଲି ନୋଟ କାରବାରରେ ପୂର୍ଣ୍ଣଚ୍ଛେଦ ପଡିବ, ସନ୍ତ୍ରାସବାଦୀଙ୍କୁ ଅବୈଧ ଅର୍ଥଚାଳଣ ବନ୍ଦହେବ, ଟିକସ ଫାଙ୍କିବା ଅସହଜ



ହେବ, ଧନୀର ନିଦ୍ରା ହଜିଯିବ ଓ ଗରିବ ସୁଖନିଦ୍ରା ଯିବାଭଳି ଶ୍ରୁତି ମଧୁରବାଣୀ ଦେଶବାସୀଙ୍କୁ ଦେଲା ଏକ ଦୁଃସହ ଯନ୍ତ୍ରଣା। ନୋଟ ବଦଳ ପ୍ରକ୍ରିୟାରେ ସବୁଠାରୁ ଦୁଃସ୍ଥିତିର ସମ୍ମୁଖୀନ ହେଲେ କ୍ଷୁଦ୍ର ବ୍ୟବସାୟୀଙ୍କ ସହ ସାଧାରଣ ଜନତା। ଅଚଳ ନୋଟ ବଦଳ ପ୍ରକ୍ରିୟାରେ ବ୍ୟାଙ୍କମାନଙ୍କରେ ଅସମ୍ଭବ ଭିଡକୁ ସମ୍ଭାଳି ନ ପାରି ଶହେରୁ ଊର୍ଦ୍ଧ୍ୱ ନିରୀହ ଲୋକଙ୍କର ପ୍ରାଣହାନି ଘଟିଲା। ଆଜିର ଦିନରେ ଆଶ୍ଚର୍ଯ୍ୟର କଥା ଏହି ଯେ ବିପୁଳ ମୂଲ୍ୟର ଛପା ହୋଇଥିବା ଦୁଇହଜାର ଟଙ୍କିଆ ନୋଟ ଆଉ ବଜାରରେ ଦୃଶ୍ୟ ହେଉନାହିଁ। ସାଧାରଣ ଲୋକେ କହିବାକୁ ଲାଗିଲେଣି ଯେ ଉକ୍ତ ନାଲିନୋଟ ଆଉ ସାଧାରଣଙ୍କ ହାତ ପାହାନ୍ତାରେ ନାହିଁ। ଏହା କଳାଧନର ରୂପନେଇ ଅସାଧୁଙ୍କ ଆଲମାରିରେ ସାଇତା ହେଲାଣି। ବିମୁଦ୍ରୀକରଣ ବିପକ୍ଷରେ ଦାଏର ହୋଇଥିବା ୫୮ଟି କେସ୍‌କୁ ସର୍ବୋଚ୍ଚ ନ୍ୟାୟାଳୟର ଏକ ପାଞ୍ଚଜଣିଆ ଖଣ୍ଡପୀଠ ବିଚାର କରି ୪:୧ ରାୟରେ କହିଛନ୍ତି, ବିମୁଦ୍ରୀକରଣ ସରକାରଙ୍କର ଏକ ନିର୍ଭୁଲ ପଦକ୍ଷେପ। ଉକ୍ତ ଖଣ୍ଡପୀଠର ଏକମାତ୍ର ମହିଳା ବିଚାରପତି ବି.ଭି. ନାଗରତ୍ନା ମତ ଦେଇଛନ୍ତି ଯେ ବିମୁଦ୍ରୀକରଣ ଏକ ଭୁଲ ଓ ଅଗଣତାନ୍ତ୍ରିକ ନିଷ୍ପତ୍ତି। ତାଙ୍କ ମତରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପାର୍ଲାମେଣ୍ଟ ଓ ମନ୍ତ୍ରୀ ପରିଷଦର ବିନାନୁମୋଦନରେ ନିଆଯିବା ଆଦୌ ଉଚିତ ହୋଇନାହିଁ। ଯଦିଓ ଜଷ୍ଟିସ୍ ନାଗରତ୍ନାଙ୍କ ମତରେ କୌଣସି ପ୍ରାସଙ୍ଗିକତା ନାହିଁ, ଯେହେତୁ ଏହା ସଂଖ୍ୟାଗରିଷ୍ଠଙ୍କ ମତ ନୁହେଁ, ତଥାପି ଭାରତର ଅଗଣିତ ବ୍ୟକ୍ତି ଜଷ୍ଟିସ୍ ନାଗରତ୍ନାଙ୍କ ସହ ଏକମତ, ଏଥିରେ ସନ୍ଦେହ ନାହିଁ।

ଏହି ପରିପ୍ରେକ୍ଷୀରେ ଏକ ପ୍ରାଚୀନ ଘଟଣାର ଦୃଷ୍ଟାନ୍ତ ଆଲୋଚନା ସାପେକ୍ଷ। ପ୍ରାଚୀନ 'ତକ୍ଷଶିଳା' ଏକ ପ୍ରସିଦ୍ଧ ଶିକ୍ଷାକେନ୍ଦ୍ର ହିସାବରେ ଦେଶ ବିଦେଶରେ ତା'ର ଗରିମା ପ୍ରକଟ କରିଥିଲା। ରାଜା 'ତକ୍ଷ'ଙ୍କ ନାମାନୁସାରେ ଉକ୍ତ ସ୍ଥାନ ତକ୍ଷଶିଳା ରୂପେ ବିଦିତ ଥିଲା। ଥରେ ରାଜା ତକ୍ଷ ତାଙ୍କର ଏକ ସନ୍ଦେହ ମୋଚନ ପାଇଁ ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରାଜ୍ଞ, ବିଦ୍ୱାନ ପଣ୍ଡିତମାନଙ୍କର ପରାମର୍ଶ ଲୋଡିଲେ। ସନ୍ଦେହଟି ହେଲା – ଜୀବନରେ ସଫଳତା ପ୍ରାପ୍ତି ନିମନ୍ତେ ସର୍ବୋତ୍ତମ ମାର୍ଗଟି କ'ଣ ? ବିଶ୍ୱବିଦ୍ୟାଳୟର ସବୁଠାରୁ ବିଜ୍ଞ ପଣ୍ଡିତ 'ଋଷିନିଦାଘ'ଙ୍କ ଉପରେ ଉକ୍ତ ସମସ୍ୟା ସମାଧାନର ଦାୟିତ୍ୱ ନ୍ୟସ୍ତ କରାଗଲା। ବହୁ ଭାବିଚିନ୍ତି 'ନିଦାଘ' କହିଲେ, ଜଣେ ବ୍ୟକ୍ତି କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର କଳ୍ପନା ଶକ୍ତିକୁ ପ୍ରସାରିତ କରି ଏକ ନିର୍ଦ୍ଧାରିତ ସିଦ୍ଧାନ୍ତରେ ଉପନୀତ ହେବ। ଉକ୍ତ ସିଦ୍ଧାନ୍ତକୁ ରୂପାୟିତ କରିବା ପୂର୍ବରୁ ପଣ୍ଡିତଜନଙ୍କ ଉପଦେଶ ଓ ପରାମର୍ଶ ଗ୍ରହଣ କରିବ। ଯଦି କଳ୍ପିତ କାର୍ଯ୍ୟଟି ଅମଙ୍ଗଳଦାୟକ ଓ ଜନକଲ୍ୟାଣର ପରିପନ୍ଥୀ ବୋଲି ବିବେଚିତ ହୁଏ, ତେବେ ସେଭଳି କାର୍ଯ୍ୟ ବା ନିଷ୍ପତ୍ତିରୁ ବିରତ ରହିବା ଉଚିତ। ଏଠାରେ ଏତିକି କୁହାଯାଇପାରେ ଯେ କଳ୍ପିତ ଭାବନାର ଔଚିତ୍ୟକୁ ସିଦ୍ଧ କରିବାକୁ ହେବ। ପଣ୍ଡିତ ନିଦାଘ ଏକଥା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ ଯେ ରାଜନେତା, ଶାସକ, ପ୍ରଶାସକ ଓ ଶାସନ ସହ ଜଡିତ ସମସ୍ତ ବ୍ୟକ୍ତିବିଶେଷ, ଯେତେ ଉଚ୍ଚ ପଦପଦବୀରେ ଭୂଷିତ ହୋଇଥାନ୍ତୁ ନା କାହିଁକି ନିଜ ଇଚ୍ଛାକୁ ଅନ୍ୟ ଉପରେ ଲଦିଦେବା ଭଳି ପ୍ରୟାସକୁ ପରିହାର କରିବା ଉଚିତ। ଉଚ୍ଚ ପଦାଧିକାରୀ ସମସ୍ତ ନକାରାତ୍ମକ ଚିନ୍ତାଧାରାରୁ ଦୂରେଇ ଯାଇ କେବଳ ସକାରାତ୍ମକ ଓ ବହୁଜନହିତାୟ ଭଳି ଭାବନାକୁ ଉପଯୁକ୍ତ ବିଚାର ଆଲୋଚନା ମାଧ୍ୟମରେ ରୂପାୟିତ କରିବା ବିଧେୟ।

ପୁରାଣ ହେଉ, ଇତିହାସ ହେଉ ଅବା ଆଧୁନିକ ଯୁଗର ଘଟଣାବଳୀ ହେଉ, ଯେଉଁଠି ପ୍ରାଜ୍ଞ, ଗୁରୁ, ଗୁରୁଜନ ଏପରିକି ହିତୈଷୀ ଓ ଶୁଭେଚ୍ଛୁଙ୍କ ପରାମର୍ଶକୁ ଉପେକ୍ଷା କରାଯାଇଛି କିମ୍ବା ସେମାନଙ୍କୁ ଅନ୍ଧକାରରେ ରଖି ସ୍ୱୟଂକ୍ରିୟ ନିଷ୍ପତ୍ତି ନିଆଯାଇଛି, ତାହା ଅହିତକର ପଦକ୍ଷେପ ବୋଲି ପ୍ରମାଣିତ ହୋଇଛି। ତେଣୁ 'ବୁଝି ବିଚାରି କାର୍ଯ୍ୟ କଲେ ପ୍ରମାଦ ନ ପଡ଼ଇ ଭଲେ'।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

# ତ୍ରିଫଳା ରସାୟନ



ପଣ୍ଡିତ ହରିଶରଣ ମହାରାଜ

ଆୟୁର୍ବେଦର ଭୀଷ୍ମ ପିତାମହ ଧରୋବର ଚିରସ୍ମରଣୀୟ ବରେଣ୍ୟ 'ବାଗଭଟ' ଏହି ସଂସାରରେ ତ୍ରିଦୋଷ ନାଶକ(ବାତ, ପିତ୍ତ, କଫ) ଦ୍ରବ୍ୟ ଭିତରେ ସର୍ବୋତ୍ତମ ହରିଡ଼ା, ବାହାଡ଼ା, ଅଁଳାକୁ ମାନ୍ୟତା ଦେଇଛନ୍ତି। ଏହି ତ୍ରିଦୋଷନାଶକ ତ୍ରିଫଳାର ପ୍ରଭାବୀକରଣ ମାନବଜାତି ପ୍ରତି ଅମୃତ ସଦୃଶ। ତ୍ରିଫଳା ରସାୟନ ସମ୍ବନ୍ଧେ 'ବାଗଭଟ' ଲିଖିତ ''ଅଷ୍ଟାଙ୍ଗ ହୃଦୟ'' ଏବଂ ''ଅଷ୍ଟାଙ୍ଗ ସଂଗ୍ରହ''ରେ ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ସୂତ୍ର ପ୍ରତିପାଦିତ କରିଛନ୍ତି, ଯାହା ଚନ୍ଦ୍ରାର୍କ ଯାବତ୍ ଚିର ଭାସ୍ୱର ରହିବ। ଅମୃତତୁଲ୍ୟ ତ୍ରିଫଳା ରସାୟନ ବ୍ୟବହାର କରୁଥିବା ବହୁ ଲୋକ ଉପଯୁକ୍ତ ଅନୁପାନ ଓ ମାତ୍ରା ବିଧିରହିତ ବ୍ୟବହାର ଯୋଗୁ ଉପଯୁକ୍ତ ପରିଣାମ ପ୍ରାପ୍ତିରୁ ବଞ୍ଚିତ ଅଟନ୍ତି। ଉତ୍କୃଷ୍ଟ ଚିରସ୍ଥାୟୀ, ଚିରଯୌବନ ଏବଂ ଚିରାୟୁ ଲାଭାର୍ଥେ ହରିଡ଼ା, ବାହାଡ଼ା, ଅଁଳାକୁ ଏକ:ଦୁଇ:ତିନି ଭାଗ ଅନୁପାତରେ ଚୂର୍ଣ୍ଣ ରସାୟନ ପ୍ରସ୍ତୁତପୂର୍ବକ ସମୟ ଅନୁପାନଯୁକ୍ତ ବ୍ୟବହାରଲବ୍ଧ ଫଳ ବର୍ଣ୍ଣନାନୀତ, ଯାହା ଚ୍ୟବନପ୍ରାସଠାରୁ ବହୁଗୁଣ ବିମଣ୍ଡିତ। ବାତ, ପିତ୍ତ, କଫ ଗ୍ରସିତ ବ୍ୟକ୍ତିମାନେ ତ୍ରିଫଳା ଚୂର୍ଣ୍ଣକୁ ରାତ୍ର ଶୟନ ପୂର୍ବାନ୍ତ ଉଷ୍ଣ କ୍ଷୀର/ଜଳ ସହିତ ସେବନ ଦ୍ୱାରା ଶରୀରର ଅନ୍ତଃସ୍ଥ ବିଜାତୀୟ ତ୍ରିଦୋଷ ନାଶ ସହିତ ମଳମୂତ୍ର, ସ୍ୱେଦ ଶୋଣିତ, ଲସା ଆଦି ମାଧ୍ୟମରେ ନିଷ୍କାସିତ ହୋଇ ସବୁରୋଗର ମୂଳ କାରଣ କୋଷ୍ଠକାଠିନ୍ୟ, ରେଚନ କ୍ରିୟା ଦ୍ୱାରା ଦୂରାରୋଗ୍ୟ ବ୍ୟାଧି ସମୂହ ପ୍ରଶମିତ ହୋଇଥାଏ। ଅପରନ୍ତୁ ସୁସ୍ଥ ଏବଂ ପୋଷକତତ୍ତ୍ୱ ଲାଭାର୍ଥେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାତଃକାଳୀନ ତ୍ରିଫଳା(୨–୫ ଗ୍ରାମ୍) ଗୁଡ଼/ମହୁ ସହିତ ସେବନାନ୍ତେ ଶରୀରର ପୋଷକତତ୍ତ୍ୱ ଏବଂ ଭିଟାମିନ୍ A, C, D, K, ମାଇକ୍ରୋନ୍ୟୁଟ୍ରିଏଣ୍ଟ୍ସ, କ୍ୟାଲ୍‌ସିୟମ, ଆଇରନ, ଜିଙ୍କ୍ ଆଦି ଖଣିଜ ଲବଣ ଶରୀରକୁ ପ୍ରଦାନ କରି ଅଫୁରନ୍ତ ଶକ୍ତି, ଚିରଯୌବନ ଏବଂ ଚିର ଆୟୁ ପ୍ରଦାନ କରିଥାଏ। ତ୍ରିଫଳାର ଶିରୋମଣି ଅଁଳା ଜୀବନବ୍ୟାପୀ ବ୍ୟବହାରକୁ ବାଗଭଟ ଦୃଢ଼ଭାବରେ ସ୍ୱାଗତ କରିବା ସହିତ ତ୍ରିଫଳା ଚୂର୍ଣ୍ଣ ପ୍ରତି ତିନିମାସ ଅନ୍ତରରେ ୧୫ ଦିନ ବିଶ୍ରାମ ଦେବାର ବିଧିବ୍ୟବସ୍ଥା କରିଛନ୍ତି। ଅଁଳା ବ୍ୟବହାର ଶରୀରର ଅକ୍ସିଡେସନ ପ୍ରକ୍ରିୟାକୁ ବାଧାଦେଇ ବିବିଧ ଅଙ୍ଗକ୍ଷୟ ରୋକିବା କାର୍ଯ୍ୟ କରିଥାଏ। ଏହାଦ୍ୱାରା ଚିର ଯୌବନର ଫଳ ମିଳିଥାଏ। ସାମ୍ପ୍ରତିକ ମେଦବହୁଳତା (ଓବେସିଟି)ଦୂର କରିବାର ଶ୍ରେଷ୍ଠ ଉପାଦାନ ଅଁଳା। ସମଗ୍ର ବିଶ୍ୱରେ ଛଅଗୋଟି ଋତୁ ଅନୁଭୂତ ହେଉଥିବା ଆର୍ଯ୍ୟଭୂମି ରାଷ୍ଟ୍ର ଭାରତ ବର୍ଷରେ ଋତୁ ଅନୁକୂଳ ଛଅ ଅନୁପାନ ସହିତ କେବଳ ହରିଡ଼ା ଚୂର୍ଣ୍ଣ ବ୍ୟବହାର ପ୍ରତି ମଣିଷକୁ ଚିର ଯୌବନ, ଆୟୁ ପ୍ରଦାନ କରିଥାଏ, ଯାହା ବୈଜ୍ଞାନିକ ପ୍ରାମାଣିକସିଦ୍ଧ ମାତ୍ର। ଆମର ସୌଭାଗ୍ୟ ଯେ, ବିବିଧ ବନରାଜି, ଜୈବବିବିଧତା ଏବଂ ଆଠଗୋଟି କ୍ଲାଇମେଟିକ୍ ଜୋନ୍‌ରେ ସମୃଦ୍ଧ ଭାରତରେ ପ୍ରକୃତି ଆମକୁ ଯେଉଁ ବୃକ୍ଷରାଜି ପ୍ରବଳମାତ୍ରାରେ ଦେଇଅଛି, ତାହାର ଫଳ ସେତିକି ମାତ୍ରାରେ ଆମକୁ ମିଳିପାରିଥାଏ। (ଶାସ୍ତ୍ରୀୟ ସମ୍ମତ)

କିନ୍ତୁ ସଂସ୍କାରବିହୀନ ପ୍ରଗତିର ମିଛ ସ୍ୱପ୍ନ ବିଭୋରରେ ସରକାର ପ୍ରକୃତିସର୍ବସ୍ୱ ବନରାଜି ଧ୍ୱଂସକରି ଶିଳ୍ପ ପ୍ରତିଷ୍ଠା କେବଳ ଉପହାସ ମାତ୍ର। ବର୍ତ୍ତମାନର ପର୍ଯ୍ୟାବରଣ ଦ୍ରୁତ ଅବକ୍ଷୟର ଫଳସ୍ୱରୂପ ଦେବଭୂମି ଉତ୍ତରାଖଣ୍ଡର ଜ୍ୟୋତିପୀଠ ଧ୍ୱଂସ ଅବସ୍ଥା ଅନୁମେୟ। ଅନ୍ଧାନୁକରଣ ସରକାର ମହାଦ୍ରୁମ ମହୀରୂହ ବୃକ୍ଷମାନ କାଟିକରି ଆକାଶିଆ, ପଟାସ ଗଛ ଲଗାଇବା କେତେଦୂର ଯୁକ୍ତିଯୁକ୍ତ ତାହା ଅନୁମେୟ। ତେବେ ତ୍ରିଫଳାର ସମପରିମାଣ କୃତ ବ୍ୟବହାର କେବଳ ଗୋଟିଏ ବା ଦୁଇଟି ରୋଗରେ ସ୍ଥିରୀକୃତ। ଯଥା ରେଡିଏଶନଜନିତ ସାଂଘାତିକ ଚର୍ମରୋଗ ଏବଂ ସୋରିଆସିସ୍, ଏକ୍‌ଜିମା ବ୍ୟାଧିରେ ସମପରିମାଣ ତ୍ରିଫଳା ଚୂର୍ଣ୍ଣ ବ୍ୟବହାର ଆଶାତୀତ ଫଳ ଦେଇଥାଏ। ଉତ୍ତରପ୍ରଦେଶ ସରକାରଙ୍କ ପ୍ରଣୀତ 'ପଞ୍ଚବଟ' ଯୋଜନା ସ୍ୱରୂପ ଆସନ୍ତୁ ସମସ୍ତେ ବାଡ଼ି ବଗିଚାରେ ନିଶ୍ଚିତରୂପେ ହରିଡ଼ା, ବାହାଡ଼ା, ଅଁଳା, ବେଲ, ଦମ୍‌ବେଲ, ରୁଦ୍ରଜଟା, ଅମରବେଲ, ଲୋଧ, ଚିତାପାରୁ ଆଦି ଗୁଳ୍ମ ଲତାର ସଂରକ୍ଷଣ ଏବଂ ରୋପଣ ଦ୍ୱାରା ମାନବ ଜାତିର ଅଫୁରନ୍ତ କଲ୍ୟାଣ ଅପରିହାର୍ଯ୍ୟ। କାରଣ –ପରୋପକାରାୟ ଫଳନ୍ତି ବୃକ୍ଷାଃ, ପରୋପକାରାୟ ବହନ୍ତି ନଦ୍ୟାଃ/–ପରୋପକାରାୟ ଦୁହ୍ୟନ୍ତି ଗାବଃ, ପରୋପକାରାୟ ଇଦଂ ଶରୀରମ୍।

ହରିଡ଼ା ଘଟିତ ଗୋମୂତ୍ର ହରିତକୀ, ବ୍ୟାଘ୍ର ହରିତକୀ, ବିଲ୍ୱାଦି ହରିତକୀ, ଚିତ୍ରାକାଦି ହରିତକୀ ଶ୍ୱାସ, କାଶ, ଦମା ହୃଦୟାଦି ରୋଗରେ ରାମବାଣ ଔଷଧ। ସେଥିପାଇଁ ଧାତ୍ରୀ(ଅଁଳା) ସାଦୃଶ୍ୟ ହରିଡ଼ାକୁ ଶାସ୍ତ୍ରରେ କୁପୁତ୍ର ଜାୟତେ କୋଚିଦର୍‌ପି କୁମାତା ନ ଭବତି ରୂପେ ବର୍ଣ୍ଣନା କରାଯାଇଛି। ହରିଡ଼ା, ଅଁଳା ମାତୃସଦୃଶା ବନ୍ଦନୀୟ।

**ଆୟୁର୍ବେଦାଚାର୍ଯ୍ୟ, ବ୍ରହ୍ମେଶ୍ୱର ଆଶ୍ରମ, ନୟାଗଡ଼**
**ମୋ: ୯୬୫୮୦୧୮୨୭୭**

## ପାଠକ ଶ୍ରେଷ୍ଠ ବିଚାରକ

### ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ସରକାର ଦୃଷ୍ଟି ଦିଅନ୍ତୁ

ମହାଶୟ,

ଦୀର୍ଘଦିନ ଧରି ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟ କରି ଅବ୍ୟାହତି ନେଇଥିବା କେତେକ ପ୍ରତିନିଧି ଏବେ ମଧ୍ୟ ଦୟନୀୟ ଭାବରେ ଜୀବନ ବିତାଉଛନ୍ତି। ସ୍ୱାସ୍ଥ୍ୟବୀମା ବ୍ୟତୀତ ଅନ୍ୟ କିଛି ଆର୍ଥିକ ସୁବିଧା ନାହିଁ। ଖବରଦାତା ଭାବରେ କାମ କରିଆସିଥିବା ଏହି ବର୍ଷୀୟାନ ଖବରଦାତାମାନଙ୍କୁ ପେନ୍‌ସନ ବ୍ୟବସ୍ଥା କରିବାକୁ ବହୁଦିନରୁ ଦାବି ହେଉଛି। ପଡ଼ୋଶୀ ରାଜ୍ୟଗୁଡ଼ିକ ଖବରଦାତାମାନଙ୍କୁ ଆଖିଦୃଶିଆ ପେନ୍‌ସନ ବ୍ୟବସ୍ଥା କରିଛନ୍ତି। ବରିଷ୍ଠ ଖବରଦାତାମାନେ ଯୁବକ ଅବସ୍ଥାରୁ ସମାଜସେବାକୁ ବୃତ୍ତି ଭାବରେ ଗ୍ରହଣ କରି ଜନସାଧାରଣଙ୍କୁ ସତ୍ୟ ଓ ନିରପେକ୍ଷ ଖବର ଯୋଗାଇ ଆସୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଜନମଙ୍ଗଳ ଓ ସମାଜସେବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଏହାଦ୍ୱାରା ବିଭିନ୍ନ ବର୍ଗର ଲୋକେ ଉପକୃତ ହେଉଛନ୍ତି। କିନ୍ତୁ ଆମ ସରକାର ଗଣମାଧ୍ୟମ ପ୍ରତିନିଧିମାନଙ୍କ ପାଇଁ କିଛି ଆଖିଦୃଶିଆ କାର୍ଯ୍ୟ ଏ ପର୍ଯ୍ୟନ୍ତ କରିନାହାନ୍ତି। ସରକାର ଅନ୍ୟ ପଡ଼ୋଶୀ ରାଜ୍ୟ ପରି ପେନସନ ବ୍ୟବସ୍ଥା ଲାଗୁ କଲେ ଅବହେଳିତ ବରିଷ୍ଠ ଖବରଦାତାମାନେ ଉପକୃତ ହୋଇପାରିବେ।

**–ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏକାକୀ କେତେ ପଥିକ ଏଥି
ଚଳଇ ମୋହ ସରି
ବିଫଳ ଅବା ସଫଳ ଶତ
ବାସନା ହୃଦେ ଭରି।

–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ହକି ବିଶ୍ୱକପ୍-୨୦୨୩କୁ ସଫଳତାର ସହ ସମ୍ପନ୍ନ କରାଇଥିବା ଆୟୋଜକ କମିଟି, ବିଭିନ୍ନ ବିଭାଗର ମୁଖ୍ୟ ଏବଂ ଏଜେନ୍ସିକୁ ବୁଧବାର କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

**ନମ୍ବର ପ୍ଲେଟ୍ ଦଣ୍ଡ**

# ୨୬୭୪ ଯାନ ବିରୋଧରେ ଚାଲାଣ

**ଭୁବନେଶ୍ୱର, ୧୫।୨(ବ୍ୟୁରୋ)**

କଠୋର ହେଲେ ରାଜ୍ୟ ସରକାର। ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ନମ୍ବର ପ୍ଲେଟ୍(ଏଚ୍ଏସ୍ଆର୍ପି) ଉଲ୍ଲଂଘନ ଅଭିଯୋଗରେ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍ଟିଏ) ୨୬୭୪ ଯାନ ବିରୋଧରେ ଚାଲାଣ କାଟିଛି। ଫେବୃୟାରୀ ୧ରୁ ଗତ ୧୧ ତାରିଖ ପର୍ଯ୍ୟନ୍ତ ୧୧ଦିନ ଭିତରେ ଏହି ସବୁ ଚାଲାଣ କଟାଯାଇଛି। ୨୦୨୨ ଜୁନ୍ ୧ ପୂର୍ବରୁ ରାଜ୍ୟ ପରିବହନ ବିଭାଗ ସମସ୍ତ ଶ୍ରେଣୀ ଯାନ ପାଇଁ ଏଚ୍ଏସ୍ଆର୍ପି ବାଧ୍ୟତାମୂଳକ କରିଛନ୍ତି, ଯାହା ୨୦୧୯ ଏପ୍ରିଲ ୧ ପୂର୍ବରୁ ପଞ୍ଜୀକୃତ ହୋଇଥିଲା। ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ଆଡିସନାଲ କମିଶନର ଟ୍ରାନ୍ସପୋର୍ଟ ଲାଲମୋହନ ସେଠୀ କହିଛନ୍ତି, ୨୦୨୩ ଫେବୃୟାରୀ ୧୩ ସୁଦ୍ଧା ମୋଟ୍ ୩୮,୪୯,୪୯୮ ଜଣ ଗାଡି ମାଲିକ ସ୍ଲଟ୍ ବୁକ୍ କରିଛନ୍ତି। ସେଥିମଧ୍ୟରୁ ୩୧,୬୫,୮୫୦ଟି ଗାଡ଼ିରେ ଏଚ୍ଏସ୍ଆର୍ପି

**୫ରୁ ୧୦ ହଜାର ପର୍ଯ୍ୟନ୍ତ କଟିବ ଜରିମାନା**

ଲଗାଯାଇଛି। ଯଦି ନିର୍ଦ୍ଧାରିତ ତାରିଖ ମଧ୍ୟରେ ଗାଡିରେ ଏଚ୍ଏସ୍ଆର୍ପି ସହିତ ସଂଲଗ୍ନ ନ ହୁଏ, ତେବେ ଗାଡି ମାଲିକଙ୍କ ବିରୋଧରେ ଇ-ଚାଲାଣ ଜାରି କରାଯିବ। ଜରିମାନା ବାବଦକୁ ୫୦୦୦ ଟଙ୍କା କିମ୍ବା ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯିବ ବୋଲି କମିଶନର କହିଛନ୍ତି। ସେ କହିଛନ୍ତି, ଏ ପର୍ଯ୍ୟନ୍ତ ଜାରି କରାଯାଇଥିବା ଚାଲାଣଗୁଡିକ ମଧ୍ୟରେ ଅଧିକାଂଶ ଯାନ ଦୁଇଚକିଆ। ଜରିମାନା ଉଲ୍ଲଂଘନକାରୀଙ୍କ ଉପରେ ୫୦୦୦ ଟଙ୍କା ଜରିମାନା ଲଗାଯାଇଛି। ଭବିଷ୍ୟତରେ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁ ଗାଡି ମାଲିକମାନେ ଇଣ୍ଟରନେଟ୍ର ବ୍ୟବହାର କରନ୍ତି ନାହିଁ କିମ୍ବା ଟେକ୍ନୋଲୋଜି ବିଷୟରେ ଅଧିକ ଜ୍ଞାନ ନାହିଁ, ସେମାନେ ନିକଟସ୍ଥ ମୋ' ସେବା କେନ୍ଦ୍ର କିମ୍ବା ସେମାନଙ୍କ ସୁବିଧା ଅନୁଯାୟୀ ଆର୍ଟିଓରେ ଥିବା ଏଚ୍ଏସ୍ଆର୍ପି ସୁବିଧା କେନ୍ଦ୍ର ମାଧ୍ୟମରେ ଏଚ୍ଏସ୍ଆର୍ପି ପାଇଁ ଆବେଦନ କରିପାରିବେ। ୨୦୧୯ ଜାନୁୟାରୀ ୧ ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଯାନଗୁଡିକରେ (ଯାହାର ନମ୍ବର ପ୍ଲେଟ୍ରେ ଶେଷ ଅଙ୍କ ୧, ୨, ୩, ୪, ୫ ଓ ୬ ଥିବ) ଏଚ୍ଏସ୍ଆର୍ପି ସଂଲଗ୍ନ କରିବାର ସମୟ ସୀମା ୨୦୨୨ ଡିସେମ୍ବର ୩୧କୁ ଧାର୍ଯ୍ୟ କରାଯାଥିଲା। ସେହିପରି ୭ ଓ ୮ ସହିତ ସମାପ୍ତ ହେଉଥିବା ଯାନଗୁଡିକର ନମ୍ବର ପାଇଁ ଶେଷ ତାରିଖ ୨୦୨୩ ଜାନୁୟାରୀ ୩୧ରେ ଶେଷ ହୋଇଛି। ୯ ଓ ୦ ସହିତ ଶେଷ ହେଉଥିବା ନମ୍ବର ବିଶିଷ୍ଟ ଯାନଗୁଡିକ ପାଇଁ ଏଚ୍ଏସ୍ଆରପି ସଂଲଗ୍ନର ଶେଷ ତାରିଖ ୨୦୨୩ ଫେବୃୟାରୀ ୨୮ ରହିଛି।

# ହକି ବିଶ୍ୱକପ୍ ଆୟୋଜକ କମିଟିକୁ ନବୀନଙ୍କ ପ୍ରଶଂସା

**ଭୁବନେଶ୍ୱର,୧୫।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶାରେ ହୋଇଥିବା ହକି ବିଶ୍ୱକପ୍ ୨୦୨୩ର ସଫଳ ଆୟୋଜନ ପାଇଁ ଧନ୍ୟବାଦ ଅର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆୟୋଜକ କମିଟି, ବିଭିନ୍ନ ବିଭାଗ ମୁଖ୍ୟ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ବୁଧବାର କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। ସମସ୍ତଙ୍କୁ ମାନପତ୍ର ସହିତ ହକି ବିଶ୍ୱକପ୍ର ଏକ ରିପ୍ଲିକା ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗ ମଧ୍ୟରେ ରହିଥିବା ସମନ୍ୱୟ କାରଣରୁ ହକି ବିଶ୍ୱକପ୍ ସଫଳତାର ସହିତ ସମାପ୍ତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଦର୍ଶକଙ୍କୁ କୃତଜ୍ଞତା ଜଣାଇଛନ୍ତି। କ୍ରମାଗତ ଦ୍ୱିତୀୟ ଥର ପାଇଁ ଓଡ଼ିଶା ହକି ବିଶ୍ୱକପ୍ ଆୟୋଜନ କରିଥିବା ବେଳେ ମାତ୍ର ୧୫ ମାସ ମଧ୍ୟରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ନିର୍ମାଣ ପ୍ରଶଂସନୀୟ ବୋଲି ସେ କହିଥିଲେ। ବିଶ୍ୱକପ୍ ଟ୍ରଫି ଟୁର୍ ସମୟରେ ନିଜ ଜିଲାରେ ସଫଳତାର ସହିତ ବିଭିନ୍ନ କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରିଥିବା ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱକପ୍ରେ ସ୍ୱତନ୍ତ୍ର ଭୂମିକା ପାଇଁ ସୁନ୍ଦରଗଡ ଜିଲାକୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଭାରପ୍ରାପ୍ତ ଉନ୍ନୟନ କମିଶନର ଅନୁ ଗର୍ଗ, ୫-ଟି ସଚିବ ଭି. କେ. ପାଣ୍ଡିଆନ, କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ଆର୍. ଭିନିଲ କ୍ରିଷ୍ଣା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶା ହକିରେ ବିପୁଳ ନିବେଶ କରିଥିବା ବେଳେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ପ୍ରୋ ଲିଗ୍ ୨୦୨୩-୨୪ର ୬ ମ୍ୟାଚ ସହିତ ୪ଟି ଜାତୀୟ ଚାମ୍ପିୟନଶିପ୍ ଆୟୋଜନ ହେବ।

# ବରିଷ୍ଠ ଅଧିକାରୀ ଝିଅଙ୍କ ଚପଲ ପାଇଁ ଆର୍ପିଏଫ୍ ଘାଇଲା

**ସମ୍ବଲପୁର,୧୫।୨(ବ୍ୟୁରୋ)**

- ଜାନୁୟାରୀ ୫ରେ ହୋଇଥିଲା ଅଭିଯୋଗ
- ଜିଆର୍ପି, ଆଇଆର୍ସିଟିସି ମଧ୍ୟ ଖୋଜିବାରେ ସାମିଲ ଥିଲେ
- ଦିଲ୍ଲୀର ଡାକ୍ତର ଭୁଲ୍ରେ ମାଡ଼ି ଚାଲିଯାଇଥିଲେ

ସମ୍ବଲପୁର ରେଳମଣ୍ଡଳ ଅଧୀନ ଆର୍ପିଏଫ୍ରେ ଜାନୁୟାରୀ ୫ରେ ଚପଲ ଚୋରି ନେଇ ଅଭିଯୋଗ ହୋଇଥିଲା। ଏକମାସରୁ ଊର୍ଦ୍ଧ୍ୱ ସମୟ ଧରି ଏହାକୁ ଖୋଜିବାରେ ଆର୍ପିଏଫ୍ ପୋଲିସ ଘାଇଲା ହୋଇଯାଇଥିଲା। ଘଟଣା ଶୁଣିଲେ ଯେତିକି ଆଶ୍ଚର୍ଯ୍ୟ ଲାଗୁଛି ସେତିକି କୌତୂହଳ ସୃଷ୍ଟି କରୁଛି। ହେଲେ ଏହା ସତ୍ୟ। ଏବେ ଉକ୍ତ ଚପଲ ଦିଲ୍ଲୀର ଜଣେ ମହିଳା ଡାକ୍ତରଙ୍କ ପାଖରୁ ଉଦ୍ଧାର କରାଯାଇଛି। ସୂଚନାକ୍ରମେ ମହିଳା ଡାକ୍ତର ଓ ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ବିନିତ କୁମାର ସିଂଙ୍କ ଝିଅ ଟ୍ରେନ୍ରେ ଏକାଠି ଯାତ୍ରା କରୁଥିଲେ। ଜାନୁୟାରୀ ୪ ତାରିଖ ଭୋର ୪ଟାରେ ମହିଳା ଡାକ୍ତର ଜଣଙ୍କ ବରେଲି ଷ୍ଟେଶନରେ ଓହ୍ଲାଇଥିଲେ। ହେଲେ ସେ ଭୁଲ୍ବଶତଃ ପାଖରେ ବସିଥିବା ପ୍ରବନ୍ଧକ ସିଂ ଝିଅଙ୍କ ଚପଲ ପିନ୍ଧି ଚାଲିଯାଇଥିଲେ। ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ ଓ ସେ ଏହାକୁ ଫେରାଇଦେବେ ବୋଲି ପୋଲିସ ପାଖରେ ବୟାନ ଦେଇଥିବା କୁହାଯାଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମଣ୍ଡଳ ପ୍ରବନ୍ଧକ ସିଂ ଚପଲ ଚୋରି ନେଇ ଜାନୁୟାରୀ ୫ରେ ଆର୍ପିଏଫ୍ରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ କେବଳ ଆର୍ପିଏଫ୍ ନୁହେଁ, ଜିଆର୍ପି ଏବଂ ଆଇଆର୍ସିଟିସି ଭଳି ଅନ୍ୟ ରେଲୱେ ସଂସ୍ଥାକୁ ଚପଲ ଖୋଜିବା ପାଇଁ ନିୟୋଜିତ କରାଯାଇଥିଲା। ଅନ୍ୟପଟେ ଯାତ୍ରୀଙ୍କ ଧନଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ରେଲୱେ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏପରି କି ସଚେତନତା କାର୍ଯ୍ୟକ୍ରମ ସହ ମକ୍ଡ୍ରିଲ ଆୟୋଜନ ହେଉଛି। ଅନେକ ଯାତ୍ରୀ ଚୋରି ଯାଇଥିବା ମୂଲ୍ୟବାନ୍ ସାମଗ୍ରୀ ଫେରି ପାଉଥିବାବେଳେ ଆଉ କେତେଜଣ ଫେରସ୍ତ ପାଉନାହାନ୍ତି। ଏହି ଘଟଣାରେ ଚପଲ ଖୋଜି ପାଇବା ଆର୍ପିଏଫ୍ ପାଇଁ ଯେତିକି ସଫଳତା ଆଣିଛି ସେତିକି ଆଲୋଚନାର ବିଷୟ ହୋଇଛି। ଏ ନେଇ ଆର୍ପିଏଫ୍ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।


ସିବିଏସ୍ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ବୁଧବାର ଆରମ୍ଭ ହୋଇଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଧାଡ଼ିରେ ଯାଉଛନ୍ତି। (ଫଟୋ- ବିକାଶ)

# ଜଙ୍ଗଲରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

**ପାପଡ଼ାହାଣ୍ଡି,୧୫।୨(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସୀମାନ୍ତ ମଇଦଲପୁର ଥାନା ଅଧୀନ ଆମପାଣି ଘାଟିର ଖଡ଼କା ଜଙ୍ଗଲରୁ ବୁଧବାର ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୋଲିସ ସାଇଣ୍ଟିଫିକ୍ ଟମ୍ ସହ ସେଠାରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ମଇଦଲପୁର ପଞ୍ଚାୟତ ନୀଳାଦ୍ରୀଗୁଡ଼ା ଗ୍ରାମର ତ୍ରିପତି ମାଝି ଟ୍ରାକ୍ଟର ନେଇ ବିଭିନ୍ନ ଗାଁକୁ କାମରେ ଯାଆନ୍ତି। ଏହି ସମୟରେ ମାଝିଗୁଡ଼ା ପଞ୍ଚାୟତ ଅଞ୍ଚଳର ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ପରିବାର ଏ ସମ୍ପର୍କରେ ଅବଗତ ଥିଲେ। ଏହା ମଧ୍ୟରେ ତ୍ରିପତି ତାଙ୍କ ପ୍ରେମିକାଙ୍କୁ ନେଇ ମଙ୍ଗଳବାର ସନ୍ଧ୍ୟାରୁ ଘରୁ ବାହାରିଯାଇଥିଲେ। ଉଭୟ ରାତିରେ ଘରକୁ ଫେରି ନ ଥିବାବେଳେ ବୁଧବାର ସେମାନଙ୍କ ମୃତଦେହ ଆମପାଣି ଖଡ଼କା ଜଙ୍ଗଲର ଏକ ମହୁଲଗଛରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ସ୍ଥାନୀୟ ଲୋକେ ମୃତଦେହ ଦେଖି ଏ ନେଇ ପୋଲିସକୁ ଖବର ଦେଇଥିଲେ। ତେବେ ଉଭୟ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। କେଉଁ ପରିସ୍ଥିତିରେ ସେମାନେ ଏଭଳି ନିଷ୍ପତ୍ତି ନେଲେ ତାହା ତଦନ୍ତ ପରେ ଜଣାପଡିବ ବୋଲି ଥାନାଧିକାରୀ ନଟବର ନନ୍ଦ କହିଛନ୍ତି। ପୋଲିସ ୧/୨୩ ଓ ୨/୨୩ରେ ଦୁଇଟି ପୃଥକ୍ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

# ପୂର୍ବଶତ୍ରୁତାକୁ ନେଇ ଯୁବକଙ୍କୁ ହତ୍ୟା

**ଭବାନୀପାଟଣା,୧୫।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପେଙ୍ଗସୁର ଗାଁରେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି। ପୂର୍ବଶତ୍ରୁତାକୁ ନେଇ ଗାଁର ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି। ମୃତକ ହେଲେ ପେଙ୍ଗସୁର ଗ୍ରାମର ଅମର ମାଝି। ଅନ୍ୟପକ୍ଷରେ ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପୋଲିସ ଭବାନୀପାଟଣା ମେଡିକାଲରେ ବ୍ୟବଚ୍ଛେଦ କରିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

# ଭୁବନେଶ୍ୱରରେ ହେବ ସିଡବ୍ଲ୍ୟୁଜିର ଦ୍ୱିତୀୟ ବୈଠକ

**ନୂଆଦିଲ୍ଲୀ,୧୫।୨**

ଭାରତର ଜି୨୦ ଅଧ୍ୟକ୍ଷତା ଅଧୀନରେ ପ୍ରଥମ କଲ୍ଚର ୱାର୍କିଂ ଗ୍ରୁପ୍ (ସିଡବ୍ଲୁଜି) ବୈଠକ ମଧ୍ୟପ୍ରଦେଶର ମନ୍ଦିର ସହର ଖଜୁରାହୋରେ ଫେବୃୟାରୀ ୨୨ରୁ ଆରମ୍ଭ ହେବ। ଏହା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। 'କଲ୍ଚର ଫର୍ ଲାଇଫ୍' (ଜୀବନ ପାଇଁ ସଂସ୍କୃତି) ବିଷୟ ଉପରେ ଏଥିରେ ଗୁରୁତ୍ୱ ଦିଆଯିବ। ପରିବେଶ ସଚେତନ ଜୀବନଶୈଳୀକୁ ନିରନ୍ତର ଜୀବନ ପାଇଁ କ୍ୟାମ୍ପେନ୍ ଭାବେ ବ୍ୟବହାର କରାଯିବ। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଦ୍ୱିତୀୟ ଓ କର୍ନାଟକର ହାମ୍ପିରେ ତୃତୀୟ ବୈଠକ ଅନୁଷ୍ଠିତ ହେବ ବୋଲି ବୁଧବାର କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରାଚୀନ ସହର ଖଜୁରାହୋ ୟୁନେସ୍କୋର ଏକ ବିଶ୍ୱ ଐତିହ୍ୟ ସ୍ଥଳ। ଏଠାରେ ଚନ୍ଦେଲା ବଂଶ ପକ୍ଷରୁ ୯୫୦-୧୦୫୦ ଖ୍ରୀଷ୍ଟାବ୍ଦରେ ନିର୍ମିତ ମନ୍ଦିରର କାରୁକାର୍ଯ୍ୟ ଦେଶବିଦେଶର ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଐତିହାସିକ ରେକର୍ଡ ଅନୁସାରେ ଖଜୁରାହୋର ୨୦ କି.ମି. ପରିଧି ମଧ୍ୟରେ ୮୫ଟି ମନ୍ଦିର ନିର୍ମିତ ହୋଇଥିଲା। ଏହା ବର୍ତ୍ତମାନ ୬ କି.ମି. ଅଞ୍ଚଳରେ ସୀମିତ ହୋଇଯାଇଛି। ମାତ୍ର ୨୫ଟି ମନ୍ଦିର ନିଜ ଅସ୍ତିତ୍ୱ ବଜାୟ ରଖିପାରିଛି। ଖଜୁରାହୋର ମହାରାଜା ଛତ୍ରଶାଳ କନ୍ଭେନ୍ସନ ସେଣ୍ଟର (ଏମ୍ସିସି)ରେ ହେବାକୁ ଥିବା ସିଡବ୍ଲୁଜି ବୈଠକରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷନ ରେଡ୍ଡୀ ଯୋଗଦେଇ ଏକ ପ୍ରଦର୍ଶନୀର ଉଦ୍ଘାଟନ କରିବେ ଦ୍ୱିତୀୟ ବୈଠକ ଭୁବନେଶ୍ୱର ଓ ତୃତୀୟ ବୈଠକ ହାମ୍ପିରେ ଅନୁଷ୍ଠିତ ହେବ ବୋଲି ନୂଆଦିଲ୍ଲୀରେ ସଂସ୍କୃତି ସଚିବ ଗୋବିନ୍ଦ ମୋହନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସିଡବ୍ଲୁଜିର ଚତୁର୍ଥ ବୈଠକ ପାଇଁ ସ୍ଥାନ ନିରୂପଣ ହୋଇ ନ ଥିବା ସେ କହିଛନ୍ତି।

ପ୍ରକାଶ ଯେ, ୨୦୨୨ ଡିସେମ୍ବର ୧ରେ ଭାରତ ଜି୨୦ ଅଧ୍ୟକ୍ଷତା ଗ୍ରହଣ କରିଥିଲା। ଦେଶର ୫୫ ସ୍ଥାନରେ ୨୦୦ରୁ ଊର୍ଦ୍ଧ୍ୱ ବୈଠକ ଅନୁଷ୍ଠିତ ହେବ, ଯାହାକି ଆସନ୍ତା ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ଶେଷ ହେବ। ଏଥିରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚାଇନା, ଫ୍ରାନ୍ସ, ଜର୍ମାନୀ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ବ୍ରିଟେନ, ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ) ପ୍ରତିନିଧିମାନେ ଯୋଗଦେବେ।





ଉତ୍ତର ପ୍ରଦେଶ କାନପୁରର ଦେହାତରେ ଉଚ୍ଛେଦ ପ୍ରକ୍ରିୟାବେଳେ ମା' ଝିଅଙ୍କ ଆତ୍ମଦାହ ଘଟଣାକୁ ନେଇ ଏବେ ରାଜ୍ୟ ସରକାରଙ୍କୁ ବିରୋଧୀ ଟାର୍ଗେଟ୍ କରିଛନ୍ତି। ୟୁପିରେ ଗ୍ଲୋବାଲ୍ ଇନ୍‌ଭେଷ୍ଟମେଣ୍ଟ ସମିଟ୍-୨୦୨୩ ପରିବର୍ତ୍ତେ ମା'ଝିଅଙ୍କ ଆତ୍ମଦାହ ଖବରକୁ ନେଇ ଚର୍ଚ୍ଚା ହେବାରେ ଲାଗିଛି। ଭାଜପାର ବୁଲଡୋଜର ପଲିଟିକ୍ସ ରାଜ୍ୟରେ ନିରୀହ ଲୋକଙ୍କ ଜୀବନ ନେଉଛି, ଯାହା ଅତ୍ୟନ୍ତ ଦୁଃଖଦାୟକ ବୋଲି ବୁଧବାର ବିଏସ୍‌ପି ମୁଖ୍ୟ ମାୟାବତୀ କହିଛନ୍ତି।



## ସଂକ୍ଷେପରେ

### ଆଦାନୀ-ହିଣ୍ଡେନ୍‌ବର୍ଗ ବିବାଦ

## ୧୭ରେ କଂଗ୍ରେସର ପିଆଇଏଲ୍ ଶୁଣାଣି

**ନୂଆଦିଲ୍ଲୀ,୧୫।୨:** ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଣିଥିବା ଅଭିଯୋଗର ଶୁଣାଣି ପାଇଁ କଂଗ୍ରେସ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରାଯାଇଛି। ଆସନ୍ତା ୧୭ ତାରିଖରେ ଉକ୍ତ ଆବେଦନର ଶୁଣାଣି କରିବାକୁ ବୁଧବାର ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଦୁଇଜଣିଆ ଖଣ୍ଡପୀଠ ରାଜି ହୋଇଛନ୍ତି। ଜଷ୍ଟିସ୍ ପି.ଏସ୍. ନରସିଂହ ସାମିଲ ଥିବା ଖଣ୍ଡପୀଠ କଂଗ୍ରେସ ନେତ୍ରୀ ଜୟା ଠାକୁରଙ୍କ ଆବେଦନକୁ ତ୍ୱରିତ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ଆଦାନୀ ଏଣ୍ଟରପ୍ରାଇଜେସ୍‌ର ଫଲୋ-ଅନ୍ ପବ୍ଲିକ୍ ଅଫର (ଏଫ୍‌ପିଓ)ରେ ଭାରତୀୟ ଜୀବନବୀମା ନିଗମ(ଏଲ୍‌ଆଇସି) ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ସାଧାରଣ ଜନତାଙ୍କ ବିପୁଳ ଅର୍ଥ ନିବେଶ କରାଯାଇଥିବା ଜୟା ଦର୍ଶାଇ ଏହାର ତଦନ୍ତ ଲାଗି ନିର୍ଦ୍ଦେଶ ଦେବା ନିମନ୍ତେ ଜୟା ନିବେଦନ କରିଛନ୍ତି। ଆଦାନୀ ବିବାଦ ଉପରେ ପୂର୍ବରୁ ମଧ୍ୟ ୨ଟି ପିଆଇଏଲ୍ ହୋଇଛି। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ତଦନ୍ତ କମିଟି ଗଠନ ପ୍ରସ୍ତାବକୁ ସୋମବାର କେନ୍ଦ୍ର ସରକାର ଗ୍ରହଣ କରିଥିଲେ।

## ଭୂମଧ୍ୟସାଗରରେ ବୋଟ୍ ବୁଡ଼ିଲା: ୭୩ ମୃତ

**ଜେନେଭା,୧୫।୨(ଆଇଏଏନ୍‌ଏସ୍):** ଭୂମଧ୍ୟସାଗରର ଲିବ୍ୟା ଉପକୂଳରେ ଏକ ବୋଟ୍ ବୁଡ଼ିଯିବାରୁ ୭୩ ପ୍ରବାସୀଙ୍କ ମୃତ୍ୟୁ ଘଟିଥିବା ବୁଧବାର ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ୍ ଫର୍ ମାଇଗ୍ରେଶନ୍ (ଆଇଓଏମ୍) ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ବୋଟ୍‌ରେ ୮୦ ଜଣ ଥିଲେ। ମଙ୍ଗଳବାର ବୋଟ୍‌ଟି କସର ଆଲକାୟରରୁ ୟୁରୋପ ଅଭିମୁଖେ ଯାତ୍ରା କରୁଥିବାବେଳେ ବୁଡ଼ିଯାଇଥିଲା। ୭ ପ୍ରବାସୀ ପହଁରି ଲିବ୍ୟା ଉପକୂଳରେ ଲାଗିଥିବାବେଳେ ଅନ୍ୟମାନେ ନିଖୋଜ ହୋଇଯାଇଥିଲେ। ନିଖୋଜ ପ୍ରବାସୀଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କ ମୃତଦେହକୁ ସ୍ଥାନୀୟ ପୋଲିସ ଠାବ କରିଛି। ଚଳିତ ବର୍ଷ ଏହାକୁ ମିଶାଇ କେନ୍ଦ୍ରୀୟ ଭୂମଧ୍ୟସାଗରରେ ୧୩୦ ଜଣ ସଲିଳ ସମାଧି ନେଇସାରିଲେଣି। ଗତବର୍ଷ ୧,୪୫୦ ଜଣ ଭାସିଯାଇ ପ୍ରାଣ ହରାଇଥିଲେ।

## ପାର୍ଟନରଙ୍କୁ ହତ୍ୟା ପରେ ବେଡ୍ ଷ୍ଟୋରେଜ୍‌ରେ ଲୁଚାଇଥିଲେ ମୃତଦେହ

**ମୁମ୍ବାଇ, ୧୫।୨:** ମୁମ୍ବାଇର ନାଲାସୋପାରାରେ ହାର୍ଦ୍ଦିକ ନାମକ ଯୁବକ ଲିଭ୍-ଇନ୍ ପାର୍ଟନର୍ ମେଘାଙ୍କୁ ହତ୍ୟା କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଦୁହେଁ ଏକ ଭଡ଼ା ଘରେ ନିଜକୁ ସ୍ତ୍ରୀସ୍ୱାମୀର ପରିଚୟ ଦେଇ ରହୁଥିଲେ। ଘରଖର୍ଚ୍ଚ ପାଇଁ ସେମାନଙ୍କ ମଧ୍ୟରେ ଝଗଡା ଲାଗୁଥିଲା। ଘରୁ ଦୁର୍ଗନ୍ଧ ଆସିବା ପରେ ପଡ଼ୋଶୀ ପୋଲିସକୁ ସୂଚନା ଦେଇଥିଲେ। ଘରେ ଥିବା ବେଡ୍ ଷ୍ଟୋରେଜ୍‌ରୁ ମେଘାଙ୍କ ମୃତଦେହ ପୋଲିସର ହସ୍ତଗତ ହୋଇଥିଲା। ରେଳବାଇ ପୋଲିସ ଓ ହାର୍ଦ୍ଦିକଙ୍କ ଫୋନ୍ ଲୋକେଶନ୍ ଟ୍ରାକ୍ କରି ତାଙ୍କୁ ଗିରଫ କରିଛି।




# ଶିଙ୍କୁଲା ପାସ୍‌ରେ ହେବ ବିଶ୍ୱର ସର୍ବବୃହତ୍ ଟନେଲ

## ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

ନୂଆଦିଲ୍ଲୀ,୧୫।୨

ପୂର୍ବ ଲଦାଖ ଓ ହିମାଚଳ ପ୍ରଦେଶକୁ ଯୋଡ଼ିବାକୁ ଥିବା ବିଶ୍ୱର ସର୍ବବୃହତ୍ ସୁଡ଼ଙ୍ଗ ଶିଙ୍କୁଲା ଟନେଲ (ସମୁଦ୍ର ପତ୍ତନରୁ ୧୬,୭୦୩ ଫୁଟ୍ ଉଚ୍ଚ) ନିର୍ମାଣ ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ମିଳିଛି। ଏଥିସହ ଭାରତ-ଚାଇନା ମଧ୍ୟସ୍ଥ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ସଂଲଗ୍ନ ଅଞ୍ଚଳର ସୁରକ୍ଷା ଦାୟିତ୍ୱରେ ଥିବା ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ (ଆଇଟିବିପି)ର ୭ଟି ନୂଆ ବାଟାଲିୟନ୍ ପ୍ରତିଷ୍ଠା ପ୍ରସ୍ତାବ ଉପରେ ମଧ୍ୟ ମୋହର ପଡ଼ିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ (ସିସିଏସ୍) ବୈଠକ ଲଦାଖ ସହ ଦେଶର ଅବଶିଷ୍ଟ ଅଞ୍ଚଳକୁ ସବୁ ଋତୁରେ ଯୋଡ଼ିବା ଲକ୍ଷ୍ୟରେ ୪ କି.ମି. ଲମ୍ବର ଶିଙ୍କୁଲା ଟନେଲ୍ ଓ ଏହାର ଆପ୍ରୋଚ୍ ରୋଡ୍ ନିର୍ମାଣକୁ ମଞ୍ଜୁରୀ ଦେଇଛି। ଏହାକୁ ବର୍ଡର ରୋଡ୍ ଅର୍ଗାନାଇଜେଶନ୍ (ବିଆର୍‌ଓ) ନିର୍ମାଣ କରିବ।

ବୈଠକ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ପ୍ରସ୍ତାବ ଅନୁଯାୟୀ, ୧,୮୦୮ କୋଟି ଟଙ୍କା ବ୍ୟୟରେ ୨୦୨୫-୨୬ ସୁଦ୍ଧା ଏକ ସେକ୍ଟର ହେଡ୍‌କ୍ୱାର୍ଟର ପ୍ରତିଷ୍ଠା କରାଯିବ। ଏଥିପାଇଁ ୯,୪୦୦ ପଦବୀ ସୃଷ୍ଟି କରାଯିବ। ଯବାନଙ୍କ ରାଶନ ଓ ଖାଦ୍ୟ ବାବଦକୁ ୯୬୩ କୋଟି ଟଙ୍କା ଖର୍ଚ୍ଚ ହେବ। ୪୭ଟି ନୂଆ ଆଉଟ୍‌ପୋଷ୍ଟ ଓ ୧୨ ଷ୍ଟେଜିଂ କ୍ୟାମ୍ପ୍ ମଧ୍ୟ ପ୍ରତିଷ୍ଠା କରାଯିବ। ଏହାଫଳରେ ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଓ ଶିକ୍ଷା କ୍ଷେତ୍ରରେ ନିବେଶ ବଢ଼ିବା ସହ ଶୀତଋତୁରେ ଯୋଗାଣ ଶୃଙ୍ଖଳ ମଜଭୁତ ହେବ। ଯବାନମାନଙ୍କ ଯାତାୟାତ ମଧ୍ୟ ସୁଗମ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଠାକୁର କହିଛନ୍ତି।

# ରୁଷିଆର ୪ ଯୁଦ୍ଧବିମାନ ଘଉଡ଼ାଇଲା ଆମେରିକା

ୱାଶିଂଟନ,୧୫।୨

ଆଲାସ୍କା ନିକଟରେ ୩ଟି ରୁଷୀୟ ଯୁଦ୍ଧବିମାନକୁ ଆମେରିକୀୟ ବାୟୁସେନା କାବୁ କରିବା ପରେ ଘଉଡ଼ାଇଦେଇଛି। ଗତ ୧୩ ତାରିଖରେ ରୁଷୀୟ ଏୟାରକ୍ରାଫ୍ଟଗୁଡ଼ିକୁ ଗୋଡ଼ାଇ ଗୋଡ଼ାଇ ଘେରିବା ପରେ ନିଜ ଅଞ୍ଚଳରୁ ବାହାର କରିଦେଇଥିବା ନେଇ ବୁଧବାର ନର୍ଦ୍ଦର୍ନ ଆମେରିକାନ୍ ଏରୋସ୍ପେଶ୍ ଡିଫେନ୍ସ କମାଣ୍ଡ ପକ୍ଷରୁ ଟୁଇଟ୍ କରାଯାଇଛି।

ରୁଷୀୟ ଏୟାରକ୍ରାଫ୍ଟଗୁଡ଼ିକ ମଧ୍ୟରେ ଟିୟୁ-୯୫ ବିଅର୍-ଏଚ୍ ବମ୍ବର୍ସ ଏବଂ ଏସ୍‌ୟୁ-୩୫ ଫାଇଟର ଜେଟ୍ ଥିବା ଆମେରିକା କହିଛି। ଏହି ଏୟାରକ୍ରାଫ୍ଟଗୁଡ଼ିକ ଆଲାସ୍କା ଏୟାର ଡିଫେନ୍ସ ଆଇଡେଣ୍ଟିଫିକେସନ୍ ଜୋନ୍ (ଏଡିଆଇଜେଡ୍) ମଧ୍ୟରେ ଉଡ଼ାଣ କରି ଅନ୍ତର୍ଜାତୀୟ ବାୟୁସୀମା ଭିତରେ ରହିଥିଲା। ତେବେ ଆମେରିକା କିମ୍ବା କାନାଡାର ସାର୍ବଭୌମ ବାୟୁସୀମା ଭିତରକୁ ଅନୁପ୍ରବେଶ କରି ନ ଥିଲା। ଉତ୍ତର ଆମେରିକୀୟ ଏଡିଆଇଜେଡ୍‌ରେ ଏହି ଯୁଦ୍ଧବିମାନଗୁଡ଼ିକ କୌଣସି ଉତ୍ତେଜନା ସୃଷ୍ଟିକାରୀ କାର୍ଯ୍ୟକଳାପରେ ଜଡ଼ିତ ନ ଥିବା ଜଣାପଡ଼ିଥିଲା। ଏହାସତ୍ତ୍ୱେ ଯୁଦ୍ଧବିମାନଗୁଡ଼ିକୁ ଏଫ୍-୧୬ ଦ୍ୱାରା ଘେରାଯାଇ ଯୋଜନାବଦ୍ଧ ଭାବେ ଘଉଡ଼ାଇ ଦିଆଯାଇଥିଲା। ପ୍ରକାଶ ଯେ, ୨୦୦୭ ମସିହା ପରଠୁ ଏହି ଅଞ୍ଚଳରେ ପ୍ରତିବର୍ଷ ୬ରୁ ୭ ଥର ଆମେରିକୀୟ ବାୟୁସେନା ରୁଷୀୟ ଯୁଦ୍ଧବିମାନଗୁଡ଼ିକୁ ଘଉଡ଼ାଇଥାଏ। ନର୍ଥ ଆମେରିକାରେ ଥିବା ଆମେରିକୀୟ ଯୁଦ୍ଧବିମାନଗୁଡ଼ିକ ପ୍ରତି ବିପଦ ଆଶଙ୍କା ଥିବାରୁ ନିକଟରେ ଆମେରିକା ଚାଇନାର ଏକ ଗୁପ୍ତଚର ବେଲୁନ୍ ଓ ତିନୋଟି ଅଚିହ୍ନା ଉଡ଼ନ୍ତା ବସ୍ତୁ (ୟୁଏଫ୍‌ଓ)କୁ ଖସାଇଦେଇଥିଲା। ଚାଇନା ପଟୁ ଆସୁଥିବା ଏଭଳି ବେଲୁନ୍‌ଗୁଡ଼ିକର ଗତିବିଧି ଉପରେ ୱାଶିଂଟନର କଡ଼ା ନଜର ରହିଥିବା ଅଧିକାରୀମାନେ କହିଛନ୍ତି। ପ୍ରକାଶ ଯେ, ଗତବର୍ଷ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ପରଠୁ ୱାଶିଂଟନ ଓ ମସ୍କୋ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ଏହି ଯୁଦ୍ଧକୁ ୩୫୭ ଦିନ ପୂରିଥିବାବେଳେ ରୁଷିଆ ପଟୁ ଆମେରିକାକୁ ବିପଦ ରହିଥିବା ଆଶଙ୍କା କରାଯାଉଛି। ଏଭଳି ସମୟରେ ରୁଷିଆର ସମର୍ଥକ ଚାଇନା ମଧ୍ୟ ଗୁପ୍ତଚର ବେଲୁନ୍ ପଠାଇବା ଆମେରିକା ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ହୋଇଛି।



ପ୍ରତୀକାତ୍ମକ ଚିତ୍ର

## ନ୍ୟୁଜିଲାଣ୍ଡରେ ଭୂକମ୍ପ

ୱେଲିଂଟନ୍, ୧୫।୨

ନ୍ୟୁଜିଲାଣ୍ଡର ୱେଲିଂଟନ୍‌ରେ ବୁଧବାର ୬.୦ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର ଗଭୀରତା ୫୭ କି.ମି ଥିବା ଏହାର ପ୍ରଭାବ ନର୍ଥ ଆଇଲାଣ୍ଡରେ ଅନୁଭୂତ ହୋଇଥିବା ନ୍ୟୁଜିଲାଣ୍ଡ ସିଭିଲ୍ ଡିଫେନ୍ସ ଏଜେନ୍ସି ପକ୍ଷରୁ କୁହାଯାଇଛି। ତେବେ ଭୂକମ୍ପ ପ୍ରଭାବରେ କାହାରି ଜୀବନହାନି କିମ୍ବା ସମ୍ପତ୍ତି ନଷ୍ଟର ସୂଚନା ନାହିଁ। ଅନ୍ୟପକ୍ଷେ ବାତ୍ୟା ଯୋଗୁ ନ୍ୟୁଜିଲାଣ୍ଡରେ ୪ ଜଣଙ୍କ ମୃତ୍ୟୁ ଘଟିଛି।

## କେରଳ ମୁଖ୍ୟମନ୍ତ୍ରୀଙ୍କ ପୂର୍ବତନ ମୁଖ୍ୟ ସଚିବ ଶିବଶଙ୍କର ଗିରଫ



କୋଚି, ୧୫।୨

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଲାଇଫ୍ ମିଶନ୍ ସ୍କାମ୍ ମାମଲାରେ ବୁଧବାର କେରଳ ମୁଖ୍ୟମନ୍ତ୍ରୀଙ୍କ ପୂର୍ବତନ ମୁଖ୍ୟ ସଚିବ ଏମ୍. ଶବଶଙ୍କରଙ୍କୁ ଗିରଫ କରିଛି। କେରଳର ୱାନାକାନଚେରିରେ ୧୪୦ ପରିବାର ଲାଗି ଘର ନିର୍ମାଣ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଲାଇଫ୍ ମିଶନର ଶୁଭାରମ୍ଭ କରିଥିଲେ। ପ୍ରକଳ୍ପ ନେଇ ୧୮.୪୦ କୋଟି ଟଙ୍କା ଅନୁମୋଦନ କରାଯାଇଥିବାବେଳେ ୧୪.୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ରାଜିନାମା ଅନୁସାରେ ବଳକା ଟଙ୍କାରେ ହେଲ୍‌ଥ କେୟାର ସେଣ୍ଟର ନିର୍ମାଣ କରାଯିବାର ଥିଲା। ପ୍ରକଳ୍ପ ପାଇଁ ସ୍ୱପ୍ନ ସୁରେଶ ୪.୪୮ କୋଟି ଟଙ୍କା ଲାଞ୍ଚ ନେଇଥିବା ୟୁନିଟାକ ଏନର୍ଜି ସଲ୍ୟୁଶନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସନ୍ତୋଷ ଇଏପାନ ସୂଚନା ଦେଇଥିଲେ। ଅନ୍ୟପକ୍ଷେ ଘଟଣାରେ ଶିବଶଙ୍କରଙ୍କ ସମ୍ପୃକ୍ତି ଥିବା ସ୍ୱପ୍ନ ଏବଂ ସରିଥ ଅଭିଯୋଗ ଆଣିଥିଲେ।

## ଆସାମ ବାଲ୍ୟବିବାହ ବିରୋଧୀ ଅଭିଯାନକୁ ହାଇକୋର୍ଟଙ୍କ ନିନ୍ଦା

### ୩ ହଜାର ମହିଳା ଓ ପୁରୁଷ ଗିରଫ

ଗୁଆହାଟୀ, ୧୫।୨

ଆସାମରେ ବାଲ୍ୟ ବିବାହ ପ୍ରଥା ବିରୋଧରେ ରାଜ୍ୟ ସରକାର ଆରମ୍ଭ କରିଥିବା ଅଭିଯାନକୁ ଗୁଆହାଟୀ ହାଇକୋର୍ଟ ନିନ୍ଦା କରିଛନ୍ତି। ପୋକ୍‌ସୋ ଆକ୍ଟରେ ଗିରଫ ହୋଇଥିବା ୯ ଜଣଙ୍କ ଅଗ୍ରିମ ଜାମିନ ଆବେଦନ ଶୁଣାଣି ଅବସରରେ ବିଚାରପତି ସୁମନ ଶ୍ୟାମ କହିଛନ୍ତି, ବାଲ୍ୟବିବାହ ବିରୋଧୀ ଅଭିଯାନ ଜରିଆରେ ଗିରଫ କରାଯାଉଥିବା ଲୋକଙ୍କ ପରିବାର ପାଇଁ ଏହା ଅତ୍ୟନ୍ତ କଷ୍ଟକର। ସେମାନଙ୍କ ଘରେ ଛୋଟପିଲା, ବୃଦ୍ଧ ଲୋକ ଅଛନ୍ତି। ସେମାନଙ୍କ ଦେଖାରେଖା କରିବାରେ ସମସ୍ୟା ଉପୁଜୁଥିବ। ବାଲ୍ୟ ବିବାହ ଆଦୌ ଗ୍ରହଣୀୟ ନୁହେଁ। କିନ୍ତୁ ଏହା ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତି ନିଜର ମତ ରଖିପାରିବେ। ଏଥିରେ ସମ୍ପୃକ୍ତ ଲୋକମାନଙ୍କୁ ଗିରଫ କରି ଏକକାଳୀନ ଜେଲରେ ବନ୍ଦ କରିଦେବା ଅନୁଚିତ। ଯଦି କୌଣସି ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯିବା ଦରକାର ବୋଲି ବିଚାରପତି କହିଛନ୍ତି। ଫେବୃୟାରୀ ୩ରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଅଧ୍ୟକ୍ଷତାରେ ସାରା ରାଜ୍ୟରେ ବାଲ୍ୟ ବିବାହ ବିରୋଧୀ ଅଭିଯାନ ଆରମ୍ଭ କରାଯାଇଛି। ପାଖାପାଖି ୪୦୦୦ ଲୋକଙ୍କ ନାଁରେ ପୋଲିସ ମାମଲା ରହିଛି। ଏ ନେଇ ବର୍ତ୍ତମାନ ସୁଦ୍ଧା ୩୦୦୦ ପୁରୁଷ ଓ ମହିଳାଙ୍କୁ ଗିରଫ କରାଯାଇଛି।

## ଡେଟା କେବୁଲରେ ଗଳାଚିପି ନିକିଙ୍କୁ ହତ୍ୟା କରିଥିଲେ ସାହିଲ

ନୂଆଦିଲ୍ଲୀ, ୧୫।୨

ଦିଲ୍ଲୀର ଏକ ରେଷ୍ଟୁରାଣ୍ଟ ଫ୍ରିଜର ଭିତରୁ ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ଗିରଫ ସାହିଲଙ୍କୁ ଦିଲ୍ଲୀର ଏକ କୋର୍ଟ ୫ ଦିନିଆ ରିମାଣ୍ଡରେ ପଠାଇଛି। ବାହାଘରର ୩ ଘଣ୍ଟା ପୂର୍ବରୁ ସାହିଲ ତାଙ୍କ ଲିଭ୍-ଇନ୍ ପାର୍ଟନର ନିକି ଯାଦବଙ୍କୁ ହତ୍ୟା କରିଥିବା ପୋଲିସ କହିଛି। ସାହିଲ ନିକିଙ୍କୁ ବିବାହ ପ୍ରତିଶ୍ରୁତି ଦେଇଥିଲେ ହେଁ ଘରଲୋକ ଠିକ୍ କରିଥିବା ଅନ୍ୟ ଜଣେ ଯୁବତୀଙ୍କୁ ସେ ବାହା ହେବାଲାଗି ରାଜି ହୋଇଥିଲେ। ସାହିଲ କିନ୍ତୁ ଏ ବିଷୟରେ ନିକିଙ୍କୁ ଜଣାଇ ନ ଥିଲେ। ବାହାଘରର ଗୋଟିଏ ଦିନ ପୂର୍ବରୁ ସାହିଲଙ୍କର ଅନ୍ୟ ଜଣକ ସହ ନିର୍ବନ୍ଧ ହୋଇସାରିଥିବା ପ୍ରେମିକା ନିକି ଜାଣିବାକୁ ପାଇଥିଲେ। ବାହାଘର ଦିନ ହିଁ ନିକି ସାହିଲଙ୍କୁ ଦେଖା କରିଥିଲେ। କାର୍‌ରେ ଦୁହେଁ ବସି କଥା ହେଉଥିବାବେଳେ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସାହିଲ ରାଗିଯାଇ ଡେଟା କେବୁଲ୍‌ରେ ନିକିଙ୍କ ଗଳାଚିପି ହତ୍ୟା କରିଥିଲେ। ଏହାପରେ ସାହିଲ ମୃତଦେହକୁ ତାଙ୍କ ରେଷ୍ଟୁରାଣ୍ଟ ଫ୍ରିଜର ଭିତରେ ଲୁଚାଇ ଦେଇଥିଲେ।



ନିକି ସାଉଥ୍-ୱେଷ୍ଟ ଦିଲ୍ଲୀସ୍ଥିତ ନିଜ ଘରେ ଏକୁଟିଆ ରହୁଥିବାବେଳେ ତାଙ୍କ ପରିବାର ଲୋକେ ହରିୟାଣାରେ ଥିଲେ। ନିକି ଘରକୁ ନ ଫେରିବା ଦେଖି ତାଙ୍କ ପଡ଼ୋଶୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ପରେ ନିକିଙ୍କ ମୃତଦେହ ପୋଲିସ ମଙ୍ଗଳବାର ସାହିଲଙ୍କ ରେଷ୍ଟୁରାଣ୍ଟ ଫ୍ରିଜର ଭିତରୁ ପାଇଥିଲା। ୨୪ ବର୍ଷୀୟ ଫାର୍ମା ଗ୍ରାଜୁଏଟ୍ ସାହିଲ ଏକବର୍ଷ ଧରି ନିକିଙ୍କ ସହ ଲିଭ୍‌ଇନ୍ ରିଲେସନ୍‌ସିପ୍‌ରେ ଥିଲେ। ଦୁହେଁ ଏକାଠି ମେଡିକାଲ ଏଣ୍ଟ୍ରାନ୍ସ ଏଗ୍‌ଜାମ୍ ପାଇଁ ପ୍ରସ୍ତୁତ ହେଉଥିବାବେଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଫେବୃୟାରୀ ୯ରେ କିନି ତାଙ୍କ ଘରକୁ ଯାଉଥିବାର ଏକ ଭିଡିଓ ପୋଲିସ ହାତକୁ ଲାଗିଛି। ନିକିଙ୍କ ବାପା ସୁନୀଲ ଯାଦବ ସାହିଲଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ନେଇ ଦାବି କରିଛନ୍ତି। ସାହିଲଙ୍କ କାର୍ ଜବତ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ୩ ଲକ୍ଷ ଡଲାରରେ ଏଲ୍‌ଭିସ୍‌ଙ୍କ ଜେଟ୍ ନିଲାମ

ୱାଶିଂଟନ୍, ୧୫।୨

ହଲିଉଡ୍‌ର ପ୍ରଖ୍ୟାତ ଅଭିନେତା ତଥା ଗୀତିକାର ଏଲଭିସ୍ ପ୍ରେସଲିଙ୍କ ପ୍ରାଇଭେଟ୍ ଜେଟ୍ ହୋଇଛି। ନ୍ୟୁମେକ୍ସିକୋର ରୋଜ୍‌ୱେଲ୍ ଇଣ୍ଟରନ୍ୟାଶନାଲ ଏୟାର ସେଣ୍ଟରରେ ଏଲଭିସ୍‌ଙ୍କ ଜେଟ୍ ୪୦ ବର୍ଷ ଧରି ପଡ଼ିରହିଥିଲା। ଜାନୁୟାରୀ ୮ରେ ଫ୍ଲୋରିଡାରେ ଅନୁଷ୍ଠିତ ହୋଇଥିବା 'ମେକସ କିଁମି କଲେକ୍ଟର କାର୍ ଅକ୍ସନ'ରେ ଏଲ୍‌ଭିସ୍‌ଙ୍କ ପ୍ରାଇଭେଟ୍ ଜେଟ୍ 'ଦ ହଣ୍ଡ ଡକ୍ ରକର୍' ୨,୬୦,୦୦୦ ଡଲାରରେ ନିଲାମ ହୋଇଛି। ଏଲଭିସ୍‌ଙ୍କ କାର୍ ଓ ବିମାନରର ବହୁତ ସଉକ ଥିଲା। ନିଜେ କଲେକ୍ଟ କରିଥିବା ସେ ସମୟର ଲାଟେଷ୍ଟ ଗାଡ଼ି ସବୁକୁ ଦେଖି ସେ ଖୁବ୍ ଖୁସି ଅନୁଭବ କରୁଥିବା ଏଲଭିସ୍‌ଙ୍କ ପୂର୍ବତନ ସ୍ତ୍ରୀ ପ୍ରିସିଲା ପ୍ରେସଲି କହିଛନ୍ତି। ଏଲଭିସ୍‌ଙ୍କ 'କିଙ୍ଗ୍ ଅଫ୍ ରକ୍ ଆଣ୍ଡ ରୋଲ୍' ଗୀତ ତାଙ୍କୁ ବେଶ୍ ସଫଳତା ଦେଇଥିଲା। ନିଜ ଅଭିନୟ କ୍ୟାରିୟରରେ ସେ ଯେତିକି ଚର୍ଚ୍ଚିତ ଥିଲେ ସେତିକି ବିବାଦ ଘେରରେ ମଧ୍ୟ ରହୁଥିଲେ। ୧୯୭୭ ଅଗଷ୍ଟରେ ହୃଦ୍‌ଘାତରେ ଏଲଭିସ୍‌ଙ୍କ ବିୟୋଗ ଘଟିଥିଲା। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୪୨ ବର୍ଷ ହୋଇଥିଲା। ୧୯୭୬ରେ ଏଲ୍‌ଭିସ୍ ୮,୪୦,୦୦୦ ଡଲାରେ 'ଦ ହଣ୍ଡ ଡକ୍ ରକର୍' ଜେଟ୍ କିଣିଥିଲେ। ମ୍ୟୁଜିକାଲ୍ ଶୋ'କୁ ଯିବା ସମୟରେ ବ୍ୟାଣ୍ଡ, କ୍ରିଉ, ମ୍ୟାନେଜର ଓ ଏଲ୍‌ଭିସ୍ ଏହି ଜେଟ୍‌ରେ ହିଁ ଯାତ୍ରା କରୁଥିଲେ। 'ଦ ହଣ୍ଡ ଡକ୍ ରକର୍'ରେ ୬୦ ଦଶକର ଭେଲଭେଟ୍ ସିଟ୍, କାଠ ଓ ସୁନାରେ ତିଆରି ପ୍ୟାନେଲ, ପୁରୁଣା ସମୟର ମନୋରଞ୍ଜନ ସିଷ୍ଟମ ଏହି ଜେଟ୍‌ରେ ରହିଛି। ଏହା ବ୍ୟତୀତ ଜେଟ୍‌ରେ ରୋଷେଇ ପାଇଁ ଥିବା ସ୍ଥାନରେ ଏକ କେନମୋରେ ମାଇକ୍ରୋୱେଭ୍ ମଧ୍ୟ ରହିଛି। ୨୦୧୭ରେ କାଲିଫର୍ନିଆର ବ୍ୟବସାୟୀ ଜିମ୍ ଗାର୍ଗ୍ଲିଅର୍ଡି ୪,୩୦,୦୦୦ ଡଲାରରେ ଏହି ଜେଟ୍‌କୁ ନିଲାମ ଡାକିଥିଲେ। କିନ୍ତୁ କୌଣସି କାରଣରୁ ସେ ମେକ୍ସିକୋରୁ ଜେଟ୍‌କୁ ନେବାରେ ବିଫଳ ହୋଇଥିଲେ।



## ୨୨ ଲକ୍ଷ ଲୋକ ଘର ଛାଡ଼ିଲେଣି

- ୨୧୨ ଘଣ୍ଟା ପରେ ଉଦ୍ଧାର ହେଲେ ବୟସ୍କା ମହିଳା
- ସିରିଆରେ ରିଲିଫ୍ ସାମଗ୍ରୀ ପହଞ୍ଚାଇଲା ଭାରତ

ଆଙ୍କାରା/ଆଲେପୋ, ୧୫।୨

ସପ୍ତାହକରୁ ଅଧିକ ଦିନ ଧରି ତୁର୍କୀ ଓ ସିରିଆରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଭୟଙ୍କରୀ ଭୂକମ୍ପ ଯୋଗୁ ପ୍ରଭାବିତ ଅଞ୍ଚଳରୁ ୨୨ ଲକ୍ଷ ଲୋକ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି। ଭୂକମ୍ପ ପ୍ରଭାବିତ ଅଞ୍ଚଳରେ ହଜାର-ହଜାର ସଂଖ୍ୟାରେ ଘର ଏବେ ଖାଲି ପଡ଼ିଥିବା ତୁର୍କୀ ରାଷ୍ଟ୍ରପତି ତାୟିପ ଇର୍ଡୋଗାନ୍ କହିଛନ୍ତି। ତୁର୍କୀରେ ଉଦ୍ଧାର କାର୍ଯ୍ୟ ସମାପ୍ତ ହେବାକୁ ବସିଥିବାବେଳେ ଭାଙ୍ଗିଯାଇଥିବା ବିଲ୍ଡିଂର ପୁନଃ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରାଯିବ ବୋଲି ତୁର୍କୀ ରାଷ୍ଟ୍ରପତି ତାୟିପ ଇର୍ଡୋଗାନ୍ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏକମାସ ଭିତରେ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ଭୂକମ୍ପରେ ଭାଙ୍ଗିଯାଇଥିବା ପ୍ରତ୍ୟେକ କୋଠା, କାର୍ଯ୍ୟାଳୟ ପୁଣିଥରେ ନିର୍ମାଣ କରିବା ପରେ ମାଲିକଙ୍କୁ ହସ୍ତାନ୍ତର କରାଯିବ। ଭୂକମ୍ପରେ ୧୦୫,୦୦୦ ଜଣ ଆହତ ହୋଇଥିବାବେଳେ ୧୩,୦୦୦ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଭୂକମ୍ପ ଭଗ୍ନାବଶେଷ ତଳୁ ବହୁ ଲୋକ ଓ ଶିଶୁଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। ଅନେକ ଲୋକଙ୍କୁ ସେମାନଙ୍କ ଆତ୍ମୀୟମାନଙ୍କୁ ହରାଇବାକୁ ମଧ୍ୟ ପଡ଼ିଛି।



ଫାତମା ଗୁନଗୋରଙ୍କୁ ଉଦ୍ଧାରକାରୀ ଦଳ ହସ୍ପିଟାଲ ନେଉଛନ୍ତି।

ତୁର୍କୀର ଆଦିୟାମାନର ୭ ମହଲା ବିଶିଷ୍ଟ ବିଲ୍ଡିଂର ଭଗ୍ନାବଶେଷ ତଳୁ ୨୧୨ ଘଣ୍ଟା ପରେ ଜଣେ ୭୭ ବର୍ଷୀୟା ମହିଳାଙ୍କୁ ରେସ୍କ୍ୟୁ ଟିମ୍ ଉଦ୍ଧାର କରିଛି। ଉଦ୍ଧାର ପରେ ଫାତମା ଗୁନଗୋରଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁଲଗୋରଙ୍କୁ ସୁରକ୍ଷିତ ଭାବେ ଭଗ୍ନାବଶେଷ ତଳୁ କଢ଼ାଯିବା ପରେ ରେସ୍କ୍ୟୁ ଟିମ୍‌ଙ୍କୁ ତାଙ୍କ ପରିବାର ଲୋକେ ଧନ୍ୟବାଦ ଜଣାଇବା ସହ ଖୁସିରେ ଆଲିଙ୍ଗନ କରିଥିବା ଦେଖିବାକୁ ମିଳିଥିଲା। ଭାରତୀୟ ସେନାକୁ ନେଇ ପ୍ରସ୍ତୁତ କରାଯାଇଥିବା ୟୁନାଇଟେଡ୍ ନ୍ୟାଶନାଲ ଡିସ୍‌ଏଙ୍ଗେଜ୍‌ମେଣ୍ଟ ଅବଜର୍ଭର ଫୋର୍ସ (ୟୁଏନ୍‌ଡଇଓଏଫ୍) ବୁଧବାର ରିଲିଫ ସାମଗ୍ରୀ ନେଇ ସିରିଆର ଆଲେପୋରେ ପହଞ୍ଚିଛି। ତୁର୍କୀ-ସିରିଆ ଭୂକମ୍ପରେ ଦୁଇ ଦେଶକୁ ସହଯୋଗ କରିବା ଲାଗି ଭାରତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ 'ଅପରେଶନ୍ ଦୋସ୍ତ' ଆରମ୍ଭ କରାଯାଇଛି। ଏହା ଜରିଆରେ ଭାରତ ତୁର୍କୀ ଓ ସିରିଆକୁ ରିଲିଫ୍ ସାମଗ୍ରୀ ପଠାଉଛି। ଭୂକମ୍ପ ଭଗ୍ନାବଶେଷ ତଳୁ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ବିଶ୍ୱର ୭୭ଟି ଦେଶ ତୁର୍କୀକୁ ରେସ୍କ୍ୟୁଟିମ୍ ପଠାଇଛି। ଏଥିରୁ ୧୨ଟଇ ବିଦେଶୀ ଦଳ ସେମାନଙ୍କ ମିଶନ୍ ଶେଷ କରି ଫେରିଛନ୍ତି। ସହାୟତା ଯୋଗାଉ ଥିବା ଦେଶଗୁଡ଼ିକୁ ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ ମେଭଲଟ କାଭୁସୋଗ୍ଲୁ ଧନ୍ୟବାଦ ଜଣାଇଛନ୍ତି।

**କଂଗ୍ରେସରେ ଯୋଗଦେଲେ ପ୍ୟାରୀଙ୍କ ଝିଅ**

ଭୁବନେଶ୍ୱର, (ବ୍ୟୁରୋ): କଂଗ୍ରେସ ଭବନରେ ବୁଧବାର ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲା କୁମାର ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ପୂର୍ବତନ ଏମ୍‌ପି ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ ଝିଅ ସିକ୍ତା ପତି, ଭାରତୀୟ ରେଳ ସେବାର ପୂର୍ବତନ ଅଧିକାରୀ ହେମନ୍ତ କୁମାର ଦତ୍ତ, ରାଧାକାନ୍ତ ନାୟକ ଓ ବରିଷ୍ଠ ଆଇନଜୀବୀ ପ୍ରବୀର କୁମାର ପ୍ରଧାନ କଂଗ୍ରେସ ଦଳରେ ଯୋଗଦାନ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ଆଦର୍ଶ, କଂଗ୍ରେସର ବିଚାରଧାରା ପ୍ରତି ସମ୍ମାନ ଜଣାଇ ସେମାନେ ଏହି ଦଳରେ ଯୋଗଦେଇଥିବା କହିଛନ୍ତି।



**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ରୁଦ୍ର ପ୍ରତାପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏବେ ନବ ତ କାଲି ଆଉ କିଏ: ଚେଲ୍ଲା କୁମାର

**ଭୁବନେଶ୍ୱର, ୧୫।୨(ବ୍ୟୁରୋ):** ମନ୍ତ୍ରୀ ନବ ଦାସ ହତ୍ୟା ମାମଲା ନେଇ ସରକାରଙ୍କୁ ବିରୋଧୀ ପୁଣି ଟାର୍ଗେଟ କରିଛନ୍ତି। କଂଗ୍ରେସ ପ୍ରଭାରୀ ଚେଲ୍ଲାକୁମାର, ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ଏବଂ ପ୍ରଦୀପ ପୁରୋହିତ ବିଜେଡି ନେତାମାନଙ୍କୁ ନବ ଦାସଙ୍କ ହତ୍ୟା ଘଟଣା ନେଇ କଡ଼ା ଭାଷାରେ ସମାଲୋଚନା କରିବା ସହ କିଛି ପ୍ରଶ୍ନର ଉତ୍ତର ଦାବି କରିଛନ୍ତି। ଅନ୍ୟପଟେ ବିଜେଡି ୨ୟ ଓ ୩ୟ ର୍‌ୟାଙ୍କ୍‌ର ନେତାଙ୍କ ପାଇଁ କଂଗ୍ରେସ ପ୍ରଭାରୀ ଚେଲ୍ଲାକୁମାର ସତର୍କବାଣୀ ଶୁଣାଇଛନ୍ତି।

ଚେଲ୍ଲାକୁମାର କହିଛନ୍ତି, ନବ ଦାସଙ୍କ ଭଳି ଅବସ୍ଥା ଅନ୍ୟ ନେତାମାନଙ୍କ କ୍ଷେତ୍ରରେ ହୋଇପାରେ। ଏବେ ନବ ତ କାଲି ଆଉ କିଏ। ମୁଖ୍ୟମନ୍ତ୍ରୀ ଚୌକିରେ ବସିବାକୁ ଆଶା ରଖିଥିବା ବ୍ୟକ୍ତିଙ୍କୁ ରାସ୍ତାରୁ ହଟାଇବାକୁ ବିଜେଡିର ୨ୟ ଓ ୩ୟ ର୍‌ୟାଙ୍କ୍ ନେତାଙ୍କ ଏହା ଚାଲ୍ ମଧ୍ୟ ହୋଇପାରେ। ବିଜେଡିରେ ବେଶି ପାଟି ଫିଟାଉଥିବା ନେତାଙ୍କ ପାଇଁ ଏହା ସତର୍କ ସୂଚନା। ଯେଉଁମାନେ ଦଳରେ ରହି ସତକୁ ସାମ୍ନାକୁ ଆଣିବା ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି, ନବୀନ ଶାସନରେ ସେମାନଙ୍କ କଣ୍ଠକୁ ଦବାଇଦିଆଯାଉଛି ବୋଲି ଚେଲ୍ଲା କୁମାର କହିଛନ୍ତି। ସେ ଆହୁରି କହିଛନ୍ତି, ନବ ଦାସଙ୍କ ହତ୍ୟା ବେଳର ଭିଡିଓ


ଚେଲ୍ଲାକୁମାର

**ନବ ଦାସ ହତ୍ୟା ଘଟଣା**

- ଭଲ ପୋଲିସ ଅଫିସରଙ୍କୁ ତଦନ୍ତରେ ସାମିଲ କରାଯାଉନି: ବିଜୟ
- ଯେଉଁମାନେ କ୍ଷମତାରେ ରହିବାକୁ ଚାହୁଁଛନ୍ତି ସେମାନେ ମାରିଛନ୍ତି: ପୁରୋହିତ

ଦେଖିଛନ୍ତି। ନବଙ୍କୁ ଜଣେ ଏଏସ୍‌ଆଇ ମାରିବା ଭଳି ଲାଗୁନି। ଅନେକ ସନ୍ଦେହ ରହୁଛି। ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ମୁଖ୍ୟମନ୍ତ୍ରୀଙ୍କ କର୍ତ୍ତବ୍ୟ, ଉତ୍ତର ଦେବା କଥା। ପୋଲିସ ଓ କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରକ୍ରିୟା ଉପରେ କାହାରି ମଧ୍ୟ ଭରସା ପାଉନାହିଁ। ପରୀ ଏବଂ ମମତା ମେହେର ଘଟଣାରେ ବିଜେଡି ସରକାର କ'ଣ କରିଛି ବୋଲି ସେ ପ୍ରଶ୍ନ କହିଛନ୍ତି। ରାଜ୍ୟରେ ବିଜେଡି ଗୁଣ୍ଡାରାଜ ଚଳାଇଛି ବୋଲି ସେ କହିଛନ୍ତି।

ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର କହିଛନ୍ତି, ନବ ଦାସଙ୍କୁ ହତ୍ୟା ହେଉଛି ଏକ ଆରେଞ୍ଜ ମର୍ଡର। ଏହି ଘଟଣାର ସତ୍ୟାସତ୍ୟ କିପରି ନ ଆସୁ ସେ ଦିଗରେ ବେଶି ଉଦ୍ୟମ ହେଉଛି। ସମସ୍ତଙ୍କ ଆଗରେ ଘଟିଥିବା ଏତେ ବଡ଼ ଘଟଣା ପୋଲିସ ଯେମିତି ଗୁରୁତର ସହକାରେ ନେବା କଥା ନେଉନାହିଁ। ବହୁତ ଭଲ ଭଲ ପୋଲିସ ଅଫିସର ଅଛନ୍ତି ସେମାନଙ୍କୁ ତଦନ୍ତରେ ସାମିଲ କରାଯାଉ ନାହିଁ। କାଳେ ସେମାନଙ୍କୁ ସାମିଲ କଲେ ପ୍ରକୃତ ସତ୍ୟ ପଦାକୁ ଆସିଯିବ ସେଥିଲାଗି ଷଡ଼ଯନ୍ତ୍ର କରାଯାଉଛି ବୋଲି ସେ କହିଛନ୍ତି।

ଅନ୍ୟପଟେ ନବ ଦାସ ହତ୍ୟାକାଣ୍ଡକୁ ନେଇ ଭାଜପା ନେତା ପ୍ରଦୀପ ପୁରୋହିତ ରାଜ୍ୟ ସରକାରଙ୍କ ଉପରେ ପୁଣି ବର୍ଷିବା ସହ କହିଛନ୍ତି, ହତ୍ୟା ପଛରେ ବଡ଼ ରହସ୍ୟ ରହିଛି। ସେ ଆଗରୁ ମଧ୍ୟ କହିଛନ୍ତି ନବୀନଙ୍କ ଅବର୍ତ୍ତମାନରେ ଯେଉଁମାନେ କ୍ଷମତାରେ ରହିବାକୁ ଚାହୁଁଛନ୍ତି ସେମାନେ ଏହି ହତ୍ୟା କରିଛନ୍ତି। ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ଅଧିକାରୀ ହତ୍ୟା ପଛର ଷଡ଼ଯନ୍ତ୍ରକାରୀଙ୍କୁ ସୁରକ୍ଷା ଦେଉଥିବା ଭଳି ମନେହେଉଥିବା ନେଇ ପ୍ରଦୀପ ଅଭିଯୋଗ କରିଛନ୍ତି।

# ଜୟନାରାୟଣଙ୍କୁ ବିରୋଧୀଦଳ ନେତା ପଦରୁ ଭାଜପା ହଟାଉ: ବିଜେଡି

**ଭୁବନେଶ୍ୱର, ୧୫।୨(ବ୍ୟୁରୋ):** ଜଣେ କର୍ତ୍ତବ୍ୟରତ ମହିଳା ପୋଲିସ ଅଧିକାରୀଙ୍କୁ ସର୍ବସମ୍ମୁଖରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଆକ୍ରମଣ କରିବା ଘଟଣାକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଏଥିସହ ଜୟନାରାୟଣ ଅଭ୍ୟାସଗତ ଅପରାଧୀ ଏବଂ ଜଣେ ନାରୀ ପ୍ରତି ଏଭଳି ଅପମାନଜନକ ଆଚରଣ ପାଇଁ ଭାଜପା ତାଙ୍କୁ ବିରୋଧୀ ଦଳ ନେତା ପଦରୁ ହଟାଉ ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି ।

25th Marriage Anniversary



Mrs. Sanjukta Moharana
with
Mr. Dusmant Kumar Moharana
Capital Hospital, Bhubaneswar
With best wishes:-
Babi, Barsha & Babu
D-2774

## ଧର୍ମେନ୍ଦ୍ର ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ: ପ୍ରଣବ

**ଭୁବନେଶ୍ୱର, ୧୫।୨(ବ୍ୟୁରୋ):** ଜଣେ କର୍ତ୍ତବ୍ୟରତ ମହିଳା ପୋଲିସ ଅଧିକାରୀଙ୍କ ପ୍ରତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶାବାସୀ କଦାପି ଏହାକୁ ଗ୍ରହଣ କରିବେ ନାହିଁ ବୋଲି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଟୁଇଟ୍ କରି ଏହା କହିଛନ୍ତି। ପ୍ରଣବ ତାଙ୍କ ଟୁଇଟର ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟକରି କହିଛନ୍ତି, ବିରୋଧୀ ଦଳ ନେତା ଜୟନାରାୟଣଙ୍କର ଏ ହେଉଛି ନାରୀଙ୍କ ପ୍ରତି ସମ୍ମାନ। ଏଥିସହ ତାଙ୍କ ଉପରେ ନିଶ୍ଚିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଓଡ଼ିଶାବାସୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଠାରୁ ଆଶା ରଖୁଥିବା ସେ ଉଲ୍ଲେଖ କରିଛନ୍ତି।


କେନ୍ଦୁଝରର ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ଉପରେ ଭାଜପା କର୍ମୀ ଚଢୁଛନ୍ତି।

# ବିକ୍ଷୋଭ ବେଳେ ଭାଜପା କର୍ମୀ-ପୋଲିସ ମୁହାଁମୁହିଁ

- ପୋଲିସକୁ ଟମାଟୋ ମାଡ଼, ଥାନା ଅଧିକାରୀ ଆହତ
- ଅସଦାଚରଣ ନେଇ ମହିଳାମୋର୍ଚ୍ଚା ପକ୍ଷରୁ ଏତଲା

**କେନ୍ଦୁଝର, ୧୫।୨ (ସ୍ୱ.ପ୍ର.):** ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିବା ନେଇ ବୁଧବାର ସାରା ରାଜ୍ୟରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦୁଝର ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଚାଲିଥିବା ବେଳେ କେତେ ଜଣ ଭାଜପା କର୍ମୀ ପୋଲିସ ଉପରକୁ ଟମାଟୋ ମାଡ଼ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟଗେଟ୍ ଡେଇଁ ବାକୁ ଉଦ୍ୟମ କରିଥିଲେ। ଫଳରେ ପୋଲିସ ସହିତ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୀର୍ଘ ସମୟ ଧରି ଠେଲାପେଲା, ଉତ୍ତେଜନା ଲାଗିରହିଥିଲା। ଏଥିରେ ଟାଉନ ଥାନା ଅଧିକାରୀ ସୁନୀଲ କର ଆହତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଭାଜପା ମହିଳା ମୋର୍ଚ୍ଚା ସଦସ୍ୟାଙ୍କୁ ଅସଦାଚରଣ କରାଯାଇଥିବା ନେଇ ଥାନା ଅଧିକାରୀ କରଙ୍କ ବିରୋଧରେ ଟାଉନ ଥାନାରେ ଲିଖିତ ଏତଲା ଦିଆଯାଇଛି।

**Classified Everyday 0674-2580101, 2549949**


REAL ESTATE
SALE

Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494. D-2693

4 Bhk luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. D-2773

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197

ନଖରା-ନିଆଳି ମେନ୍‌ରୋଡ୍‌କୁ ଲାଗି East Engg. କଲେଜକୁ ଲାଗି ରୋଡ୍, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ ବିକ୍ରିହେବ। 7978729819. D-74815

IIT ଭୁବନେଶ୍ୱର ଅରଗୁଳ ଷ୍ଟେସନ ବଜାରଠାରେ sqft.-199/- plot possession ସହିତ ବିକ୍ରିହେବ। 6370077932. D-74816

Immediate ଘରକରି ରହିବା ପାଇଁ ବାଳକାଟୀରେ sqft. 1100/- ରେ ଘରବାରି plot ମିଳୁଛି । 8114929186. D-74638

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

ଭୁବନେଶ୍ୱର KISS School ପାଖରୁ 4.5. k.m. ଦୂରତାରେ bypass NHକୁ ଲାଗି Electric possession ହୋଇଥିବା plot ବିକ୍ରିହେବ। 6370077932. D-74817

New Cancer Hospital ନାଇକର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73683

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

2BHK/ 3BHK flat for sale near Hanspal, Balianta, Bhubaneswar. Ready within Dec. 2023 (Rera & BDA approval) Contact: 7381087905, 7381087906. D-74514

Two duplex houses 1200sqft. with land 1024sqft. each at Vaishnov Enclave in Jaydev Vihar for sale. For details Contact- 9437024647, 9098913483.(No Brokers Please). D-2754

Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667. D-2628

ଭୁବନେଶ୍ୱର-ପୁରୀ Bypass ସାଇ ମନ୍ଦିର NH side ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୂଳିଆ ନିକଟରେ ତୁରନ୍ତ ଘର କଲାଭଳି ଘରବାରି plot 30ft. ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ମିଳୁଛି। 9937450545. D-74813

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941. D-74195


Healthcare

Relax, Refresh your Body, Mind at Saikrupa Spa with best therapies. 8984068077. D-2744

Newly open health benefits SPA special offer @999 Nayapalli. 7846814019. D-73682

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2761

Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74643


BUSINESS

ମାସକୁ ୨୫,୦୦୦ରୁ ୪୦,୦୦୦ ରୋଜଗାର ମାତ୍ର ୨ ଘଣ୍ଟା ସମୟ ଓ ସ୍ୱଳ୍ପ ବିନିଯୋଗ କରି। ଯୋଗାଯୋଗ କରନ୍ତୁ। Mobile- 9438398331, 9861820550. D-71671

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LOST**

ଶ୍ରୀମତୀ ବନିତା ଜେନା, ସ୍ୱା- ପ୍ରକାଶ ଚନ୍ଦ୍ର ସାମନ୍ତରାୟ, At- ଅରବିନ୍ଦ ନଗର, ନୂଆ ବସ୍‌ଷ୍ଟାଣ୍ଡ, ଖୋର୍ଦ୍ଧା ମୋର କବଲା ହଜିଯାଇଛି ଦଲିଲ୍ ନମ୍ବର- 1742/22.05.09, ଏବଂ ଦଲିଲ୍ ମୁଁ କାହାକୁ ଦେଇନାହିଁ ଏବଂ ଅନ୍ୟ କାମରେ ବ୍ୟବହାର କରିନାହିଁ। ସେଥିପାଇଁ FIR Copy ମୁଁ ଦେଇଛି। ଯଦି କୌଣସି ବ୍ୟକ୍ତି ଏହି ଦଲିଲ୍‌ଟିକୁ ପାଇଥାନ୍ତି ଦୟାକରି ମୋତେ ଏହି ନମ୍ବରରେ ଯୋଗାଯୋଗ କରିବେ। 9437800420. D- 71365

Sri Parthendu Ray, Advocate, at Cuttack the authorised person of Attorney holder of Sri Saroj Ranjan Mohanty, Publicly declared that ROR No.472, Plot No.1294, Area Ao.100dec. and Plot No. 1295, Area AO.262dec. total A0.362dec. and one Regd. Sale Deed vide No.3820 dt.18.05.1960, property/ies under Mouza/ Village: Bhubaneswar Sahara, Unit No.22, Bhimpur, P.S.: Bhubaneswar, P.S. No. 64, Tahasil: Bhubaneswar, Tahasil No.234, Dist.- Khurda and some other original documents which belongs to Sri Saroj Ranjan Mohanty have been lost/misplaced in Unit-1 Hata, at Bhubaneswar, Dist. Khurda while he was engaged with some important work. Several attempts were made to get these documents. Any person/s will get such documents may contact on 9776328828 to return the same. If any person/s with ulterior motive and malafied intention misutilise such documents then original owner of the documents shall not be held responsible and such person/s shall be liable for Criminal as well as Civil action.
Sd./- Sri Parthendu Ray
Advocate
D-2772

**AFFIDAVIT**

By virtue of an affidavit before the Executive Magistrate, Chatrapur I have changed my name from Joysheel Pani to Joysheel Kumar Pani for all purposes. Therefore henceforth, I shall be known as Joysheel Kumar Pani for my future all needful purpose. D-2771

An affidavit sworn before the Notary Public, Jharsuguda, I Kanhu Dharei, R/o. At- Harijanpada, Beheramal, PO. Industrial Estate, Dist. Jharsuguda declare that my name has been mentioned as Kanhucharan Dharei in Reliance life insurance policy bearing ID No.88576861, contract No.51771761 and in voter ID card. But in Aadhar card and Bank Passbook my name has been mentioned as Kanhu Dharei. That both the names relates to same and one person. D-2776

Affidavit before Executive Magistrate, Dhenkanal I Ashok Kumar Sahu, Plot No.-342, Jagannath Bihar, Bhubaneswar changed my daughter's name from Asmita Sahu to Anwesha Sahu for LIC Policy No.-598609751 and all purpose. D- 71043

Affidavit before Executive Magistrate, Talcher I have changed my name from Soudamini Sahoo to Puspalata Khuntia, W/o- Prahallad Khuntia, At- Kishoreganjpatana, Talcher Town, Dist.- Angul for LIC Policy No.-597965780 and all purpose. D-71044

**ମନେ ପଡ଼ନ୍ତି**

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଏଂ ରମେଶ ଚନ୍ଦ୍ର ମହାପାତ୍ର
(ପୂର୍ବତନ ମୁଖ୍ୟଯନ୍ତ୍ରୀ, ଜାତୀୟ ରାଜପଥ)
ଆବିର୍ଭାବ: ୨୫।୦୪।୧୯୪୩
ତିରୋଧାନ: ୦୮।୦୩।୨୦୧୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୨୭୭୫

ଦଶାହ ଉପଲକ୍ଷେ



ରାଧାଗୋବିନ୍ଦ ମହାପାତ୍ର
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
କେତକୀ ପାଟଣା, ପୁରୀ
ତିରୋଧାନ: ୦୭।୦୨।୨୦୨୩
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୨୭୭୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଚାଉଳ ପାଇଁ ରାଜ୍ୟର ସବୁ ପଞ୍ଚାୟତରେ ବିଜେଡିର ବିକ୍ଷୋଭ

**ଆଜି ବ୍ଲକ୍ ଓ ଜିଲାପାଳ ଅଫିସ ଆଗରେ ଆନ୍ଦୋଳନ**

**ଭୁବନେଶ୍ୱର, ୧୫।୨(ବ୍ୟୁରୋ):** ଧାନ କିଣା ନୀତି ଓ ଚାଉଳ କାଟ୍ ପ୍ରତିବାଦରେ କେନ୍ଦ୍ର ସରକାରଙ୍କ ବିରୋଧରେ ବିଜେଡି ରାସ୍ତାକୁ ଓହ୍ଲାଇଛି। ରାଜ୍ୟରୁ ଯେତିକି ଧାନ ଉଠାଇବା କଥା କେନ୍ଦ୍ର ସରକାର ସେତିକି ଉଠାଉନାହାନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଧାନ କିଣା ହ୍ରାସ ପ୍ରତିବାଦରେ ମଙ୍ଗଳବାର ରାଜଭବନ ଆଗରେ ଦଳ ପକ୍ଷରୁ ଧାରଣା ଦିଆଯାଇଥିବା ବେଳେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ କେନ୍ଦ୍ର ସରକାର ଦେଉଥିବା ୫ କେଜି ମାଗଣା ଚାଉଳ ଏବେ ବନ୍ଦ କରିଦେଇଛନ୍ତି। ଏହା ପୁନର୍ବାର ଆରମ୍ଭ କରିବା ଦାବିରେ ବୁଧବାର ରାଜ୍ୟର ସମସ୍ତ ପଞ୍ଚାୟତ ମୁଖ୍ୟାଳୟ ଆଗରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗୁରୁବାର ବ୍ଲକ୍ ଓ ଜିଲାପାଳ ଅଫିସ ଆଗରେ ଆନ୍ଦୋଳନ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

# ଆଜି ରାଜଭବନ ଆଗରେ ଧାରଣା

**ରାଜ୍ୟବ୍ୟାପୀ ଆନ୍ଦୋଳନ କଲା ଭାଜପା**

**ଭୁବନେଶ୍ୱର, ୧୫।୨(ବ୍ୟୁରୋ):** ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ବୋଲି ଏନ୍‌ସିଆର୍‌ବି ରିପୋର୍ଟ ବାରମ୍ବାର ତଥ୍ୟ ଦେଉଛି। ରାଜ୍ୟ ସରକାରଙ୍କ ନେତା, ମନ୍ତ୍ରୀ ଓ ଶାସକ ଦଳର ହାତବାରିସି ସାଜିଥିବା ପୋଲିସ ଅଧିକାରୀମାନେ ଓଡ଼ିଶାର ଅପରାଧରେ ସମ୍ପୃକ୍ତ ଅଛନ୍ତି ବୋଲି ଭାଜପା ବାରମ୍ବାର ଦାବି କରିଆସିଛି। ରାଜ୍ୟ ଗୃହ ବିଭାଗ ବିଶୃଙ୍ଖଳା ଚରମସୀମା ଅତିକ୍ରମ କରିସାରିଛି। ସାଧାରଣ ଜନତାଙ୍କ ପୋଲିସ ଉପରୁ ବିଶ୍ୱାସ ତୁଟିଯାଇଛି। ୨୩ ବର୍ଷ ଧରି ଓଡ଼ିଶାର ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ନବୀବ ପଟ୍ଟନାୟକ ନିଜ ନୈତିକତା ହରାଇଛନ୍ତି । ରାଜ୍ୟବାସୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଭାଜପା ଦାବି କରିଛି। ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ଏବଂ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ବୁଧବାର ଭାଜପା ରାଜ୍ୟବ୍ୟାପୀ ପ୍ରତିବାଦ ବିକ୍ଷୋଭ ଏବଂ ଚକାଜାମ୍ ଆନ୍ଦୋଳନ କରିଛି। ରାଜ୍ୟ ସରକାରଙ୍କୁ ବରଖାସ୍ତ ଦାବିକରି ରାଜଭବନ ସମ୍ମୁଖରେ ଗୁରୁବାର ଗଣଧାରଣା ଦିଆଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ବିଜୟଙ୍କୁ ଭେଟିଲେ ବିଆର୍‌ଏସ୍ ନେତା

**ଭୁବନେଶ୍ୱର, ୧୫।୨(ବ୍ୟୁରୋ):** ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ରଙ୍କୁ ତାଙ୍କ ବାସଭବନରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତା ରାଜେଶ ପୁତ୍ରା ଭେଟି ବେଶ୍ ଆଲୋଚନା କରିଛନ୍ତି। ନିକଟରେ ଓଡ଼ିଶାର ଏକାଧିକ ନେତା ବିଆର୍‌ଏସ୍‌ରେ ଯୋଗ ଦେଇଥିବା ବେଳେ ଏହି ଦଳ ୨୦୨୪ରେ ଓଡ଼ିଶାର ସବୁ ବିଧାନସଭା ଆସନରେ ନିର୍ବାଚନ ଲଢ଼ିବ ବୋଲି କହିଛି। ତେବେ ବିଜୟଙ୍କ ପରବର୍ତ୍ତୀ ଆଭିମୁଖ୍ୟ କ'ଣ ରହିବ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏ ପ୍ରସଙ୍ଗରେ ବିଜୟ କହିଛନ୍ତି, ବିଆର୍‌ଏସ୍ ନେତା ତାଙ୍କୁ ଭେଟିଛନ୍ତି। ତାଙ୍କୁ କଂଗ୍ରେସ, ଭାଜପା ଏବଂ ବିଜେଡି ନେତା ମଧ୍ୟ ଭେଟୁଛନ୍ତି। ପରବର୍ତ୍ତୀ ସମୟରେ ଯାହା ନିଷ୍ପତ୍ତି ହେବ। କିନ୍ତୁ ୨୦୨୪ ନିର୍ବାଚନ ନିର୍ଣ୍ଣାୟକ ହେବ। ୨୦୨୪ ନିର୍ବାଚନ ୨୦୧୯ ଭଳି ହେବ ନାହିଁ ବୋଲି ସେ କହିଛନ୍ତି।

# ରାଜ୍ୟପାଳଙ୍କୁ ଭେଟି ପଦକ୍ଷେପ ନେବାକୁ ଦାବିକଲା ଯୁବକଂଗ୍ରେସ

**ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର ବେଳେ ଗଣ୍ଡଗୋଳ ପ୍ରସଙ୍ଗ**

**ଭୁବନେଶ୍ୱର, ୧୫।୨(ବ୍ୟୁରୋ):** ଓଡ଼ିଶାରେ ଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଏବେ କ୍ଷୁଣ୍ଣହେବାରେ ଲାଗିଛି । ଗତ ୧୨ ତାରିଖ ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ ହଲ୍‌ରେ ଚାଲିଥିବା ଆଲୋଚନାଚକ୍ରରେ ଯେଉଁଭଳି ଭାବେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କିଛି ଅଣ ଛାତ୍ରଗୋଷ୍ଠୀ ଅତିଥିଭାବେ ଯୋଗଦେଇଥିବା ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସୁରଜିତ୍ ମଜୁମ୍‌ଦାର ଏବଂ ଆଲୋଚନାଚକ୍ରର ଆୟୋଜକଙ୍କ ପ୍ରତି ବ୍ୟବହାର କରି ଉନ୍ମତ୍ତକାଣ୍ଡ ଘଟାଇଥିଲେ ଏହାକୁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ବିରୋଧ କରିଛି। ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ଏହି ଘଟଣାକୁ ନିନ୍ଦାକରିବା ସହ ତାଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ରାଜ୍ୟପାଳଙ୍କୁ ସାକ୍ଷାତ୍‌କରି ଦାବିପତ୍ର ପ୍ରଦାନ କରିଥିବା ବେଳେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୧୫।୨:** କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୪୩ (୨୪୨.୮୩) ପଏଣ୍ଟ ବଢ଼ି ୬୧,୨୭୫ (୬୧,୨୭୫.୦୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍‌ଟି-୫୦ରେ ମଧ ୮୬ (୮୬.୦୦) ପଏଣ୍ଟ ବୃଦ୍ଧି ଘଟି ୧୮,୦୧୬ (୧୮,୦୧୫.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ହ୍ରାସ ହୋଇପାରେ ତୈଳ ଦର

### ତେଲକୁ ଜିଏସ୍‌ଟି ପରିସରକୁ ଆଣିବାକୁ ଯୋଜନା କରୁଛନ୍ତି ସରକାର




ନୂଆଦିଲ୍ଲୀ,୧୫।୨

ବିଗତ ୯ ମାସରୁ ଅଧିକ ସମୟ ହେବ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ପ୍ରକାର ପରିବର୍ତ୍ତନ ହୋଇନାହିଁ। ଏପରିକି ଅନ୍ତଃରାଷ୍ଟ୍ରୀୟ ତୈଳ ବଜାରରେ ତେଲ ଦର କମିଥିବା ବେଳେ ଭାରତ ବଜାରରେ ତୈଳ ଦର ସ୍ଥିର ରହିବାକୁ ନେଇ ଉଭୟ ବିରୋଧୀ ଓ ଖାଉଟି ସରକାରଙ୍କୁ ବିଭିନ୍ନ ସମୟରେ ଆକ୍ଷେପ କରୁଛନ୍ତି। ହେଲେ ଖୁବ୍‌ଶୀଘ୍ର ଭାରତ ବଜାରରେ ତେଲ ଦର (ପେଟ୍ରୋଲ-ଡିଜେଲ) ହ୍ରାସ ପାଇପାରେ ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ବିଶେଷକରି ତେଲକୁ ଜିଏସ୍‌ଟି ପରିସରକୁ ଆଣିବା ନେଇ ସରକାର ଯୋଜନା କରୁଥିବା ଜଣାପଡ଼ିଛି। ଏପରିକି ଚଳିତ ମାସ ୧୮ ତାରିଖରେ ହେବାକୁ ଥିବା ଜିଏସ୍‌ଟି କାଉନସିଲ ବୈଠକରେ କେନ୍ଦ୍ର ସରକାର କିଛି ଉତ୍ପାଦ ଉପରୁ ଟିକସ ହ୍ରାସ ସମ୍ପର୍କରେ ଘୋଷଣା କରିପାରନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ସେହିଭଳି ପେଟ୍ରୋଲ, ଡିଜେଲ ଉପରୁ ମଧ ଟିକସ ହ୍ରାସ ହୋଇପାରେ ବୋଲି ବଜାର ବିଶେଷଜ୍ଞ ଆକଳନ କରୁଛନ୍ତି। କାରଣ ଅଶୋଧିତ ତୈଳର ବୈଶ୍ୱିକ ମୂଲ୍ୟରେ ବ୍ୟାପକ ହ୍ରାସ ଘଟିଛି। ଏପରିକି ବର୍ତ୍ତମାନ ସମୟରେ ଅଶୋଧିତ ତୈଳର ମୂଲ୍ୟ ସ୍ଥିର ହୋଇ ରହିଛି। ବ୍ରେଣ୍ଟ ଅଏଲ ଫ୍ୟୁଚର୍ସ ହ୍ରାସ ସହ ବୁଧବାର ୮୪.୩୨ ଡଲାର ପ୍ରତି ବ୍ୟାରେଲ ପିଛା ବ୍ୟବସାୟ କରୁଥିଲା। ଏପରିକି ତୈଳ କମ୍ପାନୀଗୁଡିକ ମଧ ଏହାର ଲାଭ ବର୍ତ୍ତମାନ ସୁଦ୍ଧା ଗ୍ରାହକଙ୍କୁ ଦେଇନାହାନ୍ତି। ସେହିପରି କମ୍ପାନୀଗୁଡିକ ପୂର୍ବ କ୍ଷତିକୁ ଭରଣା କରିବାରେ ଲାଗିଛନ୍ତି ବୋଲି କହୁଥିବା ବେଳେ ପ୍ରକୃତ କଥା କାହାକୁ ଜଣାନାହିଁ। ଅପରପକ୍ଷରେ ଭାରତ ନିଜ ଆବଶ୍ୟକତାର ଦୁଇତୃତୀୟାଂଶରୁ ଅଧିକ ତେଲ ବିଭିନ୍ନ ରାଷ୍ଟ୍ରରୁ ଆମଦାନୀ କରିଥାଏ। ବିଶେଷକରି ଖୁଚୁରା ମୁଦ୍ରାସ୍ଫୀତିକୁ କମ୍ କରିବା ପାଇଁ ଆର୍‌ବିଆଇ ଦ୍ୱାରା କରାଯାଇଥିବା ସୁପାରିସ ଉପରେ ମଧ ସରକାର ନିଷ୍ପତ୍ତି ନେଇପାରନ୍ତି ବୋଲି କୁହାଯାଉଛି। ଅପରପକ୍ଷରେ ସରକାର ମକା ଏବଂ ତୈଳ ଉପରୁ ଟିକସ ହ୍ରାସ କରିପାରନ୍ତି ବୋଲି ଆକଳନ କରାଯାଉଛି ବୋଲି ନ୍ୟୁଜ୍ ଏଜେନ୍ସି ରଏଟର୍ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା ଉଲ୍ଲେଖ କରାଯାଥିବା ଜଣାପଡିଛି। ତେବେ ୨୦୨୩ ଫେବୃଆରୀର ଦରବୃଦ୍ଧି ହାରକୁ ହ୍ରାସ କରିବା ପରେ ହିଁ ସରକାର କୌଣସି ନିଷ୍ପତ୍ତି ଗ୍ରହଣ କରିବେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏପରିକି ୨୦୨୩ ଜାନୁୟାରୀରେ ଭାରତର ମୁଦ୍ରାସ୍ଫୀତି ହାର ୬.୫୨% ରହିଥିଲା, ଯାହା ୨୦୨୨ ଡିସେମ୍ବରରେ ୫.୭୨% ଥିଲା।

## ୩୨ କମ୍ପାନୀକୁ ପେମେଣ୍ଟ ଏଗ୍ରିଗେଟର ଲାଇସେନ୍ସ

ନୂଆଦିଲ୍ଲୀ,୧୫।୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ବୁଧବାର ୩୨ଟି ଅଣ ବ୍ୟାଙ୍କିଙ୍ଗ୍ ସଂସ୍ଥା ବା କମ୍ପାନୀଙ୍କୁ ନୀତିଗତ ଭାବେ ପେମେଣ୍ଟ ଏଗ୍ରିଗେଟର ଲାଇସେନ୍ସ ପ୍ରଦାନ କରାଯାଇଛି। ଉକ୍ତ କମ୍ପାନୀମାନଙ୍କ ମଧ୍ୟରେ ପାଇନ୍ ଲାବ୍ସ,ରୋଜର ପେ, ରିଲାଏନ୍ସ,ଗୁଗଲ, ଜମାଟୋ ଓ ଆମାଜନ ଭଳି ଅନେକ କମ୍ପାନୀର ଆବେଦନକୁ ମଞ୍ଜୁର ଦିଆଯାଇଥିବା ବେଳେ ଆଉ ୧୮ଟି କମ୍ପାନୀଙ୍କ ପେମେଣ୍ଟ ଏଗ୍ରିଗେଟର ଲାଇସେନ୍ସ ଆବେଦନ ବର୍ତ୍ତମାନ ମଧ ବିଚାରାଧୀନ ରହିଛି। ସେମାନଙ୍କ ମଧ୍ୟରେ ଫୋନ୍‌ପେ, ମୋବିକ୍ୱିକ୍,କ୍ରେଡ୍, ଇନ୍‌ଷ୍ଟାମୋଜୋ ଭଳି ସଂସ୍ଥା ସାମିଲ ରହିଛନ୍ତି। ଅପରପକ୍ଷରେ ଆର୍‌ବିଆଇଙ୍କ ପକ୍ଷରୁ କେତେକ କମ୍ପାନୀଙ୍କ ଆବେଦନକୁ ଖାରଜ କରିଦିଆଯାଇଛି। ସେଗୁଡ଼ିକ ମଧ୍ୟରେ ଫ୍ରିଚାର୍ଜ, ପେଟିଏମ୍, ପେୟୁ ଓ ଟେପିଟସ୍ ଟେକ୍‌ନୋଲୋଜିସ୍ ଭଳି ସଂସ୍ଥା ଅନ୍ତର୍ଭୁକ୍ତ ଅଛନ୍ତି।

## ଏସ୍‌ବିଆଇ ଏଫ୍‌ଡି ଉପରେ ମିଳିବ ଅଧିକ ସୁଧ

ନୂଆଦିଲ୍ଲୀ,୧୫।୨

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ବୁଧବାର ଫିକ୍ସଡ ଡିପୋଜିଟ୍ (ଏଫ୍‌ଡି) ହାର ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏସ୍‌ବିଆଇ ତା'ର ଏଫ୍‌ଡି ଉପରେ ୨୫ ବେସିସ୍ ପଏଣ୍ଟ ବଢ଼ାଇଥିବା ଜଣାପଡ଼ିଛି। ଏସ୍‌ବିଆଇ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଏଫ୍‌ଡି ଉପରେ ଏହି ନୂତନ ସୁଧ ହାର ବୃଦ୍ଧି କରିଛି। ଏପରିକି ଏସ୍‌ବିଆଇର ୱେବ୍‌ସାଇଟରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାରଠାରୁ ଏହି ନୂତନ ହାର ଏଫ୍‌ଡି ଉପରେ ଏସ୍‌ବିଆଇର ସଂଶୋଧିତ ଦର ଲାଗୁ ହୋଇଛି। ସେହିଭଳି ଏହି ସୁଧହାର ବୃଦ୍ଧି ପରେ ବ୍ୟାଙ୍କ ୧ବର୍ଷରୁ ୨ ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ ଜମା ଉପରେ ୬.୮୦% ସୁଧ ପ୍ରଦାନ କରିବ। ଏପରିକି ୨ ବର୍ଷରୁ ଅଧିକ ଓ ୩ ବର୍ଷରୁ କମ୍ ସ୍ଥାୟୀ ଜମା ଉପରେ ମଧ ୭% ସୁଧ ମିଳିବ।

ସୂଚନାଯୋଗ୍ୟ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋ ରେଟ୍‌ରେ ୦.୨୫% ବୃଦ୍ଧି ଘୋଷଣା କରିଥିଲା ବେଳେ ଋଣ ଉପରେ ସୁଧ ହାର ବଢ଼ାଇବା ସହ ବ୍ୟାଙ୍କ ଜମା ଉପରେ ସୁଧ ହାର ମଧ ବଢ଼ିବାରେ ଲାଗିଛି।

## ଶ୍ରେଷ୍ଠ ୫୦ କର୍ମକ୍ଷେତ୍ର ମଧ୍ୟରେ ଟାଟା ଷ୍ଟିଲ୍

**ନୂଆଦିଲ୍ଲୀ,୧୫।୨:** ଟାଟା ଷ୍ଟିଲ୍‌କୁ ନିକଟରେ ଆଉ ଏକ ଜାତୀୟ ସ୍ତରର ସ୍ୱୀକୃତି ପ୍ରଦାନ କରାଯାଇଛି। ବିଶେଷକରି ଭାରତର ଶ୍ରେଷ୍ଠ କର୍ମକ୍ଷେତ୍ର ମଧ୍ୟରେ ଟାଟା ଷ୍ଟିଲ୍‌କୁ କ୍ରମାଗତ ୬ଷ୍ଠ ଥର ପାଇଁ ଉକ୍ତ ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ପକ୍ଷରୁ ମାନୁଫାକ୍ଚରିଂ କ୍ଷେତ୍ରରେ ଟାଟା ଷ୍ଟିଲ୍‌କୁ କ୍ରମାଗତ ୬ଷ୍ଠ ଥର ପାଇଁ ଉକ୍ତ ସ୍ୱୀକୃତି ପ୍ରଦାନ କରାଯାଇଛି। ସେହିଭଳି ଉଚ୍ଚ ବିଶ୍ୱାସ, ନିଷ୍ଠାପର, ପେସାଦାର ବିକାଶ ଏବଂ କର୍ମକ୍ଷେତ୍ରରେ ବିଚାର ଏକ ସଂସ୍କୃତି ବିକାଶ କରିବା ଲାଗି କମ୍ପାନୀ ଜାରି ରଖିଥିବା ଉଦ୍ୟମ ପାଇଁ ଏଭଳି ଏକ ପୁରସ୍କାର ପ୍ରଦାନ କରାଯାଇଛି।

## ହିରୋର ପ୍ରିମିୟମ ମଡେଲ 'ଜୁମ୍'ର ଅନାବରଣ

କଟକ,୧୫।୨

ଦେଶର ପ୍ରମୁଖ ମୋଟରସାଇକେଲ ଏବଂ ସ୍କୁଟର ନିର୍ମାତା ହିରୋ ମୋଟୋକର୍ପର ପ୍ରିମିୟମ ମଡେଲ 'ଜୁମ୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ସ୍କୁଟର ବର୍ଗରେ ପରବର୍ତ୍ତୀ ଜ୍ଞାନକୌଶଳକୁ ପରିବର୍ଦ୍ଧିତ କରିବା ଲାଗି କମ୍ପାନୀ ତା'ର ନୂଆ ୧୧୦ ସିସି ଜୁମ୍ ସ୍କୁଟରର ବଜାର ପ୍ରବେଶ କରାଇଛି। ଏହି ପରିପ୍ରେକ୍ଷୀରେ ଜେଏମ୍‌ଜି ଅଟୋମୋବାଇଲ୍ସ ପକ୍ଷରୁ ଏହାର ଅନାବରଣ କରାଯାଇଛି। ଏହି ଅବସରରେ ଜେଏମ୍‌ଜି ଅଟୋମୋବାଇଲ୍ସର ଏମ୍‌ଡି ପ୍ରଦୀପ ଅଗ୍ରୱାଲଙ୍କ ସମେତ ଉଭୟ ହିରୋ ମୋଟୋକର୍ପ ଓ ଜେଏମ୍‌ଜି ଅଟୋମୋବାଇଲ୍ସର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ସନ୍ନି ମୋଟର୍ସ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ଅନାବରଣ କରାଯାଇଥିଲା। ଏହି ଅବସରରେ ସନ୍ନି ମୋଟର୍ସର ମ୍ୟାନେଜିଂ ପାର୍ଟନର ଅର୍ଶଦୀପ ସିଂହଙ୍କ ସମେତ ଅନମୋଲ ଅନୁପମା ଏବଂ ତନ୍ମୟ ଦେ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଏସେନ ଅଟୋମୋବାଇଲ୍ସ ପରିସରରେ ମଧ ଆୟୋଜିତ ଉନ୍ମୋଚନ କାର୍ଯ୍ୟକ୍ରମରେ ନ୍ୟୁ ହିରୋ ଜୁମ୍'ର ଅନାବରଣ କରାଯାଇଛି। ଏହି ଅବସରରେ ଏସେନ ଅଟୋମୋବାଇଲ୍ସର ପ୍ରୋପ୍ରାଇଟର ହେମନ୍ତ ଠକ୍କର, ସୌରଭ ଠକ୍କର, ଅପର୍ଣ୍ଣ ବଡ଼ଜେନା, ତନ୍ମୟ ଦେ, ଅନମୋଲ ଅନୁପମାଙ୍କ ସମେତ ଶୋ'ରୁମ୍‌ର ଜିଏମ୍ ନାରାୟଣ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ସ୍କୁଟର ଇଣ୍ଡଷ୍ଟ୍ରିରେ ପ୍ରଥମ ଥର ପାଇଁ କର୍ନର ବେଣ୍ଡ ଲାଇଟ୍ ସହ ଇଣ୍ଟେଲଜେଣ୍ଟ କର୍ନରିଂ ଲାଇଟକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଏପରିକି ଉକ୍ତ ସେଗ୍‌ମେଣ୍ଟରେ ପ୍ରଥମ ଥର ପାଇଁ ବୃହତ୍ ଏବଂ ଚଉଡ଼ା ଟାୟାରକୁ ସାମିଲ କରାଯାଇଛି। ଏଥିରେ ଶକ୍ତିଶାଳୀ ଇଞ୍ଜିନ ବିଏସ୍-୬ ଆଇ ୩ ଏସ୍ ଜ୍ଞାନକୌଶଳ ଆଦି ବୈଶିଷ୍ଟ୍ୟ ରହିଛି। ଏଥିରେ ଡିଜିଟାଲ ସ୍ପିଡୋମିଟର ବ୍ଲୁ ଟୁଥ୍ କନେକ୍ଟିଭିଟି ଏବଂ ସାଇଡ ଷ୍ଟାଣ୍ଡ ଇଞ୍ଜିନ କଟ୍ ଅଫ ଆଦି ସାମିଲ ରହିଛି। ଏହା ବିଶେଷକରି ୩ଟି ଭାରିଆଣ୍ଟ ଏବଂ ୫ଟି ସ୍ପୋର୍ଟିଂ ରଙ୍ଗରେ ଉପଲବ୍ଧ।

ଏ ସମ୍ପର୍କରେ ହିରୋ ମୋଟୋକର୍ପର ଚିଫ୍ ଗ୍ରୋଥ୍ ଅଫିସର ରଞ୍ଜିଭଜିତ ସିଂ କହିଛନ୍ତି, ବିଗତ ବର୍ଷରେ ହିରୋ ମୋଟୋକର୍ପ ଆଇକନିକ୍ ବ୍ରାଣ୍ଡ୍‌ର ବଜାର ପ୍ରବେଶ କରାଇଛି, ଯାହାଦ୍ୱାରା କମ୍ପାନୀ ଗ୍ରାହକଙ୍କ ସହ ଯୋଗାଯୋଗରେ ରହିପାରିଛି। ଭାରତର ଯୁବବର୍ଗଙ୍କୁ ଦୃଷ୍ଟିରେ ରଖି ହିରୋ ମୋଟୋକର୍ପ ପକ୍ଷରୁ ଜୁମ୍‌ର ବଜାର ପ୍ରବେଶ କରାଯାଇଛି।

## 'ଡିଜିଟାଲ ସାକ୍ଷରତା ମହିଳା ସଶକ୍ତୀକରଣର ମୂଳମନ୍ତ୍ର'

ଭୁବନେଶ୍ୱର,୧୫।୨



ଓଡ଼ିଶା ରାଜ୍ୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅନୁଷ୍ଠାନ (ଓସାଫି) ପକ୍ଷରୁ ବୁଧବାର ସ୍ଥାନୀୟ ଜୟଦେବ ବିହାର ନିକଟସ୍ଥ ଏକ ହୋଟେଲ ପରିସରରେ ୪ର୍ଥ ରାଜ୍ୟସ୍ତରୀୟ ଓଡ଼ିଶା ଆର୍ଥିକ ଅନ୍ତର୍ଭୁକ୍ତୀକରଣ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା, ଏସ୍‌ଏଲ୍‌ବିସିର ଆବାହକ ଗୌତମ ପାତ୍ର, ଭାରତୀୟ ଲଘୁ ଉଦ୍ୟୋଗ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଡ.ଶୁଭ୍ରାଂଶୁ ଶେଖର ଆଚାର୍ଯ୍ୟ, ଇସାଫ୍ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧ ନିର୍ଦ୍ଦେଶକ କେ. ପାଉଲ୍ ଥୋମାସ, ସିୱାଇଏସ୍‌ଡିର ପ୍ରତିଷ୍ଠାତା ଜଗଦାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଓସାଫିର ସଭାପତି ଦିବ୍ୟଜ୍ୟୋତି ପଟ୍ଟନାୟକ ଅଧ୍ୟକ୍ଷତାକରି କହିଥିଲେ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ମାଧ୍ୟମରେ ରାଜ୍ୟର ମହିଳାମାନେ ରୋଜଗାରକ୍ଷମ ହୋଇ ନିଜ ପରିବାରର ସମସ୍ତ ଆର୍ଥିକ ଆବଶ୍ୟକତାକୁ ପୂରଣ କରୁଛନ୍ତି। ଏପରିକି ବ୍ୟକ୍ତିଗତ ସ୍ତରରେ ଆରମ୍ଭ ହୋଇଥିବା ଛୋଟ ଛୋଟ ବ୍ୟବସାୟ ଆଜି କ୍ଷୁଦ୍ର ଉଦ୍ୟୋଗରେ ପରିଣତ ହୋଇଛି। ବିଶେଷକରି ଏସ୍‌ଏଚ୍‌ଜି ମହିଳାମାନେ କ୍ଷୁଦ୍ର ବ୍ୟବସାୟରୁ ରୋଜଗାର କରି ନିଜ ପରିବାରର ସାମଗ୍ରିକ ବିକାଶରେ ଭାଗୀଦାରି ହୋଇପାରିଛନ୍ତି। ସେହିଭଳି ଓଡ଼ିଶାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ପଞ୍ଜୀକୃତ ୭୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନ, ଏନ୍‌ବିଏଫ୍‌ସି, ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ, ଏନ୍‌ବିଏଫ୍‌ସି ଏମ୍‌ଏଫ୍‌ଆଇ ଇତ୍ୟାଦି ୩୦ ଗୋଟି ଜିଲ୍ଲାର ୪୩ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ବିଭିନ୍ନ ସମୟରେ ଆର୍ଥିକ ସେବା ଯୋଗାଇ ଆସୁଛନ୍ତି। ଅପରପକ୍ଷରେ ମହିଳା ସଶକ୍ତୀକରଣର ବିଭିନ୍ନ ଦିଗ, ଉଦ୍ୟୋଗ ବିକାଶ କ୍ଷେତ୍ରରେ ଡିଜିଟାଲ ସାକ୍ଷରତାର ଗୁରୁତ୍ୱ ଏବଂ ମହିଳାମାନଙ୍କ ବ୍ୟବସାୟିକ ବୃଦ୍ଧି ଦିଗରେ ଅତିଥିମାନେ ବିସ୍ତୃତ ଆଲୋକପାତ କରିଥିଲେ। କର୍ମଶାଳାର ୨ୟ ଅଧିବେଶନରେ ୟୁଏନ୍‌ଡିପିର ରାଜ୍ୟ ମୁଖ୍ୟ ଆଭା ମିଶ୍ର, ଡିସିବି ବ୍ୟାଙ୍କ୍‌ର ଆଞ୍ଚଳିକ ମୁଖ୍ୟ ସତ୍ୟ ପ୍ରଧାନ, ଗ୍ରାମ ଉତ୍ଥାନର ମୁଖ୍ୟ ଗୋବିନ୍ଦ ଦାସ, ଜାଭିୟର ବିଶ୍ୱବିଦ୍ୟାଳୟର ପ୍ରଫେସର ରମନା, କିଟ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଦେବାଶିଷ ମହାପାତ୍ର ପ୍ରମୁଖ ଯୋଗଦେଇ ମହିଳା ସଶକ୍ତୀକରଣ ଓ ବିଭିନ୍ନ ଆର୍ଥିକ ସେବା ବିଷୟରେ ଆଲୋଚନା କରିଥିଲେ। ସେହିପରି ଓସାଫିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିବା ବେଳେ ସଂସ୍ଥାର ସଦସ୍ୟ ଡ.ଆଲୋକ ପଟ୍ଟନାୟକ ଓ ରାକେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କର୍ମଶାଳାରେ ଓସାଫିର ୨୭ ଗୋଟି ସଦସ୍ୟ ଅନୁଷ୍ଠାନର ୩୦ଗୋଟି ଜିଲ୍ଲାରୁ ୫୦୦ରୁ ଅଧିକ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ।










ହିରୋ ମୋଟୋକର୍ପର ସ୍ୱୀକୃତିପ୍ରାପ୍ତ କଟକ ସହରର ତିନି ପ୍ରମୁଖ ଡିଲର ଯଥା ଜେଏମ୍‌ଜି ଅଟୋ ମୋବାଇଲ୍ସ, ସନ୍ନି ମୋଟର୍ସ ଏବଂ ଏସେନ ଅଟୋ ମୋବାଇଲ୍ସ ପରିସରରେ ହିରୋ ଜୁମ୍‌ର ଅନାବରଣ ହୋଇଯାଇଛି।

## ଫୁର୍‌ସତ୍

## ରାଜସ୍ଥାନରେ ଲେଡି ସୂର୍ଯ୍ୟକୁମାର



**ଜୟପୁର:** ଆଜିକାଲି ମହିଳାମାନେ ମଧ କୌଣସି କ୍ଷେତ୍ରରେ ପୁରୁଷଙ୍କଠାରୁ କମ୍ ନୁହନ୍ତି। ବିଭିନ୍ନ ପ୍ରକାର ଖେଳ ଖେଳିବା ସହ ଅନ୍ତରୀକ୍ଷରେ ମଧ ପାଦ ଥାପିଲେଣି। ତେବେ ନିକଟରେ ରାଜସ୍ଥାନର ବରମର ସହରରୁ ଏକ ଭିଡିଓ ସାମ୍ନାକୁ ଆସିଛି। ଯେଉଁଥିରେ କି ଜଣେ ୧୪ ବର୍ଷୀୟା ଯୁବତୀ ମୋମଲ ମେହେର ତାଙ୍କ ସ୍କୁଲ ପଡ଼ିଆରେ ବ୍ୟାଟିଂ କରୁଥିବା ନଜରକୁ ଆସିଛି। ମୋମଲ ତାଙ୍କ କ୍ରିକେଟ ଗୁରୁ ଭାରତୀୟ କ୍ରିକେଟର ସୂର୍ଯ୍ୟକୁମାର ଯାଦବଙ୍କ ଭଳି ହେବାକୁ ଚାହୁଁଥିବା କହିଛନ୍ତି। ତେବେ ସ୍କୁଲ ପଡ଼ିଆରେ ଏପରି ବ୍ୟାଟିଂରେ ଛକା, ଚଉକା ମାରିବା ଦେଖି ସମସ୍ତେ ଆଚାର୍ଯ୍ୟ ହେଉଛନ୍ତି। ଏହି ଭାଇରାଲ ଭିଡିଓରେ କ୍ରିକେଟର ସଚିନ ତେନ୍ଦୁଲକର କହିଛନ୍ତି, କାଲି ତ ଆକ୍ସନ ହେଲା, ଆଜିଠୁ ମ୍ୟାଚ୍ ଆରମ୍ଭ! ସଚିନ ମୋମଲଙ୍କ ବ୍ୟାଟିଂ ଦେଖି ମଜା ନେଇଥିବା କହିଛନ୍ତି। ତେବେ ମୋମଲଙ୍କ ବ୍ୟାଟିଂ ଯୋଗୁ ସେ ତାଙ୍କ ଅଞ୍ଚଳରେ ଲେଡି ସୂର୍ଯ୍ୟକୁମାର ଭାବେ ପରିଚିତ ହୋଇଛନ୍ତି।

## କରୋନା ପାଇଁ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରି ୨.୪ କୋଟି ଦର୍ଶକ ହରାଇଛି



**ନୂଆଦିଲ୍ଲୀ:** ବର୍ତ୍ତମାନ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରି କରୋନା ମହାମାରୀରେ ପ୍ରାୟ ୨.୪ କୋଟି ଦର୍ଶକଙ୍କୁ ହରାଇଛି। ଏରମାକ୍ସର ୨୦୨୩ ରିପୋର୍ଟ ଅନୁଯାୟୀ, ଭାରତରେ ବର୍ତ୍ତମାନ ୧୨.୨ କୋଟି ଚଳଚ୍ଚିତ୍ର ଦର୍ଶକ ରହିଛନ୍ତି, ଯେଉଁମାନେ ପୂର୍ବ ୧୨ ମାସ ମଧ୍ୟରେ ଗୋଟିଏ ଥିଏଟରରେ ଅତି କମ୍‌ରେ ଗୋଟିଏ ମୁଭି ଦେଖିଥିବେ। ହେଲେ କରୋନା ମହାମାରୀ ପୂର୍ବରୁ ୨୦୨୦ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ଏହି ସଂଖ୍ୟା ୧୪.୬ କୋଟିରେ ପହଞ୍ଚିଥିଲା। ଜାନୁୟାରୀ ୨୦୨୩ ରିପୋର୍ଟ ମୁତାବକ, ୧୫ ହଜାର ଭାରତୀୟ ଦର୍ଶକ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ରହିଛନ୍ତି। ଓରମାକ୍ସ ମିଡିଆର ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ହାରାହାରି ୧.୫ ପ୍ରତିଶତ ଫିଲ୍ମ ଭାରତୀୟ ଦର୍ଶକ ୧.୫ ଭାଷାରେ ଦେଖିଥାନ୍ତି। ଭାରତର ୫.୮ କୋଟି ଦର୍ଶକଙ୍କ ଅନୁସାରେ, ହିନ୍ଦୀ ହେଉଛି ସର୍ବାଧିକ ଦେଖାଯାଉଥିବା ଭାଷା। ପୂର୍ବ ମହାମାରୀ ସ୍ତର ତୁଳନାରେ ହିନ୍ଦୀ ସିନେମା ଦେଖିବାକୁ ହଲ୍ ଯାଉଥିବା ଦର୍ଶକଙ୍କ ସଂଖ୍ୟା ୨୧.୫ ପ୍ରତିଶତ ହ୍ରାସ ପାଇଛି। ଏହା ଅପେକ୍ଷା ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ ବୃଦ୍ଧି ଦେଖିବାକୁ ମିଳିଛି। ତେବେ କନ୍ନଡ଼ ଭାଷାରେ ୨୫ ପ୍ରତିଶତ ବୃଦ୍ଧି ହୋଇଥିବା ଜଣାପଡ଼ିଛି। ତାମିଲ ଭାଷାରେ ଏହା ୨୮.୨ ପ୍ରତିଶତରେ ସ୍ଥିର ରହିଥିବାବେଳେ ତେଲୁଗୁରେ ୨୫୧. ୮୪ କୋଟିରୁ ୨୩୧.୯୬ କୋଟିକୁ ହ୍ରାସ ପାଇଛି। ଅନ୍ୟପଟେ ହଲିଉଡ୍‌ରେ ଏହା ୧୦.୧ ପ୍ରତିଶତ ବୃଦ୍ଧି ହୋଇ ୧୮୨.୨୬ କୋଟିରୁ ୨୦୦.୪୮ କୋଟି ହୋଇଛି। ତେବେ ଓରମାକ୍ସ ରିପୋର୍ଟ ଅନୁଯାୟୀ, ୨୦୨୩ ସୁଦ୍ଧା ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରି ହଜି ଯାଇଥିବା ଦର୍ଶକଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରୁଛି। ବର୍ତ୍ତମାନ 'ପଠାନ' ଭଳି ଚଳଚ୍ଚିତ୍ର ଫେବୃୟାରୀ ୧୩ ସୁଦ୍ଧା ବିଶ୍ୱବ୍ୟାପୀ ୪୭୨.୯୫ କୋଟିରେ ପହଞ୍ଚିଛି।

## ସବୁ ପରିସ୍ଥିତିରେ ଜୀବନ ସାଥୀ ସାଙ୍ଗରେ ରହିବା ଆବଶ୍ୟକ



ତାରା ସୁତାରିଆ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆଙ୍କ ପ୍ରେମିକ ଆଦାର ଜୈନଙ୍କ ସହ ତାଙ୍କର ବ୍ରେକ୍‌ଅପ୍‌କୁ ନେଇ ଏବେ ଚର୍ଚ୍ଚା ଲାଗିରହିଛି। ତେବେ ଏହି ଗୁଜବକୁ ନେଇ ସେ ଏକ ମନ୍ତବ୍ୟ ରଖିଛନ୍ତି। ସେ ନିଜକୁ ଭଲ ପାଇବା ବିଷୟରେ କହିଛନ୍ତି। ଏଥିସହ ସେ ତାଙ୍କ ଭବିଷ୍ୟତ ସ୍ୱାମୀଙ୍କ ପାଖରେ କେଉଁ ଗୁଣ ଖୋଜୁଛନ୍ତି ତାହା କହିଛନ୍ତି। ସେ କହିଛନ୍ତି, ସେ ଏବେ ଯାହା ସହ ଅଛନ୍ତି, ତାଙ୍କଠାରେ ଗୁଣ ଖୋଜିବା ଉଦ୍ଦେଶ୍ୟ ତାଙ୍କର ଆଦୌ ନୁହେଁ। ହେଲେ ଏହା ମଧ୍ୟରେ ତାଙ୍କର ହୃଦୟଙ୍ଗମ ହୋଇଛି କି, ତାଙ୍କ ଜୀବନରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବନ୍ଧୁତ୍ୱ, ପରିବାର ଓ ଅନ୍ୟ ସମ୍ପର୍କ। ତାଙ୍କ କହିବା କଥା ହେଉଛି, ଜୀବନ ଅନେକ ସମୟରେ ଜଟିଳତା ଦେଇ ଗତି କରିଥାଏ। ସେହି ସମୟରେ ମଧ ଆମେ ରହୁଥିବା ବ୍ୟକ୍ତି ସହ ଭଲ ସମୟ ବିତାଇବା ଉଚିତ। ତେବେ ନିଜକୁ ଭଲ ପାଇବା ନେଇ ତାରା କହିଛନ୍ତି, ସମସ୍ତଙ୍କ ଜୀବନରେ ଏହାର ଅର୍ଥ ଭିନ୍ନ ହୋଇଥାଏ। ଯେତେବେଳେ କୋଭିଡ୍ ବିଶ୍ୱରେ ଆତଙ୍କ ଚଳାଇଥିଲା, ଲୋକଙ୍କୁ ଅତି ଜଟିଳ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା। ହେଲେ ଅନେକ ଲୋକ ନିଜକୁ ଭଲ ପାଉଥିବାରୁ ସେହି ପରିସ୍ଥିତିରୁ ନିଜକୁ ବଞ୍ଚାଇ ପାରିବାରେ ସକ୍ଷମ ହୋଇପାରିଛନ୍ତି। ସେମାନେ ନିଜକୁ ବୁଝିଛନ୍ତି, ଶୁଣିବାକୁ ଚେଷ୍ଟା କରିଛନ୍ତି।

## ୩ଦିନ ମାଗଣାରେ ତାଜମହଲ ବୁଲିପାରିବେ ପର୍ଯ୍ୟଟକ



**ନୂଆଦିଲ୍ଲୀ:** ମୋଗଲ ସମ୍ରାଟ ଶାହାଜାହାନଙ୍କ ୩୬୮ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଚଳିତ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଆଗ୍ରାଠାରେ ଥିବା ତାଜମହଲକୁ ନିଃଶୁଳ୍କ ପ୍ରବେଶ କରାଯାଇଛି। ଏହି ଅବସରରେ ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଶାହାଜାହାନ ଏବଂ ମମତାଜଙ୍କ ସମାଧି ମଧ ଖୋଲାଯିବ ବୋଲି ଜଣାପଡ଼ିଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଶାହାଜାହାନଙ୍କ ଶ୍ରାଦ୍ଧଦିବସ ୩ ଦିନ ଧରି ଆୟୋଜିତ ହେବ। ରିପୋର୍ଟ ମୁତାବକ, ୧୭ ତାରିଖ ଅପରାହ୍ନ ୨ଟାରୁ ଘସଲ ସମାରୋହ ଆରମ୍ଭ ହେବ। ୧୮ ତାରିଖରେ 'ସାଣ୍ଡାଲ' ଏବଂ 'ମିଲଦ ସରିଫ' ଓ ୧୯ରେ 'କୁଲ୍' ଏବଂ 'ଚାଦର ପୋଶି' ପାଳନ କରାଯିବ। ଚଳିତ ଶ୍ରାଦ୍ଧଦିବସରେ ସମ୍ରାଟ ଶାହାଜାହନଙ୍କ ସମାଧିରେ ୧୪୫୦ ମିଟରର ଚାଦର ଚଢ଼ାଯିବ ବୋଲି ଜଣାପଡ଼ିଛି। ଏଥିସହ ତାଜମହଲ ମଧକୁ ବିଭିନ୍ନ ପ୍ରକାର ବିସ୍ଫୋରକ ସାମଗ୍ରୀ ପାଇଁ ପ୍ରତିବନ୍ଧକ ରହିଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୧୬/୨୦୨୩ Bhubaneswar, Thursday, February 16/ 2023

# ଭାରତର କ୍ରମାଗତ ବିଜୟ

ନ୍ୟୁଲାଣ୍ଡ୍ସ (କେପ୍‌ଟାଉନ୍), ୧୫।୨

ମହିଳା ଟି୨୦ ବିଶ୍ୱକପରେ ଭାରତର କ୍ରମାଗତ ବିଜୟ। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୬ ଉଇକେଟରେ ପରାସ୍ତ କରିଛି ଭାରତ। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୬ ଉଇକେଟ ହରାଇ ୧୧୮ ରନ୍ କରିଥିବା ବେଳେ ୧୮.୧ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା ଭାରତ। ବୋଲିଂରେ ଦୀପ୍ତି ଶର୍ମା (୩/୧୫) ଓ ବ୍ୟାଟିଂରେ ରିଚା ଘୋଷ ଅପରାଜିତ ୪୪ ରନ୍ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ

**ମହିଳା ଟି୨୦ ବିଶ୍ୱକପ**

କରିଥିଲେ। ଏହା ସହିତ କ୍ରମାଗତ ୧୫ ଅନ୍ତର୍ଜାତୀୟ ମ୍ୟାଚରେ ପରାଜିତ ହୋଇଛି ୱେଷ୍ଟଇଣ୍ଡିଜ୍। ଭାରତ ଏହି ମ୍ୟାଚରେ ଦୁଇଟି ପରବର୍ତ୍ତନ ସହିତ ଓହ୍ଲାଇଥିଲା। ୟସ୍ତିକା ଭାଟିଆଙ୍କ ସ୍ଥାନରେ ସ୍ମୃତି ମନ୍ଧାନା ଦଳକୁ ଫେରିଥିବା ବେଳେ ହରଲିନ୍ ଦେଓଲଙ୍କ ସ୍ଥାନରେ ଦେବିକା ବୈଦ୍ୟଙ୍କୁ ସାମିଲ କରିଥିଲା ଭାରତ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଓଭରରେ ଦଳୀୟ ସ୍କୋର ୪ ରନରେ ଅଧିନାୟିକା ହିଲି ମାଥ୍ୟୁସ୍(୨)ଙ୍କ ଉଇକେଟ ହରାଇଥିଲା। ତେବେ ଦ୍ୱିତୀୟ ଉଇକେଟରେ ଷ୍ଟିଫାନି ଟେଲର ୪୨ ଓ ଶିମେନ୍ କ୍ୟାମ୍ପବେଲ ୩୦ ଯୋଡିଥିଲେ ୭୩ ରନ୍। ଟପ୍ ସ୍କୋରର ଷ୍ଟିଫାନି ୪୦ ବଲ ଖେଳି


ପ୍ଲେୟର ଅଫ୍ ଦି ମ୍ୟାଚ ଦୀପ୍ତି ଶର୍ମା।

୬ ଚୌକା ମାରିଥିବା ବେଳେ କ୍ୟାମ୍ପବେଲ ୩୬ ବଲ୍ ଖେଳି ୩ ଚୌକା ମାରିଥିଲେ। ମାତ୍ର ୩ ବଲ ବ୍ୟବଧାନରେ ଉଭୟ ଖେଳାଳିଙ୍କୁ ଆଉଟ କରିବା ସହିତ ଦୀପ୍ତି ଶର୍ମା ୱେଷ୍ଟଇଣ୍ଡିଜକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଶେଷ ଆଡକୁ ଚେଡିଆନ୍ ନେସନ୍ ୨୧* ଓ ଶାବିକା ଗଜନବି ୧୫ ରନ୍ କରିବାରୁ ଦଳ ୨୦ ଓଭରରେ ୧୧୮ ରନ୍ ସ୍କୋର କରିଥିଲା। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୧୫ ରନରେ ୩ ଉଇକେଟ ନେଇଥିବା ବେଳେ ରେଣୁକା ସିଂ ଓ ପୂଜା ବସ୍ତ୍ରକାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୧୯ ରନର ପିଛା କରୁଥିବା ଭାରତକୁ ଭଲ ଆରମ୍ଭ ଦେଇଥିଲେ ଶେଫାଳି ବର୍ମା(୨୮) ଓ ସ୍ମୃତି ମନ୍ଧାନା(୧୦)। ପ୍ରଥମ ଉଇକେଟରେ ୩.୩ ଓଭରରେ ଉଭୟ ୩୨ ରନ୍ ଯୋଡିଥିଲେ। ସ୍ପିନରଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ମନ୍ଧାନା ଷ୍ଟମ୍ପ ଆଉଟ ହୋଇଥିଲେ। ମାତ୍ର ୧୧ ରନ୍ ମଧ୍ୟରେ ୩ ଉଇକେଟ ହରାଇଥିଲା ଭାରତ। ଶେଫାଳି ବର୍ମା ୨୩ ବଲ ଖେଳି ୬ ଚୌକା ମାରିଥିଲେ। ୪୩ ରନରେ ୩ ଉଇକେଟ ପତନ ଘଟିବା ପରେ ଅଧିନାୟିକା ହରମନ୍‌ପ୍ରୀତ କୌର ୩୩ ଓ ରିଚା ଘୋଷ ୪୪* ଚତୁର୍ଥ ଉଇକେଟରେ ୭୨ ରନ୍ ଯୋଡିଥିଲେ। ହରମନପ୍ରୀତ୍ ୪୨ ବଲ ଖେଳି ୩ଟି ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ରିଚା ଘୋଷ ମଧ୍ୟ ୩୨ ବଲରୁ ୫ଟି ଚୌକା ମାରି ଶେଷ ଯାଏ ଅପରାଜିତ ଥିଲେ। ବିଜୟ ପାଇ ୪ ରନ୍ ଆବଶ୍ୟକ ଥିବା ବେଳେ ହରମନପ୍ରୀତ ବଡ ଶଟ୍ ଖେଳିବାକୁ ଯାଇ ଚିନେଲେ ହେନରୀଙ୍କ ବଲରେ ଆଉଟ ହୋଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ କରିଶ୍ମା ରାମହାରାକ ୨ ଓ ହିଲି ମାଥ୍ୟୁସ ଓ ଚିନେଲେ ହେନରୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।ଦୀପ୍ତି ଶର୍ମାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୧୮/୬ (ଷ୍ଟିଫାନି ଟେଲର-୪୨, ଶିମେନ୍ କ୍ୟାମ୍ପବେଲ-୩୦, ଚେଡିଆନ୍ ନେସନ-୨୧*, ଦୀପ୍ତି ଶର୍ମା-୩/୧୫, ରେଣୁକା ସିଂ-୧/୨୨, ପୂଜା ବସ୍ତ୍ରକାର-୧/୨୧)। ଭାରତ୧୮.୧ ଓଭରରେ ୧୧୯/୪ ( ରିଚା ଘୋଷ-୪୪*, ହରମନ୍‌ପ୍ରୀତ କୌର୍-୩୩,ଶେଫାଳି ବର୍ମା-୨୮, କରିଶ୍ମା ରାମହାରାକ୍-୨/୧୪, ହିଲି ମାଥ୍ୟୁସ୍-୧/୧୨, ଚିନେଲେ ହେନରୀ-୧/୨୧)।

## ବାଂଲାଦେଶକୁ ହରାଇଲା ଅଷ୍ଟ୍ରେଲିଆ

**ଜେବେର୍ହା, ୧୫।୨ (ପି.ଟି):** ଲେଗ୍‌ସ୍ପିନର ଜର୍ଜିଆ ୱେୟାରହାମ୍ ଓ ଅଧିନାୟିକା ମେଗ୍ ଲାନିଙ୍ଗଙ୍କ ପ୍ରଦର୍ଶନ ବଳରେ ମହିଳା ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶକୁ ୮ ଉଇକେଟରେ ହରାଇଛି ଅଷ୍ଟ୍ରେଲିଆ। ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୧୦୭ ରନ୍ କରିଥିବା ବେଳେ ୧୦ଟି ବଲ ପୂର୍ବରୁ ୨ ଉଇକେଟ ହରାଇ ଅଷ୍ଟ୍ରେଲିଆ ୧୧ ରନ୍ କରିଥିଲା। ଜର୍ଜିଆ ୱେୟାରହାମ୍ ୩ ଉଇକେଟ ନେଇଥିବା ବେଳେ ଡାର୍ସି ବ୍ରାଉନ୍ ୨ ଉଇକେଟ ନେଇଥିଲେ। ଅଧିନାୟିକା ନିଗାର ସୁଲତାନା ୫୦ ବଲରୁ ୫୭ ରନ୍ ସଂଗ୍ରହ କରିଥିଲେ। ଜବାବରେ ଅଧିନାୟିକା ମେଗ୍ ଲାନିଙ୍ଗଙ୍କ ଅପରାଜିତ ୪୮ ରନ୍ ବଳରେ ୧୮.୨ ଓଭରରେ ଅଷ୍ଟ୍ରେଲିଆ ମ୍ୟାଚ ଜିତି ନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଲିସା ହିଲି ୩୭ ଓ ଆସଲେ ଗାର୍ଡନର ୧୯ ରନ୍ କରିଥିଲେ। ଜର୍ଜିଆ ୱେୟାରହାମ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୦୭/୭(ନିଗାର ସୁଲତାନା-୫୭, ଶୋରନା ଅଖତର-୧୨, ଜର୍ଜିଆ ୱେୟାରହାମ୍-୩/୨୦, ଡାର୍ସି ବ୍ରାଉନ୍- ୨/୨୩, ଆସ୍‌ଲେ ଗାର୍ଡନର-୧/୧୭)।

ଅଷ୍ଟ୍ରେଲିଆ ୧୮.୨ ଓଭରରେ ୧୧୧/୨ ( ମେଗ୍ ଲାନିଙ୍ଗ-୪୮*, ଆଲିସା ହିଲି-୩୭, ମାରୁଫା ଅଖତର-୧/୧୯, ଶୋରନା ଅଖତର-୧/୧୨)।

# ସ୍ୱଳ୍ପ ସମୟ ପାଇଁ ଭାରତ ନମ୍ବର ୱାନ୍

ଦୁବାଇ,୧୫।୨(ପି.ଟି)

ବୁଧବାର ମାତ୍ର କିଛି ଘଣ୍ଟା ପାଇଁ ଭାରତ ଆଇସିସି ଟେଷ୍ଟ ର୍‍ୟାଙ୍କିଂରେ ଏକ ନମ୍ବର ସ୍ଥାନ ହାସଲ କରଥିଲା। ବୁଧବାର ଦିନ ୧.୩୦ ମିନିଟର ଅପଡେଟ୍ ଅନୁସାରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ୩ଟି ଯାକ ଫର୍ମାଟରେ ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଥିଲା। ନାଗପୁରରେ ବର୍ଡର-ଗାଭାସ୍କର ଟ୍ରଫି ସିରିଜର ପ୍ରଥମ ମ୍ୟାଚକୁ ଜିତିବା ସହିତ ପ୍ରଥମ ସ୍ଥାନରୁ ଅଷ୍ଟ୍ରେଲିଆକୁ ହଟାଇଥିଲା ଭାରତ। ଏହା ପୂର୍ବରୁ ଭାରତ ଟି୨୦ରେ ଏକ ନମ୍ବର ଦଳ ରହିଥିବା ବେଳେ ଗତ ମାସରେ ନ୍ୟୁଜିଲାଣ୍ଡକୁ ୩-୦ରେ ପରାସ୍ତ କରି ଦିନିକିଆରେ ମଧ୍ୟ ଦଳ ଏକ ନମ୍ବର ସ୍ଥାନ ହାସଲ କରିଥିଲା। ବୁଧବାର ପ୍ରକାଶିତ ଟେଷ୍ଟ ର୍‍ୟାଙ୍କିଂରେ ଭାରତ ୧୧୫ ଓ ଅଷ୍ଟ୍ରେଲିଆ ୧୧୧ ପଏଣ୍ଟରେ ରହିଥିଲା। ଭାରତର ଏହି ଖୁସି ମାତ୍ର କିଛି ଘଣ୍ଟା ରହିଥିଲା। ବୁଧବାର ସନ୍ଧ୍ୟାରେ ଆସିଥିବା ଅପଡେଟ୍

**ଦ୍ୱିତୀୟ ସ୍ଥାନରେ ଅଶ୍ୱିନ**

ଅନୁସାରେ ଭାରତ ୧୧୫ ପଏଣ୍ଟ ପାଇଥିବା ବେଳେ ଅଷ୍ଟ୍ରେଲିଆ ୧୨୬ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲା। ଶୁକ୍ରବାରଠାରୁ ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବାକୁ ଥିବା ବେଳେ ଭାରତ ଏହି ମ୍ୟାଚରେ ବିଜୟୀ ହେବାକୁ ପ୍ରୟାସ କରିବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଏହି ସିରିଜ୩-୦ କିମ୍ବା ୩-୧ରେ ଜିତିବାକୁ ପଡିବ। ବୋଲରଙ୍କ ମଧ୍ୟରେ ବରିଷ୍ଠ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ୫ ମାସ ପରେ ଟେଷ୍ଟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିବା ରବୀନ୍ଦ୍ର ଜାଡେଜା ୧୬ଟି ସ୍ଥାନ ଉପରକୁ ଉଠିଛନ୍ତି। ନାଗପୁର ଟେଷ୍ଟରେ ଉଭୟ ଜାଡେଜା ଏବଂ ଅଶ୍ୱିନ ନିଜ ମଧ୍ୟରେ ୧୫ ଉଇକେଟ ବାଣ୍ଟି ନେଇଥିଲେ। ଜାଡେଜା ପ୍ରଥମ ଇନିଂସରେ ଓ ଅଶ୍ୱିନ ଦ୍ୱିତୀୟ ଇନିଂସରେ ୫ ଉଇକେଟ ସଫଳତା ହାସଲ କରିଥିଲେ। ଦ୍ୱିତୀୟ ସ୍ଥାନରେ ଥିବା ଅଶ୍ୱିନ ପ୍ୟାଟ୍ କମିନ୍ସଙ୍କ ଠାରୁ ମାତ୍ର ୨୧ ପଏଣ୍ଟ ପଛରେ ରହିଛନ୍ତି। ୨୦୧୭ ପରଠାରୁ ପ୍ରଥମ ଥର ପାଇଁ ଅଶ୍ୱିନ ୧ ନମ୍ବର ହେବାର ନିକଟତର ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ପେସର ଯଶପ୍ରୀତ ବୁମ୍‌ରା ଯିଏକି ଲୋୟର ବ୍ୟାକ୍ ଷ୍ଟ୍ରେସ୍ କାରଣରୁ କ୍ରିକେଟ ପଡିଆରୁ ଦୂରରେ ରହିଛନ୍ତି ବୋଲର ତାଲିକାର ୫ମ ସ୍ଥାନରେ ଅଛନ୍ତି। ନାଗପୁର ଟେଷ୍ଟରେ ଶତକ ହାସଲ କରିଥିବା ରୋହିତ ଶର୍ମା ଦୁଇଟି ସ୍ଥାନ ଉପରକୁ ଉଠି ୮ମ ସ୍ଥାନରେ ପହଞ୍ଚିଛନ୍ତି। ଦୁର୍ଘଟଣା କାରଣରୁ ବର୍ଡର-ଗାଭାସ୍କର ସିରିଜରୁ ବାଦ୍ ପଡିଥିବା ରିଷଭ ପନ୍ତ ଦଶମ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆ ଓପନର ଡେଭିଡ୍ ୱାର୍ନର ଓ ଉସ୍‌ମାନ ଖ୍ୱାଜାଙ୍କ ର୍‍ୟାଙ୍କିଂରେ ହ୍ରାସ ଘଟିଛି। ୱାର୍ନର ୬ ସ୍ଥାନ ତଳକୁ ଖସି ୨୦ ଓ ଖ୍ୱାଜା ୨ ସ୍ଥାନ ତଳକୁ ଖସି ୧୦ମ ସ୍ଥାନରେ ପହଞ୍ଚିଛନ୍ତି। ମାର୍ନସ ଲାବୁଶେନ୍ ଓ ଷ୍ଟିଭ୍ ସ୍ମିଥ୍ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କ୍ୟାରିୟର ଶ୍ରେଷ୍ଠ ୮୪ ରନ୍ କରିଥିବା ଅକ୍ଷର ପଟେଲ ଅଲରାଉଣ୍ଡର ତାଲିକାରେ ୬ ସ୍ଥାନ ଉପରକୁ ଉଠି ସପ୍ତମରେ ପହଞ୍ଚିଛନ୍ତି।

# ଓଡ଼ିଶାର ଦ୍ୱିତୀୟ ବିଜୟ

ଭୁବନେଶ୍ୱର, ୧୫।୨ (କ୍ରୀଡ଼ା ପ୍ରତିନିଧି)

ରାଜସ୍ଥାନର ଆଜମେର୍‌ରେ ଲରେନ୍ସ ମେୟର ପବ୍ଲିକ୍ ସ୍କୁଲ ଗ୍ରାଉଣ୍ଡରେ ଚାଲିଥିବା ଜାତୀୟ ଟି୨୦ ଦୃଷ୍ଟିବାଧିତ ନାଗେଶ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ତେଲଙ୍ଗାନାକୁ ୧୯୧ ରନ୍‌ରେ ହରାଇଥିବା ଓଡ଼ିଶା ବୁଧବାର ନିଜର ଦ୍ୱିତୀୟ ମ୍ୟାଚରେ ଦିଲ୍ଲୀକୁ ୬୫ ରନରେ ପରାସ୍ତ କରିଛି।

**ନାଗେଶ ଟ୍ରଫି**

ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ଲିଙ୍ଗରାଜ ରାଉତରାଙ୍କ ଶତକ ସହାୟତାରେ ୨୦ ଓଭରରେ ୨ ଉଇକେଟ ହରାଇ ୨୬୨ ରନ କରିଥିଲା। ଲିଙ୍ଗରାଜ ୬୨ ବଲ୍‌ରୁ ୧୦୭, ସୁଖରାମ ମାଝି ୪୫ ଓ ଜାଫର ଇକବାଲ ୩୬ ରନ ସ୍କୋର କରିଥିଲେ। ଜବାବରେ ଦିଲ୍ଲୀ ୨୦ ଓଭରରେ ୫ ଉଇକେଟ ହରାଇ ୧୯୭ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ତପନ କୁମାର ଗୌଡ଼ ୨ଟି ଏବଂ କାଳିଆ ପ୍ରଧାନ ଗୋଟିଏ ଉଇକେଟ ନେଇଥିଲେ। ନଗେଶ ଟ୍ରଫିରେ ପ୍ରଥମ ଶତକ ହାସଲ କରିଥିବା ଲିଙ୍ଗରାଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ଏହାର ତୃତୀୟ ଲିଗ୍ ମ୍ୟାଚରେ ଗୁରୁବାର ଜମ୍ମୁ-କଶ୍ମୀରକୁ ଭେଟିବ।



ପୁରସ୍କାର ଗ୍ରହଣ ଅବସରରେ ଲିଙ୍ଗରାଜ ରାଉତରା (ବାମ)।

# କିଲିମାଞ୍ଜାରୋ ଆରୋହଣ କଲେ ମଧୁସ୍ମିତା

ଭୁବନେଶ୍ୱର, ୧୫।୨
(କ୍ରୀଡ଼ା ପ୍ରତିନିଧି)

ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାରୋ (୫,୮୯୫ ମି./୧୯,୩୪୧ ଫୁଟ)କୁ ସଫଳତାର ସହ ଆରୋହଣ କରିଛନ୍ତି ବ୍ରହ୍ମପୁର ଗୋସାଣି ନୂଆଗାଁର ମଧୁସ୍ମିତା ପାତ୍ର। ଗତ ୧୦ ତାରିଖରେ ମଧୁସ୍ମିତା କିଲିମାଞ୍ଜାରୋ ପାଦଦେଶ ମରାଙ୍ଗୁ ଫାଟକ ଦେଇ ଆରୋହଣରେ ବାହାରିଥିଲେ। ୧୨ ତାରିଖରେ ସେ ବେସ୍ କ୍ୟାମ୍ପରେ ପହଞ୍ଚିଥିଲେ। ସେଠାରେ କିଛି ଘଣ୍ଟା ବିଶ୍ରାମ ନେବା ପରେ ରାତ୍ର ୧୨ଟା ସମୟରେ ନିଜ ଗାଇଡ୍‌ଙ୍କ ସହ ସେ କିଲିମାଞ୍ଜାରୋ ଶିଖର ଉଦ୍ଦେଶ୍ୟରେ ବାହାରିଥିଲେ। ରାତିର ବିଯୁକ୍ତ ତାପମାତ୍ରା ଏବଂ ଅନ୍ୟ ପାର୍ଶ୍ୱ ପ୍ରଭାବ ଯୋଗୁ ସେ ସାମାନ୍ୟ କ୍ଲାନ୍ତ ଅନୁଭବ କରିଥିଲେ, ମାତ୍ର ଏଥିରେ ଭାଙ୍ଗି ନ ପଡ଼ି ଗାଇଡଙ୍କ ସହ ଆଗକୁ ବଢ଼ିଥିଲେ। ୧୩ ତାରିଖ ସକାଳ ୭.୦୫ ସମୟରେ ସେ କିଲିମାଞ୍ଜାରୋ ଶିଖରରେ (ଯାହା ଉହୁରୁ ପିକ୍ ଭାବେ ଜଣା) ପହଞ୍ଚି ନିଜ ଦେଶର ଜାତୀୟ ପତାକାକୁ ଉଡାଇଥିଲେ। କିଛି ସମୟ ଶିଖରରେ ରହିବା ପରେ ପୁନର୍ବାର ବେସ୍‌କ୍ୟାମ୍ପ ଦେଇ



କିଲିମାଞ୍ଜାରୋ ଶିଖରରେ ତ୍ରିରଙ୍ଗା ସହ ମଧୁସ୍ମିତା ପାତ୍ର।

ତଳକୁ ଓହ୍ଲାଇ ଆସିଥିଲେ। ମଧୁସ୍ମିତା ହେଉଛନ୍ତି ପୂର୍ବତନ ବାୟୁସେନା ଅଧିକାରୀ ପ୍ରେମାନନ୍ଦ ପାତ୍ର ଓ ପୁଷ୍ପାଞ୍ଜଳି ପାତ୍ରଙ୍କ କନ୍ୟା। ସେ ସମ୍ପ୍ରତି କମ୍ପ୍ୟୁଟର ଇଞ୍ଜିନିୟର ଭାବେ ଚେନ୍ନାଇରେ କାର୍ଯ୍ୟରତ। ଆଗାମୀ ଦିନରେ ସେ ଅନ୍ୟ ମହାଦେଶର ଉଚ୍ଚତମ ପାହାଡ ଏବଂ ବିଶ୍ୱର ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଆରୋହଣ ଲକ୍ଷ୍ୟ ରଖିଥିବା ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ମଧୁସ୍ମିତା ଜଣେ ତାଲିମପ୍ରାପ୍ତ ପର୍ବତାରୋହି। ସେ ୨୦୨୨ରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ହିମାଳୟ ପର୍ବତାରୋହଣ ସଂସ୍ଥା ଏଚ୍‌ଏମ୍‌ଆଇ ଶିକ୍ଷାନୁଷ୍ଠାନରୁ ଶିକ୍ଷାଲାଭ କରିଛନ୍ତି ଏବଂ ପରବର୍ତ୍ତୀ ସମୟରେ ମାଉଣ୍ଟ ରେନକ, ଚାଦର, କେଦାରକଣ୍ଠ ଆଦି ଆରୋହଣ କରିଛନ୍ତି।

# ବିସିସିଆଇ ନୀରବ, ଅନେକ ପ୍ରଶ୍ନବାଚୀ

ନୂଆଦିଲ୍ଲୀ, ୧୫।୨ (ପି.ଟି.)

ଷ୍ଟିଙ୍ଗ ଅପରେଶନ ଅବସରରେ ଜାତୀୟ କ୍ରିକେଟ ଚୟନ କମିଟି ମୁଖ୍ୟ ଚେତନ ଶର୍ମା ବିସ୍ଫୋରକ ମନ୍ତବ୍ୟ ଦେଇଥିଲେ ମଧ୍ୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏପର୍ଯ୍ୟନ୍ତ ନୀରବ ରହିଛି। ତେବେ ଚେତନଙ୍କ ଭବିଷ୍ୟତକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଓ ଚତୁର୍ଥ କ୍ରିକେଟ ଟେଷ୍ଟ ପାଇଁ ଦଳ ଚୟନ ସମୟରେ ଚେତନଙ୍କୁ ଅନୁମତି ଦିଆ ଯିବ କି ନାହିଁ ତା' ଉପରେ ସମସ୍ତଙ୍କ ନଜର ରହିଛି। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଚେତନଙ୍କୁ ସ୍ପଷ୍ଟି କରଣ ପାଇଁ ସୁଯୋଗ ଦିଆଯିବ ଏହା ସତ, ମାତ୍ର ରୋହିତ ଶର୍ମା କିମ୍ବା ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ସହ ଗୋଟିଏ ଟେବୁଲରେ ବସିବାକୁ ପସନ୍ଦ କରିବେ କି, ତାଙ୍କ ସହ କୌଣସି ଖେଳାଳି ଆଉ ସମ୍ପର୍କ ରଖିବାକୁ ଚାହିଁବେ କି ନାହିଁ ତାହାକୁ ନେଇ ବଡ଼ ପ୍ରଶ୍ନ ଉଙ୍କି ମାରିଛି।

**ଖେଳାଳିଙ୍କ ହୋଟେଲ ବଦଳିଲା**

ସମ୍ପ୍ରତି ଚାଲିଥିବା ଜି୨୦ ସମ୍ମିଳନୀ ଏବଂ ବିବାହ ସିଜନରେ ଦିଲ୍ଲୀର ପଞ୍ଚତାରକା ସୁବିଧା ଥିବା ହୋଟେଲ ଗୁଡ଼ିକ ଚାହିଦାରେ ରହିଥାଏ। ସେଥିପାଇଁ ସାଧାରଣତଃ ତାଜ ପ୍ୟାଲେସ କିମ୍ବା ଆଇଟିସି ମୌର୍ଯ୍ୟ ହୋଟେଲରେ ରହୁଥିବା ଭାରତୀୟ ଖେଳାଳିମାନେ ନଏଡାସ୍ଥିତ ହୋଟେଲ ଲୀଲାରେ ଅବସ୍ଥାନ କରୁଛନ୍ତି। ଏହି ହୋଟେଲରେ ବ୍ୟବସ୍ଥା ବହୁତ ଭଲ ବୋଲି ଜଣେ ବିସିସିଆଇ ଅଫିସିଆଲ କହିଛନ୍ତି। ତେବେ ତାରକା କ୍ରିକେଟର ବିରାଟ କୋହଲିଙ୍କର ଗୁରଗାଓଁରେ ଏକ ଘର ଥିବାରୁ ସେ ଟିମ୍ ମ୍ୟାନେଜମେଣ୍ଟର ଅନୁମତି ନେଇ ଗତ ଗୁରୁବାରଠାରୁ ସେଠାକୁ ଚାଲି ଯାଇଛନ୍ତି ବୋଲି ଜଣାଯାଇଛି।




# ସନ୍ତୋଷ ଟ୍ରଫି ଫୁଟ୍‌ବଲ: ମଣିପୁରର ଦ୍ୱିତୀୟ ବିଜୟ

ଭୁବନେଶ୍ୱର, ୧୫।୨
(କ୍ରୀଡ଼ା ପ୍ରତିନିଧି)

ଏଠାରେ ଚାଲିଥିବା ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ଅନ୍ତିମ ରାଉଣ୍ଡରେ ବୁଧବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ମଣିପୁର ୪-୧ ଗୋଲରେ ପଶ୍ଚିମବଙ୍ଗକୁ ହରାଇଥିବାବେଳେ ସର୍ଭିସେସ-ଦିଲ୍ଲୀ ମ୍ୟାଚ ୧-୧ ଓ ରେଲୱେ-ମେଘାଳୟ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ପଶ୍ଚିମବଙ୍ଗ ବିପକ୍ଷରେ ପ୍ରଭାବୀ ରହିଥିଲା ମଣିପୁର। ୧୧ତମ ମିନିଟରେ ପଙ୍ଗାମବାମ ନାଓବା ମେଇତେଇ ଗୋଲ ଦେଇ ମଣିପୁରକୁ ଅଗ୍ରଣୀ କରିଥିବାବେଳେ ୩୭ତମ ମିନିଟରେ ଏହାକୁ ୨-୦ରେ ପରିଣତ କରିଥିଲେ ଅଧିନାୟକ ସିଙ୍ଗମ ସୁବାସ ସିଂ। ୫୪ତମ ମିନିଟରେ ପଶ୍ଚିମବଙ୍ଗର ବଦଳ ଖେଳାଳି ସୌଭିକ କର ଗୋଟିଏ ଗୋଲ ପରିଶୋଧ କରିବାରୁ ମ୍ୟାଚ ରୋମାଞ୍ଚକ ହୋଇଥିଲା। ମାତ୍ର ୮୧ତମ ମିନିଟରେ ପଶ୍ଚିମବଙ୍ଗର ବିଶ୍ୱଜିତ ହେମ୍ବ୍ରମଙ୍କ ଆତ୍ମଘାତୀ ଗୋଲ ମଣିପୁରକୁ ଫାଇଦାରେ ରଖିଥିଲା। ଇଞ୍ଜୁରି ଟାଇମ୍ ୯୦+୪ ମିନିଟରେ ମଣିପୁର ପକ୍ଷରୁ ଆଉ ଏକ ଗୋଲ ଦେଇଥିଲେ ନାଗାଙ୍ଗବାମ ନାଓଚା ସିଂ। ଟୁର୍ନାମେଣ୍ଟରେ ୩ ମ୍ୟାଚରୁ ଏହାଥିଲା ମଣିପୁରର ଦ୍ୱିତୀୟ ବିଜୟ। ଫଳରେ ଦଳ ୬ ପଏଣ୍ଟରେ ପହଞ୍ଚି ସେମିଫାଇନାଲ ପ୍ରବେଶ ଆଶା ଉଜ୍ଜୀବିତ ରଖିଛି। ୭ମ ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ଏକ ମ୍ୟାଚରେ ଦିଲ୍ଲୀ ସହିତ ପଏଣ୍ଟ ଭାଗ କରିଥିଲା ସର୍ଭିସେସ। ଏଥିରେ ଦିଲ୍ଲୀ ପକ୍ଷରୁ କେହି ଗୋଲ ସ୍କୋର କରିପାରି ନ ଥିଲେ। ସର୍ଭିସେସର ପି. କ୍ରିଷ୍ଟୋଫର କାମେଇ ୨୧ତମ ମିନିଟରେ ପେନାଲ୍ଟିରୁ ଏକ ଗୋଲ ଦେଇ ଦଳକୁ ଆଗୁଆ କରାଇଥିଲେ। ୯୦ ମିନିଟ ପର୍ଯ୍ୟନ୍ତ ଅଗ୍ରଣୀ ରହି ଦଳ ବିଜୟ ଦ୍ୱାରରେ ପହଞ୍ଚି ଯାଇଥିଲା। ମାତ୍ର ଇଞ୍ଜୁରି ଟାଇମ୍ ୯୦+୩ ମିନିଟରେ ବଲ୍ ପାଇଁ ସଂଘର୍ଷ ସମୟରେ ସର୍ଭିସେସ ଡିଫେଣ୍ଡର ସଫିଲ ପି.ପି.ଙ୍କ ଆତ୍ମଘାତୀ ଗୋଲ ଯୋଗୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ଫଳରେ ଦିଲ୍ଲୀ ଗୋଟିଏ ପଏଣ୍ଟ ପାଇ ଯାଇଥିଲା। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ରେଲୱେ କିମ୍ବା ମେଘାଳୟ ଦଳ କେହି ଗୋଲ ଦେଇ ପାରି ନ ଥିଲେ। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇଥିଲେ।



ମଣିପୁର ଓ ପଶ୍ଚିମବଙ୍ଗ ମଧ୍ୟରେ ବୁଧବାର ଅନୁଷ୍ଠିତ ମ୍ୟାଚ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୧୨+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୧୬/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Thursday, February 16/2023 | Page 20 | ପୃଷ୍ଠା-୧

# ୩୦ ନିର୍ବାଚନକୁ ପ୍ରଭାବିତ କରିଛି ଇସ୍ରାଏଲ୍ ସଂସ୍ଥା

**ଅନ୍ତର୍ଜାତୀୟ ଖବରଦାତା ଗୋଷ୍ଠୀର ଅନୁସନ୍ଧାନମୂଳକ ରିପୋର୍ଟ**

**ପ୍ୟାରିସ୍,୧୫।୨(ଆଇଏଏନ୍ଏସ୍)**

ଇସ୍ରାଏଲ୍‌ର ଏନ୍ଏସ୍‌ଓ ଗ୍ରୁପ୍ ଦ୍ୱାରା ବିକଶିତ ପେଗାସସ୍ ସ୍ପାଏୱେର ଗୁପ୍ତଚରଗିରି ବିବାଦ ନ ଥମୁଣୁ ଏହି ଦେଶର କଣ୍ଟ୍ରାକ୍ଟରମାନଙ୍କ ଏକ ଟିମ୍ ବିଶ୍ୱର ୩୦ରୁ ଊର୍ଦ୍ଧ୍ୱ ନିର୍ବାଚନକୁ ପ୍ରଭାବିତ କରିଥିବା ଦାବି କରିଛି। ହ୍ୟାକିଂ, ଅନ୍ତର୍ଘାତୀ କାର୍ଯ୍ୟ ଓ ସୋସିଆଲ ମିଡିଆରେ ସ୍ୱୟଂଚାଳିତ ମିଥ୍ୟା ସୂଚନା ପ୍ରସାର ଭଳି ଉପାୟ ଆପଣାଇ ଏହା କରାଯାଇଥିବା ବୁଧବାର ଏକ ନୂଆ ତଦନ୍ତରୁ ପ୍ରଘଟ ହୋଇଛି। 'ଟିମ୍ ଜର୍ଜ' ନାମକ ଏହି ଦଳ ☞ପୃଷ୍ଠା-୬

# ଜାଲରେ ପଡ଼ିଲା ୨ କୁଇଣ୍ଟାଲ ଓଜନର ସାମୁଦ୍ରିକ କଉ


ବିକ୍ରି ଲାଗି ଯାଉଥିବା ମାଛ

**୩୮ ହଜାର ଟଙ୍କାରେ ନିଲାମ**

**ଭୋଗରାଇ, ୧୫।୨(ଡ଼ି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ଦୀଘା ଉପକୂଳ ଗଭୀର ସମୁଦ୍ରରୁ ଏକ ବିରଳ ପ୍ରଜାତିର କଉ ମାଛ ଜାଲରେ ପଡିଛି। ଟ୍ରଲର ମାଲିକ ଏହି ବିରଳ ମାଛକୁ ଦୀଘା ମୁହାଣ ମାଛ ମାର୍କେଟକୁ ବିକ୍ରି ପାଇଁ ଆଣିଥିଲେ। ଉକ୍ତ ମାଛର ଓଜନ ୨ କୁଇଣ୍ଟାଲ ହୋଇଥିବା ବେଳେ କୋଲକାତା ବସିରହାଟ ଅଞ୍ଚଳର ଏକ କମ୍ପାନୀ ମାଛକୁ ୩୮ହଜାର ଟଙ୍କାରେ ନିଲାମ ଡାକି କିଣି ନେଇଥିଲେ। ☞ପୃଷ୍ଠା-୬

# ନିର୍ମାଣ ହେବ ୧୦୫ ଆଦର୍ଶ ବସ୍‌ଷ୍ଟାଣ୍ଡ

## ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଅସ୍ତରଙ୍ଗ, ସୁବର୍ଣ୍ଣରେଖା ବନ୍ଦର

**୨ ଦିନିଆ ବରିଷ୍ଠ ଅଧିକାରୀ ସମ୍ମିଳନୀ**

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ଯାତ୍ରୀ ପରିବହନ ସେବାକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟରେ ୧୦୫ଟି ଆଦର୍ଶ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୫୫ଟି ବ୍ଲକସ୍ତରୀୟ ଆଦର୍ଶ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ୨୦୨୩ ଡିସେମ୍ବର ସୁଦ୍ଧା ଏଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୫୦ଟି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ଏହା ୨୦୨୪ ମାର୍ଚ୍ଚ ସୁଦ୍ଧା ଶେଷ ହେବ। ବୁଧବାର କୋଣାର୍କ ଇକୋ-ରିଟ୍ରିଟ୍‌ଠାରେ ଅନୁଷ୍ଠିତ ବରିଷ୍ଠ ଅଧିକାରୀ ସମ୍ମିଳନୀର ଦ୍ୱିତୀୟ ଦିବସରେ ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଯାତ୍ରୀମାନଙ୍କ ସୁବିଧା ପାଇଁ ବିଜୁ ଗାଁ ଗାଡ଼ି ଯୋଜନାକୁ ଆହୁରି ମଜଭୁତ କରିବା ସକାଶେ ଆଭ୍ୟନ୍ତର ଜଳ ପରିବହନକୁ ଏହି ଯୋଜନାରେ ସାମିଲ କରାଯାଇଛି। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମକୁ ବ୍ୟବସାୟିକ ଦୃଷ୍ଟିରୁ ଲାଭ ପ୍ରଦାନ କରୁଥିବା ମାର୍ଗଗୁଡ଼ିକରେ ବସ୍ ଚଳାଚଳ କରିବାକୁ ପ୍ରୋତ୍ସାହିତ କରାଯାଇଛି। ଏଥିସହିତ ସହର ପରିବହନ ବ୍ୟବସ୍ଥାରେ ଦ୍ୱିତୀୟ ଶ୍ରେଣୀ ସହରଗୁଡ଼ିକୁ ସାମିଲ କରାଯାଇଛି। ଯାନବାହନଗୁଡ଼ିକର ସମୟଭିତ୍ତିକ ସ୍ଥାନଗୁଡ଼ିକୁ ☞ପୃଷ୍ଠା-୬


କୋଣାର୍କ ଇକୋ-ରିଟ୍ରିଟ୍‌ଠାରେ ବୁଧବାର ଅନୁଷ୍ଠିତ ବରିଷ୍ଠ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ଅଧିକାରୀମାନେ।

# ତହସିଲରୁ ହଟିବେ ମଧ୍ୟସ୍ଥ

- କାର୍ଯ୍ୟକାରୀ ହେବ ସ୍ମାର୍ଟ ସର୍ଭେଲାନ୍ସ ବ୍ୟବସ୍ଥା
- ମାର୍ଚ୍ଚରୁ ପ୍ରତି ତହସିଲରେ ଭର୍ଚୁଆଲ କୋର୍ଟ
- ସପ୍ତାହକୁ ୨ରୁ ୩ ଦିନ ହେବ କ୍ୟାମ୍ପ୍ କୋର୍ଟ

**ଭୁବନେଶ୍ୱର, ୧୫।୨(ବ୍ୟୁରୋ)**

ଏଣିକି ଲୋକଙ୍କୁ ଆଉ ସରକାରୀ କାର୍ଯ୍ୟାଳୟକୁ ଧାଇଁବାକୁ ପଡ଼ିବ ନାହିଁ। ଘଣ୍ଟା ଘଣ୍ଟା ଧରି ଅପେକ୍ଷା ଯନ୍ତ୍ରଣାରୁ ମୁକ୍ତି ମିଳିବ। ସମୟ ସାଙ୍ଗକୁ ଖର୍ଚ୍ଚ ମଧ୍ୟ କମିବ। ସରକାରୀ ଦପ୍ତରରେ ଜନସାଧାରଣ ଭିଡ଼ ହ୍ରାସ କରିବା ପାଇଁ ୨୦୨୩ ମାର୍ଚ୍ଚ ସୁଦ୍ଧା ସମସ୍ତ ତହସିଲରେ କାର୍ଯ୍ୟକାରୀ ହେବ ଭର୍ଚୁଆଲ କୋର୍ଟ। ଏଥିସହ ସପ୍ତାହକୁ ୨ରୁ ୩ ଦିନ ନିୟମିତ କ୍ୟାମ୍ପ୍ କୋର୍ଟ ଆୟୋଜନ କରାଯିବ। ପଞ୍ଜୀକରଣ କାର୍ଯ୍ୟାଳୟରେ ଅଧିକ ସ୍ୱଚ୍ଛତା ଏବଂ ମଧ୍ୟସ୍ଥଙ୍କୁ ହଟାଇବା ପାଇଁ ସ୍ମାର୍ଟ ସର୍ଭେଲାନ୍ସ ବ୍ୟବସ୍ଥା ଆରମ୍ଭ ହେବ। ଅନ୍‌ଲାଇନ ସ୍ଲଟ୍ ବୁକିଂ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହେବ। ଆବଶ୍ୟକ ସ୍ଥଳେ ଅଧିକ ପଞ୍ଜୀକରଣ କାର୍ଯ୍ୟାଳୟ, ଆର୍‌ଆଇ ସର୍କଲ ଖୋଲାଯିବ। କୋଣାର୍କ ଇକୋ-ରିଟ୍ରିଟ୍‌ଠାରେ ବରିଷ୍ଠ ଅଧିକାରୀ ସମ୍ମିଳନୀର ବୁଧବାର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ସମସ୍ତ ଜିଲା, ସବ୍‌ଡିଭିଜନ ଓ ତହସିଲରେ ଓସ୍ୱାସ୍ ସମ୍ପ୍ରସାରଣ ପାଇଁ ପ୍ରସ୍ତାବ ରହିଛି। ରାଜସ୍ୱ ବୋର୍ଡଠାରୁ ଆରମ୍ଭ କରି ପ୍ରତ୍ୟେକ ରାଜସ୍ୱ କାର୍ଯ୍ୟାଳୟର ସମ୍ପୃକ୍ତ ରେକର୍ଡଗୁଡ଼ିକର ଡିଜିଟାଇଜେଶନ୍ ଚାଲିଥିବା ଆଲୋଚନାରୁ ଜଣାପଡ଼ିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ☞ପୃଷ୍ଠା-୬




## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଶ୍ରୀଶ୍ରୀ ପତିତପାବନଦେବ ଟ୍ରଷ୍ଟ ପକ୍ଷରୁ ଶ୍ରୀଶ୍ରୀ ପତିତପାବନଦେବଙ୍କ ବାର୍ଷିକ ମହୋତ୍ସବ, ମନ୍ଦିର ପ୍ରାଙ୍ଗଣ, ଲକ୍ଷ୍ମୀସାଗର, ସକାଳ ୬ଟା।
- ଓଡ଼ିଶା ସବ୍‌ଅର୍ଡିନେଟ୍ ଫାଇନାନ୍ସ ସର୍ଭିସ୍ ଆସୋସିଏଶନ, ଭୁବନେଶ୍ୱରର ବାର୍ଷିକ ସମ୍ମିଳନୀ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ୧୫ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା।
- କୃଷି ଓଡ଼ିଶାର ଉଦ୍‌ଘାଟନୀ, ବିଜୁ ପଟ୍ଟନାୟକ ଖେଳ ପଡ଼ିଆ, ବରମୁଣ୍ଡା, ପୂର୍ବାହ୍ନ ୧୧ଟା।
- କବି ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ବସରରେ ସ୍ମୃତି ସଭା, ଡି. ଏମ୍. ରିସର୍ଟ, ଟଙ୍କପାଣି ରୋଡ୍, ସନ୍ଧ୍ୟା ୭ଟା।

ବଡ଼ମ୍ବା
- ବଡ଼ମ୍ବା ବ୍ଲକ ବିଜେଡି ପକ୍ଷରୁ ପ୍ରତିବାଦ ସଭା ଓ ବିକ୍ଷୋଭ, ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

ପୁରୀ
- ଶ୍ରୀ ଲୋକନାଥ ମନ୍ଦିରରୁ ପଙ୍କ ଉଦ୍ଧାର କାର୍ଯ୍ୟକ୍ରମ, ଶ୍ରୀ ଲୋକନାଥ ମନ୍ଦିର ପରିସର, ସକାଳ ୮ଟା।
- କେନ୍ଦ୍ର ସରକାରଙ୍କ ଗରିବମାରଣ ନୀତି ବିରୋଧରେ ବିଜେଡି ପକ୍ଷରୁ ଗଣଧାରଣା, ପୌରସଦନ ଛକ, ପୂର୍ବାହ୍ନ ୧୧ଟା।
- ଜଗତ ମଙ୍ଗଳ ଦୀପର ଶୁଭ ଉଦ୍‌ଘାଟନ, ଶ୍ରୀ ଲୋକନାଥ ମନ୍ଦିର ପରିସର, ସନ୍ଧ୍ୟା ୭ଟା।

# ସ୍ତ୍ରୀଙ୍କଠାରୁ ତଥ୍ୟ ନେଇ ସ୍ୱାମୀଙ୍କୁ ଠକିଲେ ସାଇବର ଠକ

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ସ୍ତ୍ରୀଙ୍କଠାରୁ ତଥ୍ୟ ନେଇ ସ୍ୱାମୀଙ୍କୁ ଠକିଲେ ସାଇବର ଠକ। ନିଜକୁ କେତେବେଳେ ବ୍ୟାଙ୍କ ମ୍ୟାନେଜର ତ ପୁଣି ଆଉ କେତେବେଳେ ଏଲ୍‌ଆଇସି ଅଧିକାରୀ କହି ଅନ୍‌ଲାଇନ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ୨ ସାଇବର ଠକଙ୍କୁ ଶେଷରେ ଭୁବନେଶ୍ୱର ସାଇବର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ମାଷ୍ଟରମାଇଣ୍ଡ୍ ପୁରୀ ଜିଲା ସତ୍ୟବାଦୀ ଥାନା ଅଞ୍ଚଳର ସୁପ୍ରଭାତ ମହାପାତ୍ର ଓ ସହଯୋଗୀ ଚନ୍ଦନପୁର ଥାନା ଅଞ୍ଚଳର ସୁଶାନ୍ତ ବାରିକ। ସେମାନଙ୍କଠାରୁ ୨ଟି ମୋବାଇଲ ଫୋନ୍ ଓ କିଛି ସିମ୍ କାର୍ଡ ଜବତ କରାଯାଇଛି। ଏହାସହ ଅଭିଯୁକ୍ତଙ୍କ ଆକାଉଣ୍ଟରେ ଥିବା ୨ ଲକ୍ଷ ୨୫ ହଜାର ଟଙ୍କା ଫ୍ରିଜ୍ କରିଛି ସାଇବର ଥାନା ପୋଲିସ। ଅଭିଯୁକ୍ତ ସୁଶାନ୍ତ ଲୋକଙ୍କ ଆଧାର କାର୍ଡ ଜରିଆରେ ସେମାନଙ୍କ ଅଜାଣତରେ ପ୍ରି ଆକ୍ଟିଭେଟ୍ ସିମ୍ ବାହାର କରି ର୍‍ୟାକେଟ ମୁଖ୍ୟ ସୁପ୍ରଭାତଙ୍କୁ ଦେଇ କିଛି କମିଶନ ପାଇଥାନ୍ତି। ସୁପ୍ରଭାତ ଉକ୍ତ ସିମ୍ ଦ୍ୱାରା ଲୋକଙ୍କ ପାଖକୁ କଲ୍ କରି ନାନା ଉପାୟରେ ଠକେଇ କରିଥାନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ ସୁପ୍ରଭାତ ଜଣେ ଡିପ୍ଲୋମା ଛାତ୍ର ବୋଲି ତଦନ୍ତବେଳେ ଜଣାପଡିଛି। ତାଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୨୧ଟି ଆପରାଧିକ ମାମଲା ରହିଥିବା ସାଇବର ଥାନା ପୋଲିସ କହିଛି। ସୂଚନାନୁଯାୟୀ, ଠକେଇର ଶିକାର ବ୍ୟକ୍ତିଜଣକ ହେଲେ ଦିଲୀପ କୁମାର ଭଞ୍ଜ। କିଛିଦିନ ତଳେ ସେ ଫାୟାରଷ୍ଟେଶନରୁ ସିଆର୍‌ପି ଛକକୁ ଯାଉଥିବା ସମୟରେ ଏକ ଅଜଣା ନମ୍ବରରୁ ଅଭିଯୁକ୍ତ ସୁପ୍ରଭାତ କଲ୍ କରିଥିଲେ। ସେ ନିଜକୁ ଜଣେ ବ୍ୟାଙ୍କ ଅଧିକାରୀ କହି ଦିଲୀପଙ୍କ ସହ କଥା ହୋଇଥିଲେ। ଏହାପରେ ଏଲ୍‌ଆଇସିର ଏକ ଚେକ୍ ଅଛି ଓ ଚେକ୍ ପାଇବାକୁ ହେଲେ ଅନ୍‌ଲାଇନରେ ଟଙ୍କା ପଠାଇବାକୁ ପଡିବ ବୋଲି ଦିଲୀପଙ୍କୁ କହିଥିଲେ। ଦିଲୀପ ଏଲ୍‌ଆଇସି ପଲିସି କରିଥିବାରୁ ଅଭିଯୁକ୍ତ କଥାକୁ ବିଶ୍ୱାସ କରି ସୁପ୍ରଭାତଙ୍କ କହିବା ମୁତାବକ ସରୋଜ କୁମାରଙ୍କ ନାମରେ ଥିବା ୮୮୭୩୦୭୬୦୬୮ ନମ୍ବରକୁ ଫୋନ୍‌-ପେ ମାଧ୍ୟମରେ ଦୁଇଟି କିସ୍ତିରେ ୧ ଲକ୍ଷ ଟଙ୍କା ପଠାଇଥିଲେ। ଏହାପରେ ସେ ବ୍ୟାଙ୍କ ଯାଇ ଜାଣିବାକୁ ପାଇଥିଲେ ଯେ ତାଙ୍କୁ ଫୋନ କରିଥିବା ବ୍ୟକ୍ତି ଜଣକ କୌଣସି ବ୍ୟାଙ୍କ ଅଧିକାରୀ ନୁହନ୍ତି। ତେଣୁ ସେ ଠକେଇର ଶିକାର ହେବା ଜାଣିବା ପରେ ସାଇବର ଥାନାରେ ଏନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ସାଇବର ଥାନା ପୋଲିସ ତଦନ୍ତ କରି ପୁରୀରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।




ଗିରଫ ଦୁଇ ଅଭିଯୁକ୍ତ ଓ ଜବତ ମୋବାଇଲ, ସିମ୍‌କାର୍ଡ।

### ପୁରୀରୁ ମାଷ୍ଟରମାଇଣ୍ଡ୍, ସହଯୋଗୀ ଗିରଫ

■ଅଭିଯୁକ୍ତଙ୍କ ଆକାଉଣ୍ଟରେ ଥିବା ୨.୨୫ ଲକ୍ଷ ଟଙ୍କା ଫ୍ରିଜ୍

### ଏମିତି ର୍‍ୟାକେଟ ଚଳାଇଥିଲେ ସୁପ୍ରଭାତ

ସାଇବର ଠକେଇ ର୍‍ୟାକେଟର ମାଷ୍ଟରମାଇଣ୍ଡ୍ ସୁପ୍ରଭାତ ବିଭିନ୍ନ ବେନାମୀ ସିମ୍ ରଖି ସେଥିରେ ମନଇଚ୍ଛା ଦଶଟିକିଆ ନମ୍ବର ଲେଖି କଲ୍ କରନ୍ତି। ପୁରୁଷ ଉଠାଇଲେ ରଙ୍ଗ୍ ନମ୍ବର କହି କାଟି ଦିଅନ୍ତି। ମହିଳା ଉଠାଇଲେ ସମ୍ପର୍କ ଯୋଡ଼ନ୍ତି। ଏପରିକି ମୋହରା ବନାଇ ତାଙ୍କଠାରୁ ସ୍ୱାମୀ କିମ୍ବା ଆର୍ଥିକ କାରବାର କରୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ଓ ଫୋନ୍ ନମ୍ବର ସଂଗ୍ରହ କରିନେବା ପରେ ଠକେଇ ଯୋଜନା କରନ୍ତି। ବିଶେଷକରି କେଉଁ ବ୍ୟାଙ୍କରେ ଆକାଉଣ୍ଟ ରହିଛି ଓ କେଉଁଠି ଏଲଆଇସି ପଲିସି କରିଛନ୍ତି, ମ୍ୟାଚୁରିଟି କେବେ ଅଛି, ଏଭଳି ବିଭିନ୍ନ ତଥ୍ୟ ହାସଲ କରନ୍ତି। ସମାନ ଘଟଣା ଠକେଇର ଶିକାର ହୋଇଥିବା ଦିଲୀପଙ୍କ କ୍ଷେତ୍ରରେ ଘଟିଥିଲା। ସ୍ତ୍ରୀଙ୍କଠାରୁ ଦିଲୀପଙ୍କ ଫୋନ୍ ନମ୍ବର ଓ ଅନ୍ୟାନ୍ୟ ତଥ୍ୟ ପାଇବା ପରେ ସାଇବର ଠକ ସୁପ୍ରଭାତ କଲ୍ କରି ବୋକା ବନାଇ ୧ଲକ୍ଷ ଟଙ୍କା ଠକିନେଇଥିଲେ। ଏପରିକି ସୁପ୍ରଭାତ ଆଉ କେଉଁମାନଙ୍କଠାରୁ କେତେଟଙ୍କା ଠକି ନେଇଛନ୍ତି ତାହାର ଖୋଳତାଡ଼ କରୁଥିବାବେଳେ କେତେଜଣଙ୍କୁ ବ୍ୟାଙ୍କ୍ ଆକାଉଣ୍ଟ ଓ ଚେକ୍ ସମସ୍ୟା କଥା କହି ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି।

ବେଆଇନ ଅର୍ଥ କାରବାର ମାମଲା

## ଅର୍ଚ୍ଚନା, ଜଗବନ୍ଧୁଙ୍କ ଜାମିନ ଆବେଦନ ଖାରଜ

ଭୁବନେଶ୍ୱର,୧୫।୨(ବ୍ୟୁରୋ): ବହୁଚର୍ଚ୍ଚିତ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ଓ ଜଗବନ୍ଧୁ ଚାନ୍ଦଙ୍କ ଜାମିନ ଆବେଦନକୁ ଗୁରୁବାର ଖୋର୍ଦ୍ଧା ଜିଲା ଓ ଦୌରାଜଜ୍ କୋର୍ଟ ଖାରଜ କରିଛନ୍ତି। ଫଳରେ ଦୀର୍ଘଦିନ ହେବ ଜେଲରେ ଦିନ କାଟୁଥିବା ଉଭୟ ଅଭିଯୁକ୍ତଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଅପରପକ୍ଷରେ ଅର୍ଚ୍ଚନାଙ୍କ ବ୍ୟବସାୟିକ ସହଯୋଗୀ ଖଗେଶ୍ୱରଙ୍କ ଜାମିନ ଆବେଦନକୁ ଗତ ୭ ତାରିଖରେ ଉକ୍ତ କୋର୍ଟ ଖାରଜ କରିଥିଲେ। ଉଲ୍ଲେଖଯୋଗ୍ୟ, ହନିଟ୍ରାପରୁ ବେଆଇନ ଅର୍ଥ କାରବାର ମାମଲାରେ ଇଡି ଅର୍ଚ୍ଚନାଙ୍କ ଏକ କାର୍ ଓ ସତ୍ୟବିହାରସ୍ଥିତ ୩.୬୪ କୋଟିର ଘରକୁ ଇଡି ଆଟାଚ୍ କରିଥିବାବେଳେ ତାଙ୍କର ଓ ଖଗେଶ୍ୱରଙ୍କ ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତି ପ୍ରକ୍ରିୟା ଜାରି ରଖିଛି। ସେପଟେ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନାରେ ରୁଜୁ ହୋଇଥିବା ମାମଲାରେ ଗତ ଫେବୃୟାରୀ ୨ରେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ବିରୋଧରେ କମିଶନରେଟ ପୋଲିସ କୋର୍ଟରେ ୨୪ଶହ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଥିଲା। ସେହିପରି ନୟାପଲ୍ଲୀ ଥାନା ପୋଲିସ ମଧ ୫୦୧ ପୃଷ୍ଠା ସମ୍ବଳିତ ଏକ ଚାର୍ଜଶିଟ୍ ଦାଖଲ କରିଥିଲା।

## ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୧୫।୨(ବ୍ୟୁରୋ): ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ରାଜଧାନୀର ବିଭିନ୍ନ ସ୍ଥାନରେ ବେପାର କରୁଥିବା ୨ ନିଶାବେପାରୀଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ପୁରୀ ଜିଲାର ଦୁର୍ଯ୍ୟୋଧନ ସାହୁ ଓ ନୟାଗଡ଼ର ପ୍ରଭାକର ଦଳବେହେରା। ସେମାନଙ୍କଠାରୁ ୫.୨ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ ୮୨/୨୩) ରୁଜୁ କରି ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ବାଲେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ରାଜଧାନୀରେ ଚୋରାରେ ବିକ୍ରି କରୁଥିବା ପଚରାଉଚରାବେଳେ ପୋଲିସ ଜାଣିବାକୁ ପାଇଛି।

## ଟ୍ରେନ ଧକ୍କାରେ ଅବସରପ୍ରାପ୍ତ ଡାକ୍ତରଙ୍କ ମୃତ୍ୟୁ

ଭୁବନେଶ୍ୱର,୧୫।୨(ବ୍ୟୁରୋ): ରେଳ ଧାରଣା ପାର ହେଉଥିବାବେଳେ ଟ୍ରେନ୍ ଧକ୍କା ଦେବାରୁ ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କ ମୃତ୍ୟୁ ଘଟିଛି । ମଙ୍ଗଳବାର ସନ୍ଧ୍ୟାରେ ବାଣୀବିହାର ଷ୍ଟେଶନ ନିକଟସ୍ଥ ବମିଖାଲ ଓଭରବ୍ରିଜ ନିକଟରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ଶହୀଦନଗର ଥାନା ଅଞ୍ଚଳର ନିଖିଳ ଚନ୍ଦ୍ର ନାୟକ (୭୮)। ଖବର ପାଇ ଜିଆର୍‌ପି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି । ଏହାସହ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।




ଦିଲ୍ଲୀ ରବୀନ୍ଦ୍ର ଭବନର ମେଘଦୂତ ଥିଏଟରଠାରେ ଓଡ଼ିଶୀ ନୃତ୍ୟ ପାଇଁ ପ୍ରଭାତ କୁମାର ସ୍ୱାଇଁଙ୍କୁ ଅତିଥିମାନେ 'ଉସ୍ତାଦ ବିସ୍‌ମିଲା ଖାନ୍ ପୁରସ୍କାର' ପ୍ରଦାନ କରୁଛନ୍ତି।

## ୩ ଶିଳ୍ପୀଙ୍କୁ ଉସ୍ତାଦ ବିସ୍‌ମିଲା ଖାନ୍ ଯୁବ ପୁରସ୍କାର

ଭୁବନେଶ୍ୱର,୧୫।୨(ବ୍ୟୁରୋ)

କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୪୦ବର୍ଷରୁ କମ୍ ବୟସର କଳାକାରମାନଙ୍କୁ ଦିଆଯାଉଥିବା 'ଉସ୍ତାଦ ବିସ୍‌ମିଲ୍ଲା ଖାନ୍ ପୁରସ୍କାର' ବର୍ଗରେ ଓଡ଼ିଶାର ୩ଜଣଙ୍କ ନାମ ଘୋଷଣା କରାଯାଇଥିଲା। ଏହି ୩ କଳାକାରଙ୍କୁ ବୁଧବାର ଦିଲ୍ଲୀ ରବୀନ୍ଦ୍ର ଭବନର ମେଘଦୂତ ଥିଏଟରଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ପ୍ରଦାନ କରାଯାଇଛି। ୨୦୧୯ ବର୍ଷ ପାଇଁ ନାଟକ 'ପ୍ରହଲ୍ଲାଦ'ରେ ସନ୍ତୋଷ କୁମାର ରଣା, ୨୦୨୦ ପାଇଁ ଓଡ଼ିଶୀ ସଙ୍ଗୀତରେ ରୂପକ ପରିଡ଼ା ଏବଂ ଓଡ଼ିଶୀ ନୃତ୍ୟ ପାଇଁ ପ୍ରଭାତ କୁମାର ସ୍ୱାଇଁଙ୍କୁ ଏହି ପୁରସ୍କାର ମିଳିଛି। ପୁରସ୍କାର ବାବଦକୁ ୨୫ହଜାର ଟଙ୍କା ଲେଖାଏ ଅର୍ଥରାଶି ଦିଆଯାଇଛି। ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ୩ଦିନିଆ କାର୍ଯ୍ୟକ୍ରମରେ ବୁଧବାର ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଶାନ ରେଡ୍ଡି, କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀର ଚେୟାରମ୍ୟାନ୍ ଡ. ସନ୍ଧ୍ୟା ପୁରେଚ୍ଛା ଉପସ୍ଥିତ ରହି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଲକ୍ଷାଧିକ ଟଙ୍କା ଆତ୍ମସାତ, ମହିଳା ଆକାଉଣ୍ଟାଣ୍ଟ ଗିରଫ

ମଙ୍ଗୁଳି–
ଜଗତପୁର,୧୫।୨(ଡି.ଏନ.ଏ.)

ଜଗତପୁରସ୍ଥିତ ଶ୍ରୀଗୁରୁ ଆଇଟିଆଇ ଶିକ୍ଷାନୁଷ୍ଠାନରୁ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ପୋଲିସ ଜଣେ ମହିଳା ଆକାଉଣ୍ଟାଣ୍ଟଙ୍କୁ ଗିରଫ କରିଛି। ସେ ହେଲେ କଟକ ପୁରୀଘାଟ ଥାନା ଅଧୀନ ତେଲେଙ୍ଗା ବଜାରର ଲୋପାମୁଦ୍ରା ନନ୍ଦ(୨୭)। ଅଭିଯୋଗ ଅନୁଯାୟୀ, ଗତବର୍ଷ ଏଠାକୁ ଆଡ୍‌ମିଶନ କରିବାକୁ ଆସିଥିବା ୩୦ରୁ ଉର୍ଦ୍ଧ୍ୱ ପିଲାଙ୍କଠାରୁ ଲୋପାମୁଦ୍ରା ବର୍ଷକର ଦରମା ଏବଂ ଆଡମିଶନ ଫି' ନେଇ ରସିଦ ଦେଇ ନ ଥିଲେ। ଚଳିତବର୍ଷ ଅଡିଟ୍ ସମୟରେ ୫୨ ଲକ୍ଷ ୩ ହଜାର ୨୦୧ ଟଙ୍କାର ହିସାବ ମିଳି ନ ଥିଲା। ଏ ନେଇ କଲେଜ ପକ୍ଷରୁ ଲୋପାମୁଦ୍ରାଙ୍କୁ ଟଙ୍କା ପଇଠ ପାଇଁ କୁହାଯାଇଥିଲା। ହେଲେ ସେ ୭୦ହଜାର ଟଙ୍କା ଫେରସ୍ତ କରିଥିଲେ। ଅବଶିଷ୍ଟ ଟଙ୍କା ଫେରସ୍ତ ନ କରିବାରୁ କଲେଜ କର୍ତ୍ତୃପକ୍ଷ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୭୬/୨୩) ରୁଜୁ କରିଥିଲା।

## ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କଲା 'କନ୍‌ଫ୍ଲୁଏନ୍ସ'

ଭୁବନେଶ୍ୱର, ୧୫।୨(ବ୍ୟୁରୋ)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ଲେ ସ୍କୁଲ୍ ସାଇ ଆଙ୍ଗନ୍‌ର ବାର୍ଷିକ ଉତ୍ସବ 'କନଫ୍ଲୁଏନ୍ସ-୨୦୨୩' ସ୍କୁଲର ଇନ୍ଦ୍ରପ୍ରସ୍ଥ ଅଡିଟୋରିୟମ୍ ପରିସରରେ ପାଳିତ ହୋଇଯାଇଛି। ବୁଧବାର ଉଦ୍‌ଯାପିତ ଏହି ଉତ୍ସବ ୩ ଦିନ ଧରି ଚାଲିଥିବାବେଳେ ଏଥିରେ ପ୍ଲେଗ୍ରୁପ୍‌ରୁ କ୍ଲାସ୍-୩ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଆଜାଦୀ କା ଅମୃତ ମହୋତ୍ସବ ଉପରେ ବିଭିନ୍ନ ପ୍ରକାର ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମହାପୁରୁଷ ଓ ଜନନେତାମାନେ କିପରି ଭାରତବର୍ଷକୁ ସ୍ୱାଧୀନତା ଓ ସ୍ୱତନ୍ତ୍ର ରାଷ୍ଟ୍ର ଗଠନରେ ବଳିଦାନ ଦେଇଥିଲେ ତାହା ଉପରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ସାଇ ଇଣ୍ଟରନ୍ୟାଶନାଲର ଚେୟାରମ୍ୟାନ୍ ଶିଳ୍ପୀ ସାହୁ କହିଲେ, ଏହିପରି କାର୍ଯ୍ୟକ୍ରମ ଆୟୋଜନ କରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକତା, ଲୋକନୃତ୍ୟ ଏବଂ ଦେଶପ୍ରେମ ସମ୍ବନ୍ଧୀୟ ଧାରଣା ଜାଗ୍ରତ କରି ସେମାନଙ୍କ ମାଧ୍ୟମରେ ଏକ ସୁନ୍ଦର ଓ ସୁସ୍ଥ ରାଷ୍ଟ୍ର ଗଠନ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଉତ୍ସବରେ ସିନିୟର ପ୍ରିନ୍ସପାଲ୍ ନୀଳକଣ୍ଠ ପାଣିଗ୍ରାହୀ, ପ୍ରିନ୍ସପାଲ(ପ୍ରାଇମେରୀ) ରଶ୍ମି ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବ ଗତ ୧୩ ତାରିଖରୁ ଆରମ୍ଭ ହୋଇ ତିନିଦିନ ଧରି ଚାଲିଥିବାବେଳେ ୟୁଟ୍ୟୁବ୍‌ରେ ସିଧା ପ୍ରସାରଣ କରାଯାଇଥିଲା।

ସୂଚନାଯୋଗ୍ୟ, ସ୍କୁଲର ପୂର୍ଣ୍ଣାଙ୍ଗ ଶିକ୍ଷା କାର୍ଯ୍ୟକ୍ରମର ଏକ ଅଂଶସ୍ୱରୂପ ପ୍ରତିବର୍ଷ ଏହି ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଛାତ୍ରୀଛାତ୍ରଙ୍କ ମନରେ ଜାତୀୟ ଓ ସ୍ଥାନୀୟ ସାଂସ୍କୃତିକ ପରମ୍ପରା ବିଷୟରେ ଏହା ଗଭୀର ପ୍ରଭାବ ପକାଇଥାଏ।




ସାଇ ଆଙ୍ଗନ୍‌ର ବାର୍ଷିକ ଉତ୍ସବ 'କନଫ୍ଲୁଏନ୍ସ-୨୦୨୩'ରେ କୁନି ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସ୍ୱାଗତିକା



@ ମାନସ



@ ଲିପି



@ ଜ୍ୟୋତିରଞ୍ଜନ



@ ଶୁଭମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ୧୫ତମ କଳିଙ୍ଗ ହର୍ବାଲ ମେଳାର ବୁଧବାର ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ-ବିକାଶ)




ଭୁବନେଶ୍ୱର ସୂଚନା ଭବନରେ ବୁଧବାର 'ପ୍ରିୟ ଖବର'ର ନବମ ସ୍ୱନକ୍ଷତ୍ର ଉତ୍ସବରେ ଅତିଥିମାନେ ଖବରକାଗଜର ନୂତନ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।




# ବଢ଼ିପାରେ ବିଦ୍ୟୁତ୍ ଶୁଳ୍କ

**ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାଙ୍କ ଶୁଣାଣି ସରିଲା**

- ୨୪ରୁ ବିଦ୍ୟୁତ୍ ବଣ୍ଟନ କମ୍ପାନୀଙ୍କ ଶୁଣାଣି
- ମାର୍ଚ୍ଚ ଶେଷ ସପ୍ତାହରେ ରାୟ ଶୁଣାଇବେ ଓଇଆରସି

ଭୁବନେଶ୍ୱର,୧୫।୨(ବ୍ୟୁରୋ)

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଶୁଳ୍କ ବୃଦ୍ଧି ନେଇ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ଓଏଚ୍‌ପିସି, ଓପିଟିସିଏଲ୍, ଏସ୍‌ଏଲ୍‌ଡିସି, ଗ୍ରୀଡ୍‌କୋର ଶୁଣାଣି ବୁଧବାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ରେ ଶେଷ ହୋଇଛି। ଆସନ୍ତା ୨୪ରୁ ୨୮ ତାରିଖ ମଧ୍ୟରେ ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀଗୁଡ଼ିକର ଶୁଣାଣି ହେବ। ମାର୍ଚ୍ଚ ତୃତୀୟ ସପ୍ତାହରେ କମିଶନ ରାୟ ଶୁଣାଇବେ। ଚଳିତ ବର୍ଷ ବିଦ୍ୟୁତ୍ ଶୁଳ୍କ ବଢ଼ିବା ନେଇ ସୂଚନା ମିଳୁଛି। ଆସନ୍ତା ବର୍ଷ ନିର୍ବାଚନ ଥିବାରୁ ଶୁଳ୍କ ବୃଦ୍ଧି ନେଇ ଓଇଆରସି କି ନିଷ୍ପତ୍ତି ନେଇଛନ୍ତି ତାହା ଉପରେ ନଜର ରହିଛି।

ଓଡ଼ିଶା ଜଳବିଦ୍ୟୁତ୍ ନିଗମ (ଓଏଚ୍‌ପିସି)ର ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଆନୁଆଲ ରେଭିନ୍ୟୁ ରିକ୍ୱାରମେଣ୍ଟ (ଏଆରଆର) ୫୦୧.୩୧ କୋଟି ଏବଂ ପ୍ରତି ୟୁନିଟ୍‌କୁ ୮୯.୪୮ ପଇସାରେ ବିକ୍ରି କରିବାକୁ ଓଇଆରସି ଅନୁମତି ଦେଇଛି। ଆସନ୍ତା ଆର୍ଥିକ ବର୍ଷ ପାଇଁ ୫୬୦୨.୬୦ ନିୟୁତ ୟୁନିଟ ଶକ୍ତି ବିକ୍ରି କରିବ। ଏଆରଆର ବାବଦରେ ୫୬୮.୧୨୭ କୋଟି ଏବଂ ୟୁନିଟ ପିଛା ୧୦୧.୪୦ ପଇସାରେ ବିକ୍ରି କରିବାକୁ ପ୍ରସ୍ତାବ ଦେଇଛି। ସେହିପରି ଓପିଜିସି ଆସନ୍ତା ଆର୍ଥିକ ବର୍ଷ ପାଇଁ ବାର୍ଷିକ ନିର୍ଦ୍ଧାରିତ ମୂଲ୍ୟ ୨୯୨.୫୮ କୋଟି ଏବଂ ପ୍ରତି ୟୁନିଟକୁ ୧୭୮.୮୫ ପଇସା ମୂଲ୍ୟରେ ଗ୍ରୀଡ୍‌କୋକୁ ବିକ୍ରି କରିବାକୁ ପ୍ରସ୍ତାବ ଦେଇଛି। ଅନୁରୂପ ଭାବେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଓପିଟିସିଏଲ୍ ୩୪,୨୩୬ ନିୟୁତ ୟୁନିଟ ଉତ୍ପାଦନ ବାବଦରେ ୧,୧୦୨ କୋଟି ଖର୍ଚ୍ଚ କରିବାକୁ ଥିବାବେଳେ ପ୍ରତି ୟୁନିଟକୁ ୩୨.୧୯ ପଇସା ବିକ୍ରି କରିବାକୁ ପ୍ରସ୍ତାବ ଦେଇଛି। ବୁଧବାର ଗ୍ରୀଡ୍‌କୋର ଶୁଣାଣି ପରେ ରାୟ ସଂରକ୍ଷିତ ରଖାଯାଇଛି।

# ଦ୍ୱିତୀୟ ପର୍ଯ୍ୟାୟରେ ଖନନ କାର୍ଯ୍ୟ ଆରମ୍ଭ

**ଗୋପରେ ତୈଳ ମିଳିବା ପ୍ରସଙ୍ଗ**

ଗୋପ,୧୫।୨(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଚାଲିଥିବା ତୈଳ ସନ୍ଧାନ କାର୍ଯ୍ୟ ପ୍ରସଙ୍ଗରେ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ଅତ୍ୟାଧୁନିକ ରିଗ ମେଶିନ ସାହାଯ୍ୟରେ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖନନ କାର୍ଯ୍ୟକୁ ଉଦ୍‌ଘାଟନ କରି କହିଥିଲେ, ଗୋଟିଏ ଛୋଟ ଅଞ୍ଚଳ ହୋଇଥିବା ବେଳେ ପ୍ରାକୃତିକ ଗ୍ୟାସ ସହିତ ତୈଳ ବାହାରିବାକୁ ଥିବାରୁ ଏବେ ଏହି ବ୍ଲକ ବିଶ୍ୱ ମାନଚିତ୍ରରେ ସ୍ଥାନିତ ହେବାକୁ ଯାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଯଦିଓ ପର୍ଯ୍ୟାପ୍ତ ପରିମାଣର ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ବାହାରେ ତା'ହେଲେ ଏହି ଅଞ୍ଚଳର ଅଭିବୃଦ୍ଧି ଘଟିବା ସହିତ ନିଯୁକ୍ତି, ବିକାଶ କ୍ଷେତ୍ରରେ ମଧ୍ୟ ଆଗକୁ ଯାଇପାରିବ ବୋଲି ମନ୍ତ୍ରୀ ଦାଶ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ଅତିରିକ୍ତ ସଚିବ ଶୁଭେନ୍ଦୁ ନାୟକ, ଅଏଲ ଇଣ୍ଡିଆ କମ୍ପାନୀର ନିର୍ଦ୍ଦେଶକ ପଙ୍କଜ କୁମାର ଗୋସ୍ୱାମୀ, ଅଶୋଧିତ ତୈଳ ନିର୍ଦ୍ଦେଶକ ମାନସ କୁମାର ଶର୍ମା, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅନଫର ଅଲ୍ଲି, ମହାନଦୀ ବେସିକ ପ୍ରୋଜେକ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଞ୍ଜନ କୁମାର ପୋଖନ, ଅଏଲ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଶ୍ୱନାଥ ସାହୁ, ଗୋପ ତହସିଲଦାର ଏସ୍.କେ.ସାଗିର ପ୍ରମୁଖ ଯୋଗଦେଇଥିଲେ। ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ସମସ୍ତ ପ୍ରକାର କାର୍ଯ୍ୟ ଚାଲିଛି। ଯଦି ଅଧିକ ପରିମାଣର ପ୍ରାକୃତିକ ଗ୍ୟାସ ସହିତ ତୈଳ ବାହାରେ ତେବେ ନିଶ୍ଚିତ ରାଜ୍ୟ ସହିତ ଦେଶର ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଆଣିପାରିବ ବୋଲି ଅତିଥିମାନେ କହିଥିଲେ। ମନ୍ତ୍ରୀ ଦାଶ ଖନନ କରୁଥିବା ରିଗ ମେଶିନ ନିକଟରେ ପହଞ୍ଚିବା ପରେ ଉପସ୍ଥିତ ବ୍ରାହ୍ମଣଙ୍କ ମନ୍ତ୍ର ପାଠ ପରେ ମନ୍ତ୍ରୀ ନଡ଼ିଆ ବାଡେଇ ଏହି ଖନନ କାର୍ଯ୍ୟକୁ ଶୁଭାରମ୍ଭ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଖନନ କାର୍ଯ୍ୟ ୧୦ ମିଟର ଯାଏଁ ହୋଇଥିବା କମ୍ପାନୀର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱନାଥ ସାହୁ କହିଛନ୍ତି।


ଖନନ କାର୍ଯ୍ୟ ନେଇ ଅନୁଷ୍ଠିତ ପୂଜାରେ ମନ୍ତ୍ରୀ ଓ ଅନ୍ୟମାନେ ଯୋଗଦେଇଛନ୍ତି।

# ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ଜେଲ ଡିଜି

**ନବ ଦାସ ହତ୍ୟା ମାମଲା**

**ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ହେଲା**

କଟକ ଅଫିସ/ଚୌଦ୍ୱାର, ୧୫।୨(ଡି.ଏନ୍.ଏ.)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସଙ୍କ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି ଜେଲ ଡିଜି ମନୋଜ ଛାବ୍ରା। ସେ ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଚୌଦ୍ୱାର ସର୍କଲ ଜେଲ୍‌ରେ ପହଞ୍ଚିବା ପରେ ଗୋପାଳ ରହୁଥିବା ୩ ନମ୍ବର ସେଲ୍‌ର ସୁରକ୍ଷା ବ୍ୟବସ୍ଥା ଉପରେ ନଜର ପକାଇଥିଲେ। ବେଶ୍ କିଛି ସମୟ ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ କୁମାର ବେହେରାଙ୍କ ସହ ଗୋପାଳଙ୍କ ସୁରକ୍ଷା ବ୍ୟବସ୍ଥା ସମେତ ଅନ୍ୟ ଦିଗ ଉପରେ ସେ ଆଲୋଚନା କରିଥିଲେ।

ଅଭିଯୁକ୍ତ ଗୋପାଳ ଝାରସୁଗୁଡ଼ା ସବ୍‌ଜେଲରେ ନିଜକୁ ଅସୁରକ୍ଷିତ ମଣିଥିଲେ। ଅନ୍ୟ ଜେଲକୁ ସ୍ଥାନାନ୍ତର ପାଇଁ ସେ ଇଚ୍ଛାପ୍ରକାଶ କରି ଜେଲ ବିଭାଗ ମାଧ୍ୟମରେ ଝାରସୁଗୁଡ଼ା ଜେଏମ୍‌ଏଫ୍‌ସିରେ ଆବେଦନ କରିଥିଲେ। ଅଦାଲତ ଏହି ଆବେଦନକୁ ଗ୍ରହଣ କରି ଅନ୍ୟତ୍ର ସ୍ଥାନାନ୍ତର ପାଇଁ ମଞ୍ଜୁର କରିଥିଲେ। କୋର୍ଟ ଆଦେଶକୁ ଭିତ୍ତି କରି ଗୋପାଳଙ୍କୁ କଡ଼ା ସୁରକ୍ଷାରେ ଝାରସୁଗୁଡ଼ାରୁ ଅଣାଯାଇ ମଙ୍ଗଳବାର ରାତି ୮ଟା ୨୫ମିନିଟରେ ଚୌଦ୍ୱାର ଜେଲରେ ପହଞ୍ଚା ଯାଇଥିଲା। ସିସିଟିଭି କ୍ୟାମେରା ନଜରରେ ଗୋପାଳଙ୍କ ୨୪ ଘଣ୍ଟିଆ ରହିବା ବ୍ୟବସ୍ଥା ହୋଇଛି। ସେ ମଙ୍ଗଳବାର ରାତିରେ ରୁଟି ଡାଲମା ଖାଇଥିବାବେଳେ ଅନ୍ୟ ଅନ୍ତେବାସୀଙ୍କ ପରି ବୁଧବାର ସକାଳୁ ସୁଜି ହାଲୁଆ ଓ ମଧ୍ୟାହ୍ନରେ ଭାତ ଖାଇଥିବା ଜେଲ ସୂତ୍ରରୁ ପ୍ରକାଶ। ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଜେଲରେ ଆତ୍ମହତ୍ୟା କରିବା ଘଟଣାର ଯେପରି ପୁନରାବୃତ୍ତି ନ ହୁଏ, ସେଥିପ୍ରତି ଜେଲ ବିଭାଗ ପୂରା ସଜାଗ ରହିଛି। ରାଜ୍ୟର ଜଣେ ପ୍ରଭାବଶାଳୀ ରାଜନେତା ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ହତ୍ୟା ଘଟଣାର ଅଭିଯୁକ୍ତ ଗୋପାଳ ନିଜ ସୁରକ୍ଷା ନେଇ ସଂଶୟ ପ୍ରକାଶ କରିବା ପରେ ପୋଲିସ, କ୍ରାଇମବ୍ରାଞ୍ଚ ଓ ଜେଲ ବିଭାଗ ସତର୍କତାମୂଳକ ପଦକ୍ଷେପ ଆପଣେଇଛନ୍ତି। ବୁଧବାର ଜେଲ ଡିଜି ଛାବ୍ରା ଜେଲ ପରିଦର୍ଶନ କରିବା ସମୟରେ ଟିକିନିଖି ତଥ୍ୟ ଅପ୍‌ଡେଟ୍ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷରେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଜେଲ ପରିସରରେ ବୁଧବାର ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଜଣାପଡ଼ିଛି। ପୂର୍ବରୁ କଟକସ୍ଥିତ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଦ୍ୱାରା ଗୋପାଳଙ୍କ ମାନସିକ ରୋଗ ସମ୍ପର୍କିତ ପରୀକ୍ଷାର ରିପୋର୍ଟ ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ। ତେବେ ଗୋପାଳ ମାନସିକ ରୋଗୀ କି ନୁହେଁ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇପାରିନାହିଁ।

# କୋଇଲା ଚୋରି ଘଟଣା: ୩ ସିଆଇଏସ୍‌ଏଫ୍ ଯବାନ ଗିରଫ

ପାରାଦୀପ,୧୫।୨(ସ୍ୱ.ପ୍ର.)

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରୁ ଜାନୁୟାରୀ ୨୪ରେ ହୋଇଥିବା କୋଇଲା ଚୋରି ଘଟଣାରେ ବୁଧବାର ଲକ୍ ଥାନା ପୋଲିସ ଆଉ ୩ ଜଣ ସିଆଇଏସ୍‌ଏଫ୍ ଯବାନଙ୍କୁ ଗିରଫ କରିଛି। ସେମାନେ ହେଲେ ହାବିଲଦାର ଧ୍ରୁବଚରଣ ବେହେରା, କନଷ୍ଟେବଲ ପର୍ଶୁରାମ ବାରିକ ଓ ସଞ୍ଜୟ କୁମାର ସେଠୀ। ଏବେ ସୁଦ୍ଧା ଏହି ୩ ଜଣଙ୍କୁ ମିଶାଇ ପୋଲିସ ୧୨ ଜଣଙ୍କୁ ଗିରଫ କରି ସାରିଲାଣି। ଏହି ଘଟଣାରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଛି ବୋଲି ଆଇଆଇସି ଭାବଗ୍ରାହୀ ରାଉତ କହିଛନ୍ତି।

ଜାନୁୟାରୀ ୨୪ ରାତିରେ ବନ୍ଦର ନିଷିଦ୍ଧାଞ୍ଚଳରୁ ଏକ ଟ୍ରକ୍ (ଓଡି ୨୧ ଜେ ୩୭୪୭)ରେ ୩୧ ଟନ ଜାଳେଣି କୋଇଲା ବୋଝେଇ କରି ଚଣ୍ଡିଖୋଲ ଅଭିମୁଖେ ଯାଉଥିଲା। ଖବର ପାଇ ପୋଲିସ ଦୋଛକି ନିକଟରେ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରିଥିଲା। ଜାନୁୟାରୀ ୩୦ରେ ପୋଲିସ ନଂ.୩୩/୨୩ରେ ମାମଲା ରୁଜୁ କରିବା ସହ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ପର୍ଯ୍ୟାୟକ୍ରମେ ଆଉ ୪ ଜଣ ଗିରଫ ହୋଇଥିଲେ। ଏହି ଘଟଣାରେ ବନ୍ଦର ସୁରକ୍ଷା ଦାୟିତ୍ୱରେ ଥିବା ସିଆଇଏସ୍‌ଏଫ୍‌ର ସମ୍ପୃକ୍ତି ଥିବା ପୋଲିସ ସୁରାକ ପାଇଥିଲା। ବନ୍ଦର ଭିତରୁ ଟ୍ରକ୍ ସହ ଏକ ଲୋଡର (ଓଡି ୦୨ ବିଜେ ୮୨୫୮)କୁ କୋଇଲା ଚୋରିରେ ସିଆଇଏସ୍‌ଏଫ୍‌ର ଗିରଫ ଯବାନମାନେ ସହାୟତା କରିଥିଲେ।

# କଂଗ୍ରେସ କ୍ଷମତାକୁ ଆସିଲେ ୨ଶହ ୟୁନିଟ୍ ବିଦ୍ୟୁତ୍ ମାଗଣା: ପିସିସି ସଭାପତି

ଚଣ୍ଡଖୋଲ,୧୫।୨(ଡି.ଏନ.ଏ.)

ଓଡ଼ିଶା ଏବେ ସବୁଠୁ ଗରିବ ରାଜ୍ୟରେ ପରିଣତ ହୋଇଛି। ଏଠାରେ ଖଣି ସ୍କାମ୍ ଓ ଚିଟ୍‌ଫଣ୍ଡ ଠକେଇ ଭଳି ବିଭିନ୍ନ ଦୁର୍ନୀତିରେ ସରକାର ବୁଡ଼ି ରହିଛନ୍ତି। ଗରିବ ଚାଷୀର ସମସ୍ୟା ସମାଧାନ କରିବାରେ ସରକାର ବିଫଳ ହୋଇଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ଗରିବ ଲୋକଙ୍କୁ ୨ଶହ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ଘୋଷଣା କରିଛନ୍ତି। ବୁଧବାର ଯାଜପୁର ଜିଲା ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦୁର୍ନୀତି ବିରୋଧରେ ବଡ଼ଚଣା ବ୍ଲକ୍ କଂଗ୍ରେସ ତରଫରୁ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ଯୋଗଦେଇ ପିସିସି ସଭାପତି ପଟ୍ଟନାୟକ ଉପରୋକ୍ତ କଥା କହିଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶା ପ୍ରଦେଶ କଂଗ୍ରେସର ପ୍ରଭାରୀ ଡା. ଚେଲ୍ଲା କୁମାର ଯୋଗଦେଇ ମା' ବିରଜାଙ୍କ ମୂର୍ତ୍ତି ବଦଳ ଘଟଣା, କଳିଙ୍ଗନଗର ଗୁଳିକାଣ୍ଡ, ମାହାଙ୍ଗା ଡବଲ ମର୍ଡର ଓ ଧର୍ମଶାଳାର ସ୍ମିତାରାଣୀ ଘଟଣାରେ ବିଜେଡି ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ସେହିଭଳି ନବ ଦାସ ହତ୍ୟା ଘଟଣା ପଛରେ କିଏ ଅଛି ତା'ର ଖୁଲାସା ହେବା ଦରକାର। ବିଜେଡି ସରକାର ଅମଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ସେ ପ୍ରକାଶ କରିଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଯୋଗଦେଇ କହିଲେ, ଏଠାରେ ଗଣତନ୍ତ୍ର ସୁରକ୍ଷିତ ନୁହେଁ। ଦୀର୍ଘ ବର୍ଷ ଧରି ବିଜେଡି ଶାସନରେ ସେ ଅମଲା ଭାବେ କାମ କରିଥିଲେ ମଧ୍ୟ କେତେଜଣ ମୁଷ୍ଟିମେୟ ଲୋକ ଓଡ଼ିଶାକୁ ଲୁଟୁଛନ୍ତି। ଓଡ଼ିଆମାନେ ବାହାର ରାଜ୍ୟରେ ଯାଇ ଦାଦନ ଖଟୁଥିଲା ବେଳେ ଏଠାରେ କଳ କାରଖାନାରେ ଅନ୍ୟ ରାଜ୍ୟର ଲୋକଙ୍କୁ ନିଯୁକ୍ତି ମିଳୁଛି। ଏପରିକି ଓଡ଼ିଶାରେ ଠିକାଦାରି ଏବେ ବାହାର ରାଜ୍ୟର ଠିକାଦାରଙ୍କ କବ୍‌ଜାରେ ରହିଛି। ତୁରନ୍ତ ଏହାର ପୂର୍ଣ୍ଣଚ୍ଛେଦ ପଡ଼ିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ, ରାଜ୍ୟ ସରକାର କେବଳ ମଦକୁ ପ୍ରୋତ୍ସାହନ ଦେଇ ସେଥିରୁ ବାର୍ଷିକ ୭ହଜାର କୋଟି ଟଙ୍କା ଆୟ କରୁଛନ୍ତି। ଏଠି ଚାଷୀ ମରୁଛନ୍ତି, ଗରିବ ଲୋକ ବି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀ ଧାନ ବିକ୍ରି ପାରୁନି, ମିଲରମାନେ ରାଜୁତି କରୁଛନ୍ତି। କେବଳ ଡାକ୍ତରଖାନା ଖୋଲିଥିଲେ ମଧ୍ୟ ଡାକ୍ତର ନାହାନ୍ତି। ଏ ହେଉଛି ଓଡ଼ିଶାର ବାସ୍ତବ ଚିତ୍ର ବୋଲି ସେ କହିଥିଲେ।

# କ୍ୱାର୍ଟର୍ସରେ ମହିଳା କନଷ୍ଟେବଲଙ୍କ ଆତ୍ମହତ୍ୟା

**ଦାମ୍ପତ୍ୟ କଳହର କରୁଣ ପରିଣତି**

ଢେଙ୍କାନାଳ ଅଫିସ, ୧୫।୨


ସୁନୀତା ନାୟକ

ଢେଙ୍କାନାଳ ରିଜର୍ଭ ପୋଲିସ ଲାଇନସ୍ଥିତ ସରକାରୀ ପୋଲିସ କ୍ୱାର୍ଟର୍ସରୁ ବୁଧବାର ସକାଳେ ଜଣେ ମହିଳା କନଷ୍ଟେବଲଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି। ମୃତା ହେଲେ ସୁନୀତା ନାୟକ (୩୭)। ସେ ଟାଉନ ଥାନା ଭିଏଚ୍‌ଏଫ୍ ସେକ୍ସନରେ କାର୍ଯ୍ୟରତ ଥିଲେ। ଦାମ୍ପତ୍ୟ କଳହକୁ କେନ୍ଦ୍ରକରି ସେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ଟାଉନ ଥାନା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ସଂକ୍ରାନ୍ତରେ ନଂ. ୧୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସୁନୀତା ଏବଂ ତାଙ୍କ ସ୍ୱାମୀ ଗଣେଶ୍ୱର ନାୟକ ଉଭୟେ କନଷ୍ଟେବଲ ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ରାତିରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ତେଣୁ ଦମ୍ପତି ରାତ୍ରିଭୋଜନ ମଧ୍ୟ କରି ନ ଥିଲେ। ଭୋର ୪ଟାରେ ସୁନୀତା ଗାଧୁଆ ଘରକୁ ଯିବାକୁ ଆସିଥିଲେ। ସକାଳୁ ତାଙ୍କ ମୃତଦେହ ବେଡ୍‌ରୁମ ନିକଟବର୍ତ୍ତୀ ଏକ ପ୍ରକୋଷ୍ଠରୁ ଓଢ଼ଣିରେ ଝୁଲନ୍ତା ଅବସ୍ଥାରେ ଠାବ କରାଯାଇଥିଲା। ତେବେ କନଷ୍ଟେବଲ ଦମ୍ପତିଙ୍କ ମଧ୍ୟରେ ଗଣ୍ଡଗୋଳ ପଛର କାରଣ କ'ଣ, ଏଭଳି କ'ଣ ହେଲା ଯେ ସୁନୀତା ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଲେ ତାହା ଅସ୍ପଷ୍ଟ ରହିଛି। ହେଲେ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟ କଳହ ଲାଗୁଥିଲା ବୋଲି ଆଲୋଚନା ହେଉଛି। ଅନ୍ୟପଟେ ଟାଉନଥାନା ପୋଲିସ ଖୁବ୍ କମ୍ ସମୟ ମଧ୍ୟରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ଲାଗି ଯେଉଁଭଳି ତତ୍ପରତା ଦେଖାଇଲା, ତାହା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି।

ଏ ସମ୍ପର୍କରେ ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର କୁହନ୍ତି, ସୁନୀତାଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ। ପାରିବାରିକ କଳହକୁ ନେଇ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ଏ ନେଇ ତାଙ୍କ ସ୍ୱାମୀଙ୍କୁ ପଚରାଉଚରା କରାଯାଉଛି। ସୂଚନାଯୋଗ୍ୟ, ୨୦୧୧ରେ ସୁନୀତା ଏବଂ ଗଣେଶ୍ୱରଙ୍କ ବିବାହ ହୋଇଥିଲା। ଉଭୟଙ୍କ ଏକ ୯ବର୍ଷର ପୁଅ ଏବଂ ୫ ବର୍ଷର କନ୍ୟା ସନ୍ତାନ ଅଛନ୍ତି।















## ସଂକ୍ଷେପରେ

### କ୍ରାନ୍ତି ମହୋତ୍ସବ ପାଳିତ

ବାରଙ୍ଗ,୧୫।୨(ଡି.ଏନ୍.ଏ.)- ଭୁବନେଶ୍ୱର ଉପକଣ୍ଠ ଶିମିଳିପାଟଣା ଯାତ୍ରା ପଡ଼ିଆରେ ବୁଧବାର ଶହୀଦ ପିଣ୍ଡିକ ବାହୁବଳେନ୍ଦ୍ରଙ୍କ ୨୫୫ତମ ଜୟନ୍ତୀ ଅବସରରେ କ୍ରାନ୍ତି ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଦାମୋଦର ରାଉତ ଓ ମୁଖ୍ୟବକ୍ତା ଭାବେ ସମ୍ବାଦ ଅଧକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, କଳିଙ୍ଗ କେଶରୀ ରଥ ଯୋଗଦେଇ ଇଂରେଜଙ୍କୁ ତଡିବାରେ ପିଣ୍ଡିକ ବାହୁବଳେନ୍ଦ୍ରଙ୍କ ପରାକ୍ରମ ଉପରେ ମତବ୍ୟକ୍ତ କରିଥିଲେ। ପ୍ରଥମେ ପିଣ୍ଡିକଙ୍କ ପଣନାତି ପ୍ରଫୁଲ୍ଲ ବାହୁବଳେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ଚନ୍ଦକା ଛକରେ ଥିବା ଶହୀଦ ପିଣ୍ଡିକଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ମହୋତ୍ସବ ଆରମ୍ଭ ହୋଇଥିଲା। ଅତିଥିଙ୍କ ଦ୍ୱାରା ବହ୍ନିଶିଖା ପତ୍ରିକା ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଅଞ୍ଚଳର କିଛି ଲୋକପ୍ରତିନିଧିଙ୍କ ସମେତ କୁହୁଡିର ମା'ମଙ୍ଗଳା ପାଇକଆଖଡ଼ାକୁ ସମ୍ମାନିତ କରାଯାଇଥିଲା। ଶେଷରେ ମହିଳାମାନେ ପାଇକ ଆଖଡ଼ା ପ୍ରଦର୍ଶନ କରିଥିଲେ।

### ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବାରଙ୍ଗ,୧୫।୨(ଡି.ଏନ୍.ଏ.)- କେନ୍ଦ୍ର ସରକାରର ବିଭିନ୍ନ ଜନବିରୋଧୀ ନିଷ୍ପତ୍ତି ତଥା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ବନ୍ଦ କରିବା, ଚାଷୀଙ୍କ ଧାନକ୍ରୟ ଓ ଏମ୍ଏସ୍ପି ଇତ୍ୟାଦି ଗରିବ ବିରୋଧୀ ନୀତି ପାଇଁ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରଯାଇଛି। ଖୋର୍ଦ୍ଧା ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ୨୮ନଂ. ଜୋନ୍ର ମେଣ୍ଢାଶାଳ, କଣ୍ଟାବାଡ଼, ଦାରୁଠେଙ୍ଗ, ଅନ୍ଧାରୁଆ, ଚନ୍ଦକା, ମଳିପଡ଼ା ଆଦି ୬ଟି ଗ୍ରାମପଞ୍ଚାୟତ ଏଥିରେ ସାମିଲ ହୋଇଥିଲେ। ମେଣ୍ଢାଶାଳ ପଞ୍ଚାୟତରେ ସରପଞ୍ଚ କୌଶଲ୍ୟା ବଳିୟାରସିଂଙ୍କ ନେତୃତ୍ୱରେ ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କ ସମେତ ବହୁ ମହିଳା ବିକ୍ଷୋଭରେ ଯୋଗ ଦେଇଥିଲେ। ସେହିଭଳି ରାଜଧାନୀ ଉପକଣ୍ଠ ରଘୁନାଥପୁର, ଦାଢା, କଲ୍ୟାଣପୁର, ବରିମୁଣ୍ଡ ଓ ଇଞ୍ଜଣା ଆଦି ୫ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଲୋକପ୍ରତିନିଧିଙ୍କ ଦ୍ୱାରା କରାଯାଇଥିବା ବିକ୍ଷୋଭରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗ ଦେଇଥିଲେ।

### ମେଣ୍ଢାଶାଳର ସାମ୍ବତ୍ସରିକ କୁମ୍ଭମେଳା ମହୋତ୍ସବ

ବାରଙ୍ଗ,୧୫।୨(ଡି.ଏନ୍.ଏ.)- ମେଣ୍ଢାଶାଳ ଗ୍ରାମର ଇଷ୍ଟଦେବ ଶ୍ରୀଶ୍ରୀ ଭଗବତ ବାସୁଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ସାମ୍ବତ୍ସରିକ କୁମ୍ଭମେଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମେଳା ସୋମବାର ଆରମ୍ଭ ହୋଇ ମଙ୍ଗଳବାର ରାତିରେ ଉଦ୍ଯାପିତ ହୋଇଯାଇଛି। ଘାଟିକିଆ, ମହୁଲ, ତମାଣ୍ଡୋ, ହରିଡାମଡା, ବରପଦା, ଜାଆଁଳା, ପିତାପଲ୍ଲୀ, ଆଠଗଡ଼ ଆଦି ବିଭିନ୍ନ ଗ୍ରାମରୁ ଆସିଥିବା ସଂକୀର୍ତ୍ତନମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ମଙ୍ଗଳବାର ସନ୍ଧ୍ୟା ସମୟରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଆଖପାଖ ଗ୍ରାମରୁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର କମିଟି ମାର୍ଫତଦାର ପ୍ରଫୁଲ୍ଲ ଶ୍ରୀଚନ୍ଦନ, ପରିଚାଳକ ଭରତ ଭୂଷଣ ମହାରଣାଙ୍କ ସମେତ ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନେ ମହୋତ୍ସବ ପରିଚାଳନାରେ କରିଥିଲେ।

### ମା' ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ବାଲିଅନ୍ତା,୧୫।୨(ଡି.ଏନ୍.ଏ.)- ଭୁବନେଶ୍ୱର ମହାନଗର ନିଗମର ୧୮ନଂ. ୱାର୍ଡ ଅଧୀନ ପଳାଶୁଣୀ ପ୍ରାଚୀ ବିହାରସ୍ଥିତ ମା' ସରସ୍ୱତୀ ଶିଶୁ ମନ୍ଦିରର ୭ମ ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଶିକ୍ଷା ବିକାଶ ପରିଷଦର ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ଭାବେ ଗଢି ତୋଳିବାକୁ ଅଭିଭାବକମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିଷଦର ସଭାପତି ମଙ୍ଗୁଳି ଚରଣ ମହାନ୍ତି ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ପୁଷ୍ପିତା ପଲାଇ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସଭାପତି ରତ୍ନାକର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସଭାକୁ ଗୁରୁମା ଗାୟତ୍ରୀ ସାହୁ ଓ ସ୍ମରଣିକା ଶତପଥୀ ପରିଚାଳନା କରିଥିବାବେଳେ ତପନ ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବିଳମ୍ବିତ ରାତିରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

**ରେଳଷ୍ଟେଶନ ଅଞ୍ଚଳରେ ବଢୁଛି ଅପରାଧ**

- କଡ଼ାକଡ଼ି ହେଉନାହିଁ ପେଟ୍ରୋଲିଂ
- ୨ ଅଭିଯୁକ୍ତ ଅଟକ

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ଭୁବନେଶ୍ୱର ରେଳ ଷ୍ଟେଶନ ଅଞ୍ଚଳରେ ନିଶା କାରବାର ବଢ଼ିବାରେ ଲାଗିଛି। ଅନ୍ଧାରୁଆ ସ୍ଥାନର ସୁଯୋଗ ନେଇ ଅସମାଜିକ ଯୁବକମାନେ ଅପରାଧ ଘଟାଉଛନ୍ତି। କମିଶନରେଟ ପୋଲିସ ପକ୍ଷରୁ ବିଳମ୍ବିତ ରାତିରେ ସେଠାରେ ଠିକ୍ ଭାବେ ପେଟ୍ରୋଲିଂ ହେଉ ନ ଥିବାରୁ ଏଭଳି ଘଟଣା ଘଟୁଛି। ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବାପରେ ଘଟଣା ପଦାକୁ ଆସିଛି। ଏହି ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଯୁବକ ହେଲେ ୟୁନିଟ-୭ ମା' ମଙ୍ଗଳା ବସ୍ତିର ରିତିଶ ପାଣିଗ୍ରାହୀ। ସେ ଏନେଇ ଖାରବେଳନଗର ଥାନାରେ ବୁଧବାର ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୭୨/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଅପରାଧରେ ସମ୍ପୃକ୍ତ ୨ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି। ହୋଟେଲରେ ଖାଦ୍ୟର ଦାମ୍କୁ ନେଇ ବଚସା ହେବାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ହେଲେ ନିଶା କାରବାର ଓ ଦେହ ବ୍ୟବସାୟକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ରିତିଶ ରାତି ପ୍ରାୟ ୧ଟା ବେଳେ ଷ୍ଟେଶନ ଅଞ୍ଚଳସ୍ଥିତ ଏକ ଅସ୍ଥାୟୀ ହୋଟେଲକୁ ଖାଇବାକୁ ଯାଇଥିଲେ। ସେ ସେଠାରେ ରୁଟି ଓ ତରକାରୀ ଖାଇଥିଲେ। ଦାମ୍ ୫୦ଟଙ୍କା ହୋଇଥିବାବେଳେ ହୋଟେଲ କର୍ମଚାରୀ ଏଥିପାଇଁ ୮୦ ଟଙ୍କା ଦେବାକୁ କହିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସମୟରେ ଦୋକାନୀଙ୍କୁ ରିତିଶ୍ ଚାପୁଡ଼ା ମାରିଥିଲେ। ଏହାପରେ ଦୋକାନୀ ଜଣକ ୧୦ରୁ ଅଧିକ ଯୁବକଙ୍କୁ ଡାକିଥିଲେ। ସେମାନେ ପହଞ୍ଚିବା ପରେ ରିତିଶ୍ଙ୍କୁ ଗୋଡ଼ାଇ ମାଡ଼ ମାରିଥିଲେ। ଏପରିକି ଭୁଜାଲି ଧରି ତାଙ୍କୁ ଗୋଡ଼ାଇଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏପରି ପ୍ରତିଦିନ ଘଟଣା ଘଟୁଛି। ତେଣୁ ଷ୍ଟେଶନ ଅଞ୍ଚଳରେ ପେଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି। ଏପରିକି ଦେହ ବ୍ୟବସାୟ କରୁଥିବା ଯୁବତୀ, ମହିଳା ଓ କିନ୍ନରମାନେ ୫ରୁ ୬ ଯୁବକ ଲେଖାଏ ଅଙ୍ଗରକ୍ଷୀ ରଖୁଥିବା କୁହାଯାଉଛି। ବିଭିନ୍ନ ସମୟରେ ଦେହ ବ୍ୟବସାୟକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟୁଛି। ପେଟ୍ରୋଲିଂ କରୁଥିବା ପିସିଆର୍ ଭ୍ୟାନ କିଛି ଦୂରରେ ପ୍ରହରା ଦେଇ ଚାଲି ଯାଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।



ସିସିଟିଭି ଫୁଟେଜରେ କଏଦ ହୋଇଥିବା ଆକ୍ରମଣ ସମୟର ଦୃଶ୍ୟ।

**ନାଁକୁ ମାତ୍ର ଫାଣ୍ଡି**

ଷ୍ଟେଶନରୁ କିଛିଦୁର ବାପୁଜୀ ନଗର ଆଡ଼େ ଯାଇଥିବା ରାସ୍ତା କଡ଼ରେ କ୍ୟାପିଟାଲ ଥାନାର ଏକ ଫାଣ୍ଡି ରହିଛି। ହେଲେ ରାତିରେ ଉକ୍ତ ଫାଣ୍ଡିରେ ଜଣେ କନଷ୍ଟେବଲ କିମ୍ବା ଜଣେ ଏଏସ୍ଆଇ ରହୁଛନ୍ତି। ସେମାନେ ଷ୍ଟେଶନ ଅଞ୍ଚଳକୁ ରାତିରେ ଆସୁ ନାହାନ୍ତି। ଏପରିକି ଖାରବେଳନଗର ଓ କ୍ୟାପିଟାଲ ଥାନାର ସୀମାକୁ ନେଇ ମଧ୍ୟ ଦ୍ୱନ୍ଦ ଉପୁଜିଛି। ଉକ୍ତ ଫାଣ୍ଡି ନାଁକୁ ମାତ୍ର ବୋଲି କୁହାଯାଉଛି।

# ରାତି ୧୦ଟାରେ ମହାଦୀପ ଦର୍ଶନ

**ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା**



ପୁରୁଣା ଭୁବନେଶ୍ୱର,୧୫।୨(ଡି.ଏନ୍.ଏ.) ଆସନ୍ତା ୧୮ତାରିଖରେ ମହାଶିବରାତ୍ରି ତଥା ଜାଗରଯାତ୍ରା। ଏହି ପରିପ୍ରେକ୍ଷୀରେ ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା ଧୁମଧାମରେ ପାଳନ ହେବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜାଗରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନକୁ ଲକ୍ଷ୍ୟକରି ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଲୁଟେରାଙ୍କ ଉପରେ ନଜର ରଖିବା ପାଇଁ ସାଦା ପୋଷାକଧାରୀ ପୋଲିସ ମୁତୟନ କରାଯିବ। ତେବେ ରାତି ୧୦ଟାରେ ମହାଦୀପ ଦର୍ଶନ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ନୀତିନିର୍ଘଣ୍ଟ ସ୍ଥିର କରାଯାଇଛି।

**ମହାଶିବରାତ୍ରି ପାଇଁ ନୀତିନିର୍ଘଣ୍ଟ**

| | |
|---|---|
| ମଙ୍ଗଳ ଆଳତି ଓ ଅବକାଶ | ପ୍ରାତଃ ୩ଟାରୁ ୩ଟା ୩୦ |
| ସାହଣମେଳା ଦର୍ଶନ | ଭୋର ୩ଟା ୩୦ରୁ ପୂର୍ବାହ୍ନ ୧୧ଟା |
| ରୋଷହୋମ | ସକାଳ ୬ଟା ୩୦ |
| ଛାମୁ ପରିଷ୍କାର | ପୂର୍ବାହ୍ନ ୧୧ଟାରୁ ୧୨ଟା |
| ମହାସ୍ନାନ ଓ ବେଶ | ମଧ୍ୟାହ୍ନ ୧୨ଟାରୁ ୧୨ଟା ୪୫ |
| ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଶ୍ରୀଜୀଉଙ୍କ ଓ ଠାକୁରାଣୀ ବଲ୍ଲଭ ଏବଂ ଶ୍ରୀଜୀଉଙ୍କ ସକାଳ ଧୂପ | ମଧ୍ୟାହ୍ନ ୧୨ଟା ୪୫ରୁ ଅପରାହ୍ନ ୨ଟା ୩୦ |
| ଶ୍ରୀଭୁବନେଶ୍ୱରୀଙ୍କ ସକାଳ ଧୂପ | ଅପରାହ୍ନ ୨ଟା ୩୦ରୁ ୨ଟା ୪୫ |
| ଭୋଗମଣ୍ଡପ | ଅପରାହ୍ନ ୨ଟା ୪୫ରୁ ୩ଟା ୪୫ |
| ସାହାଣମେଳା ଦର୍ଶନ | ଅପରାହ୍ନ ୩ଟା ୪୫ରୁ ୪ଟା ୪୫ |
| ଛାମୁ ପରିଷ୍କାର | ଅପରାହ୍ନ ୪ଟା ୪୫ରୁ ୫ଟା ୧୫ |
| ଶ୍ରୀଜୀଉଙ୍କ ବେଶ | ଅପରାହ୍ନ ୫ଟା ୧୫ରୁ ୫ଟା ୪୫ |
| ବୀର କିଶୋର ବଲ୍ଲଭ, ଦ୍ୱିପ୍ରହର ଧୂପ ଓ ଭୁବନେଶ୍ୱରୀଙ୍କ ଦ୍ୱିପ୍ରହର ଧୂପ | ଅପରାହ୍ନ ୫ଟା ୪୫ରୁ ୭ଟା |
| ଶ୍ରୀଜୀଉଙ୍କ ପହୁଡ଼ | ସନ୍ଧ୍ୟା ୭ଟାରୁ ୭ଟା ୧୦ |
| ଶ୍ରୀଜୀଉଙ୍କ ସନ୍ଧ୍ୟା ଆଳତି ଓ ଟେରାଫିଟା | ସନ୍ଧ୍ୟା ୭ଟା ୧୦ରୁ ୭ଟା ୩୦ |
| ଶ୍ରୀଜୀଉଙ୍କ ମାଜଣା ଓ ବେଶ | ସନ୍ଧ୍ୟା ୭ଟା ୩୦ରୁ ୮ଟା ୧୦ |
| ଶ୍ରୀଜୀଉଙ୍କ ଯାତ୍ରା ପୂଜା ଓ ବେଢ଼ା | ରାତି ୮ଟା ୧୦ରୁ ୮ଟା ୫୫ |
| ଶ୍ରୀଜୀଉଙ୍କ ସନ୍ଧ୍ୟା ଧୂପ ଓ ତୀର୍ଥ ଜଳ ଆନୟନ | ରାତି ୮ଟା ୫୫ରୁ ୧୦ଟା |
| ମହାଦୀପ ଦର୍ଶନ | ରାତି ୧୦ଟା |
| ସାହାଣମେଳା ଦର୍ଶନ | ରାତି ୧୦ଟାରୁ ୧୧ଟା |
| ଭୁବନେଶ୍ୱରୀଙ୍କ ସନ୍ଧ୍ୟାଧୂପ ଓ ପୂଜା, ଶ୍ରୀଜୀଉଙ୍କ ଛାମୁ ପରିଷ୍କାର | ରାତି ୧୧ଟାରୁ ୧୧ଟା ୩୦ |
| ଚାରିପ୍ରହର ପୂଜା | ରାତି ୧୧ଟା ୩୦ରୁ ୩ଟା ୩୦ |
| ହରିହର ଭେଟ | ଭୋର ୩ଟା ୩୦ରୁ ୪ଟା ୩୦ |
| ବଡ଼ସିଂହାର ଓ ପହୁଡ଼ | ଭୋର ୪ଟା ୩୦ରୁ ୫ଟା ୧୫ |



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା ବୁଧବାର ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ ୨୦୨୨-୨୩ ଶିକ୍ଷାବର୍ଷର ଅନ୍ତିମ ସାଂସ୍କୃତିକ କାର୍ଯ୍ୟକ୍ରମ 'ସୁଗମ ସଙ୍ଗୀତ'ରେ କଣ୍ଠଶିଳ୍ପୀ ଓ ବାଦ୍ୟଶିଳ୍ପୀମାନେ। (ଫଟୋ-ବିକାଶ)

# ଶିକ୍ଷାବର୍ଷର ଶେଷ 'ସୁଗମ ସଙ୍ଗୀତ' ପରିବେଷିତ

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ୨୦୨୨-୨୩ ଶିକ୍ଷାବର୍ଷର ଅନ୍ତିମ ସାଂସ୍କୃତିକ କାର୍ଯ୍ୟକ୍ରମ 'ସୁଗମ ସଙ୍ଗୀତ' ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ପୂର୍ବତନ ସଭାପତି ପ୍ରାଧ୍ୟାପକ ଡ. ଜଗନ୍ନାଥ କୁଅଁର ଓ ମହାବିଦ୍ୟାଳୟ ଅଧକ୍ଷ ଡ. ବିଜୟ କୁମାର ଜେନା ଯୋଗ ଦେଇଥିଲେ। ଶିକ୍ଷାବର୍ଷର ଅନ୍ତିମ ପରିବେଷଣ ହୋଇଥିବାରୁ ମହାବିଦ୍ୟାଳୟ ପକ୍ଷରୁ ବେଶ୍ ସୁନ୍ଦର ଭାବେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ବିଭାଗର ଛାତ୍ରୀଛାତ୍ର ଓ ଗୁରୁମାନଙ୍କ ଦ୍ୱାରା ସୁଗମ ସଙ୍ଗୀତ ପରିବେଷଣ କରାଯାଇଥିଲା। ତୁମେ ଅନୁଭବର ଠାକୁର, ମୁକୁନ୍ଦ ମୁରାରୀ, କେଉଁ ନଦୀରେ ହେବି ପାର୍.., ବଡ଼ଠାକୁର ହେ..., ଯାହା ଦୁଃଖ ଦେଲ.., ସକାଳୁ ସକାଳୁ ବଡ଼ ଦେଉଳରେ..., ଐସି ଲାଗି ଲଗନ୍, ଦୁଃଖ ପରେ ଦୁଃଖ ଦିଅ..., ଓଁ ନମଃ ଶିବାୟ..., ଶ୍ରୀମନ୍ଦିରରୁ ତୋତେ ଚୋରାଇନେଇ.., କାହିଁ କେତେ ଦୂରୁ ମୁଁ..., ରାଧା ପଚାରିଲେ କହରେ.. ଆଦି ଭଜନ ପରିବେଷିତ ହୋଇଥିଲା। ଏହିସବୁ ଭଜନକୁ ଗୁରୁ ଡ. ବିଜୟ କୁମାର ଜେନା, ଗୁରୁ ଭାରତୀ ଜେନା, ଗୁରୁ ବିମଳେନ୍ଦୁ ଆଚାର୍ଯ୍ୟ, ଗୁରୁ ନିମାକାନ୍ତ ରାଉତରାୟ, ମନ୍ଦାକିନୀ ଶ୍ରେୟା, ସୌମ୍ୟରଞ୍ଜନ ସାହୁ, ସୁବ୍ରତ କୁମାର ମହାନ୍ତି, ସୁଚିସ୍ମିତା ନନ୍ଦ, ଆଶିଷ ନାଗ, ବୈଷ୍ଣବୀ ଘୋଷ ପ୍ରମୁଖ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ।

### ବେସିକ ସାଇନ୍ସ କଲେଜର ୫୭ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ଓୟୁଏଟିସ୍ଥିତ ବେସିକ ସାଇନ୍ସ କଲେଜର ୫୭ତମ ବାର୍ଷିକ ଉତ୍ସବ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ସମ୍ମାନିତ ଅତିଥି ଭାବେ ଦେବୀ ରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ। ସେହିପରି ମଙ୍ଗଳବାର ଆୟୋଜିତ ସାହିତ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ଓ ଓଡ଼ିଶା ପରିବେଶ ସୋସାଇଟିର ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଯୋଗ ଦେଇଥିଲେ।




ଲକ୍ଷ୍ମୀସାଗର ସନ୍ତୋଷବିହାରସ୍ଥିତ ମହିଳା ସଙ୍ଗଠନ 'ସମ୍ପୂର୍ଣ୍ଣା'ର ସଦସ୍ୟାମାନେ ମାତୃପିତୃ ପୂଜନ ଦିବସରେ ରସୁଲଗଡ ବାଲିଆପଟାସ୍ଥିତ ମୋହିନୀ ପ୍ରମିଳା ଜରାନିବାସରେ ଅନ୍ତେବାସୀଙ୍କୁ ଖାଦ୍ୟ ଏବଂ ବସ୍ତ୍ର ପ୍ରଦାନ କରିବା ଅବସରରେ।

# ଖାରବେଳନଗରରୁ ହଟିଲା ୧୭ କବାଡ଼ିଆ ଦୋକାନ



ଭୁବନେଶ୍ୱର,୧୫।୨(ବ୍ୟୁରୋ)

ରାଜଧାନୀରେ ସବୁଠୁ ବଡ଼ ସମସ୍ୟା ଭାବେ କବାଡ଼ିଆ ଦୋକାନ ମୁଣ୍ଡ ଟେକିଛି। ସହରର ବିଭିନ୍ନ ସ୍ଥାନରେ ସରକାରୀ ଜମି ଜବରଦଖଲ କରି କବାଡ଼ିଆ ଦୋକାନଗୁଡ଼ିକ ଗଢ଼ି ଉଠିଛି। ତେବେ ଅଧିକାଂଶ କବାଡ଼ିଆ ଦୋକାନ ରହିଛି ଖାରବେଳନଗର ଅଞ୍ଚଳରେ ବୁଧବାର ବିଡିଏ ପକ୍ଷରୁ ଖାରବେଳନଗର ମୌଜା ଅନ୍ତର୍ଗତ ଶ୍ରୀୟା ଛକ ଠାରୁ ବ୍ଲାଇଣ୍ଡ ଆସୋସିଏସନ ପର୍ଯ୍ୟନ୍ତ ହୋଇଥିବା କବାଡ଼ିଆ ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଛି । ଏଥିରେ ୧୭ଟି କବାଡ଼ିଆ ଦୋକାନ, ୫ଟି କ୍ୟାବିନ୍, ୩ଟି ଶୌଚାଳୟ ଓ ୭ଟି ବାଉଁଶ ନିର୍ମିତ ପଲିଥିନ ଘରକୁ ଭଙ୍ଗାଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ରିଜର୍ଭ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଏହି ଉଚ୍ଛେଦରେ ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡର ଦୁଇଟି ଟିମ ଓ ବିଏମସିର ଗୋଟିଏ ଟିମ ସାମିଲ ହୋଇଥିଲେ। ଉଚ୍ଛେଦ ସମୟରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ଦେବୀ ପ୍ରସାଦ ମହାନ୍ତି ଓ ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବେଆଇନ ବିଜ୍ଞାପନ ଲଗାଇବାରୁ ୫ ଅନୁଷ୍ଠାନ ବିରୋଧରେ ଏତଲା

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢ଼ିତୋଳିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ନାନା ଯୋଜନା କରୁଛି। ତେବେ କିଛି ବ୍ୟକ୍ତି, ଗୋଷ୍ଠୀ ଓ ଅନୁଷ୍ଠାନ ବିଏମ୍ସିର ପରିମଳ ନିୟମକୁ ଅଣଦେଖା କରୁଥିବା ନଜିର ରହିଛି। ତେଣୁ ବିଏମସି ପକ୍ଷରୁ ନିୟମ ଉଲଂଘନକାରୀଙ୍କୁ ଚିହ୍ନଟ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବୁଧବାର ସହରର ୫ଟି ଅନୁଷ୍ଠାନ ନାମରେ ବିଏମ୍ସି ପକ୍ଷରୁ ଥାନାରେ ଏତଲା ଦିଆଯାଇଥିବା ଜଣାପଡ଼ିଛି। ଘରୋଇ ବିଦ୍ୟାଳୟ, ଏକ କୋଚିଂସେଣ୍ଟର, ମେଡିସିନ୍ ଷ୍ଟୋର, ସୁପର ମାର୍କେଟ ଏଣେତେଣେ ବେଆଇନ୍ ବିଜ୍ଞାପନ ପୋଷ୍ଟର ଏବଂ ହୋର୍ଡିଂ ଲଗାଇଥିବାରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ବିଏମ୍ସିର ବାରମ୍ବାର ବାରଣ ସତ୍ତ୍ୱେ କାନ୍ଥ, ବିଦ୍ୟୁତ୍ ଖୁଣ୍ଟ ଓ ଗଛରେ ବେଆଇନ୍ ବିଜ୍ଞାପନ ଲଗାଯାଉଛି। ଏହାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଉଛି।

# ପାଠ ପଢ଼ିବା ଅର୍ଥ ରୋଜଗାର ନୁହେଁ

**ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ**

ବାଲିଅନ୍ତା,୧୫।୨(ଡି.ଏନ୍.ଏ.)

ପାଠ ପଢିବାର ଅର୍ଥ ରୋଜଗାର କରିବା ନୁହେଁ। ବେଣ୍ଟପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବରେ ବୁଧବାର ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଥିଲେ। ଜୀବନର ସର୍ବସ୍ୱ କେବଳ ରୋଜଗାର ନୁହେଁ, ସମାଜ ପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟ ଦାୟିତ୍ୱ ରହିଛି। ସମାଜ ଆମକୁ ସବୁକିଛି ଦେଇଛି। ଆଜିର ଛାତ୍ରୀଛାତ୍ର ଆଗାମୀ ୨୦୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ରୂପେ ୧୦୦ ବର୍ଷ ପୂର୍ତ୍ତି ପାଳନ ସମୟରେ ବିଭିନ୍ନ କ୍ଷେତ୍ରରେ ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହୋଇ ଏହି ବିଦ୍ୟାଳୟ ତଥା ରାଜ୍ୟର ସୁନାମ ରଖିବେ ବୋଲି ମନ୍ତ୍ରୀ ଦାଶ ଆଶା ବ୍ୟକ୍ତ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି, ବିଡିଓ ନାରାୟଣ ଚନ୍ଦ୍ର ନାୟକ, ତହସିଲଦାର ସମୀର ଦାଶ, ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପରମିତା ଜେନା ପ୍ରମୁଖ ସମ୍ମାନିତ ଅତିଥି, ବୈଜ୍ଞାନିକ ଡ. ରାଜୀବ ସ୍ୱାଇଁ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ସତ୍ୟବ୍ରତ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସ୍ମୃତିଦୀପ୍ତା ସ୍ୱାଇଁ ସଭା ପରିଚାଳନା କରିଥିବାବେଳେ ଦୀପିକା ମଲ୍ଲିକ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମନ୍ତ୍ରୀ ସମୀର ରଞ୍ଜନ ଦାସ ଓ ଅନ୍ୟ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ଆମ ପୋଲିସ କାର୍ଯ୍ୟକ୍ରମ




**ବେଗୁନିଆ,୧୫।୨(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋଡ଼ା ଗ୍ରାମ ସ୍ଥିତ ଲୋକନାଥ ଦେବଙ୍କ ପୀଠ ପରିସରରେ ବୁଧବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଥାନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଏସ୍‌ଡିପିଓ ଦିଲୀପ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଦେଉଳି ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ସମିତିସଭ୍ୟା ନମିତା ବେହେରା, ନାଏବ ସରପଞ୍ଚ କୁନି ପରିଡା, ଶିକ୍ଷକ ରତିକାନ୍ତ କହଲ ସିଂହ, ଜନ୍ମେଶ୍ୱର ମଙ୍ଗରାଜ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ବିଜୟ ସାହୁ, ସତ୍ୟପ୍ରିୟା ସାମନ୍ତରାୟ, ଉଷାରାଣୀ ପାଇକରାୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ବୁଦ୍ଧିଜୀବୀ, ଜନପ୍ରତିନିଧି ଉପସ୍ଥିତ ରହି ଆମ ପୋଲିସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ ହୋଇଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ଏବଂ ସହଯୋଗ ମନୋଭାବ ବୃଦ୍ଧି କରିବା ପାଇଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଏସ୍‌ଡିପିଓ ଦାସ କହିଥିଲେ। ଭୟ ଦୂର କରି ପୋଲିସ ବିଭାଗ ସହିତ ହାତ ମିଳାଇଲେ ଅଞ୍ଚଳରେ ବିଭିନ୍ନ ଅସାମାଜିକ କାର୍ଯ୍ୟ ଦୂର ହୋଇପାରିବ ବୋଲି ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ କହିଥିଲେ। ୧୮ ତାରିଖରେ ସ୍ଥାନୀୟ ଲୋକନାଥ ଦେବଙ୍କ ପୀଠ ପରିସରରେ ଜାଗର ଯାତ୍ରା ଅନୁଷ୍ଠିତ ହେବ। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି କିଭଳି ଆଇନଶୃଙ୍ଖଳା ରକ୍ଷା କରାଯାଇ ପାରିବ ସେ ନେଇ ଜନସାଧାରଣଙ୍କ ସହଯୋଗ ଲୋଡ଼ା ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା।

### ବିଶ୍ୱଶାନ୍ତି ଗୀତାଯଜ୍ଞ



**ଟାଙ୍ଗୀ(ଖୋର୍ଦ୍ଧା),୧୫।୨(ଡି.ଏନ୍.ଏ.):** ସ୍ଥାନୀୟ ଗଙ୍ଗାଧରପୁର ଶାସନରେ ବିଜେ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ଗୀତାଯଜ୍ଞ ବୁଧବାର ପୂର୍ଣ୍ଣାହୁତି ହୋଇଯାଇଛି। ଏହି ଅବସରରେ ପୀଠ ପରିସରରେ ନିର୍ମିତ ନୂତନ ମନ୍ଦିରରେ ପତିତପାବନ ଦେବଙ୍କ ବିଜେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରିକୁଦ ରାଜା ସନ୍ତୋଷ ଚନ୍ଦ୍ର ମାନସିଂହ, ହରିଚନ୍ଦନ ମର୍ଦ୍ଦରାଜ, ଭ୍ରମରବର ରାୟ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ସିଓଗିପୁର ଓ ଗଙ୍ଗାଧରପୁର ଶାସନ ଗ୍ରାମବାସୀ ସହଯୋଗ କରିଥିଲେ।

### ବନ୍ଧୁତ୍ୱ ସମ୍ପର୍କକୁ ସୁଦୃଢ଼ କରେ

**ଖୋର୍ଦ୍ଧା ଅଫିସ,୧୫।୨:** ବେଲପଡ଼ା ବଡତୋଟା ସ୍କୁଲର ୧୯୯୩ ବ୍ୟାଚ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ବରୁଣେଇ ପୀଠରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ପୁରୁଣା ସ୍ମୃତି ମନେପକାଇଥିଲେ। ବନ୍ଧୁତ୍ୱ ହିଁ ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି ମତପ୍ରକାଶ ପାଇଥିଲା। ନମିତା ସାହୁ, ମାନସି ସିଂ, ମମତା ସାହୁ, ସଞ୍ଜୟ ବାରିକ, ପ୍ରସନ୍ନ ସାହୁ, କାଶୀନାଥ ମହାପାତ୍ର, ସନ୍ତୋଷ ପାତ୍ରଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# ହଟ୍ଟଗୋଳରେ ସରିଲା ପଞ୍ଚାୟତ ସମିତି ବୈଠକ

## ଚାଉଳକୁ ନେଇ ବିଜେଡିର ପ୍ରତିବାଦ ସଭା

**ବାଣପୁର/ଗମ୍ଭାରୀମୁଣ୍ଡା, ୧୫।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ଦ୍ୱିତୀୟ ପଞ୍ଚାୟତ ସମିତି ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବୈଠକରେ ବିଡିଓ ବୁଲବୁଲ ବେହେରା, ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବିଧାୟକଙ୍କ ପ୍ରତିନିଧି ମନୋଜ କୁମାର ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଯଦୁ ପ୍ରଧାନ, ସରପଞ୍ଚ ସୁରେଶ ଚନ୍ଦ୍ର ବାରିକଙ୍କ ସମେତ ୧୭ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ଜିଲାପରିଷଦ ସଦସ୍ୟ ପ୍ରମୁଖ ଯୋଗଦେଇ ବ୍ଲକ ଅଞ୍ଚଳର



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ପୂର୍ବ ବୈଠକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲେ ମଧ୍ୟ ତାହା କୌଣସି ଜନପ୍ରତିନିଧିଙ୍କୁ ସୂଚନା ନ ଦିଆଯାଇଥିବାରୁ ଏହାକୁ ନେଇ ହଟ୍ଟଗୋଳ ହୋଇଥିଲା। ଫଳରେ ବିଜେଡି ସମର୍ଥିତ ନିର୍ବାଚିତ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରି ସଭା ଅଧାରୁ ପଳାଇ ଆସିଥିଲେ। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଯେଉଁ ୫କେଜି ଚାଉଳ ଦିଆଯାଉଥିଲା, ତାହା ବନ୍ଦ କରିଦିଆଯିବା ପ୍ରତିବାଦରେ ବ୍ଲକ ସମ୍ମୁଖରେ ବାଣପୁର ବିଜେଡି ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରାଯିବା ସହ ପୁଣି ୫କେଜି ଚାଉଳ ଦେବାକୁ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ତେବେ ବ୍ଲକ ପରିସରରେ ଶାନ୍ତିଶୃଙ୍ଖଳା ପାଇଁ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଓ ବାଣପୁର ଥାନା ଅଧିକାରୀ ଜୟପ୍ରକାଶ ପରିଡାଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ତ୍ୟାଗ ଅତୁଳନୀୟ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା ଅଫିସ,୧୫।୨**

ମହାନ ସଂଗ୍ରାମୀ, ବପ୍ଳବୀ ତଥା ପାଇକ ବିଦ୍ରୋହର ଅନ୍ୟତମ ପାଇକ ବୀର ଦାରୁଠେଙ୍ଗର ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ଜୟନ୍ତୀ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ନବୀନାବାଗ ସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ସତ୍ୟବାଦୀ ବଳିୟାରସିଂହ, ଉପସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ, ରାମ ନାରାୟଣ ଦାଶ, ବସନ୍ତ କୁମାର ଦାଶ, ସୁଷମା ପ୍ରଧାନ ପ୍ରମୁଖ ଯୋଗଦେଇ ବାହୁବଳେନ୍ଦ୍ରଙ୍କ ସଶସ୍ତ୍ର ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ। ପିଣ୍ଡିକି ଇଂରେଜ ସରକାର ବିରୋଧରେ ପାଇକ ବାହିନୀ ଧରି ବଣ ଜଙ୍ଗଲରେ ଲୁଚିଛପି ଖଣ୍ଡଯୁଦ୍ଧ କରିଥିଲେ। ତାଙ୍କୁ ଧରିବା ବ୍ରିଟିଶ ପାଇଁ କଷ୍ଟକର ହୋଇପଡିଥିଲା। ସେ ବିଭିନ୍ନ ଛଦ୍ମବେଶରେ ଖଣ୍ଡଗିରି, ଅନ୍ଧାରୁଆ, ଚନ୍ଦକା, ମେଣ୍ଢାଶାଳ, ପାଇକରାପୁର ଅଞ୍ଚଳରେ ଇଂରେଜ କର୍ମଚାରୀଙ୍କ ହତ୍ୟା ଓ ଖଜଣା ଖାନା ଲୁଟ କରିବାକୁ ପଛାଇ ନ ଥିଲେ। ଇଂରେଜମାନେ ପିଣ୍ଡିକିଙ୍କ ଗରିଲା ଯୁଦ୍ଧ ଆଗରେ ହାର ମାନିଥିଲେ। ଶେଷରେ ଇଂରେଜମାନେ ଚକ୍ରାନ୍ତ କରି ତାଙ୍କ ସାଙ୍ଗ ମଳିପଡ଼ା ଜମିଦାରଙ୍କ ମାଧ୍ୟମରେ ପିଣ୍ଡିକିଙ୍କୁ ଧରି କଟକରେ ବନ୍ଦୀ କରିଥିଲେ। ତାଙ୍କ ଗୋଡ଼ରେ ବେଡ଼ି ପକାଯାଇଥିଲା। ତେବେ ସେ ବେଡ଼ି କାଟି ଜେଲ୍ ପାଚେରି ଡେଇଁ କାଠଯୋଡ଼ି ନଦୀ ପାର୍ ହୋଇ ବାରଙ୍ଗ ପର୍ଯ୍ୟନ୍ତ ଆସିଥିଲେ। ଶେଷରେ ଇଂରେଜ ସେନା ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଦେଶ ମାତୃକା ଲାଗି ତାଙ୍କର ତ୍ୟାଗ, ନିଷ୍ଠା, ବଳିଦାନ ପାଇଁ ଏଜାତି ସର୍ବଦା ଗର୍ବ ଅନୁଭବ କରିବ ବୋଲି ମତପ୍ରକାଶ ପାଇଥିଲା। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ଭାଜପାର ଧାରଣା



ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

- ଧସେଇ ପଶିବା ବେଳେ ଉଠାଇ ନେଲା ପୋଲିସ
- ପୋଲିସ ଓ ଭାଜପା କର୍ମୀ ମୁହାଁମୁହିଁ, ଠେଲାପେଲା

**ଖୋର୍ଦ୍ଧା ଅଫିସ,୧୫।୨**

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଭାରତୀୟ ଜନତା ପାର୍ଟି(ଭାଜପା) ରାଜରାସ୍ତାକୁ ଓହ୍ଲାଇଛି। ବୁଧବାର ଭାଜପା ଖୋର୍ଦ୍ଧା ଜିଲା ପକ୍ଷରୁ ଏକାଧିକ କର୍ମୀ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ଧାରଣା ଦେଇଥିଲେ। ଭାଜପାର ଅଭିଯୋଗକ୍ରମେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସ ହତ୍ୟା ମାମଲାରେ ସରକାରଙ୍କୁ ଦାୟୀ କରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ ବେଳେ ପୋଲିସ ଏବଂ ଭାଜପା କର୍ମୀ ମୁହାଁମୁହିଁ, ଧସ୍ତାଧସ୍ତି ହୋଇଥିଲେ। ପୋଲିସ ଏକାଧିକ ଆନ୍ଦୋଳନକାରୀଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇ ପରବର୍ତ୍ତୀ ସମୟରେ ଛାଡିଦେଇଥିବା ଜଣାପଡିଛି।

ବରିଷ୍ଠ ଭାଜପା ନେତା ସୁଦୀପ୍ତ ରାୟ କହିଥିଲେ, ଯେଉଁଠି ମନ୍ତ୍ରୀମାନେ ସୁରକ୍ଷିତ ନୁହନ୍ତି, ସେଠି ସାଧାରଣ ଜନତାଙ୍କ କଥା କିଏ ପଚାରେ। ମୁଖ୍ୟମନ୍ତ୍ରୀ ଗୃହ ବିଭାଗର ଦାୟିତ୍ୱରେ ଥିବା ସତ୍ତ୍ୱେ ରାଜ୍ୟରେ ଆଇନଶୃଙ୍ଖଳା ଦୟନୀୟ ସ୍ଥିତି ଦେଇ ଗତି କରୁଛି। ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ। ନଚେତ ଆଗକୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ଭାଜପା କୃଷକ ସେଲ୍ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ କହିଥିଲେ, ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡର ତଦନ୍ତ ଦିଗହରା। ଆଇନ ଶୃଙ୍ଖଳା ଭୁଶୁଡି ପଡିଲାଣି। ଯେଉଁଠି ରାଜ୍ୟର ପୋଲିସ ମୁଖିଆ ଜଗନ୍ନାଥଙ୍କ ଉପରେ ହାତ ଟେକି ଦେଇଛନ୍ତି। ନବ ଦାସଙ୍କୁ କିଏ ହତ୍ୟା କଲା ଜଗନ୍ନାଥ ଜାଣିଥିବା କହିବା ଅତ୍ୟନ୍ତ ନିନ୍ଦନୀୟ ଓ ହାସ୍ୟାସ୍ପଦ। ରାଜ୍ୟରେ ଆଇନଶୃଙ୍ଖଳା ବୋଲି କିଛି ନାହିଁ ଏହା ପୋଲିସ ମହାନିର୍ଦ୍ଦେଶକ ବକ୍ତବ୍ୟରୁ ସ୍ପଷ୍ଟ। ନବ ଦାସଙ୍କ ହତ୍ୟାକାଣ୍ଡର ରହସ୍ୟ ଖୋଲିବାରେ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏଠି ଅପାରଗଙ୍କ ସରକାର ଚାଲିଛି। ଆଗାମୀ ଦିନରେ ଜନତା ଏହାର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

ଭାଜପା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ କାଳୁଚରଣ ଖଣ୍ଡାୟତରାୟ, ନିକୁଞ୍ଜ ପଟ୍ଟନାୟକ, ବିଶ୍ୱରଞ୍ଜନ ବଡଜେନା, ଦୁଷ୍ମନ୍ତ ହରିଚନ୍ଦନ, ଶୋଭନ ଘୋଷ, ପ୍ରତାପ ମହାପାତ୍ର, ପ୍ରକାଶ ବିଜୁଳି, ବିଦ୍ୟୁତ୍ କାଣ୍ଡି, ହେମନ୍ତ ବେହେରା, ମାଗୁଣି ସେଠି, ରାଜୀବ ଷଡ଼ଙ୍ଗୀ, ସୃଷ୍ଟି ମାଝୀ, ଶୁଭଲକ୍ଷ୍ମୀ ମହାରଣା, ପ୍ରଦୀପ ବଡଜେନା, ସଂଗ୍ରାମ କେଶରୀ ସାମନ୍ତସିଂହାର, ଆଲୋକ ଛୋଟରାୟ, ଶିବ ମଲିକ, ପୂର୍ଣ୍ଣ କଳସ, ଲିଟୁ ରାଉତରାୟଙ୍କ ସମେତ ଏକାଧିକ କର୍ମୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ୨୦୦ ଜଣଙ୍କ ହେଲା ଚକ୍ଷୁ ପରୀକ୍ଷା

**ଗମ୍ଭାରୀମୁଣ୍ଡା/ଜଟଣୀ, ୧୫।୨ (ଡି.ଏନ୍.ଏ.)**

ବାଣପୁର-ବାଲୁଗାଁ ରୋଟାରୀ କ୍ଲବ, ଗୋଦାବରୀଶ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଓ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ମହାବିଦ୍ୟାଳୟ ପରିସରରେ ମାଗଣା ଚକ୍ଷୁ ପରୀକ୍ଷା ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜିତ ହୋଇଯାଇଛି। ମୋଟ୍ ୧୩୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ତନ୍ମଧ୍ୟରୁ ୬୦ଜଣଙ୍କୁ ଚଷମା ଦିଆଯାଇଥିଲା। ୨୫ ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇ ୧୨ଜଣଙ୍କୁ ଭୁବନେଶ୍ୱର ପଠାଯାଇଛି। ଗୁରୁବାର ଅବଶିଷ୍ଟ ୧୩ ଜଣଙ୍କୁ ପଠାଯିବ। ଚକ୍ଷୁ ବିଶେଷଜ୍ଞ ଡା. ଅଜୟ କୁମାର ସିଂ ଓ ବିଜୟ କୁମାର ବେହେରା ଚକ୍ଷୁ ପରୀକ୍ଷା କରିଥିଲେ। ଅନ୍ୟପକ୍ଷେ ଖୋର୍ଦ୍ଧା ବ୍ଲକ ବ୍ୟାଙ୍କ ଟିମ୍ ଦ୍ୱାରା ରକ୍ତ ସଂଗ୍ରହ କରାଯାଇଥିଲା। ୪୫ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରବିନାରାୟଣ ପାଲ, ସୁନୀଲ ପାତ୍ର, ବିଜୟ ନନ୍ଦ, ଓମ୍ ପ୍ରକାଶ ଅଗ୍ରୱାଲ, ସୁରେଶ ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

ସେହିପରି ଜଟଣୀ ବ୍ଲକ କୁହା ଗ୍ରାମଠାରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। କୁହା କ୍ଲବ ପରିସରରେ ୭୦ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ କେତେଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ଦିଲୀପ ଖଟେଇ, ଟିଙ୍କୁ ମିଶ୍ର, ରାକେଶ ସାହୁ, ଦିଲୀପ ସୁବୁଦ୍ଧିଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ସମାଜ ମଙ୍ଗଳ ପାଇଁ ବହୁ ଜନହିତକାରୀ କାର୍ଯ୍ୟ ଜାରି ରହିବ ବୋଲି ଆୟୋଜକ ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷ ଜେନା କହିଛନ୍ତି।

# ସ୍ୱାସ୍ଥ୍ୟ ସଚେତନତା ଶୋଭାଯାତ୍ରା

**ଟାଙ୍ଗୀ(ଖୋର୍ଦ୍ଧା),୧୫।୨(ଡି.ଏନ୍.ଏ.)**

ରାଇପଡା ପଞ୍ଚାୟତ ଅଧୀନ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଓ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ କର୍କଟ ରୋଗ ଓ ଫାଇଲେରିଆ ରୋଗ ନିରାକରଣ ନିମନ୍ତେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉପକେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ ସୋନାଲି ଭୂଜବଳ, ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ଏଏନଏମ୍ ରଶ୍ମିତା ସାହୁ, ଅର୍ଚ୍ଚନା କଳସ, ଆଶାକର୍ମୀ ଝୁନୁବାଳା, ଶିକ୍ଷକ ଶିବପ୍ରସାଦ ବେହେରା, ସାରଙ୍ଗଧର ଭଞ୍ଜ, ବିଦ୍ୟାଳୟର ସ୍କାଉଟଗାଇଡ୍ସ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରାଚୀରପତ୍ର ସହ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ।

# ବୋଲଗଡ଼ ପଞ୍ଚାୟତ ସମିତି ଅଧିବେଶନ



ପଞ୍ଚାୟତ ସମିତି ଅଧିବେଶନରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ବୋଲଗଡ଼,୧୫।୨(ଡି.ଏନ୍.ଏ.)**

ବୋଲଗଡ଼ ପଞ୍ଚାୟତ ସମିତିର ଦ୍ୱିତୀୟ ଅଧିବେଶନ ବୁଧବାର ସ୍ଥାନୀୟ ବ୍ଲକ ଆରିକିମା ଜଙ୍ଗଲସ୍ଥିତ ମା'କୋଶଳାଶୁଣୀଙ୍କ ପୀଠରେ ଥିବା ପାନ୍ଥନିବାସ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିବା ବେଳେ ବିଡିଓ ଧୋବେଇ ନାୟକ ପରିଚାଳନା କରିଥିଲେ। ବୈଠକରେ ଶିଶୁ ଓ ମହିଳା ବିକାଶ ସମ୍ପର୍କେ ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ, ମହାତ୍ମାଗାନ୍ଧୀ ରୋଜଗାର ଯୋଜନା, ଖାଉଟି କଲ୍ୟାଣ, ପାନୀୟଜଳ ଓ ପରିମଳ ବିଭାଗ, କୃଷି ଏବଂ ପଶୁ ପାଳନ, କୃଷି ଓ ମୃତ୍ତିକା ସଂରକ୍ଷଣ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ପଞ୍ଚମ ଓ ପଞ୍ଚଦଶ ଅର୍ଥ କମିଶନ ଏବଂ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଶିଶୁ ଓ ମହିଳା ବିକାଶ ସମ୍ପର୍କେ ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସିଡିପିଓ ଅଗ୍ରିମ ଉଠାଣ କରିଥିବା ସରକାରୀ ଅର୍ଥ କେଉଁ କାର୍ଯ୍ୟରେ ଲାଗିଛି ତାହାର ହିସାବ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ପଚାରିବାରେ ସିଡିପିଓ କୌଣସି ଉତ୍ତର ଦେଇ ନ ଥିଲେ। ଏହାର ତଦନ୍ତ ପାଇଁ ଦାବି ହୋଇଥିଲା। ସେହିପରି ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟର କେତେକ ପ୍ରୋଜେକ୍ଟ ବିଷୟରେ ସ୍ୱଚ୍ଛତା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ବୈଠକରେ ଏବିଡିଓ ରତିକାନ୍ତ ମିଶ୍ର, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ସୁବାସ ଚନ୍ଦ୍ର ରାୟଗୁରୁ, ପ୍ରଦୀପ୍ତ କୁମାର ଛୋଟରାୟ, ରଘୁନାଥ ଷଡ଼ଙ୍ଗୀ, ସହକାରୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସଭ୍ୟ ଏବଂ ସରପଞ୍ଚଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବିଦ୍ୟୁତ୍ ଡିପାର୍ଟମେଣ୍ଟର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# 'ଶୃଙ୍ଖଳାଜ୍ଞାନ ସଫଳତା ଆଣେ'

**ଖୋର୍ଦ୍ଧା ଅଫିସ,୧୫।୨**

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୂର୍ଯ୍ୟକାନ୍ତ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ପ୍ରସନ୍ନ ପାଟ୍ଟଶାଣୀ ମୁଖ୍ୟ ଅତିଥି, ରାଜ୍ୟ ସଭା ସଦସ୍ୟ ମିଜିବୁଲା(ମୁନା) ଖାଁ, ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ, କାଉନସିଲର ଅମିୟ ମହାନ୍ତି, ସୁରେନ୍ଦ୍ର ନାଥ ଜେନା



ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଧବଚନ୍ଦ୍ର ରାଉତରାୟ ବିବରଣୀ ପାଠ କରିଥିବା ବେଳେ ବିପିନ ବିହାରୀ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶୃଙ୍ଖଳାଜ୍ଞାନ ସଫଳତା ଆଣିଥାଏ ବୋଲି ବିଧାୟକ ମିତ୍ର କହିଥିଲେ। ମୁଖ୍ୟଅତିଥି ପାଟ୍ଟଶାଣୀ କହିଥିଲେ ଯେ, ଶିକ୍ଷା ସଫଳତାର ମାପକାଠି। ମନ ଦେଇ ପାଠପଢ଼, ବିଦ୍ୟାଳୟର ଗୌରବ ବୃଦ୍ଧି କର। ରାଜ୍ୟ ସଭା ସଦସ୍ୟ କହିଲେ ଯେ, ଶିଶୁଙ୍କ ସର୍ବାଙ୍ଗୀନ ବିକାଶରେ ମାତାପିତା ଓ ଗୁରୁଙ୍କ ପ୍ରମୁଖ ଭୂମିକା ରହିଛି। ଶିଶୁଙ୍କ ଶୈକ୍ଷିକ, ବୌଦ୍ଧିକ ବିକାଶ ଲାଗି ଗୁରୁତ୍ୱ ଦେବାକୁ ପୌରାଧ୍ୟକ୍ଷା ମହାନ୍ତି କହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶାଶ୍ୱତୀ ରାଉତରାୟ, ମନୋଜ କୁମାର ମହାପାତ୍ର ଓ ଅନ୍ୟମାନେ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକମାନେ ଉପସ୍ଥିତ ଥିଲେ।

# ବାବା ଆମ୍ବେଡ଼କର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ନିରାକାରପୁର,୧୫।୨(ଡି.ଏନ୍.ଏ.)**

ଜଙ୍କିଆ ପଞ୍ଚାୟତ ସ୍ଥିତ ମୁଣ୍ଡାଆମ୍ବ ଖେଳପଡିଆରେ ବାବା ଆମ୍ବେଡ଼କର କ୍ଲବ ଆନୁକୂଲ୍ୟରେ ୭ତମ ବାବା ଆମ୍ବେଡ଼କର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଠଣାପଲ୍ଲୀ ଆସୋସିଏଶନ ଓ ସରଧାପୁର ଆସୋସିଏଶନ ମଧ୍ୟରେ ହୋଇଥିଲା। ତେବେ ଉଭୟ ଟିମ୍ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଟାଇବ୍ରେକରରେ ସରଧାପୁର ଟିମ୍ ବିଜୟୀ ହୋଇଥିଲା। ଶରତ ଛୋଟରାୟ, ଚିତ୍ତ ରଞ୍ଜନ ପରିଡା, ସୁକାନ୍ତ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତିସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥା, ପୂର୍ବତନ ସମିତି ସଭ୍ୟ ସୁନିଲ କୁମାର ନରେନ୍ଦ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀନିବାସ ମାଝି, ମନୁ ନାୟକ, ସୁଦର୍ଶନ ନାୟକ, ବାଘ ନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିଙ୍କ ସହ ଅନ୍ୟମାନେ।

# ସେମିରେ ସୁଆଙ୍ଗ, ପଳାସପୁର

## ରାଜ୍ୟସ୍ତରୀୟ ଗୁରୁଜଙ୍ଗ କପ୍ କ୍ରିକେଟ୍

**ଖୋର୍ଦ୍ଧା ଅଫିସ,୧୫।୨**

ଗୁରୁଜଙ୍ଗ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ସୁଆଙ୍ଗ ଓ ମେଣ୍ଢାଶାଳ ଟିମ୍ ମଧ୍ୟରେ ହୋଇଥିଲା। ସୁଆଙ୍ଗ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୪ ଉଇକେଟ ବିନିମୟରେ ୨୧୫ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜଗବନ୍ଧୁ ସାହୁ ୪୫ ବଲରେ ୧୦୫ରନ ଓ ଅଶୋକ ସାମନ୍ତରାୟ ୩୯ ବଲରେ ୬୩ରନ କରିଥିଲେ। ବିପକ୍ଷ ଦଳର ସୌମ୍ୟରଞ୍ଜନ ସାମନ୍ତ ୨ଟି ଉଇକେଟ ନେଇଥିଲେ। ଜବାବରେ ମେଣ୍ଢାଶାଳ ଟିମ୍ ୧୬ ଓଭରରେ ୯ ଉଇକେଟ ବିନିମୟରେ ୧୫୯ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ







ଅତିଥିଙ୍କଠାରୁ ଦୁଇ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ପକ୍ଷରୁ ଜ୍ଞାନରଞ୍ଜନ ସାସମଲ ୩୧ରନ କରିଥିବା ବେଳେ ବିପକ୍ଷ ଦଳର ପ୍ରକାଶ ମହାପାତ୍ର ୪ଟି ଉଇକେଟ ନେଇଥିଲେ। ସୁଆଙ୍ଗ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ କଲ୍ୟାଣପୁର ଓ ପଳାସପୁର ଟିମ୍ ମଧ୍ୟରେ ହୋଇଥିଲା। କଲ୍ୟାଣପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୭ ଉଇକେଟ ବିନିମୟରେ ୧୬୫ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କ୍ରିଷ୍ଣା ପଟ୍ଟନାୟକ ୨୬ ବଲରେ ୫୧ରନ କରିଥିଲେ। ବିପକ୍ଷ ଦଳର ସୋମନାଥ ପ୍ରଧାନ ଓ ବିଶ୍ୱରଞ୍ଜନ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପଳାସପୁର ଟିମ୍ ୧୪.୨ଓଭରରେ ୬ ଉଇକେଟ ବିନିମୟରେ ୧୬୬ରନ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ବିଶ୍ୱରଞ୍ଜନ ସାହୁ ୪୩ ବଲରେ ୧୦୯ରନ କରିଥିଲେ। କଲ୍ୟାଣପୁର ଟିମ୍‌ର ପ୍ରାଣବନ୍ଧୁ ସାମନ୍ତରାୟ ଓ ଅନିଲ ମହାପାତ୍ର ୨ଟି ଲେଖାଏ ଉଇକେଟ ନେଇଥିଲ। ପ୍ରଥମ ମ୍ୟାଚରେ ସୁଆଁଙ୍ଗ ଟିମ୍‌ର ଜଗବନ୍ଧୁ ସାହୁ ଓ ଦ୍ୱିତୀୟ ମ୍ୟାଚରେ ପଳାସପୁର ଟିମ୍‌ର ବିଶ୍ୱରଞ୍ଜନ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅସିତ୍ ଶତପଥୀ, ପ୍ରଶାନ୍ତ ବେହେରା ଓ ଅସିତ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଖେଳ ସମ୍ପାଦନା କରିଥିଲେ।

**ରାଜ୍ୟ ସବ୍‌ଜୁନିୟର, କ୍ୟାଡେଟ୍ ଟିଟି ଦଳ ଘୋଷିତ**

**କଟକ ଅଫିସ:** କେରଳରେ ଚଳିତ ମାସ ୧୯ରୁ ୮୪ତମ ଆନ୍ତଃରାଜ୍ୟ ସବଜୁନିୟର ଏବଂ କ୍ୟାଡେଟ୍ ଜାତୀୟ ଟେବୁଲ ଟେନିସ ଚାମ୍ପିଅନଶିପ୍ ଆରମ୍ଭ ହେବ। ଏଥି ନିମନ୍ତେ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ପକ୍ଷରୁ ୧୭ ଜଣିଆ ଦଳ ଘୋଷଣା କରାଯାଇଛି। ବାଳିକା ଦଳରେ ଶ୍ୱେତା ବର୍ମା, ଶ୍ରୀଜିତା ଚୌଧୁରୀ, ଉର୍ଜା ବର୍ମା, ସାକ୍ଷୀ ଭଗତ, ସୁକଲଦେଇ ପେଣ୍ଡିଆ, ଇତିଶ୍ରୀ ସାହୁ, ଅନୁଷ୍କା ମହାନ୍ତି, ଆର୍ଫିୟାନ ମୋସିମ୍‌ନ୍ ଏବଂ ବାଳକ ଦଳରେ ଜିଜ୍ଞାସୁ ସାଇ କିରନ୍, ଶୁଭଙ୍କର ମାହାଳି, ହିତେଶ ଅଗ୍ରୱାଲ, ଜେ. ଦାସଗୁପ୍ତା, ଜୁନୈଦ ଅଲ୍ଲୀ, ଅନିନ୍ଦ୍ୟ ଦାସ, ସୋମନାଥ ସୁବୁଦ୍ଧି, ରତିକାନ୍ତ ଗୌଡ଼, ଅନିକେତ କିଣ୍ଡୋ ସ୍ଥାନ ପାଇଛନ୍ତି।

## ସଂକ୍ଷେପରେ

### ଧାନ କଟ୍‌ନିଛଟ୍‌ନିକୁ ବିରୋଧ

**ଚୌଦ୍ୱାର,୧୫।୨(ଡି.ଏନ୍.ଏ.):** ରାଜ୍ୟରୁ ଧାନକିଣାରେ କାଟ ଓ ଚାଉଳ କାଟ କରାଯାଉଥିବାରୁ ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ପ୍ରତିବାଦ କରାଯାଇଥିଲା। ଏଥିସହ କେନ୍ଦ୍ର ସରକାରଙ୍କ ଏହି ଜନମାରଣ ନୀତିକୁ ବିରୋଧ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ନେତୃତ୍ୱରେ କୟଳପଡ଼ା, ଇନ୍ଦ୍ରାଣୀପାଟଣା, ବାଣୀପଦା, ଆଗ୍ରାହାଟ ଓ ନଖରା ପଞ୍ଚାୟତର କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଜନସାଧାରଣ, ରାଜନେତା ଓ ଦଳୀୟ କର୍ମୀ ଏକତ୍ରିତ ହୋଇ କେନ୍ଦ୍ର ସରକାରଙ୍କ ଏହି ନୀତିର ପ୍ରତିବାଦ କରିଥିଲେ। କେନ୍ଦ୍ର ସରକାର ବଜେଟରେ ଧାନକିଣା ପାଣ୍ଠିରେ ୨୦ ହଜାର କୋଟି ଟଙ୍କା ହ୍ରାସ କରିବା ଏବଂ ଓଡ଼ିଶାରୁ କିଣାଯାଉଥିବା ଉଷୁନା ଚାଉଳ ୧୮ ଲକ୍ଷ ମେଟ୍ରିକ୍ ଟନ୍‌ରୁ ୪ଲକ୍ଷ ମେଟ୍ରିକ୍ ଟନ୍‌କୁ ହ୍ରାସ କରିବା ଫଳରେ କୃଷକ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେବ ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ। ଅପରପକ୍ଷରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣାରେ ପ୍ରଦାନ କରାଯାଉଥିବା ୫କିଲୋ ଚାଉଳ ବନ୍ଦ କରାଯାଇଥିବାରୁ ଗରିବମାନଙ୍କୁ ବହୁ ମାତ୍ରାରେ ବାଧିବ ବୋଲି ବିଧାୟକ ବିଶ୍ୱାଳ କହିଛନ୍ତି। ତୁରନ୍ତ କେନ୍ଦ୍ର ସରକାର ଏ ଦିଗରେ ବିଚାର ନ କଲେ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଥିଲେ। ଏ ସମ୍ପର୍କିତ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଆଶୁତୋଷ ମିଶ୍ରଙ୍କୁ ଦିଆଯାଇଥିଲା। ଜିଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ବିଜେଡି ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ସରପଞ୍ଚ ଶୈଳବାଳା ନାୟକ, ସନ୍ଧ୍ୟାରାଣୀ ରାଉତ, ଦିଲୀପ ଭୋଇ, ତୀର୍ଥାନନ୍ଦ ସୁବୁଦ୍ଧିରାୟଙ୍କ ସମେତ ଅନ୍ୟମାନେ ଏଥିରେ ଯୋଗ ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଜିଲା ବିଜେଡି

**ଉପକୂଳବର୍ତ୍ତୀ ୯ ଜିଲାର ଡ୍ରେନେଜ୍ ଉନ୍ନତୀକରଣ ପାଇଁ ଅନୁଦାନ**

**କଟକ ଅଫିସ,୧୫।୨:** ଓଡ଼ିଶାର ଉପକୂଳବର୍ତ୍ତୀ ୯ଟି ଜିଲାରେ ଡ୍ରେନେଜ ବ୍ୟବସ୍ଥା ଉନ୍ନତୀକରଣ ପାଇଁ ପ୍ରାୟ ୨୨୦୦ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ରାଜ୍ୟ କ୍ୟାବିନେଟ ବୈଠକରେ ଏହା ମଞ୍ଜୁର ହୋଇଛି। ଏଥିସହ ୨୦୨୩-୨୪ ଆର୍ଥିକ ବର୍ଷରୁ ୨୦୨୭-୨୮ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ଡ୍ରେନେଜ ଉନ୍ନତୀକରଣ କାର୍ଯ୍ୟରେ ଆହୁରି ୧୪୦୦ କୋଟି ଟଙ୍କା ବ୍ୟୟ କରାଯିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏ ନେଇ ବୁଧବାର କଟକ ରାଜାବଗିଚାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇ କଟକ ଜିଲା ବିଜେଡି ଓ ଜିଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ସିଏମ୍‌ସି ମେୟର ସୁବାସ ସିଂ, ଜୀବନବିନ୍ଦୁ ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳ, ନଗର ବିଜେଡି ସଭାପତି ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ-ଭାଜପା କର୍ମୀ ଠେଲାପେଲା



ଭାଜପା କଟକ ନଗର ପକ୍ଷରୁ ବୁଧବାର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।


ବିକ୍ଷୋଭକାରୀଙ୍କୁ ପୋଲିସ ଗିରଫ କରି ନେଉଛି।

**କଟକ ଅଫିସ, ୧୫।୨**

**ନବ ଦାସ ହତ୍ୟା, ଆଇନଶୃଙ୍ଖଳା ପରିସ୍ଥିତି ନେଇ ବିକ୍ଷୋଭ**

**■ ଦଳୀୟ ନେତାଙ୍କୁ ଗିରଫ କଲା ପୋଲିସ**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ଏବଂ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅଭିଯୋଗ ନେଇ ନଗର ଭାଜପା ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଭାଜପା କର୍ମକର୍ତ୍ତାମାନେ ଜିଲାପାଳଙ୍କ ସହ ଆଲୋଚନା କରିବା ପାଇଁ କାର୍ଯ୍ୟାଳୟ ମଧ୍ୟକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ ସେମାନଙ୍କୁ ପ୍ରତିରୋଧ କରିଥିଲା। ଫଳରେ ପୋଲିସ ଓ ଭାଜପା କର୍ମକର୍ତ୍ତାଙ୍କ ମଧ୍ୟରେ କିଛି ସମୟ ପାଇଁ ଠେଲାପେଲା ହୋଇଥିଲା। ପରିସ୍ଥିତିରେ ସୁଧାର ଆଣିବା ପାଇଁ ଦଳର ବରିଷ୍ଠ ନେତା ନୟନ ମହାନ୍ତି, ନଗର ସଭାପତି ଲଲାଟେନ୍ଦୁ ବଡୁ, ଦିଲୀପ ମଲ୍ଲିକ, ସିକନ୍ଦର ଅଲ୍ଲୀ, ସ୍ମୃତି ପଟ୍ଟନାୟକଙ୍କ ସମେତ ଶତାଧିକ କର୍ମକର୍ତ୍ତାଙ୍କୁ ପୋଲିସ ଗିରଫ କରି ବିକ୍ଷୋଭ ସ୍ଥଳରୁ ନେଇ ଯାଇଥିଲା। ଏଥିସହ ସେମାନଙ୍କୁ ବାରବାଟୀ ଷ୍ଟାଡିୟମରେ ରଖିବା ପରେ ଛାଡ଼ି ଦେଇଥିଲା।

ନବ ଦାସଙ୍କ ହତ୍ୟା, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଓ ରାଜ୍ୟବାସୀ ଅସୁରକ୍ଷିତ ଅଭିଯୋଗ କରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଭାଜପା ନଗର ସଭାପତି ବଡୁଙ୍କ ନେତୃତ୍ୱରେ କଟକ ସନ୍‌ସାଇନ ପଡିଆ ନିକଟରୁ ଦଳୀୟ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଦଳୀୟ ନେତାମାନେ ରାଜ୍ୟ ସରକାରଙ୍କ ସ୍ଥାଣୁତାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେହିପରି ନଗର ସଭାପତି ବଡୁ କହିଥିଲେ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଦଳ ପକ୍ଷରୁ ପୂର୍ବରୁ ବାରମ୍ବାର ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହେଲେ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି। ଅପରପକ୍ଷରେ ରାଜ୍ୟର ସମସ୍ତ ବ୍ୟଭିଚାରୀ ଓ ହତ୍ୟାକାରୀଙ୍କୁ ସୁରକ୍ଷା ଦେଉଛନ୍ତି। ଏଥିପାଇଁ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଉଛି ବୋଲି ସେ କହିଥିଲେ। ଉକ୍ତ ବିକ୍ଷୋଭରେ କର୍ପୋରେଟର ଗଗନ ଓଝା, ଦୀପକ ଦାସ, ଗୋପାଳ ବେହେରା, ଲକ୍ଷ୍ମୀଧର ବେହେରା, ବିଶ୍ୱରଞ୍ଜନ ମିଶ୍ର, କଳ୍ପନା ପଟ୍ଟନାୟକ, ନିତାଇ ନନ୍ଦ, ଭାଗୀରଥି ଦଳେଇ, ଦୀପ୍ତିରଞ୍ଜନ ପଣ୍ଡା, ଜୟକୃଷ୍ଣ ସ୍ୱାଇଁ, ଅମିତ ମିତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ଅଧା ରହିଲା ରାଶନ କାର୍ଡ ତଦନ୍ତ

**କଟକ ସଦର, ୧୫।୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତରେ ଅଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ହାତେଇବା ଘଟଣାର ତଦନ୍ତ ବୁଧବାର କରାଯାଇଥିଲା। ଯୋଗାଣ ନିରୀକ୍ଷକ କେଦାର ନାଥ ପ୍ରଧାନୀ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଅଭିଯୋଗକାରୀଙ୍କ ମତାମତ ନେଇଥିଲେ। ବୟୋଜ୍ୟେଷ୍ଠ ନାଗରିକ ଗୋକୁଳାନନ୍ଦ ବୈଶାଖଙ୍କ ଦସ୍ତଖତକୁ ଜାଲ୍ କରାଯାଇଥିବା ତଦନ୍ତବେଳେ ଜଣାପଡ଼ିଥିଲା। ମାତ୍ର ଅଭିଯୋଗପତ୍ରରେ ଉଲ୍ଲେଖ ଥିବା ବିଷୟର ତଦନ୍ତ କରିବାକୁ ଯୋଗାଣ ନିରୀକ୍ଷକ ଚାହିଁବାରୁ କେତେଜଣ ଲୋକ ବିରୋଧ କରିଥିଲେ। କାରଣ ଅଭିଯୋଗକାରୀମାନେ ନକଲି ବୋଲି ଜଣାପଡିଛି। ମାତ୍ର ଅଭିଯୋଗକାରୀ ଅସଲି କି ନକଲି ସେ ସମ୍ପର୍କରେ ତଦନ୍ତ କରିବା ପରେ ବିଡିଓ, ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ରିପୋର୍ଟ ଦେବାକୁ ଥିବାରୁ ତଦନ୍ତ ନିହାତି ଦରକାର ବୋଲି ପ୍ରଧାନୀ ପରାମର୍ଶ ଦେଇଥିଲେ। ହେଲେ ଏହାକୁ ଉପସ୍ଥିତ ଲୋକେ ବିରୋଧ କରିବାରୁ ତଦନ୍ତ ଅଧାରେ ରହିଗଲା। ଶେଷରେ ଯୋଗାଣ ନିରୀକ୍ଷକ ଫେରିଯାଇଥିଲେ। କଟକ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହି ତଦନ୍ତ ହେଉଛି।



କଟକ ବାଲିଯାତ୍ରା ତଳପଡ଼ିଆରେ ବାରବାଟୀ ଫେଷ୍ଟିଭାଲର ବୁଧବାର ଚତୁର୍ଥ ସନ୍ଧ୍ୟାରେ ଅନୁଷ୍ଠିତ ସାହିତ୍ୟ ଚର୍ଚ୍ଚାରେ ଭାଗନେଇଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଉଛି।

## ୧୯ରୁ ବାରବାଟୀ ଶିଶିର ମେଳା

**କଟକ ଅଫିସ,୧୪।୨**

କଟକର ଉପର ବାଲିଯାତ୍ରା ପଡିଆରେ ଆସନ୍ତା ୧୯ରୁ ୨୮ ତାରିଖ ପର୍ଯ୍ୟନ୍ତ ବାରବାଟୀ ଶିଶିର ମେଳା ଅନୁଷ୍ଠିତ ହେବ। ଏନେଇ ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ) ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ମେଳାରେ ୩୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ପଡିବ। ଏଥିରେ ଏଫ୍‌ଏମ୍‌ସିଜି, ଘରକରଣା ସାମଗ୍ରୀ, ହୋମ୍ ଡେକୋରର, ଇଲେକ୍ଟ୍ରୋନିକ୍ସ, ବାଉଁଶ ତିଆରି ସାମଗ୍ରୀ, ନାଗପୁରର କଳା କିସ୍‌ମିସ୍, ଫ୍ୟାଶନ ସାମଗ୍ରୀ, ଶାଢ଼ି, ଗାଲିଚା ସହିତ ଅନେକ ସାମଗ୍ରୀ ଉପଲବ୍ଧ ହେବ। ଏହି ମେଳାର ମୁଖ୍ୟ ଆକର୍ଷଣ ହେବ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଦ୍ୱାରା ଉତ୍ପାଦିତ ସାମଗ୍ରୀ। ଏଥିରେ ଏକ ଅଟୋମୋବାଇଲ ସେକ୍ସନ ମଧ୍ୟ ସ୍ଥାନ ପାଇବ। ଏହାସହିତ ସ୍ୱତନ୍ତ୍ର ଫୁଡ୍ ପ୍ଲାଜା, ଦୋଳି, ମିନାବଜାର ରହିବ। ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀ ସେମାନଙ୍କ ସାମଗ୍ରୀ ବିକ୍ରି କରିପାରିବେ। ଲୋକମାନେ ସୁସ୍ୱାଦୁ ଖାଦ୍ୟ ଖାଇବା ସହ ବିଭିନ୍ନ ଘରକରଣା ସାମଗ୍ରୀ କିଣିପାରିବେ। ଲୋକପ୍ରିୟ ଭାରତ ମସଲା ଏହି ମେଳାର ପୃଷ୍ଠପୋଷକତା କରୁଥିବାବେଳେ ବ୍ରୁଷ୍ଟ ମାଇଁ ୱେଡିଂ, ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ, ରାଜ୍ୟ ସରକାରଙ୍କ ଓର୍‌ମାସ ଏବଂ ରାଜ୍ୟର ଅଗ୍ରଣୀ ଶିଳ୍ପସଂଘ ଓସ୍‌ମେ ମଧ୍ୟ ଏହାକୁ ସହଯୋଗ ଯୋଗାଇ ଦେଉଛନ୍ତି। ଏହି ମେଳା ଅବସରରେ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ। ମେଳା ପରିସର ମଞ୍ଚରେ ଫ୍ୟାଶନ ଶୋ', ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଦର୍ଶକଙ୍କ ପାଇଁ ମୁଖ୍ୟ ଆକର୍ଷଣ ରହିବ। ଏଥିସହ ଏକ ସ୍ମରଣିକା 'ଶିଶିର ବିନ୍ଦୁ' ଇଂଲିଶ ଭାଷାରେ ପ୍ରକାଶ ପାଇବ। ଆଗ୍ରହୀ ବ୍ୟବସାୟୀ ଓ ଜନସାଧାରଣ ଏଥିରେ ଯୋଗଦେବା ପାଇଁ ଶିଶିର ମେଳା ପରିଚାଳନା କମିଟି ପକ୍ଷରୁ ରାଜା ରୟ ଏବଂ ତ୍ରିଲୋଚନ ମାହାରି ଅନୁରୋଧ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାରତ ମସଲା ଏମ୍‌ଡି ସୁଶାନ୍ତ ପଣ୍ଡା, ସାମାଜିକ କର୍ମୀ ପ୍ରଫୁଲ୍ଲ ସିଂ, ପରେଶ ସାହୁ, ପୀୟୂଷ ମହାନ୍ତି, ତ୍ରିଲୋଚନ ମହାନ୍ତି, ଦୀପକ ଦେଓ ଓ ନିହାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




## ଉନ୍ନୟନ କାର୍ଯ୍ୟରେ ସାମିଲ ହେଉଛନ୍ତି ଯକ୍ଷ୍ମାମୁକ୍ତ ବ୍ୟକ୍ତି

**କଟକ ଅଫିସ, ୧୫।୨**

**ଯକ୍ଷ୍ମା ନିରାକରଣ ଅଭିଯାନ ଶୁଭାରମ୍ଭ**

ଦେଶକୁ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମାମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱ ଯକ୍ଷ୍ମା ନିରାକରଣ ମାସ ଫେବୃୟାରୀ ୧୫ରୁ ଆରମ୍ଭ ହୋଇଛି। ଏହି ଅଭିଯାନ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ଜିଲାରେ ପାଳନ କରାଯିବ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ଉତ୍କଳ ସେବକ ସମାଜ, ଆପୋଲୋ ଟାୟାର ଫାଉଣ୍ଡେଶନ୍ ଓ ଅଶୋକ ଲେଲାଣ୍ଡର ମିଳିତ ଉଦ୍ୟମରେ ଏହା ପାଳନ କରାଯାଉଛି । ଏହି ଅବସରରେ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଏକ୍ସପ୍ରେସ୍ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଏକ୍ସପ୍ରେସ୍ ଦ୍ୱାରା ଡ୍ରାଇଭର୍, କ୍ଲିନର୍, ପରିବହନ କର୍ମଚାରୀଙ୍କର ମାଗଣାରେ ଡାଇବେଟିସ୍, ଚକ୍ଷୁ, ରକ୍ତଚାପ ଓ କଫ ପରୀକ୍ଷା କରାଯିବ। ଏ ନେଇ ନୂଆ ମାଲଗୋଦାମ୍ ପରିସରରେ ଉତ୍କଳ ସେବକ ସମାଜର ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସରକାରଙ୍କ ପକ୍ଷରୁ ମାଗଣାରେ କଫ ପରୀକ୍ଷା, ଔଷଧ ଯୋଗାଣ, ସୁଷମ ଖାଦ୍ୟ ପାଇଁ ମାସିକ ୫୦୦ ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିସହ ଯକ୍ଷ୍ମାମୁକ୍ତ ବ୍ୟକ୍ତିଙ୍କୁ ବିଭିନ୍ନ ଉନ୍ନୟନମୂଳକ ତଥା ଆୟ ପ୍ରଦାନକାରୀ କାର୍ଯ୍ୟକ୍ରମରେ ସାମିଲ କରାଯାଉଛି ବୋଲି ସେ କହିଥିଲେ। ଏହାପରେ ସେ ଯକ୍ଷ୍ମା ନିରାକରଣ ଦିଗରେ କାର୍ଯ୍ୟ କରିବା ପାଇଁ ଶପଥ ପାଠ କରାଇଥିଲେ । ସେହିପରି ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ ଜାତୀୟ ରାଜପଥରେ ଗାଡି ଚଳାଉଥିବା ଟ୍ରକ୍ ଡ୍ରାଇଭର୍ ଓ କ୍ଲିନର୍‌ମାନେ ଏହି କାର୍ଯ୍ୟକ୍ରମ ଦ୍ୱାରା ଉପକାର ପାଇବେ ବୋଲି କହିଥିଲେ । ଡା. ରମାକାନ୍ତ ବାରିକ କଫ ପରୀକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଉତ୍କଳ ସେବକ ସମାଜର ପ୍ରଶାସନିକ ଅଧିକାରୀ ମଳୟ କୁମାର ଷଡଙ୍ଗୀ, ନୂଆ ମାଲଗୋଦାମ ସଭାପତି ଦିବାକର ସେଠୀ, ସମ୍ପାଦକ ମାନସ ସ୍ୱାଇଁ, ଉପସଭାପତି ପୂର୍ଣ୍ଣ ନାୟକ, ଦେବେନ୍ଦ୍ର ସେଠୀ, ବିନାୟକ ନାୟକ, ଭାରତୀ ମୁଦୁଲି, ମନୋଜ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ୧୯୯୪ ବ୍ୟାଚର ବନ୍ଧୁମିଳନ

**ଚୌଦ୍ୱାର,୧୫।୨(ଡି.ଏନ୍.ଏ.)**

ଚୌଦ୍ୱାର କଲେଜ ୧୯୯୪ ଗ୍ରାଜୁଏସନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଜଗତପୁରସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁସଂଖ୍ୟକ ପୁରାତନ ଛାତ୍ରୀଛାତ୍ର ଓ ସେମାନଙ୍କ ସଦସ୍ୟ ଯୋଗଦେଇ ଭାବର ଆଦାନପ୍ରଦାନ କରିବା ସହିତ ବିଗତ ଦିନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ଭୂୟାଁ, ଡ. ଶୁଭ୍ରାଂଶୁ ରଞ୍ଜନ ଦାସ, ତୁଷାର କୁମାର ମହାନ୍ତି ଓ ବିଚିତ୍ରାନନ୍ଦ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବିନାଶ ସାମଲ, ପୀତାମ୍ବର ମୁଦୁଲି, ସନାତନ ମହାନ୍ତି, ମନ୍ମଥ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଯୁବସମାଜ ପାଇଁ ପ୍ରେରଣାର ଉତ୍ସ ବିବୁଧେନ୍ଦ୍ର'

**କଟକ ଅଫିସ,୧୫।୨**

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ତଥା ଆଇନଜ୍ଞ ବିବୁଧେନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ ବୁଧବାର ପାଳିତ ହୋଇଯାଇଛି। ବିବୁଧେନ୍ଦ୍ର ମିଶ୍ର ମେମୋରିଆଲ ଟ୍ରଷ୍ଟ ସହଯୋଗରେ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ କହିଥିଲେ, ବିବୁଧେନ୍ଦ୍ର ମିଶ୍ର ଜଣେ କାଳଜୟୀ ପୁରୁଷ ଥିଲେ। ତାଙ୍କର ଦେଶପ୍ରେମ, ସାହସିକତା ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ। ମୁଖ୍ୟବକ୍ତା ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ କହିଥିଲେ, ବିବୁଧେନ୍ଦ୍ରଙ୍କ ବ୍ୟକ୍ତିତ୍ୱ ଓ କର୍ମନିଷ୍ଠ ସାଧନା ସମସ୍ତଙ୍କର ଅନୁକରଣୀୟ ହେବା ଉଚିତ୍। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି କାଳୀ ପ୍ରସନ୍ନ ମିଶ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମେମୋରିଆଲ ଟ୍ରଷ୍ଟର ଆବାହକ ତଥା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ୫ ମେଧାବୀ ଅନ୍ତେବାସୀଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ ଆସୋସିଏଶନ ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ ଧନ୍ୟବାଦ ଦେଇଥିଲେ। ବିଚାରପତି ଆଦିତ୍ୟ କୁମାର ମହାପାତ୍ର, ବିଚାରପତି ଭି. ନରସିଂହ, ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କ ସମେତ ବରିଷ୍ଠ ଆଇନଜୀବୀ ଓ ବିବୁଧେନ୍ଦ୍ର ମିଶ୍ରଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଆଇନଜୀବୀ ଉଦିତ୍ ରଞ୍ଜନ ଜେନା, ରଶ୍ମିରଞ୍ଜନ ମିଶ୍ର, ଦୀପ୍ତି ନନ୍ଦ, ପ୍ରତାପ କେଶରୀ ଦେଓ, ଦେବୀ ପ୍ରସାଦ ମହାନ୍ତି, ପଦ୍ମା କର, ସତ୍ୟଗୋପାଳ ପରିଜା ଓ ସୁବାସ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଇନଜ୍ଞ ବିବୁଧେନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ବକ୍ତବ୍ୟ ଦେଉଛନ୍ତି।

## କୋରମ ଅଭାବରୁ ପଞ୍ଚାୟତ ସମିତି ବୈଠକ ବାତିଲ

**କଣ୍ଟାପଡା, ୧୫।୨(ଡି.ଏନ୍.ଏ.)**

**■ ପିକ୍‌ନିକ୍‌ରେ ଗଲେ ୧୪ ସରପଞ୍ଚ**

**■ ଫେରି ଆସିଲେ ବିଧାୟକ**


ବୈଠକ ବର୍ଜନ କରି ପିକ୍‌ନିକ୍‌ରେ ଆସିଥିବା ସରପଞ୍ଚମାନେ।

କୋରମ ଅଭାବରୁ କଣ୍ଟାପଡା ପଞ୍ଚାୟତ ସମିତିର ୪ର୍ଥ ବୈଠକ ବୁଧବାର ବାତିଲ ହୋଇଯାଇଛି। ଫଳରେ ବୈଠକରେ ହେବାକୁ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇପାରିନାହିଁ। ମିଳିଥିବା ସୂଚନା ଅନୁଯାୟୀ, ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ବୁଧବାର ବୈଠକ ହେବାର କାର୍ଯ୍ୟକ୍ରମ ରହିଥିଲା। ଏଥିରେ ଯୋଗଦେବା ପାଇଁ ୧୪ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ, ସ୍ଥାନୀୟ ବିଧାୟକ ଓ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଚିଠି କରାଯାଇଥିଲା। ଏହି ବୈଠକରେ ବାର୍ଦ୍ଧକ୍ୟଭତ୍ତା, ପାନୀୟଜଳ ଯୋଗାଣ, ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ୧୪ଟି ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ରର ଗଠନ, ମିଶନଶକ୍ତି ସମ୍ପର୍କିତ ନିୟମାବଳୀ ଓ ଏହାର ଅଗ୍ରଗତି, ଆମ୍ବିର ପୁନର୍ଗଠନ ଭଳି ଅନେକ ବିଷୟରେ ଆଲୋଚନା ପାଇଁ ସ୍ଥିର ହୋଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜିନା ଭୋଇ, କାର୍ଯ୍ୟକାରୀ ବିଡିଓ ରୁବି ତପସ୍ୱିନୀ ଦାସଙ୍କ ସମେତ ୭ଜଣ ସମିତି ସଭ୍ୟାସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ। ତେବେ ୧୪ଟି ପଞ୍ଚାୟତର ସରପଞ୍ଚ ସେମାନଙ୍କ ପରିବାର ସହ ପିକ୍‌ନିକ୍‌ରେ ଚାଲିଯିବା ଓ ୬ ଜଣ ସମିତି ସଭ୍ୟାସଭ୍ୟ ବୈଠକରେ ଅନୁପସ୍ଥିତ ରହିବା କାରଣରୁ କୋରମ ଅଭାବ ହୋଇଥିଲା। ଫଳରେ ବୈଠକକୁ ବାଧ ହୋଇ ବାତିଲ କରି ଦିଆଯାଇଥିଲା। ଏହି ଖବରପାଇ ସ୍ଥାନୀୟ ବିଧାୟକ ପ୍ରମୋଦ କୁମାର ମଲ୍ଲିକ ବ୍ଲକ କାର୍ଯ୍ୟାଳୟ ପରିସରରୁ ଫେରି ଯାଇଥିଲେ। ଆଗକୁ ଗ୍ରୀଷ୍ମପ୍ରବାହ ଅସମ୍ଭାଳ ହେବାକୁ ଥିବାରୁ ପାନୀୟ ଜଳଯୋଗଣ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଥିଲା। ତେବେ ଆଗକୁ କିଭଳି ଭାବେ ପଞ୍ଚାୟତ ସମିତି ବୈଠକ ସୁରୁଖୁରୁରେ ହେବ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜିନା ଭୋଇ କହିଛନ୍ତି, ସରପଞ୍ଚମାନେ କ'ଣ ପାଇଁ ବୈଠକକୁ ଆସିଲେନି ସେ ସମ୍ପର୍କରେ ଜାଣିନାହିଁ। ଅପରପକ୍ଷରେ କଣ୍ଟାପଡା ସରପଞ୍ଚ ନିର୍ମଳ କୁମାର ସାହୁ କହିଛନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା, ନିଆଳି ବିଧାୟକ ଓ ବ୍ଲକ ପ୍ରଶାସନ ଭିତରେ ସମନ୍ୱୟ ରହୁ ନ ଥିବାରୁ ବିଭିନ୍ନ କାର୍ଯ୍ୟରେ ଅଗ୍ରଗତି ହୋଇପାରୁନାହିଁ। ଫଳରେ ଗତ ୩ଟି ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ କାମ ହୋଇ ନ ଥିବାରୁ ବାଧହୋଇ ସରପଞ୍ଚମାନେ ଦଳମତ ନିର୍ବିଶେଷରେ ବୈଠକ ବର୍ଜନ କରିବାକୁ ବାଧହେଲୁ। ବ୍ରାହ୍ମଣବାଟି ସରପଞ୍ଚ ସଞ୍ଜୟ କୁମାର ରାଉତରାୟ କହିଛନ୍ତି, ରାଜନୈତିକ ବିବାଦ ଯୋଗୁ ବିଭିନ୍ନ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବନ୍ଦ ରହିଛି। ଏହାକୁ ବିରୋଧ କରିବା ସହ ୧୪ଟି ପଞ୍ଚାୟତ ସରପଞ୍ଚ ବୈଠକକୁ ବର୍ଜନ କରି ରାମଚଣ୍ଡୀ ପୀଠକୁ ପିକ୍‌ନିକ୍ କରିବାକୁ ଚାଲିଯାଇଥିଲୁ। ସେହିପରି ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ମହଲ କହିଛନ୍ତି, କୋରମ ଅଭାବରୁ ବୈଠକ ବାତିଲ ହେବା ବ୍ଲକ ଇତିହାସରେ ପ୍ରଥମ ଘଟଣା। ଲୋକ ପ୍ରତିନିଧିମାନେ ସେମାନଙ୍କ ଦାୟିତ୍ୱ ଭୁଲିଯାଇ ବୈଠକକୁ ନ ଆସିବା ଆଦୌ ଠିକ୍‌ନୁହେଁ।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସଯାତ୍ରା

ଅସ୍ତରଙ୍ଗ,(ଡି.ଏନ୍.ଏ.): ଅସ୍ତରଙ୍ଗ ବ୍ଲକ ଜୀଉନ୍ତି ଗ୍ରାମର ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଈଶ୍ୱରନାଥ ଶମ୍ଭୁପୀଠଠାରେ ଜାଗର ଯାତ୍ରା ଅବସରରେ ୩୨ତମ ବିଶ୍ୱଶାନ୍ତି ମହାଯଜ୍ଞ ହେବ। ପ୍ରାତଃରୁ ଶତାଧିକ ମହିଳା ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ବାଜା ବାଣ ସହ ପ୍ରାଚୀନଦୀ ବିଶ୍ୱାମିତ୍ର ଘାଟକୁ ଯାଇଥିଲେ। ସେଠାରେ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ପ୍ରାଚୀନଦୀ ଜଳକୁ ପୂଜାର୍ଚ୍ଚନା ପରେ ମନ୍ଦିରକୁ ଆଣି କଳସ ସ୍ଥାପନ ହୋଇଥିଲା। ବୁଧବାର ଅଙ୍କୁରାରୋପଣ, ଗୁରୁବାର ସପ୍ତସତି ଚଣ୍ଡୀପାଠ, ଶୁକ୍ରବାର ଗୀତାଯଜ୍ଞ ଓ ମହାଶିବରାତ୍ରି ଶନିବାର ପୂର୍ଣ୍ଣାହୁତି କରାଯିବ ବୋଲି ମନ୍ଦିର ବଡ଼ପଣ୍ଡା ପ୍ରଫୁଲ୍ଲଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। କର୍ତ୍ତା ଓ କର୍ତ୍ତ୍ରୀ ଭାବେ ବିଜୟ ଦାଶ ଓ ବସନ୍ତ ମଞ୍ଜରୀ ଦାଶ ଦାୟିତ୍ୱ ତୁଲାଇଥିବାବେଳେ ଅଞ୍ଜନ ଦାଶ, କରୁଣାକର ମିଶ୍ର, ବ୍ରହ୍ମା ବେଦାନ୍ତ ତତ୍ତ୍ୱଦର୍ଶୀ ମିଶ୍ର, ଆଚାର୍ଯ୍ୟ ହରପ୍ରସାଦ ଦାଶ ପ୍ରମୁଖ ପଣ୍ଡିତ ଯଜ୍ଞ କର୍ମ ତୁଲାଇବେ।

### ସଂକ୍ଷେପରେ

## ଅଦାଲତ ଜାଗା ସ୍ଥାନାନ୍ତରକୁ ନେଇ ଜନଅସନ୍ତୋଷ

କଣାସ,୧୫।୨(ସ୍ୱ.ପ୍ର.)- ପୁରୀ ଜିଲା କଣାସ ବ୍ଲକ ଜନସାଧାରଣ ସମସ୍ତ ସମସ୍ୟା ନେଇ ପୁରୀ ଅଦାଲତର ଦ୍ୱାରସ୍ଥ ହୋଇଥାନ୍ତି। ସେଥିପାଇଁ ରାଜ୍ୟ ସରକାର କଣାସଠାରେ ଏକ ଅଦାଲତ ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ। ତହସିଲଦାର ବ୍ଲକଠାରୁ ମାତ୍ର ୧କିମି ଦୂର ପଣିଆପଡ଼ା ମୌଜାର ଖାତା ନଂ. ୩୬୫/୧, ପ୍ଲଟ ନଂ. ୧/୮୭୪, ୨ଏକର ୩୭୦ଡିସିମିଲି ଅଦାଲତ ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ କରିଥିଲେ। କିଛିଦିନ ତଳେ ଓଡ଼ିଶାର ବିଭିନ୍ନ ବ୍ଲକରେ ଅଦାଲତ ଗୃହ ନିର୍ମାଣ ପାଇଁ ଟେଣ୍ଡର ହୋଇଥିବାବେଳେ କଣାସଠାରେ ତାହା ହୋଇ ନ ଥିଲା। ସୂଚନା ମୁତାବକ, କିଛି ନେତା ଉକ୍ତ ସ୍ଥାନରେ ଅଦାଲତ ନିର୍ମାଣ ନ କରି ଅନ୍ୟତ୍ର ଅଦାଲତ ନିର୍ମାଣ ପାଇଁ ଚେଷ୍ଟା ଚଳାଇଥିବା ଜଣାପଡ଼ିଛି। ଏହି ଖବର କଣାସ ଅଞ୍ଚଳରେ ପ୍ରଚାରିତ ହେବା ପରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଯାଇଛି। ଜିଲାପାଳ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଅଦାଲତ ଗୃହ ନିର୍ମାଣ କରିବାକୁ କଣାସର ଆଇନଜୀବୀ ସଂଘ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ସଦାନନ୍ଦ ପ୍ରଧାନ, ସୁବାସ ଚନ୍ଦ୍ର ପଣ୍ଡା, ସୁଶାନ୍ତ ମହାନ୍ତି, ବିଶ୍ୱନାଥ ବେହେରା, ଅଶୋକ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଆଇନଜୀବୀ ଏକ ବୈଠକ କରି ଦାବିପତ୍ର ଜିଲାପାଳଙ୍କୁ ଦେଇଥିବା ଜଣାପଡିଛି।

## କ୍ରୀଡ଼ା ମନରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରେ

ପୁରୀ ଅଫିସ,୧୫।୨: ପୁରୀ ଗଦାଧର ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର ସେଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ କ୍ରୀଡ଼ା ସଫଳତାର ବାଟ ଦେଖାଏ। ଏଥିପାଇଁ ଏବେ କ୍ରୀଡ଼ା ମାଧ୍ୟମରେ ଶିକ୍ଷା ଦିଆଯାଉଛି। କ୍ରୀଡ଼ା ମନରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରେ। ପାଠପଢ଼ା ସହ କ୍ରୀଡ଼ା ଅଭ୍ୟାସ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଶିକ୍ଷାବିତ ରମେଶ ଚନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରତିବଦ୍ଧତା ନେଇ କାର୍ଯ୍ୟ କଲେ ନିଶ୍ଚୟ ତାହା ସଫଳ ହେବ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ପଙ୍କଜ ଲୋଚନ ପଲେଇ ସଭାରେ ସଭାପତିତ୍ୱ କରିଥିଲେ। କନକଦୁର୍ଗା ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଜୟ ଦାସ, ଅସ୍ତରଙ୍ଗ ପାଟଳଦା ହାଇସ୍କୁଲ ପ୍ରଧାନ ଶିକ୍ଷକ କାମଦେବ ପ୍ରଧାନ, ବୀରରହରେକୃଷ୍ଣପୁର ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ କାମଦେବ ରାଉତରାୟ, ବିଦ୍ୟାଳୟ କମିଟି ସଭାପତି ସ୍ୱପ୍ନାରାଣୀ ପରମଗୁରୁ, ମୋ ସ୍କୁଲ ଅଭିଯାନ କମିଟି ଅଧ୍ୟକ୍ଷ ଜଗନ୍ନାଥ ବସ୍ତିଆ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଅତିଥି ଭାବରେ ଯୋଗଦେଇଥିଲେ। ଛାତ୍ର ଜୀବନରେ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ସେମାନେ ଆଲୋଚନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ଲକ୍ଷ୍ମୀ ପ୍ରିୟା ନାଥ ଧନ୍ୟବାଦ ଦେଇଥିଲେ। ଛାତ୍ରୀ ପ୍ରୀତିପ୍ରଜ୍ଞା ସେଠୀ ଏବଂ ସ୍ମୃତିଶ୍ରୀ ପ୍ରିୟଦର୍ଶିନୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀ, ସୌମ୍ୟାଶ୍ରୀ ଭୋଇ, ଶୁଭଶ୍ରୀ ବାରିକ, ପ୍ରିୟଙ୍କା ପାଲ ଦୌଡ଼ି ଖେଳ ପ୍ରଦର୍ଶନ କରିଥିଲେ। ସତ୍ୟଜିତ ପାଢ଼ୀ ବେଦପାଠ କରିଥିଲେ।

# ରାତି ୩ଟାରେ ଉଠିବ ମହାଦୀପ

**ଲୋକନାଥଙ୍କ ପଙ୍କୋଦ୍ଧାର, ଜାଗରଯାତ୍ରା ପାଇଁ ପ୍ରସ୍ତୁତି ଶେଷ**

ପୁରୀ ଅଫିସ,୧୫।୨

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ପୁରୀର ଶ୍ରୀଲୋକନାଥ ଦେବଙ୍କ ମନ୍ଦିରରେ ଗୁରୁବାର ପଙ୍କୋଦ୍ଧାର ତଥା ପଙ୍କ ଉଝୁଳା ନୀତି ଅନୁଷ୍ଠିତ ହେବା ସହ ୧୮ ତାରିଖରେ ମହାଶିବରାତ୍ରି ପାଳନ ହେବ। ଏଥିପାଇଁ ଜିଲା ପ୍ରଶାସନ ଓ ଲୋକନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବା ସହ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସ୍ୱତନ୍ତ୍ର ବ୍ୟାରିକେଡ ମାଧ୍ୟମରେ ଦର୍ଶନାର୍ଥୀମାନେ ପ୍ରଭୁ ଶ୍ରୀଲୋକନାଥଙ୍କୁ ଦର୍ଶନ କରିବେ। ଚଳିତ ମାସ ୧୬ ତାରିଖରେ ପ୍ରଭୁ ଲୋକନାଥ ଦେବଙ୍କ ମନ୍ଦିରରେ ଏକାଦଶୀ ତିଥିରେ ପଙ୍କୋଦ୍ଧାର ନୀତି ଅନୁଷ୍ଠିତ ହେବ। ବର୍ଷର ଏହି ଗୋଟିଏ ଦିନ ପ୍ରଭୁ ଲୋକନାଥଙ୍କ ଗମ୍ଭୀରା ଭିତରକୁ ଯାଇ ଶ୍ରଦ୍ଧାଳୁ ମହାଦେବଙ୍କ ଲିଙ୍ଗକୁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ତେବେ ଭାରତବର୍ଷର ଅନ୍ୟ କୌଣସି ଶୈବପୀଠ କିମ୍ବା ମନ୍ଦିରରେ ପଙ୍କୋଦ୍ଧାର ସ୍ୱତନ୍ତ୍ର ରୀତି ନୀତି ଦେଖିବାକୁ ମିଳି ନଥାଏ। ବର୍ଷତମାମ ଫୁଲ, ବେଲପତ୍ର, କ୍ଷୀର, କଦଳୀ, ଦହି, ସୁନାରୂପାରେ ଆଚ୍ଛାଦିତ ହୋଇ ରହୁଥିବା ମହାପ୍ରଭୁ ଶ୍ରୀଲୋକନାଥଙ୍କ ଏହି ସମସ୍ତ ସାମଗ୍ରୀକୁ ଏକଦାଶୀ ଦିନ ବାହାର କରାଯାଇଥାଏ। ଚଳିତ ବର୍ଷ ପଙ୍କୋଦ୍ଧାର ଓ ଜାଗର ଦିନ ଲୋକନାଥଙ୍କ ଦର୍ଶନ କରିବାର ସୁଯୋଗ ପାଇବାକୁ ଥିବାରୁ ଉଭୟ ଭକ୍ତ ଓ ସେବାୟତ ବେଶ୍ ଉତ୍ସାହିତ ଅଛନ୍ତି।

ତେବେ ଚଳିତବର୍ଷ ଶୃଙ୍ଖଳିତ ଭାବେ ମହାଦେବଙ୍କ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହେବବୋଲି ସେବାୟତ ମାନେ ଆଶା ରଖିଛନ୍ତି। ମହାଶିବରାତ୍ରିକୁ ଆଉ ଅଳ୍ପଦିନ ବାକିଥିବା ବେଳେ ପ୍ରଭୁ ଲୋକନାଥଙ୍କ ମନ୍ଦିରକୁ ସୁସଜ୍ଜିତ କରାଯାଇଛି। ଅପରପକ୍ଷେ ପଙ୍କୋଦ୍ଧାର ଅବସରରେ ଲୋକନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ଚୂଡ଼ାନ୍ତ ନୀତି ନିର୍ଘଣ୍ଟ ଅନୁସାରେ ରାତ୍ର ୨ଟାରୁ ଦ୍ୱାର ଫିଟା ସହ ପରେ ବିଭିନ୍ନ ନୀତିକାନ୍ତି ବଢ଼ି ସକାଳ ୮ଟାରୁ ପଙ୍କୋଦ୍ଧାର କରାଯିବ। ଏହାପରେ ମଧ୍ୟାହ୍ନ ୧୨ଟାରୁ ସାଧାରଣ ଭକ୍ତ ପ୍ରଭୁ ଲୋକନାଥଙ୍କୁ ଦର୍ଶନ କରିପାରିବେ। ସେହିପରି ଜାଗର ଯାତ୍ରା ଅବସରରେ ରାତ୍ର ୧୨ଟା ୩୦ରୁ ଦ୍ୱାର ଫିଟା ସହ ପ୍ରଭୁଙ୍କର ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହେବା ପରେ ଭୋର ୪ ଟାରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ସେହିପରି ପରଦିନ ରାତି ୩ଟାରେ ମହାଦୀପ ଉଠିବା ନେଇ ପ୍ରଶାସନ ପକ୍ଷରୁ ସମୟ ନିର୍ଦ୍ଧାରଣ କରାଯାଇଛି। ଜାଗର ଅବସରରେ ଭକ୍ତମାନେ ମନ୍ଦିର ପରିସରରେ ଓ ବାହାରେ ଏକାଠି ବସି ଦୀପ ଜାଳି ଉଜାଗର ରହିପାରିବେ ବୋଲି ଲୋକନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ଭକ୍ତମାନେ ବାରିକେଡର ଗୋଟିଏ ରାସ୍ତାଦେଇ ପ୍ରବେଶ କରି ଅନ୍ୟ ରାସ୍ତାରେ ପ୍ରସ୍ଥାନ କରିବେ। ଭକ୍ତଙ୍କ ନିମନ୍ତେ ଧାଡ଼ି ବ୍ୟବସ୍ଥା କରାଯାଇଛି। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ବାହାରେ ଓ ଭିତରେ ପୋଲିସ ମୁତୟନ ରହିବେ। ଭକ୍ତଙ୍କ ସୁବିଧା ପାଇଁ ପାନୀୟ ଜଳ, ଜାଗର ପଡିଆକୁ ସଫା କରାଯାଇ ଆଲୋକୀକରଣ କରାଯାଇଛି।



ଶିବରାତ୍ରି ପାଇଁ ଶ୍ରୀଲୋକନାଥ ପୀଠରେ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ବାରିକେଡ୍ କରାଯାଇଛି।

## ଆଜି ଲୋକନାଥ ପୀଠରେ ପଙ୍କୋଦ୍ଧାର ନୀତି

ପୁରୀ ଅଫିସ,୧୫।୨

### ଆଜିଠାରୁ ଜଳିବ ସର୍ବବୃହତ ମହାଦୀପ

ପ୍ରଭୁ ଶ୍ରୀ ଲୋକନାଥ ଦେବଙ୍କ ମନ୍ଦିରରେ ଫାଲଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ପଙ୍କୋଦ୍ଧାର ନୀତି ଅନୁଷ୍ଠିତ ହେବ। ପୁରୀର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ବର୍ଷତମାମ୍ ଠାକୁରଙ୍କ ପ୍ରତ୍ୟକ୍ଷ ଲିଙ୍ଗ ସର୍ବଦା ପାଣିରେ ବୁଡ଼ି ରହିଥାନ୍ତି। ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଦର୍ଶନ କରିଥାନ୍ତି। ପଙ୍କୋଦ୍ଧାର ଏକାଦଶୀରେ ଗମ୍ଭୀରାରୁ ପଙ୍କ ବାହାର କରାଯାଏ। ବର୍ଷକରେ ଏହି ଗୋଟିଏ ଦିନ ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥାନ୍ତି। ବର୍ଷର ଏହି ଗୋଟିଏ ଦିନ ପ୍ରଭୁ ଲୋକନାଥଙ୍କ ଗମ୍ଭୀରା ଭିତରକୁ ଯାଇ ଭକ୍ତ ଓ ଶ୍ରଦ୍ଧାଳୁ ମହାଦେବଙ୍କ ଲିଙ୍ଗକୁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ଶ୍ରୀମନ୍ଦିର ସହ ପ୍ରତ୍ୟକ୍ଷ ସମ୍ପୃକ୍ତ ଥିବା ଶ୍ରୀଲୋକନାଥ ମନ୍ଦିରରେ ମହାଶିବରାତ୍ରିର ଗୋଟିଏ ଦିନ ପୂର୍ବରୁ ପଙ୍କୋଦ୍ଧାରର ସ୍ୱତନ୍ତ୍ର ନୀତି କରାଯାଇଥାଏ। ବର୍ଷତମାମ ଫୁଲ, ବେଲପତ୍ର, କ୍ଷୀର, କଦଳୀ, ଦହି, ସୁନାରୂପାରେ ଆଚ୍ଛାଦିତ ହୋଇ ରହୁଥିବା ମହାପ୍ରଭୁ ଶ୍ରୀଲୋକନାଥଙ୍କ ଏହି ସମସ୍ତ ସାମଗ୍ରୀକୁ ଏକଦାଶୀ ଦିନ ବାହାର କରାଯାଇଥାଏ। ଯାହାକୁ ପଙ୍କୋଦ୍ଧାର ନୀତି ବୋଲି କୁହାଯାଇଥାଏ। ନୀତି ନିର୍ଘଣ୍ଟ ଅନୁସାରେ ରାତି ୨ଟାରୁ ଦ୍ୱାର ଫିଟା ସହ ପରେ ବିଭିନ୍ନ ନୀତିକାନ୍ତି ବଢ଼ି ସକାଳ ୮ଟାରୁ ପଙ୍କୋଦ୍ଧାର କରାଯିବ। ଏହାପରେ ମଧ୍ୟାହ୍ନ ୧୨ଟାରୁ ସାଧାରଣ ଭକ୍ତ ପ୍ରଭୁ ଲୋକନାଥଙ୍କୁ ଦର୍ଶନ କରିପାରିବେ। ତେବେ ପଙ୍କୋଦ୍ଧାର ଓ ଜାଗର ଅବସରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥାରେ ସାମିଲ ହେବାକୁ ଚାହୁଁଥିବା ଭକ୍ତମାନଙ୍କ ପାଇଁ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ଟୋକନ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ସହ ବରିଷ୍ଠ ଅଧିକାରୀମାନେଉପସ୍ଥିତ ରହିବେ। ଭକ୍ତମାନେ ଗୋଟିଏ ରାସ୍ତାଦେଇ ପ୍ରବେଶ କରି ଅନ୍ୟ ରାସ୍ତାରେ ପ୍ରସ୍ଥାନ କରିବେ। ସେହିପରି ପଙ୍କୋଦ୍ଧାର ଅବସରରେ ସର୍ବବୃହତ ଜାଗର ଦୀପ ପ୍ରଜ୍ଜ୍ୱଳନ କରାଯିବ। ତେବେ ବିଗତ କିଛି ବର୍ଷ ହେବ କେତେଜଣ ଦାତାଙ୍କ ସହାୟତାରେ ଏହି ଦୀପ ପାର୍ବତୀ ସାଗର ନିକଟରେ ଜଗତର ମଙ୍ଗଳ କାମନା କରି ପ୍ରଜ୍ୱଳିତ କରାଯାଉଛି। ପଙ୍କୋଦ୍ଧାର ଏକାଦଶୀଠାରୁ ମହାଶିବ ରାତ୍ରୀରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଏହି ପ୍ରଜ୍ୱଳିତ ହୋଇଥାଏ।



ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ବୁଧବାର ହୋପ୍ ଇଜ୍ ଲାଇଫ୍‌ର ବାର୍ଷିକୋତ୍ସବ ଅବସରରେ ବରିଷ୍ଠ ନାଗରିକମାନଙ୍କୁ ନେଇ ଅନୁଷ୍ଠିତ ନାଟକ 'ଆଶା ହିଁ ଜୀବନ'ର ଏକ ଦୃଶ୍ୟ।

## ହୋପ୍ ଇଜ୍ ଲାଇଫ୍‌ର ବାର୍ଷିକ ଉତ୍ସବ

ପୁରୀ ଅଫିସ,୧୫।୨

ସାମାଜିକ ଅନୁଷ୍ଠାନ ହୋପ୍ ଇଜ୍ ଲାଇଫ୍ ଚାରିଟେବୁଲ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ସୁରେଶ କୁମାର ନନ୍ଦଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଅତିଥି ଭାବେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ବିଶିଷ୍ଟ ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଏବଂ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମାଜ କଲ୍ୟାଣରେ ନିଜକୁ ନିୟୋଜିତ କରିଥିବାରୁ ଅନୁଷ୍ଠାନର ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଗଦାଧର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ସାଂସ୍କୃତିକ ସଂଗଠନ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବିଭିନ୍ନ ସାମାଜିକ ସଙ୍ଗଠନ, ଗଣମାଧ୍ୟମ ପ୍ରତିନିଧି ଏବଂ ସଫଳ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଗୋଟିପୁଅ, କରାଟେ, ମାଲଖମ୍ବ ଆଦି ପ୍ରଦର୍ଶନ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସଦସ୍ୟା ଓ ସଦସ୍ୟଙ୍କ ପକ୍ଷରୁ କ୍ଷୁଦ୍ର ନାଟକ ଆଶା ହିଁ ଜୀବନ ପରିବେଷିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟା ଓ ସଦସ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦୀନ ଭଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶୋଭାମଣି ଦେଇ ଶେଷରେ ଧନ୍ୟବାଦ ଦେଇଥିଲେ।

## ପ୍ରୟାସ ପକ୍ଷରୁ କଣାସ ବ୍ଲକ ସମ୍ମୁଖରେ ବିକ୍ଷୋଭ

କଣାସ,୧୫।୨(ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ବୁଧବାର ପ୍ରୟାସ ପକ୍ଷରୁ କଣାସ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ପବିତ୍ର ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ସୂଚନା ମୁତାବକ, କଣାସ ବ୍ଲକର ୨୮ଟି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କ ବଦଳରେ ବହୁ ପକ୍କାଘର ଥିବା ବ୍ୟକ୍ତିଙ୍କ ନାମ ତାଲିକା ଭୁକ୍ତ କରାଯାଇଛି। ଏଥିପାଇଁ ପ୍ରୟାସ ଅନୁଷ୍ଠାନ ପକ୍ଷରୁ ହଜାର ହଜାର ହିତାଧିକାରୀ ବିକ୍ଷୋଭରେ ସାମିଲ ହୋଇଥିଲେ। ମହିଳା ପୁରୁଷ କଣାସ ଦୋକନ୍ଦା ମେଳଣ ପଡ଼ିଆରୁ ଗୋଲାବଜାର, କଣାସ ବସଷ୍ଟାଣ୍ଡ, କଣାସ କୁଞ୍ଜେଶ୍ୱରୀ ବଜାର, ବାଲିଘାଇ ଛକ ଦେଇ ବ୍ଲକ ସମ୍ମୁଖରେ ପହଞ୍ଚି ଥିଲେ। ଅନୁଷ୍ଠାନର ସଭାପତି କୃଷ୍ଣ ଜଗଦେବ ଓ ସମ୍ପାଦକ କାମାକ୍ଷା ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ। ପ୍ରକୃତ ହିତାଧିକାରୀଙ୍କୁ ଆବାସ ଗୃହ ଏବଂ ଫନୀ ସହାୟତା ନ ମିଳିଲେ ଆନ୍ଦୋଳନ କରାଯିବ।

## ନୂତନ ପେନସନ୍ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର ଦାବିପତ୍ର

ପୁରୀ ଅଫିସ,୧୫।୨

ନୂତନ ପେନସନ୍ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀ ଓ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଦାବି କରାଯାଇଛି, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ୬ ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରି ସହ ଯୋଗ କରିବା ସହ ୬ଟି ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା। ୨୦୧୬ ରୁ ୨୦୨୨ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ନିୟମିତ କରିବାକୁ ସଂଘ ଦାବି କରିଛି। ସଂଘ ପକ୍ଷରୁ କୁହାଯାଇଇଛି ଯେ, ଉକ୍ତ ଦାବି ପୂରଣ ନେଇ କିଛି ଦିନ ପୂର୍ବରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଭୁବନେଶ୍ୱରସ୍ଥିତ ଗାନ୍ଧୀ ମାର୍ଗରେ ଦୀର୍ଘ ୧୭ଦିନ ଆନ୍ଦୋଳନରେ ବସିଥିଲେ। ତେବେ ସରକାର ପ୍ରତିଶ୍ରୁତି ଦେବା ପରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ। ମାତ୍ର ପ୍ରତିଶ୍ରୁତି ମିଳିବାର ୧ ମାସ ସମୟ ବିତିଯାଇଥିଲେ ମଧ୍ୟ ସରକାର ଏବେ ଯାଏ ଦାବି ପୂରଣ କରିନାହାନ୍ତି। ତେଣୁ ସରକାର ଶିକ୍ଷକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଦାବି ପୂରଣ କରନ୍ତୁ। ଯଦି ସରକାର ଏହି ଦୁଇଟି ଦାବିକୁ ପୂରଣ ନ କରନ୍ତି ତା'ହେଲେ ଆସନ୍ତା ୧୫ ତାରିଖରେ ଜିଲାର ସମସ୍ତ ବିଧାୟକ ଓ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହା ପରେ ଯଦି ସରକାର କୌଣସି ନିଷ୍ପତ୍ତି ଗ୍ରହଣ ନ କରନ୍ତି, ତେବେ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ଜିଲା ସଂଘ ରାଜ୍ୟ ସଂଘର ସହଯୋଗିତାରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ରାଜ୍ୟ ସଂଘର ମିଡିଆ ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସଂଘର ଆବାହକ ରଞ୍ଜନ ସେଠୀ, ରଜନୀକାନ୍ତ ସାମଲ, ପ୍ରମୋଦ ନାୟକ ସୋମନାଥ ରାଉତ, ଶ୍ୟାମାଳିନା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆଟା ପକ୍ଷରୁ ଅତିଥି ଦେବୋ ଭବଃ

ପୁରୀ ଅଫିସ,୧୫।୨

ଶ୍ରୀକ୍ଷେତ୍ରର ମୁଖଶାଳା ପୁରୀ ବସଷ୍ଟାଣ୍ଡ ପରିସରରେ ଅତିଥି ଦେବୋ ଭବଃ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀକ୍ଷେତ୍ରକୁ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଘରକୁ ଫେରିବା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇକରି ଫେରିଛନ୍ତି। ଅତିଥିମାନେ କିପରି ଭଲରେ ଆସି ପୁରୀ ବସଷ୍ଟାଣ୍ଡରେ ପାଦ ଦେବେ ଓ କିପରି ଫେରିବା ବେଳେ ଏକ ସକାରାତ୍ମକ ଭାବନା ନେଇ ଫେରିବେ ଏଥିପାଇଁ ଆସୋସିଏଶନ ଅଫ୍ ଟୁଇଟର ଆକ୍ଟିଭିଷ୍ଟସ (ଆଟା) ତରଫରୁ ସବୁବେଳେ କୌଣସି ନା କୌଣସି ପଦକ୍ଷେପ ଗ୍ରହଣ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ବୁଧବାର ଯାତ୍ରୀମାନଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ କାଠ, ରଥ ଦଉଡି, ନିର୍ମାଲ୍ୟ ତୁଳସୀ, ନୀଳଚକ୍ର ବାନା, ଶରଧା ବାଲି ଓ ଫଟୋ ପ୍ରଦାନ କରି ଆତିଥ୍ୟତା ପ୍ରଦାନ କରାଯାଇଥିଲା। ସୁଦୂର ଦିଲ୍ଲୀରୁ ପରିବାର ସହିତ ଶ୍ରୀକ୍ଷେତ୍ର ଆସିଥିବା ଜଣେ ପର୍ଯ୍ୟଟକ ସୁରେନ୍ଦ୍ର କୁହନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ମିଳିଗଲା ଓ ସେଥିପାଇଁ ସେ ପୁରୀବାସୀଙ୍କୁ ଆତିଥ୍ୟତା ପାଇଁ ଧନ୍ୟବାଦ ଦେଇଛନ୍ତି। ସେହିଭଳି ଜଗତ୍‌ସିଂହପୁରରୁ ଆସିଥିବା ପ୍ରକାଶ କୁମାର ସାହୁ କହିଛନ୍ତି, ଏଭଳି ଆଶୀର୍ବାଦ ଭାଗ୍ୟରେ ଥିଲେ ମିଳେ। ଆଜି ଆମର ସୌଭାଗ୍ୟ ଯେ, ଠାକୁରଙ୍କ ଏହି ସବୁ ଜିନିଷ ମିଳିଛି, ଏହାକୁ ଆମେ ଠାକୁର ଘରେ ରଖି ପୂଜା କରିବୁ। କାର୍ଯ୍ୟକ୍ରମରେ ବସ୍ ମାଲିକ ସଂଘ, କର୍ମଚାରୀ ସଂଘ ଓ ବ୍ରଜ କିଶୋର ସାହୁ ରହି ଅତିଥିଙ୍କୁ ଶ୍ରୀଜଗନ୍ନାଥଙ୍କ ଉପରେ ବୁଝାଇଥିଲେ।



ପୁରୀ ପୌରସଦନ ପରିସରରେ ବୁଧବାର ଆୟୋଜିତ ଡାକ ବିଭାଗର ପ୍ରତିଷ୍ଠା ଦିବସ ଅବସରରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ମାନିତ ଡାକ କର୍ମଚାରୀ।

## ଡ୍ରେନେଜ ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ପୁରୀ ଅଫିସ,୧୫।୨

ଜିଲାରେ ଡ୍ରେନେଜ ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଦାନ ମଞ୍ଜୁର କରିଥିବାରୁ ଜିଲା ବିଜୁ ଜନତା ଦଳ ପକ୍ଷରୁ ସଭାପତି ମହେଶ୍ୱର ମହାନ୍ତି କୃତଜ୍ଞତା ଜ୍ଞାପନ କରିଛନ୍ତି। ଏନେଇ ବୁଧବାର ଜିଲା ସଭାପତିଙ୍କ ଘରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସମ୍ମିଳନୀରେ କୁହାଯାଇଛି, ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ ସୂଚନା ପ୍ରଦାନ କହିଥିଲେ କି ଓଡିଶା ଉପକୂଳବର୍ତ୍ତୀ ୯ଟି ଜିଲାର ୧୭ଟି ଅବବାହିକା ଓ ୩ଟି ଅଣ ଅବବାହିକା ଅଞ୍ଚଳର ଚାଷ ଜମି ଜଳବନ୍ଦୀ ମୁକ୍ତ କରିବା ସହିତ ଜଳ ନିଷ୍କାସନ ସମସ୍ୟାର ନିରାକରଣ ଲାଗି ୨୦୧୪-୧୫ରୁ ୫ ବର୍ଷ ପାଇଁ ଡ୍ରେନେଜ ପୁନରୁଦ୍ଧାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା। ତେବେ ଯୋଜନାରେ ୫ବର୍ଷ ମଧ୍ୟରେ ୫୦୦ କୋଟି ବ୍ୟୟ କରାଯାଇ ଡ୍ରେନେଜ ପୁନରୁଦ୍ଧାର କାର୍ଯ୍ୟକ୍ରମ ୨୦୧୯-୨୦ ରୁ ୨୨-୨୩ ପର୍ଯ୍ୟନ୍ତ କରାଯିବା ପାଇଁ ଅନୁମୋଦନ କରାଯାଇଥିଲା। ତେବେ ଡ୍ରେନଗୁଡିକରେ ଅଧିକ ଫାର୍ମ ଲ୍ୟାଣ୍ଡ ବ୍ରିଜ୍ ଗଠନ କରାଯିବା ଯୋଗୁ ପ୍ରକଳ୍ପର ମୂଲ୍ୟ ବୃଦ୍ଧି କରାଯାଇଛି। ସେହି ପୁନରୁଦ୍ଧାର କାର୍ଯ୍ୟ ପାଇଁ ୮୦୦ କୋଟି ଟଙ୍କା ଖର୍ଚ୍ଚ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଫଳରେ ୪୨୮୨ କିମି ଦୈର୍ଘ୍ୟର ଡ୍ରେନେଜ ଚ୍ୟାନେଲର ଖନନ ତଥା ନବୀକରଣ କରାଯାଇ ୧୦୫୮୬୮ ହେକ୍ଟର ଚାଷ ଜମିକୁ ଜଳବନ୍ଦୀ ମୁକ୍ତ କରାଯିବ। ତେବେ ୨୦୨୩ ରୁ ୨୦୨୭-୨୮ ମଧ୍ୟରେ ୧୪୦୦ କୋଟି ଟଙ୍କା ବ୍ୟୟ କରାଯାଇ ପୁରୀ ଜିଲାର ପ୍ରାୟ ୧୧୧୦ କିମି ଡ୍ରେନେଜ୍ କାମ କରାଯାଇ ୧୭୧୩୦ ହେକ୍ଟର ଜମି ଜଳବନ୍ଦୀ ମୁକ୍ତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ପୁରୀରେ ବନ୍ୟାଜଳ ଓ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ଅସୁବିଧା ହେବ ନାହିଁ। ସମ୍ମିଳନୀରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବିଧାୟକ ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।



ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି ଓ ଦୁଇ ବିଧାୟକ।

## ବଳଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣା

- ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବି
- ଅସୁବିଧା ଭୋଗୁଛନ୍ତି ରୋଗୀ

ବଳଙ୍ଗା,୧୫।୨(ଡି.ଏନ୍.ଏ.)

ସ୍ଥାନୀୟ ବଳଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେବ ଡାକ୍ତର ନ ଥିବାରୁ ଅଞ୍ଚଳର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀଙ୍କ ପକ୍ଷରୁ ଡାକ୍ତର ସହ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ରୋଗୀମାନେ ସାଧାରଣ ଚିକିତ୍ସା ପାଇଁ ମଧ୍ୟ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ଜାତୀୟ ଦଳିତ, ଆଦିବାସୀ ଓ ବଳଙ୍ଗା ବିକାଶ ମଞ୍ଚ ତରଫରୁ ବୁଧବାର ବଳଙ୍ଗା ଡାକ୍ତରଖାନା ପରିସରରେ ଗଣଧାରଣା ଦିଆଯାଇଛି। ଜାତୀୟ ଦଳିତ ଆଦିବାସୀ ସଂଘର ସଭାପତି ବିଜୟ ସେଠୀ ଓ ବଳଙ୍ଗା ବିକାଶ ମଞ୍ଚର ସଭାପତି ରାଜୀବ ଲୋଚନ ପୃଷ୍ଟିଙ୍କ ସମେତ ସନ୍ତୋଷ କୁମାର ବରାଳ, ମନୋଜ ପ୍ରଧାନ, ଅକ୍ଷୟ ନାୟକ, ଟିଙ୍କିନା ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ଘଣ୍ଟିଆ ଡାକ୍ତର ସେବା, ପ୍ରସୂତି ବିଭାଗରେ ଡାକ୍ତର, ୪ର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ଓ ନୂତନ ଭାବେ ଷ୍ଟାଫ କ୍ୱାର୍ଟର ନିର୍ମାଣ ଏଭଳି ବିଭିନ୍ନ ଦାବି ରଖିଥିଲେ। ଖବରପାଇ ଘଟଣାସ୍ଥଳରେ ନିମାପଡ଼ା ଅତିରିକ୍ତ ତହସିଲଦାର ବିଷ୍ଣୁପ୍ରିୟା ବେହେରା ପହଞ୍ଚି ୧୫ଦିନ ଭିତରେ ସମସ୍ତ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ହଟିଥିଲା।




ବଳଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ, ସାମାଜିକ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଛି।

# ମଇଦାନ

ମଇଦାନ ଅର୍ଥାତ୍ ପଡ଼ିଆ–ଏହା ଅନେକ ସ୍ମୃତିର ମୂକସାକ୍ଷୀ। ବିଭିନ୍ନ ଖେଳକୁଦରେ ଅଂଶଗ୍ରହଣ କରି ମଇଦାନରେ ଖେଳାଳିମାନେ ସାଉଁଟିଥାଆନ୍ତି ଅନେକ ଅଭୁଲା ସ୍ମୃତି। କେବଳ ଖେଳାଳି ନୁହନ୍ତି, ପ୍ରଶିକ୍ଷକ ବା କୋଚ୍‌ମାନେ ମଧ୍ୟ ନିଜର ପୁରୁଣା ଅନୁଭୂତିକୁ ମନେପକେଇ ଥାଆନ୍ତି। ଭାରତୀୟ ଫୁଟ୍‌ବଲ୍ କୋଚ୍‌ଙ୍କ ମଧ୍ୟରେ ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଥିଲେ ସୟିଦ ଅବଦୁଲ୍ ରହିମ୍। ତାଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହୋଇଥିଲା। ସୟିଦଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଛି ହିନ୍ଦୀ ସିନେମା 'ମଇଦାନ୍'। ଫିଲ୍ମଟି ଚଳିତ ମାସ ୧୭ ତାରିଖ ଅର୍ଥାତ୍ ଆସନ୍ତାକାଲି ପରଦା ଉପରକୁ ଆସିବାର ଯୋଜନା ରହିଛି। ଏଥିରେ ଏହି ପ୍ରଶିକ୍ଷକ ଭୂମିକାରେ ଅଭିନୟ କରୁଛନ୍ତି ଅଜୟ ଦେବଗନ। ତାଙ୍କର ଧର୍ମପତ୍ନୀ ସାଜିଛନ୍ତି ପ୍ରିୟାମଣି। ଏମାନଙ୍କ ବ୍ୟତୀତ ନିତାଂଶି ଗୋୟଲ, ଆର୍ଯ୍ୟନ ଭୌମିକ, ଗଜରାଜ ରାଓ, ରୁଦ୍ରାଣୀ ଘୋଷ୍, ରୋହିତ ମଣ୍ଡଳ, ରିଷଭ ଯୋଶୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଜି ଷ୍ଟୁଡିଓ, ବୋନି କପୁର, ଅରୁନଭା ଜୟ ସେନଗୁପ୍ତା ଏବଂ ଆକାଶ ଚାୱଲା।

ନିର୍ଦ୍ଦେଶନା ଦେଇଛନ୍ତି ଅମିତ୍ ଶର୍ମା। ଗୀତଗୁଡ଼ିକୁ ସ୍ୱରାୟିତ କରିଛନ୍ତି ବିଶିଷ୍ଟ ସ୍ୱରକାର ଏ.ଆର୍. ରହେମାନ୍।



'ମଇଦାନ' ଫିଲ୍ମରେ ଅଜୟ ଦେବଗନ

## ନୂଆ ସିନେମା ପ୍ରଥା

କେବଳ ଏବେ ନୁହେଁ କାହିଁ କେବେ ଠାରୁ ଆମେ ବିଭିନ୍ନ ପ୍ରଥା, ପରମ୍ପରାକୁ ମାନି ଆସିଛେ। ଏଭଳି ଏକ ଭିନ୍ନ ଧରଣର କଥାବସ୍ତୁକୁ ଭିତ୍ତି କରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ପ୍ରଥା'। ସେହିପରି କିଛି ପ୍ରଥା, ପରମ୍ପରା, ରୀତିନୀତି ଏବଂ ଏଥିରେ ଥିବା କିଛି ବିଶ୍ୱାସ, ଅବିଶ୍ୱାସ ଓ ଏଥିରେ ଆସିଥିବା ପରିବର୍ତ୍ତନକୁ ଆମ ସାଧାରଣ ଲୋକ କିପରି ଆପଣାଇବାକୁ ସକ୍ଷମ ଏବଂ ଅକ୍ଷମ ହେଉଛନ୍ତି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ସନଲିସା ପଟେଲଙ୍କ ଦ୍ୱାରା ପ୍ରଯୋଜିତ ଏହି ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେ. ମୁରଲୀକ୍ରିଷ୍ଣା। ସନଲିସା ସିଗ୍ନେଚର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଉକ୍ତ ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଛନ୍ତି ସ୍ୱରାଜ ବାରିକ, ଶୀତଲ ପାତ୍ର ଓ ମୁମ୍ବାଇ ଅଭିନେତ୍ରୀ ତଥା ମଡେଲ ସିମ୍ରନ କୌର। ଏମାନଙ୍କ ବ୍ୟତୀତ ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ଯଶଃ ଆଲୱାହଟ (ବଲିଉଡ୍ ଅଭିନେତା), ଆଶୁ ବର୍ମା (ପଞ୍ଜାବର ମଡେଲ, ଅଭିନେତା ଏବଂ ନିର୍ଦ୍ଦେଶକ), ରବି ମିଶ୍ର, ସତିଶ ପଟେଲ ଓ ଇଲ୍ଲୁ ବାନାର୍ଜୀ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଅସିତା ଶତପଥି ମଧ୍ୟ କାଷ୍ଟିଂରେ ଅଛନ୍ତି । ଏହି ଫିଲ୍ମରେ ସ୍ୱରାଜ ଏକ ନୂତନ ଧରଣର ଚରିତ୍ରରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ପୁଣି ଶୀତଲ ଜଣେ ଗାଁଉଲି ଝିଅ ଭୂମିକାରେ ଦେଖାଦେବେ। ଚଳଚ୍ଚିତ୍ରଟିର ଶୁଟିଂ କୋରାପୁଟ, ଦିଲ୍ଲୀ ଏବଂ ରାଜସ୍ଥାନରେ ହେବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ସୂଚନା ଦିଆଯାଇଛି। ଏହାର ଲାଇନ୍ ପ୍ରଯୋଜକ ଅଛନ୍ତି ବିଜୟ ପାତ୍ର। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ଗୀତିକାର ନିଜାମଙ୍କ ପୁତ୍ର ଅସଦ ନିଜାମ। ସିନେମାଟୋଗ୍ରାଫି ଦାୟିତ୍ୱ ନରେନ୍ଦ୍ର ଗୌଡ଼ ତୁଲାଉ ଥିବା ବେଳେ ସଂଳାପ ରଚନା କରିଛନ୍ତି ବିଜୟ କୁମାର ରାଉଳ। ଚଳଚ୍ଚିତ୍ର 'ପ୍ରଥା'ର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।



'ପ୍ରଥା' ଫିଲ୍ମରେ ସ୍ୱରାଜ–ଶୀତଲ

## ହଁ-ନା'ର ଖେଳ



ସାରା

ସାରା ଅଲ୍ଲୀ ଖାଁ ଏବେ ଦୋ'ଛକିରେ ପଡ଼ିଯାଇଛନ୍ତି। ଗୋଟିଏ ପଟେ ୨–୩ଟି ନୂଆ ବଲିଉଡ୍ ଅଫରକୁ ସେ ତର୍ଜମା କରୁଛନ୍ତି। ଠିକ୍ ସେତିକିବେଳକୁ ତାଙ୍କୁ ଗୋଟିଏ ନୂଆ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ସୁଯୋଗ ମିଳିଛି। ଆଉ ଏହି ସମୟରେ ସେ କ'ଣ କରିବେ ଠିକ୍ ନିଷ୍ପତ୍ତି ନେଇପାରୁନାହାନ୍ତି। କେତେବେଳେ ଭାବୁଛନ୍ତି ଡିଜିଟାଲ ଦୁନିଆରେ ପାଦ ଦେବିନି, ପୁଣି ଚିନ୍ତା କରୁଛନ୍ତି, ୱେବ୍ ସିରିଜ୍‌ରେ ଅଭିନୟ କଲେ ଦର୍ଶକଙ୍କ ସହ ସେ ଆହୁରି ନିକଟତର ହୋଇପାରିବେ। ଏ ନେଇ ସୈଫ ତନୟା କହନ୍ତି, 'ପ୍ରଥମ କଥା ହେଲା, ଏବେ ମୁଁ ମୋ ଆକ୍ଟିଂ କ୍ୟାରିୟରକୁ ନେଇ ସିରିୟସ ଅଛି। ନିକଟରେ ମୋତେ ରହସ୍ୟ ରୋମାଞ୍ଚକୁ ଆଧାର କରି ନିର୍ମିତ ହେବାକୁ ଯାଉଥିବା ଏକ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ଅଫର ମିଳିଛି। ହେଲେ ଏହି ସୁଯୋଗକୁ ହଁ ଭରିବି ନା ହାତଛଡ଼ା କରିବି ଜାଣିପାରୁନାହିଁ। କାରଣ ଯଦି ମୋତେ ମିଳିଥିବା ୨–୩ଟି ନୂଆ ହିନ୍ଦୀ ସିନେମାର ଶୁଟିଂ ଆରମ୍ଭ ହୋଇଗଲା, ତେବେ ମୋ ହାତରେ ଡେଟ୍ ରହିବ ନାହିଁ। ତାହା ହିଁ ମୋତେ ଅଡୁଆରେ ପକାଇ ଦେଇଛି।' ତେବେ ଏ ନେଇ ସାରା କି ନିଷ୍ପତ୍ତି ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଚଳଚ୍ଚିତ୍ର ପୁରସ୍କାର ପ୍ରସଙ୍ଗ..

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପରିଷ୍କାର ପାଇଁ ଉଚ୍ଚତମ ନ୍ୟାୟାଳୟ ମୌଳିକ ଓଡ଼ିଆ ଚଳଚ୍ଚିତ୍ରକୁ ଗୁରୁତ୍ୱ ଦେଇ ରାୟ ପ୍ରକାଶ କଲେ। କିନ୍ତୁ ସଂସ୍କୃତି ବିଭାଗ ଅଧୀନରେ ଥିବା ପୁରସ୍କାର ଦିଗରେ ଗୁରୁତ୍ୱ ଦେଇ ପରବର୍ତ୍ତୀ ପୁରସ୍କାର ସ୍ୱଚ୍ଛତା ନେଇ କାର୍ଯ୍ୟ କରିବା ବିଜ୍ଞତାର କାର୍ଯ୍ୟ ହେବ। ଉତ୍ତାରୁ ଚଳଚ୍ଚିତ୍ର ନିର୍ମାଣ କରି ଭୁଲ୍ ତଥ୍ୟ ସତ୍ୟପାଠରେ ପ୍ରଯୋଜନା ସଂସ୍ଥା ପ୍ରଦାନ କଲେ ସେଥିପାଇଁ ସଂସ୍କୃତି ବିଭାଗ ଦଣ୍ଡିତ କରିବା ଦିଗରେ ଗୁରୁତ୍ୱ ଦେବ। କେବଳ ପ୍ରଯୋଜକ ନୁହେଁ, କାହାଣୀକାର ଓ ନିର୍ଦ୍ଦେଶକଙ୍କୁ ମଧ୍ୟ ଏହି ଦଣ୍ଡରେ ସାମିଲ କରିବା ନ୍ୟାୟୋଚିତ ପଦକ୍ଷେପ ହେବ। ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରର ସଂସ୍କାର ଦିଗରେ ନିର୍ଦ୍ଦେଶକ ବବି ଇସ୍‌ଲାମ୍ ଯେଉଁ ନ୍ୟାୟାଳୟର ଆଶ୍ରୟ ନେଇ ସଫଳ ହେଲେ ତାହା ସିନେ–ସମାଜ ପାଇଁ ମାର୍ଗଦର୍ଶିକା ଭାବେ କାର୍ଯ୍ୟ କରିବ। ପୁରସ୍କାର ନିୟମରେ ମୌଳିକ କଥାକୁ ଅଗ୍ରାଧିକାର ଦେବା ପାଇଁ ନିୟମ ରହିଛି। ସମ୍ପ୍ରତି 'ଛବିରାଣୀ' ସିନେମାକୁ ବାଦ୍ ଦେବା ଘଟଣାରେ ନିର୍ଦ୍ଦେଶକ ବବି ଇସ୍‌ଲାମ୍ ପୁରସ୍କାର ଘୋଷଣା ପରେ ଯେଉଁ ପଦକ୍ଷେପ ନେଲେ ତାହା ସ୍ୱାଗତଯୋଗ୍ୟ।

ପୁରସ୍କାର ପରିଷ୍କାର ହେଲେ କେହି ଆଙ୍ଗୁଠି ଉଠାଇବେ ନାହିଁ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରର ଉତ୍ସବ କରିବା ଅନୁଚିତ। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସିନେମା ସହ ଜଡ଼ିତ ସଂସ୍ଥା କେବେ ବି ଏହି ପୁରସ୍କାର ଆୟୋଜନ କରିବା କଥା ନୁହେଁ, ଯାହା ସିନେପ୍ରେମୀଙ୍କୁ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ତୃତୀୟ ପକ୍ଷ ଅର୍ଥାତ୍ ସଂସ୍କୃତି ବିଭାଗ ୧୯୬୩ ମସିହାଠାରୁ ଏଯାବତ୍ କିପରି ଉତ୍ସବ କରୁଥିଲା। ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଏନ୍‌ଏଫ୍‌ଡିସି)



ଚଳଚ୍ଚିତ୍ର ପୁରସ୍କାର କରିବା କଥା। କିନ୍ତୁ ତାହା କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କାହିଁକି ଏଯାବତ୍ ହୋଇଆସୁଅଛି।

ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅନେକ ଅଧ୍ୟକ୍ଷ ଗଲେଣି। କେବଳ ଷ୍ଟୁଡିଓରେ କୋଠା କେତୋଟି କରିଦେଲେ ଷ୍ଟୁଡିଓର ଉନ୍ନତି ହୋଇ ନ ଥାଏ। ରାଜ୍ୟରେ ପ୍ରେକ୍ଷାଳୟ ଅଭାବ ପୂରଣ କରିବା, ସିନେମା ପ୍ରଦର୍ଶନ ପାଇଁ ନୂଆ ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଓଡ଼ିଆ ସିନେ ସମାଜ ପାଇଁ ପ୍ରଯୋଜକମାନେ ଏକତ୍ର ହେବା ଉଚିତ୍। ଭଲ କାମ ଦିଗରେ ଉଦ୍ୟମ ହେଉ। ଶସ୍ତା ଲୋକପ୍ରିୟତା ପାଇଁ ହୀନସ୍ତା ହେବା କେତେଦୂର ଠିକ୍ ତାହା ବିଚାରଯୋଗ୍ୟ। ଓଡ଼ିଆ ସିନେମାର ଅବସ୍ଥା ବର୍ତ୍ତମାନ ନିଶ୍ଚୟ ଚିନ୍ତାଜନକ। ଆଗାମୀ ଦିନରେ ସିନେ–ସମାଜ ପାଇଁ କେବଳ ଶୃଙ୍ଖଳା ଘୋଷଣା କରିବା ବ୍ୟତୀତ ତାହାର ବାସ୍ତବ ରୂପାୟନ ହେବା ନିହାତି ଦରକାର।

**–ଦିଲୀପ ହାଲି,** ବଡ଼ଗଡ଼
ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ସଜବାଜ ଅନ୍ତରାଳେ..

ରକୁଲ୍ ପ୍ରୀତ ସିଂଙ୍କୁ ନେଇ ଏବେ ଚର୍ଚ୍ଚା। ଯା ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି, ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ଶୁଣିବା ପରେ ସେଗୁଡ଼ିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନ୍‌ସେଲ କରିବାକୁ ବାଧ ହୋଇଛନ୍ତି। ଏ ସମ୍ପର୍କରେ ରକୁଲ୍ କୁହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡ଼ିକ ମୋ ମନକୁ ଛୁଇଁପାରିଛି। ତେଣୁ ସେଗୁଡ଼ିକୁ କିପରି ଶତ ପ୍ରତିଶତ ଜଷ୍ଟିସ୍ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏହି ଅନ୍‌ଟାଇଟଲ୍‌ଡ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ୍ ଭୂମିକାରେ ଦେଖିବାକୁ ପାଇବେ।' ତେବେ ଏଥିରେ ରକୁଲ୍‌ଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ୍ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।



ରକୁଲ୍

## ପରଦା ପଛରେ

# କଳାତ୍ମକ ସିନେମାର ଚାହିଦା ରହିଛି

ମନୋରଞ୍ଜନର ଅନ୍ୟତମ ପ୍ରମୁଖ ମାଧ୍ୟମ ହେଉଛି ସିନେମା। ଏହାକୁ ନିର୍ମାଣ କରିବା ସମୟରେ ସବୁ ଦିଗ ପ୍ରତି ଗୁରୁତ୍ୱ ଦେବା ନିହାତି ଦରକାର। ନ ହେଲେ ତାହା ଦର୍ଶକଙ୍କ ମନ ଜିଣିପାରିବ ନାହିଁ। ଏବେ ଯେତେ କମର୍ସିଆଲ ଫିଲ୍ମ ନିର୍ମାଣ ହେଲେ ମଧ୍ୟ କଳାତ୍ମକ ଚଳଚ୍ଚିତ୍ରର ଚାହିଦା ରହିଛି ବୋଲି କହନ୍ତି ପ୍ରଯୋଜକ କୃଷ୍ଣଚନ୍ଦ୍ର ଦାଶ। ନିକଟରେ ତାଙ୍କ ଦ୍ୱାରା ପ୍ରସ୍ତୁତ ତଥା ସୁଦୀପ ସରକାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଟାଇଟଲ ରହିଛି 'ଦ ଗିଫ୍ଟ'। ନାଗାଲାଣ୍ଡରେ ଅନୁଷ୍ଠିତ ନର୍ଥ ଇଷ୍ଟ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ, ଝାଡ଼ଖଣ୍ଡ ଫିଲ୍ମ ଫେଷ୍ଟିଭାଲ, ଏବଂ ଉତ୍ତର ପ୍ରଦେଶର ମିରଟ ସହରରେ ଆୟୋଜିତ ଫିଲ୍ମ ଫେଷ୍ଟିଭାଲରେ ଏହି ଫିଲ୍ମଟି ପୁରସ୍କୃତ ହୋଇଛି। ଉକ୍ତ ଚିତ୍ରର ବିଭିନ୍ନ ଭୂମିକାରେ ଅନିନ୍ଦ୍ର ଚାଟାର୍ଜୀ, ତୁମ୍ପା ଘୋଷ, ଅଭିଷେକ ଚାଟାର୍ଜୀ, ଦେବୀକା ମୁଖାର୍ଜୀ ପ୍ରମୁଖ ଅଭିନୟ କରିଛନ୍ତି। ନୟାଗଡ଼ ଜିଲା ସରଣକୁଳ ଅର୍ନ୍ତଗତ ଚଢ଼େୟାପଲ୍ଲୀ ଗ୍ରାମରେ ଜନ୍ମିତ କୃଷ୍ଣଚନ୍ଦ୍ରଙ୍କ ଦୁଇ କନ୍ୟା ସମନ୍ୱିତା ଏବଂ ସୁଚିସ୍ମିତା ଏହାର ଉପସ୍ଥାପନା ଦାୟିତ୍ୱ ତୁଲାଇଛନ୍ତି।



କୃଷ୍ଣଚନ୍ଦ୍ର

# କଥା ନିୟତିର

ଆମେ ନିଜକୁ ଯେତେ ଦୃଢ଼ ତଥା ବଳବାନ୍ ଭାବିଲେ ମଧ୍ୟ ଆମର ଡୋରି ରହିଛି ନିୟତି ହାତରେ। ତାହାର ପଶାପାଲିରେ ମଣିଷ ବନ୍ଧା ହୋଇଛି। ଏଭଳି ଏକ କାହାଣୀକୁ ନେଇ ଅଭିନେତା–କମ୍–ପ୍ରଯୋଜକ ସମରେଶ ରାଉତରାୟ ପ୍ରସ୍ତୁତ କରିଛନ୍ତି ଭିନ୍ନ ସ୍ୱାଦର ଓଡ଼ିଆ ସିନେମା 'ନିୟତି'। ଏହାର ଟିଜର ନିକଟରେ ଓଡ଼ିଆୱାନ୍ ୟୁଟ୍ୟୁବ୍ ଚ୍ୟାନେଲରେ ରିଲିଜ ହୋଇ ବେଶ୍ ଭାଇରାଲ୍ ହୋଇଛି। ପାରିବାରିକ ଦାୟିତ୍ୱକୁ ସୂଚାରୁରୂପରେ ନିଭାଉଥିବା ମଣିଷ କେମିତି ସମୟର ପଶାପାଲିରେ ମୋହରା ସାଜୁଛି, କେମିତି ଅପରାଧିକ କାର୍ଯ୍ୟ ଘଟାଉଛି, ତାହାକୁ ନେଇ କାହାଣୀ ଗତିଶୀଳ। ଚିତ୍ରଟିରେ ସାନୁ, ଦିବ୍ୟା, ସମରେଶ, କେକେ, ବିଶାନ, ଅଙ୍କିତ ଉଦିତ ଗୁରୁ, ଅଭିଜିତ, ପୁପୁଲ, ଶୁଭାଂଶୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସମରେଶଙ୍କ ଦ୍ୱାରା ପ୍ରଯୋଜିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ପିନାକୀ ଶ୍ରୀଚନ୍ଦନ। ଫିଲ୍ମର ଗୀତକୁ ସ୍ୱରରେ ସଜାଇଛନ୍ତି ଅନୁରାଗ ପଟ୍ଟନାୟକ। ଚଳଚ୍ଚିତ୍ରଟି ଖୁବ୍ ଶୀଘ୍ର ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ସୂଚନା ଦିଆଯାଇଛି।



ଦିବ୍ୟା–ସାନୁ

## ଅପେରା ହାଲଚାଲ

# ନିଆରା ଆନାଉନ୍ସର

ପ୍ରଥମେ ରେକର୍ଡ ଡ୍ୟାନ୍ସ ଜରିଆରେ ସେ ଜଲିଉଡ୍‌ରେ ପାଦ ଥାପିଥିଲେ। ଆଉ ଏବେ ଦୀର୍ଘ ୨୪ ବର୍ଷ ଧରି ସେ ଏହି କାମରେ ନିଜକୁ ନିୟୋଜିତ ରଖିଛନ୍ତି। ସେ ହେଲେ ଯାତ୍ରା ଜଗତର ନିଆରା ଆନାଉନ୍ସର ଭାବରେ ପରିଚିତ ତଥା ତୁଳସୀ ଗଣନାଟ୍ୟରେ କାର୍ଯ୍ୟରତ କୁନା ଭାଇ ଓରଫ ହରିବନ୍ଧୁ ଜେନା। ନିଜ ସମ୍ପର୍କରେ ସେ କହନ୍ତି, 'ନାଟକଟିକୁ ପ୍ରଚାର ମାଧ୍ୟମରେ ହାଇଲାଇଟ୍ କରିବା ଛୋଟିଆ କଥା ନୁହେଁ। ନିଜସ୍ୱ ପ୍ରଚାର ଶୈଳୀକୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ। ଏଥର ଖଣ୍ଡଗିରି ମେଳାରେ ତୁଳସୀ ଗଣନାଟ୍ୟର ରେକର୍ଡ ସୃଷ୍ଟିକାରୀ ନାଟକ 'ଅଧା ରାତିର ସାଥୀ'ର ପ୍ରଚାର ମୋର ସବୁଦିନ ମନେ ରହିବ। ନାଟକଟି ଏତେ ଦର୍ଶକାଦୃତ ହେଲା ଯେ ତାହାକୁ ଭିନ୍ନ ଢଙ୍ଗରେ ପ୍ରଚାର କରିବାକୁ ସତେ ଯେମିତି ମୋ ମନରେ ସ୍ୱତଃ ଆଗ୍ରହ ସୃଷ୍ଟି ହୋଇଥିଲା। ଜଣେ ଆନାଉନ୍ସର ଭାବରେ ମୋତେ ଦର୍ଶକ ଯେତିକି ଭଲ ପାଇବା ଦେଇଛନ୍ତି ତାହାର ଋଣ ମୁଁ କେବେ ସୁଝି ପାରିବି ନାହିଁ। କେବଳ ଜଣେ ପ୍ରଚାରକ ନୁହଁନ୍ତି 'ମୁଁ ସେହି ଭଦ୍ରକିଆ ଟୋକା', 'ବଡ଼ ଦାଣ୍ଡର ଭିକାରି' (ରଙ୍ଗମହଲ) ଏବଂ 'ସରୁନି ଗପ କି ସରୁନି ପାପ'ରେ ଅଭିନୟ କରି ନିଜକୁ ଜଣେ ଅଭିନେତା ଭାବରେ ମଧ୍ୟ ପରିଚିତ କରାଇପାରିଛନ୍ତି କୁନା।



କୁନା

# ଦୀପିକା ମନା କରି ନ ଥିଲେ..

ଯେତେ ବେଳେ ମାଲୟାଲମ ଅଭିନେତ୍ରୀ ମାଳବିକା ମୋହନାନଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଲା ସେତେବେଳେ ତାଙ୍କର ଖୁସି କହିଲେ ନ ସରେ। ଆଉ ଫିଲ୍ମଟି ଥିଲା 'ବେୟଣ୍ଡ ଦ କ୍ଲାଉଡ୍'। ମାଜିଦ ମାଜିଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଇଶାନ ଖଟ୍ଟରଙ୍କ ଅପୋଜିଟ୍‌ରେ କିଏ ନାୟିକା ସାଜିବ ସେନେଇ ବେଶ୍ ତର୍ଜମା ହୋଇଥିଲା। ଏ ନେଇ ନିର୍ଦ୍ଦେଶକଙ୍କର ପ୍ରଥମ ଚଏସ୍ ଥିଲେ ଦୀପିକା ପାଦୁକୋନ୍। କିନ୍ତୁ କେତେକ କାରଣରୁ ସେ ଏଥିରେ ଅଭିନୟ କରିବାକୁ ମନା କରିଦେଇଥିଲେ। ତା'ପରେ ହାତୀ ମୁଣ୍ଡରେ ସୁନା କଳସ ଢାଳିବା ପରି ମାଳବିକାଙ୍କୁ ଯୋଗାଯୋଗ କରାଯାଇଥିଲା। ଆଉ ସେ ଏହି ଅଫରଟିକୁ ଗ୍ରହଣ କରିଥିଲେ। ସେତେବେଳେ ଯଦି ଦୀପିକା ଏଭଳି ସୁଯୋଗକୁ ହାତଛଡ଼ା କରି ନ ଥାନ୍ତେ ତାହାଲେ ହୁଏତ ପରିସ୍ଥିତି ଅଲଗା ହୋଇଥାଆନ୍ତା। ୨୦୧୭ରେ ରିଲିଜ୍ ହୋଇଥିବା ଏହି ଫିଲ୍ମଟି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇ ନ ଥିଲା। ଇତିମଧ୍ୟରେ ଛଅବର୍ଷ ବିତିଯାଇଥିଲେ ମଧ୍ୟ ମାଳବିକାଙ୍କୁ ଗୋଟିଏ ହେଲେ ହିନ୍ଦୀ ଫିଲ୍ମ ଅଫର ମିଳିନାହିଁ। କେବଳ ମାଲୟାଲମ ନୁହେଁ, ତେଲୁଗୁ ଏବଂ ତାମିଲ ଫିଲ୍ମରେ ମଧ୍ୟ ଅଭିନୟ କରିସାରିଛନ୍ତି ଏହି ଅଭିନେତ୍ରୀ। ୨୦୧୩ରେ ତାଙ୍କୁ ମାଲୟାଲମ ଫିଲ୍ମ 'ପଟ୍ଟମ ପୋଲେ'ରେ ବ୍ରେକ୍ ମିଳିଥିଲା। ଏଥିରୁ ସଫଳତା ପାଇବା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ।



ମାଳବିକା



ଗୁରୁଡିଝାଟିଆର କପୁରସିଂହଠାରେ ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟ୍ସ ଆଣ୍ଡ ସେଣ୍ଟର ଅଫ ଏକ୍ସିଲେନ୍ସି ଫର କ୍ରିକେଟ ଉଦ୍‌ଘାଟନୀ ଅବସରରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସୁରେଶ ରାଇନା ଓ ଅନ୍ୟ ଅତିଥିମାନେ।

# ‘ଓଡ଼ିଶାରେ କ୍ରୀଡ଼ା, କ୍ରୀଡ଼ାବିତ୍‌ଙ୍କ ଭବିଷ୍ୟତ ଉଜ୍ଜ୍ୱଳ’

## ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟ୍ସ ଆଣ୍ଡ ସେଣ୍ଟର ଅଫ ଏକ୍ସିଲେନ୍ସି ଫର କ୍ରିକେଟ ଉଦ୍‌ଘାଟିତ

**କଟକ ଅଫିସ୍/ଖୁଣ୍ଟୁଣି (ଡି.ଏନ.ଏ)୧୫।୨**

ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଫର୍ କ୍ରିକେଟ ବୁଧବାର ଆଠଗଡ ଗୁରୁଡିଝାଟିଆର କପୁରସିଂହଠାରେ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସୁରେଶ ରାଇନା ଯୋଗଦେଇ ପୂର୍ବଭାରତର ଏହି ସର୍ବବୃହତ୍ ଘରୋଇ ଆବାସିକ ଏକାଡେମି କୁହାଯାଉଥିବା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏକାଡେମିକୁ ଉଦ୍‌ଘାଟନ କରିବା ଅବସରରେ ରାଇନା ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଓଡ଼ିଶାରେ ହକି ସମେତ ଅନ୍ୟ କ୍ରୀଡ଼ାର ବିକାଶ ହେଉଛି। ଏମ୍‌ଜିଏମ୍ ଏକାଡେମି ସ୍ଥାନୀୟ ଖେଳାଳିମାନଙ୍କୁ ଉତ୍ସାହିତ କରିବ। ଏଭଳି ବ୍ୟବସ୍ଥା ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିପାରିବ ବୋଲି ସେ କହିଥିଲେ।

ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସର ଅଧ୍ୟକ୍ଷ ତଥା ଓଡ଼ିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଉକ୍ତ ଏକାଡେମୀ ଆଠଗଡ଼ ମାଟିର ଗର୍ବ ଓ ଗୌରବକୁ ଦ୍ୱିଗୁଣିତ କରିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଓଡ଼ିଶା ସ୍ପୋର୍ଟ୍ସ ହବ୍ ଭାବେ ପରିଗଣିତ ହେଲାଣି। ଏମ୍‌ଜିଏମ୍ ଏକାଡେମି ଭଳି ଏକାଧିକ ଘରୋଇ ଏକାଡେମି ଖୋଲିଲେ ରାଜ୍ୟରେ ଅନେକ ପ୍ରତିଭା ଆଗକୁ ଆସିପାରିବେ ବୋଲି ସେ କହିଥିଲେ। କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ଉତ୍କର୍ଷର ଶୀର୍ଷରେ ପହଞ୍ଚିଛି ବୋଲି କହିଥିଲେ। ଉତ୍ସବର ଅନ୍ୟତମ ଆକର୍ଷଣ ଥିଲେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ତଥା ଆଇପିଏଲ ଗଭର୍ନିଂ କାଉନ୍ସିଲ ସଦସ୍ୟ ପ୍ରଜ୍ଞାନ ଓଝା। ସେ କହିଥିଲେ ଯେ, ଓଡ଼ିଶାରୁ ଖେଳାଳିମାନେ କାହିଁକି ଅନ୍ତର୍ଜାତୀୟ ସ୍ତରରେ ସୁଯୋଗ ପାଇପାରୁନାହାନ୍ତି ତାହାକୁ ନେଇ ସବୁବେଳେ ତାଙ୍କୁ ପ୍ରଶ୍ନ କରାଯାଏ। ଯାହାର ଉତ୍ତର ସେ ଦେଇପାରନ୍ତି ନାହିଁ। ହେଲେ ଗତ କିଛି ବର୍ଷ ଭିତରେ ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଯେଉଁଭଳି ଭାବେ ହେଉଛି ତଦ୍ୱାରା ଖୁବ୍‌ଶୀଘ୍ର ଏକାଧିକ ପ୍ରତିଭା ଅନ୍ତର୍ଜାତୀୟ ସ୍ତରରେ ସୁଯୋଗ ପାଇବେ। ଏଣୁ ଉପରୋକ୍ତ ଅସମାହିତ ପ୍ରଶ୍ନର ଉତ୍ତର ମିଳିସାରିଲାଣି ବୋଲି ପ୍ରଜ୍ଞାନ ନିଜ ବକ୍ତବ୍ୟରେ କହିଥିଲେ। ବିଧାୟକ ରାଜେନ୍ଦ୍ର ପ୍ରସାଦ ସାହୁ, ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ରାଜ୍ୟର ଅନେକ ବରିଷ୍ଠ କ୍ରୀଡ଼ାବିତ୍, କ୍ରୀଡ଼ା ସଙ୍ଗଠକ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଆୟୋଜନ କରାଯାଇଥିଲା। ଓଡ଼ିଶା ୪ ଉଇକେଟରେ ବିଜୟ ହାସଲ କରିଥିଲା ।



ପ୍ରଜ୍ଞାନ ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସୂଚନା ଥାଉକି ଏହି କେନ୍ଦ୍ରଟିକୁ ୩୦ ଏକର ଜମିରେ ନିର୍ମାଣ କରାଯାଉଛି। କ୍ରିକେଟ ଗ୍ରାଉଣ୍ଡ ନିର୍ମାଣ ଶେଷ ହୋଇଥିବା ବେଳେ ଆସନ୍ତା ୬ ମାସ ମଧ୍ୟରେ ଏଠାରେ ଇନ୍‌ଡୋର ବ୍ୟବସ୍ଥା ଓ ଖେଳାଳିଙ୍କ ରହଣି ବ୍ୟବସ୍ଥା କରାଯିବ। ଏହି ପ୍ରକଳ୍ପର ବଜେଟ ୪୦କୋଟି ଟଙ୍କା ରହିଛି। ଏଠାରେ ଏକା ସାଙ୍ଗରେ ୧୦୦ ପିଲା କ୍ରିକେଟ ସମେତ ଅନ୍ୟ କ୍ରୀଡାର ପ୍ରଶିକ୍ଷଣ ନେଇପାରିବେ ବୋଲି ସୂଚନା ମିଳିଛି ।

# ବାରବାଟୀରେ ବିଶ୍ୱକପ୍ ମ୍ୟାଚ ହେବନି

**କଟକ ଅଫିସ, ୧୫।୨**

ଆସନ୍ତା ଅକ୍ଟୋବର ୧୦ରୁ ଆରମ୍ଭ ହେବାକୁଥିବା ପୁରୁଷ କ୍ରିକେଟ ବିଶ୍ୱକପ୍ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ହେବ ନାହିଁ। ଅନ୍ତର୍ଜାତୀୟ ବିମାନ ସେବା ସୁବିଧା ନ ଥିବାରୁ ଏଠାରେ ମ୍ୟାଚ୍ ହୋଇପାରିବ ନାହିଁ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ରାଜ୍ୟର ଏହି ଐତିହାସିକ କ୍ରିକେଟ ଭେନ୍ୟୁରେ ୨୦୨୩ ବିଶ୍ୱକପ୍‌ର ଏକ ମ୍ୟାଚ୍ ଖେଳାଯିବ ବୋଲି ଆଶା ରହିଥିଲା। ଏ ସଂକ୍ରାନ୍ତରେ ପୂର୍ବରୁ ମଧ ଓସିଏ ପକ୍ଷରୁ ସୂଚନା ଦିଆଯାଇଥିଲା। ମାତ୍ର ବିସିସିଆଇର ଏଭଳି ନିଷ୍ପତ୍ତି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ହକି ବିଶ୍ୱକପ ପାଇଁ ବିଶ୍ୱର ୧୬ଟି ଦେଶ ଭାଗ ନେଇଥିଲେ। ରାଉରକେଲା ଏବଂ ଭୁବନେଶ୍ୱରରେ ସବୁ ମ୍ୟାଚ ଖେଳାଗଲା। ତେବେ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରିବା କ୍ଷେତ୍ରରେ ବାରବାଟୀର ପୁରୁଣା ରେକର୍ଡ ରହିଛି। ବିଗତ ବର୍ଷଗୁଡିକ ମଧ୍ୟରେ ମହିଳା ଓ ପୁରୁଷକୁ ମିଶାଇ ଅନେକ ବିଶ୍ୱକପ୍ ମ୍ୟାଚ୍ ବାରବାଟୀରେ ହୋଇଛି। ତେବେ ବିସିସିଆଇର ଏଭଳି ନିଷ୍ପତ୍ତି କ୍ରିକେଟ ପ୍ରେମୀଙ୍କୁ ନିରାଶ କରିଛି। ଏନେଇ ଗୁରୁଡିଝାଟିଆର କପୁରସିଂହଠାରେ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଫର୍ କ୍ରିକେଟର ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ନିଜ ଅଭିଭାଷଣ ଭିତରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବାରବାଟୀ ଷ୍ଟାଡିୟମକୁ ବିଶ୍ୱକପ୍ ମ୍ୟାଚ୍ ଦେବା ନିମନ୍ତେ ଓସିଏ ପକ୍ଷରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନିକଟରେ ପ୍ରସ୍ତାବ ଦିଆଯାଇଥିଲା। ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଥିଲା। ହେଲେ ବିଭିନ୍ନ କାରଣ ଦର୍ଶାଇ ବାରବାଟୀରେ ମ୍ୟାଚ୍ ହୋଇପାରିବ ନାହିଁ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଅନ୍ତର୍ଜାତୀୟ ବିମାନ ସେବା ନ ଥିବାରୁ ଏଠାରେ ମ୍ୟାଚ୍ ହୋଇପାରିବ ନାହିଁ ବୋଲି କହୁଛନ୍ତି ବିସିସିଆଇର ଅଧିକାରୀ। ସଫଳତାର ସହ

### ବିସିସିଆଇର ପାତରଅନ୍ତର

ଦୁଇଥର ହକି ବିଶ୍ୱକପ୍ ଆୟୋଜନ କରି ସାରିଛି ଓଡ଼ିଶା। ତଥାପି ବିସିସିଆଇର ଏଭଳି ନୀତି ରାଜ୍ୟର କ୍ରିକେଟପ୍ରେମୀଙ୍କୁ ନିରାଶ କରିବ ବୋଲି ସଞ୍ଜୟ କହିଛନ୍ତି।

ଚଳିତ ବର୍ଷ ଏହି ବିଶ୍ୱକପ୍‌ର ଆୟୋଜକ ଭାରତ ରହିଛି। ଦେଶର ବିଭିନ୍ନ ସ୍ଥାନରେ ବିଶ୍ୱକପ୍ ମ୍ୟାଚ୍ ଖେଳାଯିବ। ହେଲେ ବାରବାଟୀରେ ମ୍ୟାଚ୍ ସୁଯୋଗ ନାହିଁ। ୧୯୮୭ରେ ଏଠାରେ ପ୍ରଥମଥର ନିମନ୍ତେ ବିଶ୍ୱକପ୍ ମ୍ୟାଚ୍ ଖେଳାଯାଇଥିଲା। ଯେଉଁଥିରେ ଅଷ୍ଟ୍ରେଲିଆ ଓ ଜିମ୍ବାୱେ ମ୍ୟାଚ ଖେଳିଥିଲେ। ଏହାପରେ ୧୯୯୬ରେ ଭାରତ ଓ କେନିୟାକୁ ନେଇ ବାରବାଟୀରେ ବିଶ୍ୱକପ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସେହିପରି ୨୦୧୩ରେ ମହିଳା କ୍ରିକେଟ ବିଶ୍ୱକପ୍ ଆୟୋଜନ ହୋଇଥିଲା।



E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48. PURI HIGHWAY PIPILI: 9583022013.

**SKY AUTOMOBILES**
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 7381045357. NARSINGHPUR: 7381045357. KAMAKHYANAGAR: 7381045357. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

*Offer includes consumer offer, exchange bonus and institutional or rural offer and Gold voucher (wherever applicable) on selected models/ variants. Above mentioned savings amount is the value of maximum savings on selected models. **^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 28th February, 2023.

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ